ମେହେର ସାହିତ୍ୟ

ଇଉନାଇଟେଡ୍ ବୁକ୍ ହାଉସ୍
କଟକ-୨

ମେହେର ସାହିତ୍ୟ

ଶ୍ରୀ କେଶବଚନ୍ଦ୍ର ମେହେର

ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ

୧୯୬୨

ପ୍ରକାଶକ

ଇଉନାଇଟେଡ୍ ବୁକ୍ ହାଉସ୍

ବାଲୁବଜାର, କଟକ—୨

ତିନଟଙ୍କା ମାତ୍ର

Digitized by srujanika@gmail.com

ସୂଚିପତ୍ର

	ବିଷୟ	ପୃଷ୍ଠା
୧	... ପୂର୍ବାଭାଷ	/
୨	ଅମର କବି ଗଙ୍ଗାଧର	୧
୩	କୀଚକ ବଧରେ ମେହେର	୭
୪	କବିତା-କଲ୍ଲୋଳ	୨୯
୫	ମେହେରଙ୍କ ମହିମା	୬୧
୬	...ଅଯୋଧ୍ୟା ଦୃଶ୍ୟରେ କବିତ୍ୱକଳା	୭୦
୭	ଉତ୍କଳ ଲକ୍ଷ୍ମୀ ଓ ମେହେରଙ୍କର ଉଗ୍ର ଜାତୀୟତା	୮୫
୮	ଅର୍ଘ୍ୟଥାଳୀର କେତୋଟି ପୁଷ୍ପ ...	୧୦୬
୯	ଗଙ୍ଗାଧରଙ୍କ 'ଭକ୍ତି'	୧୨୨
୧୦	ପ୍ରଣୟ-ବଲ୍ଲରୀ ଓ ଗଙ୍ଗାଧର ...	୧୪୩
୧୧	ମେହେରଙ୍କ ତପସ୍ୱିନୀରେ ପ୍ରକୃତି ଓ ନାରୀ	୧୫୯
୧୨	ମେହେରଙ୍କ ଜାତୀୟତା	୧୬୮
୧୩	ମେହେର ପ୍ରତିଭା	୧୮୨

Digitized by srujanika@gmail.com

'ମେହେର-ସାହିତ୍ୟ'ର ପ୍ରବନ୍ଧାବଳୀର ପ୍ରକାଶ କାଳ—

୧ । 'ମେହେର-ସାହିତ୍ୟ' (ପ୍ରଥମ ସଂସ୍କରଣ)—
୧୯୫୪ ଜାନୁୟାରୀରେ ପ୍ରକାଶିତ । (ଏହାର ଅଧିକାଂଶ ପ୍ରବନ୍ଧ ୧୯୪୮-୧୯୫୧ ମଧ୍ୟରେ ବିଭିନ୍ନ ପତ୍ରିକାରେ ପ୍ରକାଶିତ)।

୨ । ଗଙ୍ଗାଧରଙ୍କ "ଭକ୍ତି"—୧୯୫୫ ମାର୍ଚ୍ଚରେ ନୂତନ ପ୍ରସ୍ଥ 'ଉତ୍କଳ-ସାହିତ୍ୟ'ରେ ପ୍ରକାଶିତ ।

୩ । 'ପ୍ରଣୟ-ବଲ୍ଲରୀ ଓ ଗଙ୍ଗାଧର'—୧୯୫୬ ମେ, ଜୁନ ର 'ଉତ୍କଳ-ସାହିତ୍ୟ'ରେ ପ୍ରକାଶିତ ।

୪ । 'ମେହେର-ପ୍ରତିଭା'—୧୯୫୬ ନଭେମ୍ବର ମାସର 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ।
('ପ୍ରଣୟ-ବଲ୍ଲରୀ ଓ ଗଙ୍ଗାଧର' ଏବଂ 'ମେହେର-ପ୍ରତିଭା' ପ୍ରବନ୍ଧ ଦ୍ୱୟ ତା ୧୧-୧-୧୯୫୬ ରେ ଯାଜପୁର କଲେଜରେ ପ୍ରଦତ୍ତ ଭାଷଣର ପ୍ରତିରୂପ)

୫ । 'ମେହେରଙ୍କର ଜାତୀୟତା'— ତା ୨୦-୩-୧୯୫୮ ଚୈତ୍ର ଅମାବାସ୍ୟାର 'ସମାଜ'ରେ ପ୍ରକାଶିତ ।

୬ । ମେହେରଙ୍କ ତପସ୍ୱିନୀରେ ନାରୀ ଓ ପ୍ରକୃତି'—
ତା ୨୮-୮-୧୯୫୮ରେ କଟକ ବେତାର କେନ୍ଦ୍ରଦ୍ୱାରା ପ୍ରଚାରିତ ଓ ପରେ ୧୯୫୯ ନଭେମ୍ବର ମାସର 'ଝଂକାର' ପତ୍ରିକାରେ ପ୍ରକାଶିତ।

—o—

Digitized by srujanika@gmail.com

ସୂଚନା

ସ୍ୱଭାବ କବି ସ୍ୱର୍ଗୀୟ ଗଙ୍ଗାଧର ମେହେରଙ୍କ ଅମର ଲେଖନୀ-ପ୍ରସୂତ ରଚନାବଳୀ 'ଗଙ୍ଗାଧର ଗ୍ରନ୍ଥାବଳୀ' ନାମରେ ପ୍ରକାଶ ପାଇବା ପରେ ମୁଁ ଏଇ 'ମେହେର-ସାହିତ୍ୟ' (ପ୍ରଥମ ଭାଗ) ପ୍ରକାଶ କରିବାର ଆବଶ୍ୟକତା ଉପଲବ୍ଧି କରିଛି ।

ଭିନ୍ନ ଭିନ୍ନ ଲୋକଙ୍କ ଭିନ୍ନ ଭିନ୍ନ ରୁଚି ଓ ଦୃଷ୍ଟିକୋଣ ହେତୁ ସମାଲୋଚକ ସହିତ ସମସ୍ତେ ଏକମତ ହୋଇ ପାରନ୍ତି ନାହିଁ; ତେବେ ସୁଦ୍ଧା କବିଙ୍କ କୃତି ଓ ପ୍ରତିଭାର ସ୍ପଷ୍ଟୀକରଣ ସକାଶେ ମହତ୍ ଉଦ୍ଦେଶ୍ୟ ନେଇ ସମାଲୋଚନା କରାଯାଇଥାଏ । ମୋର ଏଇ ଲେଖା ଖଣ୍ଡିକରେ ସମାଲୋଚନାର ବାସ୍ତବ ଉଦ୍ଦେଶ୍ୟ କେତେଦୂର ସାଧିତ ହୋଇ ପାରିଛି ତାହା ମୋ ଅପେକ୍ଷା ପୁସ୍ତକଟିର ସୁଧୀ ପାଠକ ପାଠିକାମାନେ ବେଶି କହି ପାରିବେ । ସୁତରାଂ, ମୋର ଏଇ ଲେଖାଟି ସେମାନଙ୍କର ସାମାନ୍ୟ ଉପକାରରେ ଆସି ପାରିଲେ ମୁଁ ଶ୍ରମ ସାର୍ଥକ ମନେ କରିବି ।

ଏହା ପରେ ପୁସ୍ତକଟିର ପ୍ରବନ୍ଧଗୁଡ଼ିକ ଲେଖା ହେବା ପୂର୍ବରୁ ମୋର ସାହିତ୍ୟିକ ବନ୍ଧୁ ଶ୍ରୀଯୁକ୍ତ କବି ଖଗେଶ୍ୱର ଶେଠ କେତେକ ସାହିତ୍ୟିକ ଉପାଦାନ ଯୋଗାଇ ମୋତେ ଉପକୃତ କରିଛନ୍ତି, ଏଣୁ ତାଙ୍କ ନିକଟରେ ମୁଁ କୃତଜ୍ଞ ।

ବିଶେଷତଃ, ଦାନଶୀଳ ଓ ଉଦାରହୃଦୟ ରାୟସାହେବ ଶ୍ରୀଯୁକ୍ତ କୃତାର୍ଥ ଆଚାର୍ଯ୍ୟ ମହୋଦୟ ସ୍ୱତଃପ୍ରବୃତ୍ତିରେ 'ମେହେର-

Digitized by srujanika@gmail.com

ସାହିତ୍ୟ' (ପ୍ରଥମ ଭାଗ) ର ପ୍ରକାଶ ବ୍ୟୟ ଭାର ବହନ କରି ନିଜର ସୁଗ୍ରାହକତା ତଥା ସାହିତ୍ୟ ରସିକତାର ପରିଚୟ ଦେଇଥିବାରୁ ତାଙ୍କୁ ମୁଁ ଅନ୍ତରର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଅଛି ।

ପରିଶେଷରେ, ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ, ଆଇ· ସି· ଏସ୍· (Retd.) ମହୋଦୟ ପୁସ୍ତକଟିର ପୂର୍ବାଭାଷ ଲେଖି ଦେଇ ଥିବାରୁ ତାଙ୍କୁ ମୁଁ ଗଭୀର ସମ୍ମାନ ପ୍ରଦର୍ଶନ କରେଁ ।

ବରଗଡ଼
୨-୧୧-୫୩ } ଲେଖକ

—ପୂର୍ବାଭାଷ—

ସମାଲୋଚନା ଅର୍ଥ ଦୋଷ ନିର୍ଦ୍ଦେଶ ନୁହେଁ, ଗୁଣ ନିର୍ଣ୍ଣୟ ନୁହେ, ନିନ୍ଦା ବା ପ୍ରଶସ୍ତି କୌଣସିଟା ନୁହେଁ ।

ସମାଲୋଚନାର ଅର୍ଥ Interpretation, ମର୍ମୋଦ୍ଭେଦ, ମର୍ମବ୍ୟଞ୍ଜନା । ସମାଲୋଚକର କାର୍ଯ୍ୟ ସୃଷ୍ଟିରେ ସହାୟତା କରିବା, ସୃଷ୍ଟି କରିବା ।

ଶିଳ୍ପର ଉଦ୍ଦେଶ୍ୟ କ'ଣ ? ········· ସୃଷ୍ଟି । ବିଶ୍ୱଜଗତ ଶିଳ୍ପୀର ପ୍ରାଣରେ ଯେଉଁ ଆନନ୍ଦ ସଞ୍ଚାର କରେ, ଶିଳ୍ପୀ ତାହା ଭାଷାରେ ପ୍ରକାଶ କରେ, ରେଖାରେ, ବର୍ଣ୍ଣରେ, ଛନ୍ଦରେ, ସ୍ୱରରେ ରୂପାନ୍ତରିତ କରେ; ନିଜର ଅନୁଭୂତ ଆନନ୍ଦ ଅପର ପ୍ରାଣରେ ପ୍ରତିଧ୍ୱନିତ କରେ । ଆନନ୍ଦରୁ ଯାହାର ଉଦ୍ଭବ, ଆନନ୍ଦରେ ଯାହାର ବ୍ୟଞ୍ଜନା, ଆନନ୍ଦ ଦାନ ଯାହାର ଲକ୍ଷ୍ୟ, ତାହାହିଁ ସୃଷ୍ଟି, ଶିଳ୍ପୀର ଅନ୍ୟ ନାମ ସ୍ରଷ୍ଟା ।

ସମାଲୋଚନାର ଉଦ୍ଦେଶ୍ୟ କ'ଣ ? ସୃଷ୍ଟିର ସହାୟତା; ଶିଳ୍ପୀର ସୃଷ୍ଟି ଦର୍ଶକର ପ୍ରାଣରେ, ଶ୍ରୋତାର କାନରେ, ପାଠକର ଚିତ୍ତରେ ଯେଉଁ ଆନନ୍ଦ ସଂଜାତ କରେ, ସେହି ଆନନ୍ଦ ରୂପ ଗ୍ରହଣ କରେ ସମାଲୋଚକର ଲେଖନୀ ମୁନରେ; ତାହାର ପ୍ରତିଧ୍ୱନି ବାଜେ ନିପୁଣ ସମାଲୋଚନାରେ ।

ବିଶ୍ୱସୌନ୍ଦର୍ଯ୍ୟର ମର୍ମୋଦ୍ଭେଦ କରେ ଶିଳ୍ପୀ; ଶିଳ୍ପ ସୌନ୍ଦର୍ଯ୍ୟର ମର୍ମୋଦ୍ଭେଦ କରେ ସମାଲୋଚକ । ଶିଳ୍ପୀର ପ୍ରାଣ ଅନୁଭବ କରେ, ବ୍ୟକ୍ତ କରେ ସମାଲୋଚକ ।

ବିଶ୍ୱର ଐଶ୍ୱର୍ଯ୍ୟ ସମ୍ମୁଖରେ ଛିଡ଼ା ହୋଇ ଶିଳ୍ପୀ କ'ଣ ଦୋଷ ଗୁଣ ବିଚାର କରିପାରେ ? ସମୁଦ୍ରର ଅଶ୍ରାନ୍ତ କଲ୍ଲୋଳ ତାକୁ ବିସ୍ମୟରେ ପ୍ଲାବିତ କରିଦିଏ, କୁସୁମର ସୁକୁମାର ଲାବଣ୍ୟ ତାକୁ ଆବେଶରେ ଅବଶ କରିଦିଏ, ତାରାର ମଣିମାଳା ଅଳକରେ ଖଞ୍ଜି

Digitized by srujanika@gmail.com

ବଶୀଭୂତ ନୀ ତାକୁ ସମ୍ମୋହିତ କରି ଦିଏ । ତାହାର ଅବସର କାହିଁ ଟପ ସମୁଦ୍ରର ତରଙ୍ଗ ଗଣିବ, କୁସୁମର ପାଖୁଡ଼ା ଛିଣ୍ଡାଇ ବୈଜ୍ଞାନିକ ଗବେଷଣା କରିବ, ଦୂରବୀକ୍ଷଣ ସାହାଯ୍ୟରେ ତାରକାର ଦୂରତ୍ୱ କଳନା କରିବ ! ଶିଳ୍ପୀର ପ୍ରାଣ ପୂରି ଉଠେ; ସେ ଆତ୍ମବିସ୍ମୃତ ହୋଇ ସୃଷ୍ଟିର ଆନନ୍ଦରେ ମାତିଯାଏ ।

ସମାଲୋଚକ ମଧ୍ୟ ଶିଳ୍ପୀ । ଶିଳ୍ପୀ ନିକଟରେ ପ୍ରକୃତି ଯେପରି, ସମାଲୋଚକ ନିକଟରେ ଶିଳ୍ପ ସେହିପରି । ଶିଳ୍ପର ଲାଳିତ୍ୟ, ଶିଳ୍ପର ମହତ୍ତ୍ୱ, ଶିଳ୍ପର ନୈପୁଣ୍ୟ ସମାଲୋଚକକୁ ମନ୍ତ୍ରମୁଗ୍ଧ କରିଦିଏ । ସେ ଦୋଷ ଗୁଣ ବିଚାର କରେ ନାହିଁ; ନିଜେ ଯେଉଁ ଆନନ୍ଦ ଅନୁଭବ କରେ, ସେହି ଆନନ୍ଦ ପର ପାଇଁ ପରିବେଷଣ କରେ ।

ଭଗବାନଙ୍କ ସୃଷ୍ଟିକୁ ସୃଷ୍ଟି କରେ ଶିଳ୍ପୀ; ଶିଳ୍ପର ସୃଷ୍ଟିକୁ ସୃଷ୍ଟି କରେ ସମାଲୋଚକ । ଆନନ୍ଦ ଆହରଣ ଓ ଆନନ୍ଦ ପରିବେଷଣ ସ୍ରଷ୍ଟାର କାର୍ଯ୍ୟ । ଶିଳ୍ପୀ ସ୍ରଷ୍ଟା; ସମାଲୋଚକ ସ୍ରଷ୍ଟାର ସହାୟକ ଓ ନିଜେ ମଧ୍ୟ ସ୍ରଷ୍ଟା ।

ଉଚ୍ଚ ଶ୍ରେଣୀର ସମାଲୋଚକ ଯାହା ଲେଖନ୍ତି, ତାହା ସମୟ ସମୟରେ ସମାଲୋଚିତ ବସ୍ତୁ ଅପେକ୍ଷା ଅଧିକ ମୂଲ୍ୟବାନ୍ ହୋଇଥାଏ । **Oscar Wilde** ଙ୍କ ମତରେ ସମାଲୋଚକ **Ruskin** ଙ୍କ ଗ୍ରନ୍ଥ-ନିହିତ ବର୍ଣ୍ଣନାମାନ ସମାଲୋଚିତ ଚିତ୍ରମାନଙ୍କ ଅପେକ୍ଷା ସୁନ୍ଦରତର । **Turner** ଙ୍କ ଚିତ୍ରାବଳୀ ଲୋକେ ଭୁଲିଯିବେ; କିନ୍ତୁ **Ruskin** ଙ୍କ ଚିତ୍ର ସମାଲୋଚନା ଅବିସ୍ମରଣୀୟ ।

ସମାଲୋଚନାର ଖଣ୍ଡିଏ ଆଦର୍ଶ **Hugo** ପ୍ରଣୀତ **"Shakespeare."** ଜଣେ କବିଙ୍କୁ **interpret** କରିଛନ୍ତି ଅନ୍ୟ ଜଣେ କବି—**Shakespeare** ଙ୍କ ପ୍ରତିଭା ବିଚାର କରିଛନ୍ତି ପ୍ରତିଭାଶାଳୀ ସାହିତ୍ୟ ରସିକ **Victor Hugo.** ଙ୍କ ଉପାଦେୟ

Digitized by srujanika@gmail.com

ଏହି ସମାଲୋଚନା ଗ୍ରନ୍ଥଟି ! ଏ ତ କେବଳ Shrkespeare ଙ୍କ ପ୍ରତିଭା ବିଗ୍ରହର ନୁହେଁ, Hugo ଙ୍କ ପ୍ରତିଭାର ସାକ୍ଷୀ; Shakespeareଙ୍କ ମର୍ମ ନିର୍ଣ୍ଣୟ ନୁହେଁ, Hugo ଙ୍କ ମର୍ମକାହାଣୀ ।

ଅନ୍ୟ ଗୋଟିଏ ଆଦର୍ଶ ରବୀନ୍ଦ୍ରନାଥଙ୍କ "ପ୍ରାଚୀନ ସାହିତ୍ୟ" । କାଳିଦାସ, ଭବଭୂତି, ବାଲ୍ମୀକି କାବ୍ୟ ସୃଷ୍ଟି କରି ଯାଇଅଛନ୍ତି; ସେହି ସୃଷ୍ଟି ରୂପାନ୍ତରିତ ହୋଇଛି ଅନ୍ୟ ଏକ ସୃଷ୍ଟିରେ—କାବ୍ୟ ସମାଲୋଚନାରେ । ଜଳ ଯେପରି ମେଘରେ ରୂପାନ୍ତରିତ ହୋଇ ବିଚିତ୍ର ହୋଇ ଉଠେ, କାବ୍ୟ ସେହିପରି ଉତ୍କୃଷ୍ଟ ସମାଲୋଚନାରେ ନବାର୍ଥକ ହୋଇ ଉଠେ, ନବରସାତ୍ମକ ହୋଇ ଉଠେ ।

ସମାଲୋଚନା ମଧ୍ୟ ରସ ରଚନା । ବୈଜ୍ଞାନିକ ଗବେଷଣାର କାର୍ଯ୍ୟ ସତ୍ୟ ନିର୍ଦ୍ଧାରଣ, ଭ୍ରମ ନିରୂପଣ । ସାହିତ୍ୟ ସମାଲୋଚନାର କାର୍ଯ୍ୟ ରସ ଗ୍ରହଣ, ରସ ସଞ୍ଚାର ।

ସମାଲୋଚକଙ୍କ କର୍ତ୍ତବ୍ୟ କବି ବା ଭାସ୍କର ବା ଚିତ୍ରକରଙ୍କ ପ୍ରାଣ ନିଜ ପ୍ରାଣରେ ଅନୁଭବ କରିବା; ଶିଳ୍ପୀ ସହିତ କଳ୍ପନା-ପକ୍ଷରେ ଉଡ଼ି, ସ୍ୱପ୍ନ ରଥରେ ଚଢ଼ି ଅନୁଭୂତିର ଅତଳରେ ବୁଡ଼ି ସମ୍ପୂର୍ଣ୍ଣ ସମକକ୍ଷ ହେବା, ଅର୍ଥାତ୍ ସହାନୁଭୂତି-ସମ୍ପନ୍ନ ହେବା । ଯେଉଁ ସମାଲୋଚକର ସହାନୁଭୂତି ନାହିଁ, ଉଦ୍ଦାମ କଳ୍ପନା ନାହିଁ, ପ୍ରଭୂତ ଅଭିଜ୍ଞତା (experience) ନାହିଁ, ବିଚିତ୍ର ଅନୁଭୂତି ନାହିଁ, ସେ ସ୍ରଷ୍ଟାର ସମକକ୍ଷ ନୁହନ୍ତି, ସୃଷ୍ଟିର ସହାୟତା କରିବାକୁ ସେ ଅକ୍ଷମ, ସମାଲୋଚକର ଆସନ ତାଙ୍କ ପାଇଁ ନୁହେଁ । ଇତର ଲୋକଙ୍କ ପରି ସେ ଫୁଲ ଦେଖିଲେ ପାଖୁଡ଼ା ଛିଣ୍ଡାଇ ସୌନ୍ଦର୍ଯ୍ୟର ଅନ୍ୱେଷଣ କରିବେ । କଣ୍ଟର ଅସ୍ତିତ୍ୱ ଦେଖି ସୌନ୍ଦର୍ଯ୍ୟ ସମ୍ବନ୍ଧରେ ସନ୍ଦିହାନ ହେବେ ଏବଂ ସୁଗନ୍ଧର ଅନିର୍ବଚନୀୟତାକୁ ବୁଦ୍ଧି ଦ୍ୱାରା ମାପି ନ ପାରି ତାକୁ ଅର୍ଥହୀନ ମନେ କରିବେ ।

Digitized by srujanika@gmail.com

ବାହ୍ୟ ବସ୍ତୁକୁ ଉପଲକ୍ଷ୍ୟ କରି କବି ତାଙ୍କର ଅନ୍ତରର ସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ କରନ୍ତି, ଯେ କୌଣସି ବସ୍ତୁ ତାଙ୍କ ଅନ୍ତରରେ ସୌନ୍ଦର୍ଯ୍ୟ ଜଗାଏ ।

କାବ୍ୟ ବା ଚିତ୍ରକୁ ଉପଲକ୍ଷ୍ୟ କରି ସମାଲୋଚକ ତାଙ୍କ ଅନ୍ତରର ସମ୍ପଦ ଉନ୍ମୋଚନ କରନ୍ତି; ଯେ କୌଣସି ଶିଳ୍ପ ସୃଷ୍ଟି ତାଙ୍କ ମନରେ ଚିନ୍ତାର ଉନ୍ମେଷ କରେ, କଳ୍ପନାର ଉଦ୍ରେକ କରେ; ସମାଲୋଚନା ଛଳରେ ସେ ଅନ୍ତରର ସୌନ୍ଦର୍ଯ୍ୟ ପ୍ରକଟିତ କରନ୍ତି, ମର୍ମର କାହାଣୀ କହନ୍ତି । ତାଙ୍କ ନିକଟରେ ସମାଲୋଚ୍ୟ କାବ୍ୟ ବା ଚିତ୍ର ମୁଖ୍ୟ ନୁହେଁ, ନିଜର ବକ୍ତବ୍ୟଟିହିଁ ମୁଖ୍ୟ । ଯଥାର୍ଥ ସମାଲୋଚକ ନିକଟରେ ସମାଲୋଚ୍ୟ ଶିଳ୍ପ ନିମିତ୍ତ ମାତ୍ର; ତାକୁ ଦେଖି ଶୁଣି ପଢ଼ି ତାଙ୍କ ମନରେ ଯେଉଁ ଭାବର ଉଦୟ ହୁଏ, ସେଇଟିକୁ ସେ ଭାଷାରେ ପ୍ରକାଶ କରନ୍ତି; ତାହାରି ନାମ ସମାଲୋଚନା; ସମାଲୋଚନା ଏକ ପ୍ରକାର ଶିଳ୍ପ ସୃଷ୍ଟି ।

ପୁନଶ୍ଚ, ରାଧାନାଥ ମଧୁସୂଦନଙ୍କ ପରବର୍ତ୍ତୀ ଯୁଗର କବିମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ସ୍ୱର୍ଗତ କବିବର ଗଙ୍ଗାଧର ମେହେର ଚିରଦିନ ମୋର ଭକ୍ତି ଓ ଶ୍ରଦ୍ଧାର ପାତ୍ର । ତାଙ୍କର ଅମର ସାହିତ୍ୟ ସହିତ ମୋର ଏଇ ନଗଣ୍ୟ ରଚନାଟି ସଂଯୁକ୍ତ ହେଲେ ମୋର ଶ୍ରଦ୍ଧା ଭକ୍ତିର ନିଦର୍ଶନ ଅକ୍ଷୟ ହେବ । "କୁସୁମ ପରଶରେ ପଟ ନିସ୍ତରେ" । ଉତ୍କଳ ମିତ୍ରର ସ୍ୱର୍ଗୀୟ ଗଙ୍ଗାଧର ମେହେରଙ୍କ ଲେଖାବଳୀ ଉପରେ ସମାଲୋଚନାମୂଳକ ରଚନା ଏକତ୍ର ପ୍ରକାଶ କଲେ ସାହିତ୍ୟର ଶ୍ରୀବୃଦ୍ଧି ହେବ ଓ ମେହେରଙ୍କ ପ୍ରତି ଶ୍ରଦ୍ଧା ସୂଚିତ ହେବ । ମେହେର ସାହିତ୍ୟର ସମ୍ୟକ୍ ଆଲୋଚନା ହେଉ । ଯୋଗ୍ୟ ବ୍ୟକ୍ତିମାନେ ଏ ଦାୟିତ୍ୱ ଗ୍ରହଣ କରନ୍ତୁ । ମୋର ଶୁଭେଚ୍ଛା ରହିଲା ।

ଅନ୍ନଦାଶଙ୍କର ରାୟ

Digitized by srujanika@gmail.com

ଅମର କବି ଗଙ୍ଗାଧର

ଊନବିଂଶ ଶତାବ୍ଦୀର ତୃତୀୟ ପାଦରେ କବିଗୁରୁ ରାଧାନାଥ ସ୍ୱୀୟ ତୀକ୍ଷ୍ଣ ଦୂରଦୃଷ୍ଟି ଓ ଊର୍ଜସ୍ୱଳା ପ୍ରତିଭାବଳରେ ଉତ୍କଳ ସାହିତ୍ୟର ପରଂପରା ପରିବର୍ତ୍ତନ କରି ଏକ ନବୀନ ଯୁଗର ସୂତ୍ରପାତ କରିଗଲେ । ସମୟ ଓ ପରିସ୍ଥିତିର ପ୍ରଭାବରେ ପ୍ରାଚୀନ ସାହିତ୍ୟ (ଭଂଜୀୟ ଓ ବୈଷ୍ଣବୀୟ) ଆଉ ଆଦୃତ ହୋଇ ପାରିଲା ନାହିଁ । ଏତିକବେଳେ ରାଧାନାଥ ସ୍ୱୀୟ ପୁଷ୍କଳ ରଚନା, ସମୁନ୍ନତ ମାର୍ଜିତ ଶୈଳୀ, ବର୍ଣ୍ଣବୈଭବ, ସଙ୍ଗୀତ ମାଧୁରୀ ଓ ରସୋତ୍ତୀର୍ଣ୍ଣ ବିନ୍ୟାସରେ କାବ୍ୟ କବିତାର ସୃଷ୍ଟି କଲେ । ପାଣ୍ଡିତ୍ୟ ଓ କବିତ୍ୱ, ସୂକ୍ଷ୍ମ ଦୃଷ୍ଟି ଓ ଦୂରଦୃଷ୍ଟି, ମେଧା ଓ ପ୍ରତିଭା ଏ ସମସ୍ତ ଏକାଧାରରେ ତାଙ୍କଠି ଥିଲା । ଏହା ବ୍ୟକ୍ତିଗତ ପାରିପାର୍ଶ୍ୱିକ ପରିସ୍ଥିତି ଓ ସମୟ ତାଙ୍କ ସାହିତ୍ୟ ସୃଷ୍ଟିରେ ପ୍ରଧାନ ସହାୟକ ହୋଇ ଠିଆ ହେଲା । ତେଣୁ ସେ କାବ୍ୟର ବିଷୟ-ବସ୍ତୁ, ଶୈଳୀ, ଛନ୍ଦ, ଶବ୍ଦ ବିନ୍ୟାସ ରୀତି, ଭାଷା ପ୍ରଭୃତିରେ ଆମୂଳ ପରିବର୍ତ୍ତନ ସଙ୍ଘଟନ କରିଥିଲେ । ତାଙ୍କ କାବ୍ୟ-ରାଜିର ଉତ୍କର୍ଷ ଭାବ, ଭାଷାପାଟବ, ଛନ୍ଦ ଓ ପ୍ରକାଶ ଭଙ୍ଗୀ ଦିଗରୁ ଏତେ ଉଚ୍ଚ ଧରଣର ହେଲା ଯେ ତାହା ଯୁଗୋଚିତ ବୋଲି ଗଣା ହେଲା ଓ ଶିକ୍ଷିତ ସାଧାରଣ ତତ୍ପ୍ରତି ଆକୃଷ୍ଟ ହୋଇ ପଡ଼ିଲେ ।

Digitized by srujanika@gmail.com

ରାଧାନାଥଙ୍କ ପ୍ରବର୍ତ୍ତିତ ଏଇ ନବୀନ ଯୁଗର ଶ୍ରେଷ୍ଠ କବି ହେଉଛନ୍ତି ଗଙ୍ଗାଧର । ସେ ୧୮୬୨ ଖ୍ରୀଷ୍ଟାବ୍ଦ ଶ୍ରାବଣ ପୂର୍ଣ୍ଣିମାରେ ସମ୍ବଲପୁର ଜିଲ୍ଲାନ୍ତର୍ଗତ ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କର ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ ଥିଲା । ଚୈତନ୍ୟ ମେହେର ନିଜ କୌଳିକ ବ୍ୟବସାୟ ସହିତ ବୈଦ୍ୟ-ବୃତ୍ତି ମଧ୍ୟ କରୁଥିଲେ । ମାତ୍ର ଏଥିରେ ତାଙ୍କର ଭରଣ-ପୋଷଣ ହୋଇ ନ ପାରିବାରୁ ପାଖରେ ଗୋଟିଏ ଗୃହଶାଳୀ ଖୋଲି କେତେକ ପିଲାଙ୍କୁ ଶିକ୍ଷା ଦେବାକୁ ଲାଗିଲେ । ମାତ୍ର ଏ ଶିକ୍ଷାବୃତ୍ତିର ଆୟ ଭିକ୍ଷାବୃତ୍ତି ସଙ୍ଗେ ସମାନ ହେଲା ।

ଏ ଭଳି ଦରିଦ୍ର ତନ୍ତୀ ପରିବାର ଭିତରେ କବି ଗଙ୍ଗାଧରଙ୍କ ପ୍ରୋଜ୍ଜ୍ୱଳ କବି-ପ୍ରତିଭା ଯେ କିପରି ଧନାଭାବ ଓ ଶିକ୍ଷାଭାବକୁ ଦୂରକୁ ଠେଲି ଦେଇ ଅଗ୍ରସର ହୋଇ ପାରିଥିଲା ତାହାହିଁ ବିସ୍ମୟ । କବି ନାନା ପ୍ରତିବନ୍ଧକ ମଧ୍ୟରେ ମିଡ଼ିଲ ଭର୍ଣ୍ଣାକ୍ୟୁଲର ପର୍ଯ୍ୟନ୍ତ ପଢ଼ି ପାରିଥିଲେ, ମାତ୍ର ତାଙ୍କର ଅତ୍ୟଧିକ ପଠନସ୍ପୃହା ଦିନେ ତାଙ୍କୁ କବିତା ରଚନା କ୍ଷେତ୍ରକୁ ଟାଣି ଆଣିଥିଲା । ସେ ବାଟରେ ପଢ଼ି ପଢ଼ି ଶୋଇ ପଡ଼ୁଥିଲେ । କବି ଗଙ୍ଗାଧର ପିଲାଦିନେ 'ନାମରତ୍ନ ଗୀତା' କଣ୍ଠସ୍ଥ କରି ପକାଇଥିଲେ ଓ ପରେ ଭଗବଦ୍‌ଗୀତା ଅଧ୍ୟୟନ କରିଥିଲେ । ଏହା ବାହାରେ ଦଶମ ଓ ଏକାଦଶସ୍କନ୍ଧ ଭାଗବତ, ମଥୁରାମଙ୍ଗଳ ପ୍ରଭୃତି ସେ ପାଠ କରୁଥିଲେ । ପରେ ବୟସ ବୃଦ୍ଧି ସଙ୍ଗେ ବୈଦେହୀଶ-ବିଳାସ, ଲାବଣ୍ୟବତୀ, ସୁଭଦ୍ରା ପରିଣୟ, ରସିକ ହାରାବଳୀ ପ୍ରଭୃତି ଭଞ୍ଜୀୟ ସାହିତ୍ୟ ଓ ରସକଲ୍ଲୋଳ, ବିଦଗ୍ଧ-ଚିନ୍ତାମଣି, କବିସୂର୍ଯ୍ୟଙ୍କ ଚମ୍ପୂ ପ୍ରଭୃତି ବୈଷ୍ଣବୀୟ ସାହିତ୍ୟର ଅଧ୍ୟୟନ କରିଥିଲେ ।

Digitized by srujanika@gmail.com

ପିଲାଦିନେ ସେ ବଳରାମ ଦାସଙ୍କ ରାମାୟଣ ଶୁଣିଥିଲେ ଓ ନିଜେ ସେହି ରାମାୟଣ ଓ ଶାରଳା ଦାସଙ୍କ ମହାଭାରତ ପାଠ କରିଥିଲେ । ପରେ ସେ ମୂଳ ରାମାୟଣ ଓ ବାଲ୍ମୀକି ରାମାୟଣ ପାଠ କରିଥିବାର କେହି କେହି ଅନୁମାନ କରନ୍ତି । ଏହା ବାହାରେ କବି ଅନେକଗୁଡ଼ିଏ ସଂସ୍କୃତ ଗ୍ରନ୍ଥର ଅଧ୍ୟୟନ ଓ ମନନ କରିଥିଲେ । ତନ୍ମଧ୍ୟରୁ ରଘୁବଂଶ, ଉତ୍ତର ରାମ ଚରିତ, ଅଭିଜ୍ଞାନ-ଶକୁନ୍ତଳା ପ୍ରଭୃତି ଉଲ୍ଲେଖଯୋଗ୍ୟ । ହିନ୍ଦୀ ଓ ବଙ୍ଗଳା ଭାଷାରେ ତାଙ୍କର ବେଶ୍ ପ୍ରବେଶ ଓ ପାରଦର୍ଶିତା ଥିଲା । ହିନ୍ଦୀ ତୁଳସୀ ରାମାୟଣ ତାଙ୍କର ଅତି ଆଦରଣୀୟ ଥିଲା । ସେ ବଙ୍ଗଳା ପତ୍ରପତ୍ରିକାମାନ ପାଠ କରୁଥିଲେ ଓ ବଙ୍ଗଳା ଭାଷାକୋଷ 'ପ୍ରକୃତିବାଦ ଅଭିଧାନ' ତାଙ୍କର ପ୍ରିୟ କୋଷ ଥିଲା । ଗଙ୍ଗାଧର ନିଜ ଗୃହସ୍ଥଜୀବନରେ ସଂସ୍କୃତ ସୂତ୍ରସାର ବ୍ୟାକରଣ ଓ ସିଦ୍ଧାନ୍ତ ଚନ୍ଦ୍ରିକା ପଢ଼ିଥିଲେ । ଏହିପରି ବହୁ କାବ୍ୟ-ପୁସ୍ତକ-ଦର୍ଶିତା ଗୁଣଟି ଶେଷରେ ତାଙ୍କର କବି-ପ୍ରତିଭାକୁ ଉନ୍ନତ ଓ ମହାନ୍ କରି ତୋଳିଥିଲା ।

କବିବର ଗଙ୍ଗାଧର ସାଂସାରିକ ଜୀବନରେ ଅତି ସରଳ ଓ ବିନୟୀ ଥିଲେ । ସେ ସ୍କୁଲ ଶିକ୍ଷା ପରେ 'ଦେଶୀୟ ପାଠଶାଳା ଶିକ୍ଷକର ପ୍ରମାଣପତ୍ର ପାଇଥିଲେ । ମାତ୍ର ଜୀବନରେ ସେ କେବେ ହେଲେ ଶିକ୍ଷକତା କରି ନାହାନ୍ତି । ତେବେ ଶିକ୍ଷକମାନଙ୍କୁ କବି ପ୍ରାଣର ସହିତ ଭଲ ପାଉଥିଲେ ।

ଦଶ ବର୍ଷ ବୟସରେ ଗଙ୍ଗାଧରଙ୍କ ବିବାହ-ବନ୍ଧନ ସମାହିତ ହୋଇଥିଲା । ପିତାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଗଙ୍ଗାଧର ଓଳିଏ ସ୍କୁଲକୁ ଯାଇ ଓ ଆଉ ଗୋଟିଏ ଓଳି କପଡ଼ା ବୁଣି ପିତାଙ୍କୁ ସାହାଯ୍ୟ କରୁଥିଲେ । କବିଙ୍କର ବୟନ ଶିଳ୍ପ ତାଙ୍କର କବିତ୍ୱ

Digitized by srujanika@gmail.com

ଭଲ ଲେଉଥିବାପୁ ଓ ମନୋହର ଥିଲା । ଏଥିପାଇଁ ବହୁସଂଖ୍ୟକ ଗ୍ରାହକ ତାଙ୍କ ବସ୍ତ୍ର କିଣିବାରେ ଆଗ୍ରହ ପ୍ରକାଶ କରି ଆସୁଥିଲେ । ତାଙ୍କର ହସ୍ତାକ୍ଷରରେ ସ୍ୱଚ୍ଛତା ଥିବାରୁ ଅନେକେ ତାଙ୍କଠାରୁ ତମସୁକ ଲେଖାଇବାକୁ ଆସୁଥିଲେ । କଠୋର ପରିଶ୍ରମ ସହିତ ବସ୍ତ୍ର ବୟନ କାର୍ଯ୍ୟକାଦ୍ୱାରା ତାଙ୍କର ଆର୍ଥିକ ଅବସ୍ଥା ଟିକିଏ ସ୍ୱଚ୍ଛଳ ହେବାକୁ ଆସୁଛି ଏପରି ସମୟରେ କବିଙ୍କ ଗୃହ ଦାହ ହୁଏ । ତହିଁରେ ବସ୍ତ୍ର ବୟନର ପ୍ରାୟ ସମସ୍ତ ଯନ୍ତ୍ର ଦଗ୍ଧ ହୋଇଗଲା । ଲକ୍ଷ୍ମୀ ଓ ସରସ୍ୱତୀଙ୍କ ବିବାଦ ଏଇଠି ହେଲା ବୋଲି କହିବାକୁ ପଡ଼ିବ ସିନା !

ସେ ଯାହା ହେଉ, ବିଧି ଆନୁକୂଲ୍ୟ ହେତୁ ସ୍ୱର୍ଗୀୟ ଜମିଦାର ନୃପରାଜ ସିଂହଙ୍କ ଅଧୀନରେ ସେ ଖଣ୍ଡେ ଅମିନ କାମ ପାଇଲେ । ବେତନ ଅତି କମ୍ ଥିଲା । ପରେ ଜମିଦାର ସାହେବ ତାଙ୍କର ସ୍ୱଭାବ ସୁନ୍ଦର ସଦ୍‌ଗୁଣର ପରିଚୟ ପାଇ ତାଙ୍କୁ ମୋହରିର ପଦକୁ ଉନ୍ନୀତ କଲେ । ଏହି କାମରେ ଥାଇ ସେ କାର୍ଯ୍ୟବଶତଃ ସମ୍ବଲପୁର, ବିଜେପୁର ଓ ପଦ୍ମପୁରରେ ଅବସ୍ଥାନ କରିବାର ସୁଯୋଗ ପ୍ରାପ୍ତ ହୋଇ ପରିଶେଷରେ ମାସିକ ତିରିଶ ଟଙ୍କା ବେତନ ପାଇ ବରପାଲିରେ ରହିଲେ ।

ସାମାଜିକ ଜୀବନରେ କବି ଥିଲେ ଅତି ଉଦାର ଓ ମହାନ୍ । ଜଣେ ସାଧାରଣ ବ୍ୟକ୍ତି ଆସିଲେ ମଧ୍ୟ ନିଜର ସମସ୍ତ ଗୁଣ ଭୁଲି-ଯାଇ ତା' ସହିତ ହୃଦୟ ଖୋଲି କଥାବାର୍ତ୍ତା କରୁଥିବାର ଆମେ ଜାଣୁଁ । ମିଥ୍ୟାବାଦୀମାନଙ୍କୁ ସେ ବଡ଼ ଭୟ କରୁଥିଲେ । ଗଙ୍ଗାଧର ଦରିଦ୍ର ଥାଇ ମଧ୍ୟ ମିଥ୍ୟା କହି ବା କଳକୌଶଳ ପ୍ରୟୋଗ କରି ଅର୍ଥୋପାର୍ଜ୍ଜନକୁ ଅତି ଘୃଣ୍ୟ ମନେ କରିଥିଲେ ଓ ତାଙ୍କର

Digitized by srujanika@gmail.com

ସ୍ପଷ୍ଟବାଦିତା ଯୋଗୁଁ ସେ ଅନେକଙ୍କର ଅପ୍ରିୟ ପାତ୍ର ହୋଇଥିଲେ । ଅବଶ୍ୟ ପରେ ସେମାନେ ତାଙ୍କ ମହତ୍ ହୃଦୟର ପରିଚୟ ପାଇ କେତେକ ତାଙ୍କର ଆନୁଗତ୍ୟ ସ୍ୱୀକାର କଲେ ।

ଶେଷ ଜୀବନରେ ଜାତିସମାଜର ଉପକାର କଲ୍ପେ କବି ଏକ ମେହେର ଜାତୀୟ ମହାସଭାର ଆୟୋଜନ କରିଥିଲେ । ଏହି ମହାସଭାରେ ପ୍ରାୟ ତିନ ହଜାର ମେହେର ଭାଇ ସମବେତ ହୋଇଥାନ୍ତି । ତହିଁରେ ସେ ବାରଟି ସଂସ୍କାର ପ୍ରସ୍ତାବ ଆଗତ କରିଥିଲେ ଓ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ମାତ୍ର ହାୟ ! ଦୈବ ଦୁର୍ବିପାକ ହେତୁ ତା'ର ଅଳ୍ପ ଦିନ ପରେ ତା ୪-୪-୧୯୨୪ ଚୈତ୍ର ଅମାବାସ୍ୟା ଦିନ ସେ ସମଗ୍ର ଉତ୍କଳୀଙ୍କୁ ଗଭୀର ଶୋକସାଗରରେ ଭସାଇ ଦେଇ ପରଲୋକ ପ୍ରୟାଣ କଲେ । ତାଙ୍କର ମୃତ୍ୟୁ ପରେ ମହାସଭାରେ ପ୍ରସ୍ତାବିତ ତାଙ୍କ ନିୟମମାନ ଆଉ ରକ୍ଷା ହୋଇ ପାରିଲା ନାହିଁ । ଗଙ୍ଗାଧରଙ୍କ ପରେ ମେହେର ସମାଜ ତାଙ୍କର ପ୍ରସ୍ତାବିତ ନୀତି ନିୟମ ପ୍ରତି ସେପରି ଅନାସ୍ଥା ପ୍ରଦର୍ଶନ କଲେ, ଯେପରି ପୂଜ୍ୟ ବାପୁଜୀଙ୍କ ମହାପ୍ରୟାଣ ପରେ ଏ ଦେଶ ଲୋକଙ୍କ ଦ୍ୱାରା ତାଙ୍କର ନୀତି ଓ ବ୍ରତରାଜି ନିଷ୍ଫଳତାରେ ପରିଣତ ହେବାକୁ ଯାଉଛି ।

କବି ଗଙ୍ଗାଧରଙ୍କ ରାଜନୈତିକ ଲକ୍ଷ୍ୟ ଅତି ଉଚ୍ଚ ଧରଣର ଥିଲା । ପ୍ରଚ୍ଛନ୍ନ ଭାବରେ ବ୍ରିଟିଶ-ରାଜ ପ୍ରତି ବିଦ୍ରୋହ ତାଙ୍କ 'ଭାରତୀ-ଭାବନା'ରେ ପ୍ରକାଶ ପାଇଛି ଓ ଗାନ୍ଧିଜୀଙ୍କ ନୀତିରାଜି ଓ ଉପଦେଶର ଗୁପ୍ତ ତାଙ୍କ ରଚିତ 'କୃଷକ ସଙ୍ଗୀତ'ରେ ରୂପ ପରିଗ୍ରହ କରିଛି । 'ତାଙ୍କୁ ମଧ୍ୟ କହୁଥାନ୍ତି ଧର୍ମ ଅବତାର' କବିତାରେ ମଧ୍ୟ ଏହା ଫୁଟି ଉଠିଛି । କବି ନ୍ୟାୟର ଯେପରି ପକ୍ଷପାତୀ ଥିଲେ, ସେପରି ଅନ୍ୟାୟର ତୀବ୍ର ବିରୋଧୀ ଥିଲେ ।

Digitized by srujanika@gmail.com

ଗଙ୍ଗାଧର ଅତି ଅଳ୍ପ ବୟସରୁ ଲେଖା ଲେଖି ଆରମ୍ଭ କରିଥିଲେ । ତାଙ୍କର ଆଦ୍ୟ ରଚନାଗୁଡ଼ିକ ପ୍ରାଚୀନ ଲେଖାର ଅନୁରୂପ । କବିଙ୍କ ପ୍ରଥମ କାବ୍ୟ 'ରସ-ରତ୍ନାକର' ଏହାର ପ୍ରମାଣ ଦିଏ । ପରେ କେତେକଙ୍କ ପ୍ରରୋଚନାରେ ସେ ନିଜର ମାର୍ଗ ପରିବର୍ତ୍ତନ କରି ଆଧୁନିକ ଧାରଣରେ ଲେଖା ଆରମ୍ଭ କଲେ ଓ ତଦ୍ଦ୍ୱାରା ରାୟ ରାଧାନାଥ ରାୟ ମହୋଦୟଙ୍କ ଦ୍ୱାରା ଭୂରି ଭୂରି ପ୍ରଶଂସିତ ହେବାରୁ ସ୍ୱୀୟ କଳ୍ପନାର ରସାଳ ବିଳାସରେ, ଭାଷାର ପ୍ରାଞ୍ଜଳତା ଓ ମନୋହାରିତାରେ, ଶୈଳୀର ନୂତନତାରେ, ଚରିତ୍ରଚିତ୍ରଣର ବଳିଷ୍ଠତାରେ ଓ ପ୍ରକୃତିଦେବୀଙ୍କର ବହୁରୂପ ପର୍ଯ୍ୟବେକ୍ଷଣ ଓ ତା'ର ବର୍ଣ୍ଣନର ସଜୀବତାରେ ଓ ପ୍ରକୃତି ଦେବୀଙ୍କର ବହୁରୂପ ପର୍ଯ୍ୟବେକ୍ଷଣ ଓ ତା'ର ବର୍ଣ୍ଣନର ସଜୀବତାରେ ମନୋହର କାବ୍ୟ କବିତାମାନ ଲେଖି ଉତ୍କଳଭାରତୀଙ୍କୁ ବିଭୂଷିତା କଲେ । କବି ଗଙ୍ଗାଧରଙ୍କ ଲେଖାବଳୀ ଉତ୍କଳ ବାଣୀ ଭଣ୍ଡାରର ଅମୂଲ୍ୟ ମଣି ମାଣିକ୍ୟ । ଗଙ୍ଗାଧର ଆଜ ନାହାନ୍ତି, ମାତ୍ର ତାଙ୍କର ଅମର ଲେଖନୀ ନିଃସୃତ ଅମର କାବ୍ୟ ଓ କବିତାରାଜି ତାଙ୍କୁ ଚିରଦିନ ସକାଶେ ଅମର କରି ରଖିଥିବ ।

ପଲ୍ଲୀକବିଙ୍କ ଭାଷାରେ :—

ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ ମଣ୍ଡିତ
କାଳବଳେ ହେବେ ସର୍ବେ ଭବୁଁ ଅନ୍ତର୍ହିତ ॥
କିନ୍ତୁ ତୁମ୍ଭେ ଧ୍ୟାନ କବି ରହିବ ଜୀବିତ,
ଯେତେ ଦିନ ଥିବ ଭବେ ଓଡ଼ିଆ ସାହିତ୍ୟ ॥

Digitized by srujanika@gmail.com

'କୀଚକବଧ'ରେ ମେହେର

ଉତ୍କଳ-ଭାରତୀଙ୍କ ଆଦର୍ଶ ଯୋଗ୍ୟ ପୁତ୍ର କବି ଗଙ୍ଗାଧରଙ୍କ 'କୀଚକ-ବଧ'ର ରଚନା ମାଧୁରୀରେ ଏକାନ୍ତ ମୁଗ୍ଧ ହୋଇ କବି-ଗୁରୁ ରାୟ ମହୋଦୟ ମୁକ୍ତ କଣ୍ଠରେ ମନ୍ତବ୍ୟ ପ୍ରକାଶ କରି କହିଥିଲେ—"ଗଙ୍ଗାଧରଙ୍କ ଦୁର୍ଭାଗ୍ୟ, ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଛନ୍ତି । ଅନନ୍ତ ସୌନ୍ଦର୍ଯ୍ୟୋଦ୍ଭାସିନୀ ପ୍ରକୃତି ଦେବୀ ଓ ପ୍ରକୃତି-ଦେବୀଙ୍କର ପଞ୍ଚପୁରୋହିତ ବ୍ୟାସ, ବାଲ୍ମୀକି ଯାହାଙ୍କର କଳ୍ପନାର ଚିର ସହଚର, ଦୁଷ୍ପୂର ଉଦରପୂର୍ତ୍ତି ସକାଶେ ଏକୁଆଳ, ଏକପଦିଆ, ଭେଆଣ, ଓଆଳିଜା ପ୍ରଭୃତିର ଜଟିଳ ସମସ୍ୟା ସମାଧାନ ତାହାଙ୍କର ବାସ୍ତବ ଜୀବନର ପ୍ରଧାନ ବ୍ୟବସାୟ ହୋଇଅଛି" । ସୁତରାଂ ସେହି କୀଚକ-ବଧ ସମ୍ବନ୍ଧରେ ଦୁଇ ଚାରି କଥା କହିବାକୁ ଯାଇ ଏହି ପ୍ରବନ୍ଧର ଅବତାରଣା ।

ମେହେରଙ୍କ ପ୍ରତ୍ୟେକ କାବ୍ୟ କବିତାରେ ତାଙ୍କ ଜୀବନର ଗୋଟିଏ ଗୋଟିଏ ସ୍ତରର ସୁନ୍ଦର ଅନୁଭୂତି ମିଳେ । ଏହି କାବ୍ୟଟି ବଡ଼େପୁର ଅବସ୍ଥାନ କାଳରେ ମେହେର ଲେଖି ଯାଇ ଅଛନ୍ତି । ଧର୍ମପ୍ରାଣ ବରାଠ ରାଜାଙ୍କ ଭଳି ତତ୍କାଳୀନ ଜମିଦାର ରାୟସାହେବ ସଙ୍କର୍ଷଣ ଗଡ଼ତିଆଙ୍କ ଅନୁଜ ଅନିରୁଦ୍ଧ ଗଡ଼ତିଆ 'କୀଚକ ବଧ'ର

Digitized by srujanika@gmail.com

କୀଚକ ପରି ଲମ୍ପଟ ଓ ଦୁଃସାହସିକ ଥିଲେ । ସମୁଦ୍ର ମନ୍ଥନରୁ ବିଷ ଓ ଅମୃତର ଉଦ୍‌ଭବ ଭଳି ଏକ ଔରସରୁ • ସଙ୍କର୍ଷଣ ଗଡ଼ତିଆ ଓ ଅନିରୁଦ୍ଧ ଗଡ଼ତିଆଙ୍କ ଆବିର୍ଭାବ । ସୁତରାଂ ସେହି ଅନିରୁଦ୍ଧ ଗଡ଼ତିଆହିଁ ମେହେରଙ୍କ 'କୀଚକ-ବଧ'ର କୀଚକ ବୋଲି ପ୍ରତିପନ୍ନ ହୁଏ ।

କୃଷ୍ଣସିଂହ ମହାଭାରତରେ କୀଚକ ନିଜେ ଦ୍ରୌପଦୀଙ୍କ ପାଖକୁ ଯାଇ ତାଙ୍କର ରୂପ ଓ ଗୁଣର ପ୍ରଶଂସା କରି ଅତି ନିର୍ଲଜ୍ଜ ଭାବରେ ପ୍ରେମ ଭିକ୍ଷା କରିବାର କଥା ଆମେ ପାଉଥାଉଁ । ପରେ ବିଫଳମନୋରଥ ହେବାରୁ ସୁଦେଷ୍ଣାଙ୍କ ସହିତ ସେ ମନ୍ତ୍ରଣା କରିଛି ଉଦ୍ଧ୍ୟାରୁ କୀଚକ ନିବାସରୁ ମଦ୍ୟ ଆଣିବା ସକାଶେ ସୈରିନ୍ଧ୍ରୀ ପ୍ରେରିତ ହୋଇ ଅଛନ୍ତି । ଯିବା ସମୟରେ ସୂର୍ଯ୍ୟ ଅର୍ଥାତ୍ ଧର୍ମ-ଦେବଙ୍କୁ ଦେଖି ସ୍ମରଣ କରିବାରୁ ସୂର୍ଯ୍ୟ ଗୋଟିଏ ରାକ୍ଷସକୁ ପଠାଇ ଦେଇଛନ୍ତି—ଦ୍ରୌପଦୀଙ୍କୁ ବିପଦରୁ ରକ୍ଷା କରିବାପାଇଁ । କୀଚକ ନିଜ ନିବାସରେ ଦ୍ରୌପଦୀଙ୍କ ହାତ ଧରି ପ୍ରେମଭିକ୍ଷାପୂର୍ବକ ଟାଣିବାରୁ ଦ୍ରୌପଦୀ ହାତ ଛୁଆଁଡ଼ ଦେଇଛନ୍ତି ଓ ଉଦ୍ଧ୍ୟାରୁ କୀଚକ ଭୂପତିତ ହୋଇଛି । ତା' ପରେ ଦ୍ରୌପଦୀ ପଳାୟନ କରିଅଛନ୍ତି ଓ କୀଚକ ଅନୁଧାବନତତ୍ପର ହୋଇଛି । ନିକଟବର୍ତ୍ତୀ ହେବାରୁ ଦ୍ରୌପଦୀଙ୍କୁ ତଳରେ ପକାଇ ଅତି ନିଷ୍ଠୁର ଭାବରେ କୀଚକ ଗୋଇଠା ମାରିବାର ଚିତ୍ର ମଧ୍ୟ ଏଠାରେ ମିଳେ ।

ଯଥା :—

ଯୁଧିଷ୍ଠିର ରାଜା ନୟନେ ଦେଖୁଥିଲେ,
ତଳରେ ଦ୍ରୌପଦୀଙ୍କି ପକାଇ ସେ ଭଲେ,
ଗୋଡ଼ ଟେକି ଗୋଇଠା ଗୋଟାକେତେ ଦେଲେ
ପ୍ରହାରିଲା କୀଚକ ତାଙ୍କୁ ବଡ଼ କୋହେ ।

Digitized by srujanika@gmail.com

ପରେ ସୂର୍ଯ୍ୟଙ୍କ ଦ୍ୱାରା ପ୍ରେରିତ ରାକ୍ଷସ କୀଚକକୁ ଉଡ଼ାଇ ନେଇଛି ଓ ଏହାଦ୍ୱାରା ଦ୍ରୌପଦୀ ନିଜକୁ ରକ୍ଷା କରି ପାରିଛନ୍ତି । ଯଥା :—

ସୂର୍ଯ୍ୟ ଦ୍ରୌପଦୀଙ୍କ ରକ୍ଷାକୁ ରାକ୍ଷସକୁ
ପଠିଆଇ ଥିଲେ, ସେକାଳେ କୀଚକକୁ
ଅଦୃଶ୍ୟ ହୋଇ ବାତ ପରି ଗତି କଲା
କୀଚକକୁ ଉଡ଼ାଇ ତହୁଁ ଘେନିଗଲା ।

ଏହା ଉତ୍ତାରୁ ରାଜସଭାକୁ ଯାଇ ଦ୍ରୌପଦୀ ବିରାଟ ରାଜାଙ୍କୁ କୁଭାଷାରେ ଭର୍ତ୍ସନା କରିଅଛନ୍ତି । ଏହି ଭଳି ନାନା ଅଯୌକ୍ତିକତା, ଅପ୍ରାସଙ୍ଗିକତା ଓ ଅସ୍ୱାଭାବିକତାରେ କୃଷ୍ଣସିଂହଙ୍କର ବିରାଟ ପର୍ବର ବର୍ଣ୍ଣିତ ବିଷୟ ଭରପୂର ।

ଯାହା ସମୟରେ କୀଚକ ଦ୍ରୌପଦୀଙ୍କୁ ଦେଖି କାମାତୁର ହୋଇ କରୁଣାନାମ୍ନୀ ମୂଦୁସୁଲୀକୁ ଦ୍ରୌପଦୀଙ୍କର ପରିଚୟ ନେବାପାଇଁ ପଠାଇବାର ଚିତ୍ର ଆମେ ଶାରଳାଦାସଙ୍କ ମହାଭାରତରୁ ପାଉଁ । ପରେ ସେ ସୁଦେଷ୍ଣାଙ୍କୁ ଗୁହାରି କରିଛି ନିଜ ଲାଂପଟ୍ୟ ଓ କାମାତୁର ହୃଦୟର ଅଭିପ୍ରାୟ ବ୍ୟକ୍ତ କରି । ସୁଦୋଷ୍ଣାଙ୍କର ନ୍ୟାୟପରତା ଶାରଳାଦାସଙ୍କ ମହାଭାରତରେ ସୁସ୍ପଷ୍ଟ, କିନ୍ତୁ ବିରାଟ ରାଜାଙ୍କର କାପୁରୁଷତା ପଦେ ପଦେ ଫୁଟି ଉଠିଛି ।

କୀଚକ ପୁରକୁ ଦ୍ରୌପଦୀ ଯିବା ସମୟରେ ଭଗବାନ୍ ସୂର୍ଯ୍ୟ (ଧର୍ମଦେବ)ଙ୍କୁ ସ୍ମରଣ କଲେ । ଏଣୁ ସୂର୍ଯ୍ୟ ଛାୟା ଓ ମାୟା ଦୁହିଁଙ୍କୁ ପଠାଇ ଦେଇଥିଲେ ଦ୍ରୌପଦୀଙ୍କ ରକ୍ଷା ସକାଶେ । ମାତ୍ର ବାସ୍ତବରେ ଦ୍ରୋପଦୀଙ୍କ ରକ୍ଷା କାହିଁ ହୋଇଛି ? ବରଂ ? କୀଚକ—

Digitized by srujanika@gmail.com

ବିରାଟ ରାଜା ସମ୍ମୁଖେ ମହୀରେ ପକାଇ
ପାଦ ପ୍ରହରଇ ଅତି କୋପବନ୍ତ ହୋଇ ।

ଏହିଭଳି ନାନା ଅଯୌକ୍ତିକତା ଓ ଅସ୍ୱାଭାବିକତା ଏଠି ବି ଘଟିଛି । କିନ୍ତୁ କୃଷ୍ଣସିଂହଙ୍କ ଅପେକ୍ଷା ଶାରଳା ମହାଭାରତରେ ଏହି ବର୍ଣ୍ଣିତ ବିଷୟ ଟିକିଏ ଉତ୍କୃଷ୍ଟ ଧରଣର ହୋଇଛି କହିଲେ ଚଳେ ।

ମାତ୍ର କବି ଗଙ୍ଗାଧରଙ୍କ 'କୀଚକ-ବଧ'ରେ "ସନ୍ଧ୍ୟା ବର୍ଣ୍ଣନା, ପ୍ରଭାତ ବର୍ଣ୍ଣନା, ଋତୁ ବର୍ଣ୍ଣନା ପ୍ରଭୃତି ବହିଃପ୍ରକୃତିର ଆଲେଖ୍ୟ ଗୁଡ଼ିକ ଯେମନ୍ତ ଉଜ୍ଜ୍ୱଳ ଓ ମନୋହର, ତାହାଙ୍କର ମନୁଷ୍ୟ ଚରିତ୍ର ଚିତ୍ର ମଧ୍ୟ ତଦପେକ୍ଷା କୌଣସି ଅଂଶରେ ହୀନକଳ୍ପ ନୁହେଁ । କୀଚକର ବୀର୍ଯ୍ୟୋନ୍ମାଦ ସୁଲଭ ଦାମ୍ଭିକତା ଓ ଚପଳାର ଶମ୍ଭଳୀ ସୁଲଭ ନାରକୀୟ ଗୃହ୍ନୁତା, ଦ୍ରୌପଦୀଙ୍କ ସେବା ଧର୍ମର କର୍ତ୍ତବ୍ୟଜ୍ଞାନ ସହିତ ସାଧ୍ୱୀ ସୁଲଭ ଜାଗରୁକତା, ବିରାଟର ଅବିବେଚିତ ସ୍ୱାର୍ଥୈକଦର୍ଶିତା, ସୁଦେଷ୍ଣାଙ୍କର ରମଣୀସୁଲଭ କୋମଳତା ଏବଂ ଧର୍ମଭୀରୁତା ସହିତ ଅଯଥା ଭ୍ରାତୃ-ବତ୍ସଳତା ଇତ୍ୟାଦି ନୈପୁଣ୍ୟ ସହକାରେ ଚିତ୍ରିତ ହୋଇଅଛି ସହୃଦୟ ପାଠକ ପାଠିକାମାନେ ତାହା ବୁଝି ପାରିବେ ।"

ପାପପ୍ରଣୟରେ ଆକାଂକ୍ଷା ରଖି ଲମ୍ପଟ ବ୍ୟକ୍ତି କିପରି ଦୁର୍ଦ୍ଦଶାପନ୍ନ ହୋଇଥାଏ, ମେହେର ଏ କାବ୍ୟରେ ତା'ର ଯେଉଁ ଚିତ୍ର ଉଠାଇଛନ୍ତି, ଅତ୍ୟୁକ୍ତି ବା ପକ୍ଷପାତିତାର ଦୂରରେ ଥାଇ କହିବାକୁ ଗଲେ, ଉତ୍କଳ ସାହିତ୍ୟରେ ତା'ର ସମକକ୍ଷ ନାହିଁ । ସୈରିନ୍ଧ୍ରୀ ନାମ୍ନୀ ଦ୍ରୌପଦୀଙ୍କର ଅନୁପମ ରୂପମାଧୁରୀରେ କୀଚକର ପାପ-ପ୍ରଣୟ-ଲିପ୍ସା ଯେତେବେଳେ ପ୍ରବଳତର ହୋଇଛି, ସେ ମନେ ମନେ ଆଶାର ଅମରାବତୀ ନିର୍ମାଣ କରିଛି । ମେହେର ତା'ର

Digitized by srujanika@gmail.com

ସେହି ଆଶାନ୍ୱିତ ଚିନ୍ତାରେ ଯେଉଁ ବର୍ଣ୍ଣନା କରିଅଛନ୍ତି; ତନ୍ମଧ୍ୟରୁ କେତୋଟି ପଦ ଉଲ୍ଲେଖ କଲେ ପାଠକମାନଙ୍କର କୌତୂହଳ ନିବୃତ୍ତ ହେବ ! ଯଥା :—

ଗୃହଲକ୍ଷ୍ମୀ କରି ରଖିବି ବାମାକୁ
ହେବ ଯଦ୍ଧ ତା'ର ମତ,
ନ ହେଲେ ଜୀବନ ଯାପିବି ହୋଇ ତା'
ଗୁପତ ପ୍ରଣୟେ ରତ ।
କେବେ ଦରଶନ ନେଉଥିବ ତା'ର
ସୁରମ୍ୟ ନିକୁଞ୍ଜ ବନେ,
ହୃଦାଚଳ ତାପ ଶାନ୍ତ କରୁଥିବ
ତା' ତନୁ ଘନାଲିଙ୍ଗନେ ।

× × × ×

ଅଙ୍କାଳି ଉପରେ ଥାଇ କେବେ ମୋତେ
ଦେଖି ଦେଉଥିବ ହସି,
ସ୍ୱର୍ଗ-ସୁଖରାଶି ଆସି ତେବେ ମୋର
ହାତେ ପଡ଼ୁଥିବ ଖସି ।
ନିଭୃତ କକ୍ଷରେ ଭେଟି କେବେ ଅବା
ଚିବୁକ ଚୁମ୍ବିବି ତା'ର,
ପ୍ରେମ-ବିସ୍ମାରିତ ଶ୍ରୀମୁଖ-କମଳ
ଦେଖୁଥିବ ବାରମ୍ବାର ।

× × × ×

Digitized by srujanika@gmail.com

ଆଉ ଅନ୍ୟ କଥା ହୁଏ ଯଦି ତା'ର
ପ୍ରୀତି ପାଇଁ ପ୍ରୟୋଜନ,
କୁଣ୍ଠିତ ନ ହେବ କଦାପି ଜୀବନ
କରିବାକୁ ବିସର୍ଜନ ।
ଇତ୍ୟାଦି ଇତ୍ୟାଦି ।

ପ୍ରଣୟ-ମଦିରା-ମତ୍ତ ଲମ୍ପଟ କୀଚକର ଏପରି ଚିନ୍ତା କରିବା କେତେ ସ୍ୱାଭାବିକ ଓ ଏ ସ୍ଥଳରେ କବି କିପରି ମାନବର ଅନ୍ତରକୁ ପ୍ରବେଶ କରି ପାରିଛନ୍ତି, ତାହା ଦେଖିବାର କଥା । ଏଠାରେ ମେହେର ମନସ୍ତାତ୍ତ୍ୱିକ ଆଲୋକପାତ କରିଛନ୍ତି । ପୁଣି କାମାନ୍ଧ କୀଚକର ଅବସ୍ଥା ବର୍ଣ୍ଣନା କରି କହିଅଛନ୍ତି :—

ଭ୍ରାନ୍ତ ବାୟସର ଅସମୟ ସ୍ୱର
ଶ୍ରବଣରେ ଥରେ ଥରେ,
ନିଶା ଶେଷ ମଣି ଦୂଷି ପେଷିବାକୁ
ଉଠି ପଡ଼େ ତଆତରେ ।

ଅନ୍ୟାନ୍ୟ ଦୂଷି ନିକଟରୁ ସୈରନ୍ଧ୍ରୀଙ୍କର ଆଗମନ ବାର୍ତ୍ତା ପାଇ କୀଚକ ନିଜକୁ ସାଜସଜ୍ଜା କରି ଅଭିସାର ସଙ୍କେତ ସ୍ଥଳ ନୃତ୍ୟ-ପୁରରେ ଯେରୂପ ଅଧୀର ଓ ବିଭିନ୍ନ ଚିନ୍ତା-ବିକ୍ଷୋଭିତ ହୋଇଛି, ତା'ର କିପରି ସ୍ୱାଭାବିକ ଓ ମନୋହର ଚିତ୍ର କବି ଫୁଟାଇ ପାରିଛନ୍ତି ଦେଖନ୍ତୁ :—

ନୃତ୍ୟ ପୁର ଯାଇ କାମୀ କୀଚକ ଅଧୀର
ନ ପାଇଲା ଦରଶନ ରତନ ନିଧିର;
ବିସ୍ମରିଲା ମୋତେ ଅବା ଆସୁଁ ଟାକି ଟାକି
ବାହୁଡ଼ିଲା ବିପ୍ରଲବ୍ଧା ହୋଇ ଖଞ୍ଜନାକ୍ଷୀ ।

Digitized by srujanika@gmail.com

କିବା ଆସି ଉଦ୍ୟାନରେ କରୁଛନ୍ତି ଭ୍ରମଣ
ଭାବି କଲା ଉଦ୍ୟାନରେ ବାମା ଅନ୍ୱେଷଣ ।
କାହିଁ ଯୁହିଁ ତରୁଗର୍ଭ ଭେଦି ଚନ୍ଦ୍ରକର
ଦଉଡ଼ଇ ବାମାମଣି ମଣି ଝରତର ।
କାହିଁ ଦୂରୁ କୁସୁମିତ ବଲ୍ଲୀଶାଖ ଯୁହିଁ,
ସତୃଷ୍ଣ ଜୀବନେ ବାମା ବୋଲି ଯାଏ ଧାଇଁ ।
କୌମୁଦୀ ମାର୍ଜିତ ଆଲବାଳ ଜଳ କାନ୍ତ
ବାରମ୍ବାର ହୁଏ ତାଙ୍କୁ ବାମା ପଦ ଭ୍ରାନ୍ତ ।
ଭଗ୍ନନିଦ୍ର ଖଗ ସ୍ୱନ ପଡ଼େ ଯେବେ କର୍ଣ୍ଣେ
ରମଣୀର ଶଶି ମଣି ଦଉଡ଼େ ତତ୍‌କ୍ଷଣେ ।
ତା' ହୃଦକୁ ଆସେ ଯେବେ ନୈରାଶ୍ୟ ଦଉଡ଼ି
ମାୟାବିନୀ ଆଶା ହୁଏ ତ୍ୱରିତ ଘଉଡ଼ି ।

ନାୟିକାର ଅଭିସାର ସଙ୍କେତ ସ୍ଥାନକୁ ଯାଇ ତା'ର ଅନୁପସ୍ଥିତିରେ ନାୟକର ଯେଉଁ ଅବସ୍ଥା ହୋଇଥାଏ, ତା'ର କପରି ଯଥାଯଥ ଚିତ୍ରଣ ହୋଇ ପାରିଛି ! ଏଭଳି ଆବଶ୍ୟକୀୟ ଚିତ୍ର ଓ ଚିତ୍ରଣ ଦୃଷ୍ଟିର ପରିଚୟ ଓଡ଼ିଶାରେ ଖୁବ୍ କମ୍ କବି ଦେଇ ପାରିଛନ୍ତି ।

"ବାକ୍ୟଂ ରସାତ୍ମକଂ କାବ୍ୟଂ" ଏହାର ଭୂରି ଭୂରି ପ୍ରମାଣ ଏହି କାବ୍ୟରେ ସୁଲଭ । ଏଥିରେ କବିଙ୍କର ବାକ୍‌ଚାତୁରୀ ଯେପରି ଫୁଟିଛି ତାହା ଅନୁଧ୍ୟାନ କଲେ ବିସ୍ମୟ ଓ ଆନନ୍ଦ ଯୁଗପତ୍ ହୃଦୟକୁ ଆନ୍ଦୋଳିତ କରିଥାଏ । ସୈରିନ୍ଧ୍ରୀଙ୍କର ନିକଟରେ ଚପଳା ପ୍ରବେଶ କରି ହସ ହସ ମୁଖରେ ତାଙ୍କର ଅଯଥା ପ୍ରଶଂସା ସହ ସୈରିନ୍ଧ୍ରୀଙ୍କ

Digitized by srujanika@gmail.com

ସାବଧାନତା ଓ ଉଭୟଙ୍କ ଶୁଶ୍ରୁଷାରେ ବାକ୍ୟାଳାପ,ବଡ଼ ଚିତ୍ତାକର୍ଷକ। ବିଶେଷତଃ ଚପଳାର ନାରକୀୟ ଶୁଶ୍ରୁଷା ଓ ଯୁକ୍ତ କବିଙ୍କର ଉତ୍ତମ କବିତ୍ୱର ପରିଚାୟକ। ଯଥା :—

ଭୋଗ୍ୟ ନୋହି ତୁମ ସୌନ୍ଦର୍ଯ୍ୟ ଝଡ଼ୁଛି
　　　　ଅରଣ୍ୟ କୁସୁମ ପରି।
ଯଦି ସେ କୁସୁମ ଆଦରେ କେ ନେଇ
　　　　ଚଢ଼ାଇବ ଦେବ ଶିରେ,
କୁସୁମର ଶୋଭା ଦେବସନ୍ତର୍ପଣ
　　　　ବଢ଼ିବ କି ନାଁ ସେଥିରେ ?

ଏହି କଥା ଶୁଣି ସୈରିନ୍ଧ୍ରୀ ନିଜର ପଞ୍ଚପତିତ୍ୱ ଜଣାଇ ଦେବାରୁ ଚପଳା ପୁନର୍ବାର ଶମ୍ଭଳୀ-ସୁଲଭ ଯୁକ୍ତିରେ ଆରମ୍ଭ କରିଛି—

ଦେଖୁଛ ସୁନ୍ଦରୀ ଗଗନ ମାର୍ଗରେ
　　　　ଯେ ରାଶିରେ ରବି ଥାନ୍ତି
ସେହି ରାଶି ବାସୀ ଗ୍ରହ ଭିଷ ରଖି—
　　　　ପାରନ୍ତି କି ନିଜ କାନ୍ତି ?

ଏ ସମସ୍ତ ଅବଗତ ହୋଇ ସୈରିନ୍ଧ୍ରୀ ନିଜର ପତିମାନଙ୍କୁ ବ୍ୟତୀତ ଅନ୍ୟ କାହାର ମୁଖାବଲୋକନ ସୁଦ୍ଧା ଅସ୍ୱୀକାର କରନ୍ତେ ଚପଳା କହୁଛି—

ସୁଧାକର-ପ୍ରୀତି-ପ୍ରଫୁଲ୍ଲ-ବଦନା
　　　　ସୁଧାଂଶୁ-ଚିତ୍ତ-ମୋହିନୀ
ଚନ୍ଦ୍ର ଅନୁଦୟେ ତିମିର ସଙ୍ଗମେ
　　　　ନ ଫୁଟେ କି କୁମୁଦିନୀ ?

Digitized by srujanika@gmail.com

ଏ ସମସ୍ତ ଉକ୍ତିରେ କବିଙ୍କର କବିତ୍ୱ ଅନୁକରଣୀୟ । ଏହା ପରେ ଚପଳା ଓ କୀଚକର ଭଗ୍ନୀ ବିରାଟ-ରାଜାଙ୍କ ପାଟରାଣୀ ସୁଦେଷ୍ଣାଙ୍କ ଉକ୍ତିରେ କବି କିପରି ଉଭୟଙ୍କ ମାନସ ସ୍ପର୍ଶ କରି ପାରିଛନ୍ତି, ଦେଖିଲେ ଆଶ୍ଚର୍ଯ୍ୟ ନ ହୋଇ ରହି ହୁଏନା । ନାନା ବାକ୍‌ଚାତୁରୀରେ ଚପଳା ସୈରିନ୍ଧ୍ରୀଙ୍କୁ କୀଚକର ନିକଟକୁ ଯିବାପାଇଁ ବାଧ୍ୟ କରିଥିଲା—କେବଳ ସୁଦେଷ୍ଣାଙ୍କୁ ଭୁଲାଇ ଦେଇ । କିନ୍ତୁ ବାସ୍ତବରେ ସେ ମିଥ୍ୟା କହେ, କହି ସାରିଲା ପରେ ସ୍ୱତଃ ତା'ର ମନରେ ଆଶଙ୍କା ଜନ୍ମେ—ଏକଥା ମେହେରଙ୍କ ଦୃଷ୍ଟିରୁ ବା କିପରି ଅବ୍ୟାହତ ହୋଇପାରେ ? ସୁତରାଂ ଚପଳା ଚିନ୍ତା କରିଛି—

ନିଶା ଶଶିର ସନ୍ଧ୍ୟା କରି ମିଳନ
ପାଏ ଉଜ୍ଜ୍ୱଳ ରକ୍ତ ରଙ୍ଗ ବସନ ।
ରାହୁ ଗ୍ରାସଇ ଆସି ଚନ୍ଦ୍ରଙ୍କୁ ଯେବେ
ସନ୍ଧ୍ୟାରେ ଦୋଷ କାହିଁ ହୋଇଛି କେବେ ?

ଏପରି ଚିନ୍ତା କରିବା ସମୟରେ ତା'ର ମୌନ ହେବାର ଦେଖି ସୁଦେଷ୍ଣା କହିଛନ୍ତି—

କପଟ ଅଛି କି ତୋ ହେଲୁ ଯେ ତୁନି ।
କପଟ ଥିଲେ ଯାଇ ବୁଝାଇ କହ
ଏ ପାପେ ପରମାୟୁ ହୁଅଇ କ୍ଷୟ ।

ସୁଦେଷ୍ଣା ଏ ସବୁ ଜାଣିଥିଲେହେଁ ଅଯଥା ଭ୍ରାତୃବତ୍ସଳତା ତାଙ୍କୁ ସେ ଦିଗରୁ ଦୁଆଇ ଆଣିଛି । ଏପରି ସୁଚିନ୍ତିତ ଚିତ୍ର କେବଳ ମେହେରଙ୍କ ଲେଖନୀରୁ ଆଶା କରାଯାଏ ।

Digitized by srujanika@gmail.com

ଏହା ପରେ ସୁଦେଷ୍ଣାଙ୍କ ଆଦେଶରେ ସୈରିନ୍ଧ୍ରୀଙ୍କ ସେବା-ଧର୍ମର କର୍ତ୍ତବ୍ୟ ଜ୍ଞାନ ସହିତ ସ୍ତ୍ରୀଧର୍ମ୍ମି ସୁଲଭ ଜାଗରୁକତା ଯେପରି ରହିଛି, ତାହା କବିଙ୍କ ଚିତ୍ରଣ ନୈପୁଣ୍ୟ ବୋଲି ମନେ ହୁଏ ।
ଯଥା :—

ବୋଇଲେ ଧର୍ମ ତୁମ୍ଭେ ଅବଳା ବଳ ।
ବଞ୍ଚୁଛୁଁ ଆସି ଅନ୍ନ ବସନେ ଯା'ର,
ସାହସ ଦିଅ ଆଜ୍ଞା ପାଳିବ ତା'ର ।
ସତୀତ୍ୱ-ରତ୍ନ ଅଛି ଗଣ୍ଠିରେ ମୋର,
ହେଉଛି ଖ୍ୟାତ କାଳେ ହରିବ ଚୋର । ଇ:

ମେହେରଙ୍କ ରଚନାରେ ଗୋଟିଏ ପ୍ରଧାନ ଗୁଣ ହେଉଛି ଯେ, ସେ ଯେତେବେଳେ ଯାହାର ଚିତ୍ର ଦେବାକୁ ଯିବେ ଅତି ନିଖୁଣ ଭାବରେ ତାହାର ଚିତ୍ର ଉଠିଥିବ । ଯାହାର ମୁଖରୁ ଯେପରି ଭାଷା ଓ ଯେଉଁ ଅବସ୍ଥାରେ ଯାହା ବାହାରିବା କଥା, ତାହାର ମୁଖରେ ଯଥାଯଥ ଭାବରେ ତାହାହିଁ କୁହାଇବ । କବି ନିଜ କାବ୍ୟର ଚିତ୍ରିତ ନାୟକ-ନାୟିକାର ଅନ୍ତରରେ ନିଜର ଅନ୍ତର ଥୋଇ ଦେଇଥାଆନ୍ତି । ତେଣୁ ତାଙ୍କ ରଚନାରେ ଏପରି ଚମତ୍କାରିତା ଫୁଟି ଉଠେ ଯାହା ଦେଖି ଆମେ ବିସ୍ମିତ ହୋଇ ବସୁଁ ଯେ କବି ସାଧାରଣ ଜୀବନରେ କିପରି ଏ ସବୁ ଅବଧାରଣ କରି ପାରିଥିଲେ । ଏ ବିଷୟ ନେଇ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସହିତ ମେହେରଙ୍କ କେତେକ ସାମଞ୍ଜସ୍ୟ ଦେଖାଯାଏ । ରବୀନ୍ଦ୍ରଙ୍କ ଚରିତ୍ରର ବୈଶିଷ୍ଟ୍ୟ ଥିଲା ଏହି ଯେ, ସାମାନ୍ୟ ଆଳାପ ମଧ୍ୟଦେଇ ରସ ଆଦାୟ କରିବାର କ୍ଷମତା—ଅଭାବଗ୍ରସ୍ତର ସଙ୍ଗେ ତାନ ରଖି ରସ-ସୃଷ୍ଟିର ଶକ୍ତି ଓ ଅନ୍ୟର ମନ ସହିତ ନିଜକୁ ଅନାୟାସରେ ସ୍ଥାପନ କରିବା । ଆମର ପ୍ରିୟ ଗଙ୍ଗାଧର

Digitized by srujanika@gmail.com

ମଧ୍ୟ ଠିକ୍ ଏଇ ଧରଣର । ଚିର ହାହାକାରମୟ ଦାରିଦ୍ର୍ୟ ଭିତରେହିଁ ତାଙ୍କର ସୁଧାସ୍ରାବୀ କବିତାଧାରାର ନିସ୍ୟନ୍ଦନ ।

କବିର ଚିନ୍ତାରେ ପାରିପାର୍ଶ୍ୱିକ ପରିସ୍ଥିତି ଓ ପ୍ରକୃତି ଯଥେଷ୍ଟ ପ୍ରଭାବ ପକାଇଥାଏ—ଏ କଥା ଭୁଲିଗଲେ ଚଳିବ ନାହିଁ । ଆମେ ଆଗରୁ ଦର୍ଶାଇଛୁଁ ଯେ ଏ କାବ୍ୟର ଉପାଦାନ କବି ବିଜେପୁରରେ ସଂଗ୍ରହ କରିଛନ୍ତି ଓ କବିଙ୍କ ଜନ୍ମସ୍ଥଳ ହେଉଛି ବରପାଲି । ସୁତରାଂ ବିଜେପୁର ଓ ବରପାଲିର ପ୍ରକୃତିର ପ୍ରଭାବ ମଧ୍ୟ ଅଲକ୍ଷିତରେ କବିଙ୍କର ଚିନ୍ତାକୁ କମ୍ ପ୍ରଭାବିତ କରି ନ ଥିବ । କବିଙ୍କ "କୀଚକ-ବଧ"ର ନଗର ଉପକଣ୍ଠ ଉଦ୍ୟାନ ଯେ ବିଜେପୁର ଗ୍ରାମପ୍ରାନ୍ତ ଉଦ୍ୟାନ ନୁହେ—ଏ କଥା କିଏ କହିବ ? ତା' ପରେ—

"ଭ୍ରାନ୍ତ ବାୟୁସର ଅସମୟ ସ୍ୱର
ଶ୍ରବଣରେ ଥରେ ଥରେ" । ପାଦରେ

ବରପାଲିର ପ୍ରକୃତି କିପରି ପ୍ରଭାବ ପକାଇଛି ତାହା ବରପାଲିରେ କିଛିଦିନ ଅତିବାହିତ କରିଥିବା ଲୋକହିଁ ବୁଝି ପାରିଥିବେ । ତଦୁପରି କବିଙ୍କ ବର୍ଣ୍ଣିତ "ସହକାର କାନନ", "ପଦ୍ମବନ-ବିଶୋଭିତ-ସର" ପ୍ରଭୃତି ନିତାନ୍ତ ଭାବରେ ବରପାଲିର ପ୍ରକୃତି ବୋଲି ମନେ ହୁଏ । ବରପଲ୍ଲୀର ଉତ୍ତର ଦିଗରେ ପଦ୍ମପୂରିତ ପୁଷ୍କରିଣୀ ଓ ଆମ୍ରବନ କବିଙ୍କ ଚିନ୍ତାର ସହାୟକ ହୋଇଥାଇପାରେ । ବିଶେଷତଃ-

ଏ ସମୟେ ମଧ୍ୟ ଶେଷରେ
ହେଲି ମଙ୍ଗଳବାର
ସମସ୍ତ ବିରାଟ ନାରୀଙ୍କ
ବନଦୁର୍ଗା ପୂଜାର ।

× × × ×

Digitized by srujanika@gmail.com

ପୂଜା ଥାଳୀ କର ଶୋଭିତା
ହେଲେ ସର୍ବ ଯୋଷିତ
ସୂର୍ଯ୍ୟମୁଖୀ ଉପବନ କି
ହେଲା ନବ ପୁଷ୍ପିତ ?

× × × ×

ବସନ ଭୂଷଣ ପିନ୍ଧଣ
ଯାହା ଥିଲା ଯାହାର
ଦେବୀ ପୂଜା ପାଇଁ ନାରୀଏ
ପୁରୁଁ ହେଲେ ବାହାର ।

ପ୍ରଭୃତି ପଦମାନଙ୍କରେ ବରପାଲି ପ୍ରକୃତିର ଯଥେଷ୍ଟ ପ୍ରଭାବ ରହି-ଥିବାର ବୋଧହୁଏ । କବିଙ୍କର ସୂକ୍ଷ୍ମ-ଦୃଷ୍ଟିରୁ ନାରୀମାନଙ୍କ ଏଇ ଉତ୍ସବର ସମାରୋହ କପରି ବା ରକ୍ଷା ପାଇପାରିବ ?

ଏ କାବ୍ୟରେ କବି ମହାପୁରୀ-କଳ୍ପନାର ଯେଉଁ ପରିଚୟ ଦେଇ ଅଛନ୍ତି, ତନ୍ମଧ୍ୟରୁ ଦୁଇ ତିନୋଟି ଦୃଷ୍ଟାନ୍ତ ଦେଉଛୁ—

ଚନ୍ଦ୍ରକାନ୍ତାଙ୍ଗନ ସୁଖେ ପ୍ରଫୁଲ୍ଲିତ
ହୃଦୟ-ସରିତ-ପତି
ସରିତଙ୍କ ପ୍ରତି ଅନାଦର କରି
ଠେଲି ଦେଲା ପଛକତି ।
ମୁହଁ ଫୁଲାଇଲେ ନଦୀଏ ସାଗର-
ଖତିକ ନୋକେ ଜୁହାର
ବୋଲିବାରୁ ତା'ର ଅପଭ୍ରଂଶ ଏବେ
ବୋଲନ୍ତି ତାକୁ ଜୁଆର ।

× × × ×

Digitized by srujanika@gmail.com

ବହୁ ବିଳମ୍ବରେ ସୁଧାକର ଚନ୍ଦ୍ର
ପଡ଼ିଗଲେ କାଳବଳେ
ବାରଣ ଗ୍ରାସରେ କପିତ୍ଥ ପରାଏ
ବାରୁଣୀ ମହାକବଳେ ।

ଛିଣ୍ଡାଇ କୁସୁମ ହାର ବିସ୍ରବସ୍ତ
ବଲ୍ଲଭ ବିରହ ଦୁଃଖେ
କେତେ ବିଳପିଲ୍ ବିକଳ ବାକ୍ୟରେ
କଜ୍ଜଳପର୍ଶୀର ମୁଖେ ।

ଶେଷ କାବ୍ୟ-ମଣି-କୁନ୍ତଳା ପଶିଲ୍
ଅରୁଣ-ଚିତା-ଅନଳେ
ଧୂମରାଶି ଯା'ର ବାଷ୍ପ ବ୍ୟପ-ଦେଶେ
ଉଠିଲ୍ ଜଳଧି-ଜଳେ ?

ଇତ୍ୟାଦି, ଇତ୍ୟାଦି ।

ଏ ସ୍ଥଳମାନଙ୍କରେ କବି କିପରି ଉଚ୍ଚ-ଶକ୍ତିର ପରିଚୟ ଦେଇଅଛନ୍ତି, ସହୃଦୟ ପାଠକେ ଥରେ ଅନୁଭବ କରନ୍ତୁ ! କବିଙ୍କର ପ୍ରକୃତି-ଦର୍ଶନ ଓ ଭୌଗୋଳିକଜ୍ଞାନ ଯେ ତୀକ୍ଷ୍ଣ, ଏହା ଆଉ କହିଦେବାକୁ ହେବ ନାହିଁ ।

ତଦୁପରି, କୀଚକର ଆକ୍ରମଣରୁ ଦ୍ରୌପଦୀଙ୍କୁ ରକ୍ଷା କରିବାରେ କବି ଯେଉଁ କୌଶଳ କରିଛନ୍ତି ତହିଁରେ କୌତୁହଳ ସହିତ କିପରି ସ୍ୱାଭାବିକତା, ପ୍ରାସଙ୍ଗିକତା ଓ ଯୌକ୍ତିକତା ରହି ପାରିଛି, ତାହା ଅନୁଧ୍ୟାନର ବିଷୟ ।ଯଥା —

ଦ୍ରୌପଦୀ ବେଳେ ଉଚ୍ଚ-କୀଚକ କର
ବାଜିଲ୍ ପ୍ରାୟେ ହେଲ୍ ଥରକୁଥର ।

Digitized by srujanika@gmail.com

ଏକାଳେ ଅଧ ଊର୍ଦ୍ଧ୍ୱେ ନୟନ ତା'ର
ନ ରହି, ରହିଥାଏ ଅଙ୍ଗେ କୃଷ୍ଣାର ।
ପ୍ରକାଣ୍ଡ ତରୁ ଶାଖା ଏକ ତା' ଶିରେ
ବାଜନ୍ତେ ଘୂର୍ଣ୍ଣି ବସିଗଲା ମହୀରେ ।
ଶିର ଆଉଁସି ଶାଖା ଗ୍ରହିଲା ବସି
ଉଠି ଭାଙ୍ଗିଲା ତାକୁ ରୋଷେ ଆକର୍ଷି ।
ଦ୍ରୌପଦୀ ଆସି ଏଣେ ନିଜ ଭବନେ
ବସିଲେ ଅବସାଦପୂର୍ଣ୍ଣ ଜୀବନେ ।

କୀଚକ ଭଳି ମୂର୍ଖ ପକ୍ଷରେ ଏହା କିପରି ସ୍ୱାଭାବିକ ହୋଇ ପାରିଛି ! କୀଚକର ମୁଣ୍ଡରେ ବୃକ୍ଷ ଶାଖା ବାଜିବା ଫଳରେ ସେ ଘୂର୍ଣ୍ଣି ଯାଇ ଭୂଇଁରେ ବସିପଡ଼ିବା ଓ ମୁଣ୍ଡ ଆଉଁସି ବୃକ୍ଷ ଶାଖାକୁ ନିରୀକ୍ଷଣ କରିବାର କୁତୂହଳ ବର୍ଣ୍ଣନାକୁ ପାଠକେ ଲକ୍ଷ୍ୟ କରନ୍ତୁ । ପୁଣି ସେହି ଶାଖାକୁ ଭାଙ୍ଗି ସାରିଲା ବେଳକୁ ଦ୍ରୌପଦୀ ଏଣେ ନିଜ ନବରରେ ପ୍ରବେଶ ସମୟରେ କବିଙ୍କର ବିଲକ୍ଷଣ କବି ପ୍ରତିଭାର ପରିଚୟ ନିଅନ୍ତୁ । ଏ ଭଳି ସ୍ୱାଭାବିକ, ପ୍ରାସଙ୍ଗିକ ଓ କୁତୂହଳ ବର୍ଣ୍ଣନା ନାହିଁ ଶାରଳାଦାସଙ୍କ ମହାଭାରତରେ, ନାହିଁ କୃଷ୍ଣସିଂହଙ୍କ ମହାଭାରତରେ । ଏହା ନିହାତି ଭାବରେ ମେହେରସ୍ୱ କଳ୍ପନା !

ଏହା ଉପରେ କବି ଏ କାବ୍ୟରେ ଅନେକତ୍ର ସ୍ୱଭାବସୁନ୍ଦର ଯଥାବତ୍ ଚମତ୍କାର ପର୍ଯ୍ୟବେକ୍ଷଣର ଯେଉଁ ପରିଚୟ ଦେଇ ଅଛନ୍ତି ତାହା ପ୍ରଣିଧାନର ଯୋଗ୍ୟ । ଯଥା —

ଏ ସମ୍ବାଦ ଚହଟିଲା ତା' କାନୁ ତା' କାନେ
କିନ୍ତୁ ଗୋପ୍ୟ ବୋଲି କହୁଥାନ୍ତି ଏକ ଆନେ ।

Digitized by srujanika@gmail.com

ପୂର୍ବ ଦିନୁଁ ଘଟି ଆସୁଥିଲା ଯାହା ଯଥା
ଘରେ ଘରେ ସ୍ଥାନେ ସ୍ଥାନେ ପଡ଼ିଛି ସେ କଥା ।
କରି ପକାଉଛି କେହି ଅବା ଆଲୋଚନା
କେବା ତାହା କହିବାକୁ କରୁଅଛି ମନା ।
କେ ବୋଲଇ କୀଚକର ମତି ଭଲ ନୁହେଁ
କେ ବୋଲଇ ଏହା ବଡ଼ ଲୋକଙ୍କର ହୁଏ ।
କୀଚକ ଭବନେ ହେଲା ଯେତେକ ବ୍ୟାପାର
ଧୋବା ଭୁଠେ ପ୍ରତିବିମ୍ବ ପଡ଼ିଅଛି ତା'ର ।
କାଷ୍ଠଜୀବୀଗଣ ମୁଣ୍ଡେ କାଷ୍ଠ ବୋଝ ବହି
ବନୁ ଆସୁଛନ୍ତି ତାହା ହୋଇ କହାକହି ।

ଅନ୍ୟତ୍ର—

ପ୍ରପଣ୍ଡିତ ଉଲ୍‌କାପରି କେଉଁ ପକ୍ଷୀ ଥରେ
ବୃକ୍ଷ ତଳୁଁ ଉଡ଼ି ପୁଣି ବସଇ ବୃକ୍ଷରେ ।
ଯକ୍ଷ ବଧୂ-ବକ୍ଷଚ୍ୟୁତ-ମୋତି ଶୋଭା ବହି
ଖସନ୍ତି ଗଗନୁଁ କେତେ ପକ୍ଷୀ ଲକ୍ଷି ମହି ।
କେ' ପକ୍ଷ ହଲାଇ ଥରେ ସ୍ଥିର ପକ୍ଷେ ଥରେ
ପ୍ରୀତି-ସ୍ରୋତେ ଭାସି ବାୟୁ-ସାଗରେ ସନ୍ତରେ ।
ଯାଉଥାଏ ଚାଲି ପୁଣି ଆସୁଥାଏ ଘୁଞ୍ଚି
ଦେଉଥାଏ ଥରେ ଥରେ ସ୍ୱର ନାଚି ଘୁଞ୍ଚି ।
ତରଙ୍ଗିତ ଉଡ଼ା ଦେଇ କେତେବେଳେ ଯାଏ
କେତେବେଳେ ଊର୍ଦ୍ଧ୍ୱେ କେତେବେଳେ ନିମ୍ନେ ଥାଏ । ପ୍ରଭୃତି

କୀଚକର ବଳାତ୍କାରରେ ସୈରିନ୍ଧ୍ରୀଙ୍କୁ ଧରିବାପାଇଁ ଅନୁଧାବନ କରି ହତାଶ ଓ ତତ୍‌ହେତୁ ସୈରିନ୍ଧ୍ରୀଙ୍କ ପଞ୍ଚପତିଙ୍କୁ

Digitized by srujanika@gmail.com

ହତ୍ୟା କରି ତାଙ୍କୁ ନିଜ ପ୍ରଣୟିଣୀ କରି ରଖିବାର ପ୍ରତିଜ୍ଞା ଧୀରେ ଧୀରେ ପ୍ରଚ୍ଚୁର ହୋଇ ଲୋକଙ୍କ ମୁଖରେ କପରି ଆଲୋଚନା ହୋଇଛି— ତାହା ଉପର୍ଯ୍ୟୁକ୍ତ ପ୍ରଥମ ଦୃଷ୍ଟାନ୍ତରୁ ଅନୁମେୟ । କବିଙ୍କର ଦୃଷ୍ଟି-ଶକ୍ତିର ପରିଚୟ ଏହିଠାରୁହିଁ ଆମେ ଆଦାୟ କରି ପାରିବା ।

ଏହା ସଙ୍ଗେ ସଙ୍ଗେ କବି କପରି ଚତୁର ଲେଖକ ଥିଲେ, ତା'ର ଗୋଟିଏ ଦୃଷ୍ଟାନ୍ତ ଆମେ ଏଠାରେ ଉପସ୍ଥାପିତ କରୁଛୁଁ ।

ଯଥା :—

ସୌରଭ ସତତ ଯହିଁ ଉଦ୍ୟାନ ପବନେ
ବଳି ଭେଟ ହେବ ତହିଁ ନଶୀଥେ ନିର୍ଜ୍ଜନେ ।
ବଳି ବୋଲି ଯାଜ୍ଞସେଣୀ କହିଲେ ଯା'ଛଳି
ଅନ୍ୟତର ବୋଲି ବୁଝି ନ ପାରିଲି କଳି ।

ଏ ସ୍ଥଳରେ କବି ନିଜର କବିତ୍ୱ ଚହ୍ଲାଇବା ସଙ୍ଗେ ସଙ୍ଗେ ଯେପରି ପାଠକମାନଙ୍କୁ ମଧ୍ୟ ସାହାଯ୍ୟ କରିଛନ୍ତି, ତାହା ଉଚ୍ଚ ଚିନ୍ତାର ପରିଚୟସୂଚକ । ଏପରି ଚତୁରତା ଓ ଗମ୍ଭୀର ଚିନ୍ତାଶୀଳତା ତାଙ୍କର ଅନେକ କାବ୍ୟରେ ସୁଲଭ ।

ଚିନ୍ତା ଦିଗରେ ତ କବି ଆମକୁ ଏ କାବ୍ୟରେ ନୂତନତା ଯଥେଷ୍ଟ ପ୍ରଦାନ କରିଛନ୍ତି । ବର୍ତ୍ତମାନ ଦେଖିବାର କଥା, ଉପମା ଦିଗରେ ସେ ଆମକୁ କିଛି ନୂଆ କରି ଦେଇ ପାରିଛନ୍ତି ନା ଗତାନୁ-ଗତିକ ପନ୍ଥା ଅନୁସରଣ କରି କେବଳ କବି ପ୍ରସିଦ୍ଧିର ଆଶ୍ରୟ ନେଇଅଛନ୍ତି । କିନ୍ତୁ ନା, ମେଦ୍ଵେରଙ୍କ ପ୍ରତି ଏ ଉକ୍ତି ପ୍ରଯୁଜ୍ୟ

Digitized by srujanika@gmail.com

ନୁହେଁ । ସେ ଆମକୁ ପ୍ରତ୍ୟେକ ଦିଗରେ ଯଥେଷ୍ଟ ନୂତନତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଉତ୍କଳ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରି ନିଜେ ମଧ୍ୟ ଆଜି ଯଶଃ ଶରୀରରେ ଦେଦୀପ୍ୟମାନ । ସେଥିପାଇଁ କବିଗୁରୁ ରାୟ ମହୋଦୟ କହିଥିଲେ—"ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି । ଏହି ହେତୁ ତାଙ୍କର ଉକ୍ତିଗୁଡ଼ିକ ରବପ୍ରଧାନ ନ ହୋଇ ରସପ୍ରଧାନ ହୋଇ-ଥାଏ ।" ସୁତରାଂ ତାଙ୍କ ନିଜ ଅନୁଭୂତିରୁ ଯେଉଁ ଉପମା ଆଣି ସେ କାବ୍ୟରେ ପ୍ରୟୋଗ କରିଅଛନ୍ତି, ତାହା ଦେଖାଯାଉ । କାମୋନ୍ମତ୍ତ କୀଚକର ପ୍ରଣୟରେ ଅସ୍ୱୀକୃତା ସୈରିନ୍ଧ୍ରୀ ପ୍ରତି ଲକ୍ଷ୍ୟ କରି ଚପଳା କହୁଛି—

ତରୁ ଚୂଡ଼-ଶୋଭି ସୁପକ୍ୱ ରସାଳ
ସହଜେ ନ ପଡ଼େ ଖସିତ,
ଶିଶୁଏ ଦେଖିଲେ ନିଅନ୍ତି ସେ ଫଳ
ଟେକାଳ ପ୍ରସ୍ତରଯାଚିତ ।

× × × ×

ସୈରିନ୍ଧ୍ରୀ ମୁଖରୁ ଚପଳା ଦାରୁଣ
ନିରାଶ ଉତ୍ତର ପାଇ,
କୃଷିରକ୍ଷୀ-ଲୋଷ୍ଟ୍ରେ ଶସ୍ୟ ଭକ୍ଷୀ ମୃଗ
ପରିଏ ଗଲା ପଳାଇ । ଇତ୍ୟାଦି ।

କବି ଯାହା ଦେଖିଛନ୍ତି ତାକୁ କିପରି ଭାବରେ ସୁନ୍ଦର କରି ଯୋଗ୍ୟ ସ୍ଥଳରେ ଥୋଇ ଦେଇଛନ୍ତି ! ଏହିପରି କବି ଅନେକ ସ୍ଥଳରେ ପ୍ରତ୍ୟକ୍ଷ ଦର୍ଶନର ଯଥେଷ୍ଟ ପରିଚୟ ଦେଇଅଛନ୍ତି । ବାହୁଲ୍ୟ ଭୟରେ ଆଉ ଦୁଇଟି ମାତ୍ର ନିର୍ଦ୍ଦେଶ କରୁଛୁଁ ।

Digitized by srujanika@gmail.com

ନଦ ଶୁଖିଲେ ନଗ ହୃଦପୂ ଜ୍ୱଳେ
ସେ କାଳେ ନଦୀ ରହେ ଅତି ବିକଳେ ।
ନଦ ବଢ଼ିଲେ ନଗ ଶାନ୍ତି ଲଭଇ
ତା' ଦେଖି ନଦୀ ହୃଦ ଫୁଲ ଉଠଇ ।

କମ୍ପ—

ସ୍ୱଭାବ ଶୀତଳ ଜଳପାତେ ଯଥା
ତପତ ତୈଳ କଟାହ । ଇତ୍ୟାଦି ।

ଯୁଗାନୁରୋଧରେ ଉତ୍କଳ-ଭାରତୀଙ୍କୁ ଧୂଷଣ ଅର୍ଥାଳଙ୍କାର ଓ ଶବ୍ଦାଳଙ୍କାରରେ ଅଳଙ୍କୃତା କରି ନ ଥିଲେହେଁ କବି ଶବ୍ଦର କିପରି ସଦ୍‌ବ୍ୟବହାର କରିପାଏ, ତାହା ଉତ୍ତମରୂପେ ଭାବୀ ସାହିତ୍ୟିକ-ମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଯାଇଅଛନ୍ତି । ଏ ବିଷୟରେ ଅଧିକ ଗଭୀରରୁ ଦୃଷ୍ଟାନ୍ତ ଲୋଡ଼ିବାର ଆବଶ୍ୟକତା ନାହିଁ । କେବଳ ଗୋଟିଏ ଦୃଷ୍ଟାନ୍ତଦ୍ୱାରା ଏହା ସମର୍ଥିତ ହେବ ।

ଯଥା :—

ଲାବଣ୍ୟନିଧି ମୋର ନେତ୍ରପଥରେ
ମର୍ତ୍ତ୍ୟ ବିଜୁଳି ହୋଇ ଆସୁ ତ ଥରେ,
ବାମା-ମାଧୁରୀ ସୁଧା-ନିର୍ଝର-ଧାରା
ମସ୍ତକେ 'ଛୁଟନ୍ତୁ' ମୋର ନୟନ-ତାରା !

ଏ ସ୍ଥଳରେ 'ଛୁଟନ୍ତୁ' ଶବ୍ଦ ଟିକିଏ ଅପକୃଷ୍ଟ ହେଲେହେଁ ଉପଯୁକ୍ତ ପାଦରେ ସେହି ଶବ୍ଦ ସମ୍ରାଟର ଆସନ ଗ୍ରହଣ କରିଛି । ବିଶେଷତଃ ଭାଷା-କୋଷରେ ଏହାର ଆଉ ଏକ ପ୍ରତିଶବ୍ଦ ନାହିଁ । ମେହେର ପ୍ରତ୍ୟେକ ପଦକୁ ଯୋଖିଲା ଭଳି ପ୍ରୟୋଗ କରିଛନ୍ତି ।

Digitized by srujanika@gmail.com

ସ୍ଥଳତଃ ସାର୍ଥକ ପଦ ପ୍ରୟୋଗରେ ମେହେର ଉତ୍କଳରେ ଅଦ୍ୱିତୀୟ ବୋଲି ମନେ ହୁଏ ।

ଆଧୁନିକ ଯୁଗରେ ପୂର୍ଣ୍ଣୋପମା, ମାଳୋପମା ପ୍ରଭୃତି ଅଳଙ୍କାରର ମହତ୍ତ୍ୱ ଆଦୃତ ହେଉ ନ ଥିଲେହେଁ ମେହେର ସେଥିରେ ଯେଉଁ ବର୍ଣ୍ଣନ-ବୈଚିତ୍ର୍ୟ ଦେଖାଇଅଛନ୍ତି, ତାହା କି ପୁରାତନ; କି ନୂତନ, ସମସ୍ତ ସାହିତ୍ୟ-ରସିକମାନଙ୍କୁ ଅନୁରକ୍ତ କରିବ ।

ଆମେ ଜାଣୁଁ, ଗଙ୍ଗାଧର ପ୍ରାକୃତିକ କବି । ଓଡ଼ିଶାର କ୍ଷୁଦ୍ର ମହତ୍ ବିଶିଷ୍ଟ ପ୍ରାକୃତିକ ଚିତ୍ର ତାଙ୍କ କାବ୍ୟ କବିତାରେ ସ୍ଥାନ ପାଇ ଚିର ହାସ୍ୟମୟୀ ଓ ଆନନ୍ଦମୟୀ ହୋଇ ଉଠିଛନ୍ତି । ଏହି କାବ୍ୟର ଦ୍ୱିତୀୟ ସର୍ଗରେ ନବମ ପୃଷ୍ଠାରୁ ପ୍ରାୟ ଏକାଦଶ ପୃଷ୍ଠା ବ୍ୟାପୀ ବସନ୍ତ ବର୍ଣ୍ଣନା, ତୃତୀୟ ସର୍ଗରେ ଊଣେଇଶି ପୃଷ୍ଠାରୁ କୋଡ଼ିଏ ପୃଷ୍ଠା ଯାଏ ସନ୍ଧ୍ୟା ବର୍ଣ୍ଣନା ଓ ଅଠେଇଶ ପୃଷ୍ଠାରୁ ଛୟାଳିଶ ପୃଷ୍ଠା ପର୍ଯ୍ୟନ୍ତ ପ୍ରଭାତ ବର୍ଣ୍ଣନାରେ କବିଙ୍କର କଳାପାଟବ ଯେପରି ଫୁଟି ଉଠିଛି ତାହା ଉତ୍କଳ ସାହିତ୍ୟରେ ନାହିଁ । ଏ ସମସ୍ତ ପ୍ରକୃତି ବର୍ଣ୍ଣନା ବିଶ୍ୱ ସାହିତ୍ୟରେ ନିଜର ଉଚିତ ଆସନ ନିରୂପଣ କରିବାର ଆସ୍ପର୍ଦ୍ଧା ରଖନ୍ତି ।

ମେହେରଙ୍କ ଲେଖାର ଗୋଟିଏ ପ୍ରଧାନ ଗୁଣ ଏହି ଯେ, ଯେଉଁ ସ୍ଥଳରେ ଯାହା ଆବଶ୍ୟକ ସେ ସେତିକି ମାତ୍ର କହିବ । ପାଠକେ କହି ପାରିବେ ନାହିଁ ଯେ ମେହେର ଏ ସ୍ଥଳରେ ଗୁଡ଼ାଏ ଲେଖି ପକାଇଲେ କିମ୍ବା ଖୁବ୍ କମ୍ ଲେଖିଲେ—ଆଉ ଟିକିଏ ଅଗ୍ରସର ହୋଇଥିଲେ ଭଲ ହୋଇଥାନ୍ତା । ମେହେରଙ୍କ ଲେଖାର ସ୍ମିତମଞ୍ଜୁଳତ୍ତ୍ୱ ଜାଣିପାରି କବିଗୁରୁ ରାଧାନାଥ ତାଙ୍କୁ ଉତ୍କଳର 'ରବିବର୍ମା' ଆଖ୍ୟାରେ ଆଖ୍ୟାୟିତ କରିଥିଲେ । ରବିବର୍ମା ହେଉଛନ୍ତି ଭାରତର ଜଣେ ଶ୍ରେଷ୍ଠ ଚିତ୍ରକର । ଏଠାରେ ସ୍ୱାଭାବିକ ଅନେକଙ୍କର ସନ୍ଦେହ ହୋଇପାରେ ଯେ ଜଣେ ଉତ୍ତମ କବିଙ୍କୁ ସେପରି ଅନ୍ୟ

Digitized by srujanika@gmail.com

କୌଣସି ପ୍ରତିଭାଶାଳୀ କବିଙ୍କ ସଙ୍ଗେ ତୁଳନା ନ କରି ଜଣେ ଶ୍ରେଷ୍ଠ ଚିତ୍ରକର ସଙ୍ଗେ ତାଙ୍କର ତୁଳନା କରାଗଲା । ଏହାର ତାତ୍ପର୍ଯ୍ୟ ହେଉଛି—ଯେ ଶ୍ରେଷ୍ଠ ଚିତ୍ରକର ସେ ବରାବର ଚିତ୍ରକୁ ନିଖୁଣ କରି ନିର୍ମାଣ କରି ଗୋଟିଏ ସୁନ୍ଦର ରୂପ ଦେଇଥାଏ—ଯଦ୍ଦ୍ୱାରା ତାହା ସର୍ବ-ଲୋକରଞ୍ଜନ ହୁଏ । ଶ୍ରେଷ୍ଠ ଚିତ୍ରକରର ଚିତ୍ରରେ ଗୋଟିଏ ହାତ ବଡ଼, ଗୋଟିଏ ହାତ ସାନ କିମ୍ବା ମୁଣ୍ଡ ତୁଳନାରେ ଗଣ୍ଡି ବଡ଼ ହେବାର ଆଶଙ୍କା ନ ଥାଏ । ଏହା ପରେ ରବି ବର୍ମାଙ୍କର ଛବିର ପ୍ରକର୍ଷ ଏହି ଯେ ଦେଖି ଦେଲା ମାତ୍ରେ ତାହା ଜୀବନ୍ତ ବୋଧ ହୋଇ ଦର୍ଶକ-ହୃଦୟର ଅନୁରାଗ, ଭକ୍ତି, ଘୃଣାଦି ଭାବ ଉଦ୍ରେକ ହେବା ସଙ୍ଗେ ଚିତ୍ରକରଙ୍କ ପ୍ରତି ଆନ୍ତରିକତା ଓ ସମ୍ମାନ ଜନ୍ମିଥାଏ । କବିଙ୍କ କବିତା ପାଠରେ ପାଠକର ମନ ସେହି ଆକାର ଧାରଣ କରେ ।

ଅବଶ୍ୟ ରାଧାନାଥଙ୍କ 'ଚିଲିକା', 'ମହାଯାତ୍ରା'ର ବିଷୟବସ୍ତୁ ବା 'ତପସ୍ୱିନୀ', 'ଉତ୍କଳ-ଲକ୍ଷ୍ମୀ'ର ବିଷୟବସ୍ତୁ ଯେତେ ସ୍ପୃହଣୀୟ, 'କୀଚକ-ବଧ'ର ବିଷୟବସ୍ତୁ ସେତେ ସ୍ପୃହଣୀୟ ନୁହେଁ ଏବଂ 'ଚିଲିକା', 'ମହାଯାତ୍ରା'ରେ ଯେପରି ସଙ୍ଗୀତମାଧୁରୀ, ସୂକ୍ଷ୍ମ ଦୃଷ୍ଟି ଓ ବର୍ଣ୍ଣ-ବୈଭବର ବିଚିତ୍ର ସମାବେଶ ସମ୍ଭବ ହୋଇଛି, ଏଥିରେ ସେ ସବୁ ଅଧିକ ପରିମାଣରେ ନ ଥିଲେହେଁ ଏକାନ୍ତ ଅଭାବ ନାହିଁ । ଏଥିରେ ମେହେର ପ୍ରାଚୀନ-ସାହିତ୍ୟର ଆଦର୍ଶ ସ୍ଥଳେ ସ୍ଥଳେ ରକ୍ଷା କରିବାର ଲୋଭ ସମ୍ବରଣ କରିପାରି ନାହାନ୍ତି । ଆଉ ମଧ୍ୟ ରାଧାନାଥଙ୍କ କାବ୍ୟ କବିତା ପାଠରେ ମନୁଷ୍ୟ ହୃଦୟ ଯେପରି ଉଚ୍ଚରୁ ଉଚ୍ଚ ସ୍ତରକୁ ଗତି କରେ ମେହେରଙ୍କ ଏହି କାବ୍ୟଟିର ପାଠରେ ମନୁଷ୍ୟ ହୃଦୟ ସେତେ ପରିମାଣରେ ଉନ୍ନତ ଓ ଅଭିଭୂତ ହୋଇ ପାରେନାହିଁ ।

ସେ ଯାହାହେଉ, ସ୍ଥୂଳତଃ 'କୀଚକ-ବଧ' ଉତ୍କଳ-ଭାରତୀ ଭଣ୍ଡାରରେ ଖଣ୍ଡେ ସମୁଜ୍ଜ୍ୱଳ ରତ୍ନ । ଏହାର ଭାଷାର ଖଣ୍ଡରେ ସାମ୍ୟ

Digitized by srujanika@gmail.com

ଅଛି ଓ ତାହା ପ୍ରସାଦ, ସମତା ଏବଂ ମାଧୁର୍ଯ୍ୟ ଗୁଣ ସମନ୍ୱିତ । 'କୀଚକ ବଧ'ର ବିଷୟଟି ପୌରାଣିକ । ଗୋଟିଏ ପୌରାଣିକ ବିଷୟକୁ ନୂତନତା ପ୍ରଦାନ କରିବାରେ ଓ ଆହୃତ ବିଷୟରେ ମୌଳିକତା ରଖିବାରେ ଯେଉଁ ଶକ୍ତିର ଆବଶ୍ୟକ ହୋଇଥାଏ, ତାହା ସାଧାରଣ କବି ପକ୍ଷରେ ସମ୍ଭବ ନୁହେଁ ।

ସମ୍ପ୍ରତି କବି ଏ କାବ୍ୟରେ କ'ଣ କରିଛନ୍ତି ତାହା ଦର୍ଶାଇ ଦେବାରେହିଁ ଏଇ କାବ୍ୟର ଉପସଂହାର ହେଉ । ଏ କାବ୍ୟରେ କବି ବିରାଟର ଧର୍ମର ସୀମା ଦେଇ ପଦଚାଳନ କରିଛନ୍ତି । କାବ୍ୟର ନାୟକ ନାୟିକା ଓ ଅନ୍ୟାନ୍ୟମାନେ ଯେ ଯେଉଁ ପରି କାର୍ଯ୍ୟ ସମ୍ପାଦନ କରିଛନ୍ତି ତା'ର ଯଥୋଚିତ ପୁରସ୍କାର ସେମାନେ ପାଇ ଅଛନ୍ତି । ପାପ-ପ୍ରଣୟ ଲିପ୍ସୁ କୀଚକର ଭାବୀ ପରିଣାମ ଯେପରି ଭୀଷଣ ଭାବରେ ସଂଘଟିତ ହୋଇଛି, ପକ୍ଷାନ୍ତରେ ସାଧ୍ୱୀ ଶିରୋମଣି ସୈରିନ୍ଧ୍ରୀଙ୍କ ହେ ଭଳି ଧର୍ମୋଦୟ ହୋଇ କୀଚକର ପାପ-ଆସଙ୍ଗ-ଲିପ୍ସା ଅନ୍ଧକାରକୁ ସମୂଳେ ଦୂର କରିଛି । ସ୍ଥୂଳତଃ, ଧର୍ମ ପ୍ରତି ଅନାଦର କରି ମାନବ ପାପ-ପ୍ରଣୟ ପଥରେ ଅଗ୍ରସର ହେଲେ ତା'ର ପରିଣାମ କିପରି ଭୀଷଣ ହୁଏ ତାହା ଏ କାବ୍ୟରେ ମେଘେର ଦେଖାଇଅଛନ୍ତି ଓ ତାଙ୍କର ଏହି ଉଦ୍ଦେଶ୍ୟ ପୂର୍ଣ୍ଣ ମାତ୍ରାରେ ସିଦ୍ଧ ହୋଇଛି ବୋଲି ପ୍ରତୀୟମାନ ହୁଏ । ଈଶ୍ୱର ଦତ୍ତ କବି ପ୍ରତିଭାହିଁ ତାଙ୍କୁ ଏ ଜଗତରେ ସାଫଲ୍ୟମଣ୍ଡିତ କରି ଉତ୍କଳୀୟ କବି ଶ୍ରେଣୀରେ ଏକ ଉଚ୍ଚାସନ ପ୍ରଦାନ କରିଛି । *

---

* ଏଇ ପ୍ରବନ୍ଧଟି ଅକ୍ଟୋବର ଓ ନଭେମ୍ବର ୧୯୪୮ ର 'ରବିବାର—ପ୍ରଜାତନ୍ତ୍ର'ରୁ ପାଠ କରି ଶ୍ରୀଯୁକ୍ତ ରାଘବ ମିଶ୍ର ଲେଖିଥିଲେ—

Digitized by srujanika@gmail.com

"ସମାଲୋଚକ ତରୁଣ ହେଲେହେଁ ତାହାଙ୍କର ସମାଲୋଚନାରେ ତରଳ ଚିନ୍ତା, ଅପରିପକ୍ୱ ବିଚାର, ଅତ୍ୟୁକ୍ତି ବା ଅତିରଞ୍ଜିତ ଅଂଶ ଦେଖିବାକୁ ପାଇଲି ନାହିଁ । ତାଙ୍କର 'ଶଂଖ' ମାସିକ ପତ୍ରିକାର ଲେଖା ଠାରୁ ଏହି ଲେଖାରେ ସୌନ୍ଦର୍ଯ୍ୟ, ସରସତା ଓ ଯାଥାର୍ଥ୍ୟ ଅଧିକ ଦେଖି ପ୍ରୀତ ଓ ଆଶାନ୍ୱିତ ହୋଇଅଛିଁ । 'କୀଚକ-ବଧ'ର ଏହି ସମାଲୋଚନାଟିରେ ସମାଲୋଚକଙ୍କର ରସ-ଗ୍ରାହକତା, ସାର ସଂଗ୍ରହ ଦକ୍ଷତା, ନିର୍ଦ୍ଦୋଷ ବିଚାର, ଉନ୍ନତ ଚିନ୍ତା, ପ୍ରଗତିଶୀଳ ମନର ଯଥେଷ୍ଟ ପରିଚୟ ମିଳୁଛି ।

—ଲେଖକ

Digitized by srujanika@gmail.com

କବିତା-କଲ୍ଲୋଳ

ଉତ୍କଳ ପ୍ରକୃତି ଓ ବାଣୀ ମନ୍ଦିରର ଚଚ୍ଚ ପୁରୋଧା ସ୍ୱଭାବ-କବି ସ୍ୱର୍ଗୀୟ ଗଙ୍ଗାଧର ମେହେର "କବିତା-କଲ୍ଲୋଳ"ର ରଚୟିତା । କବି ବଡ଼ ସନ୍ତର୍ପଣରେ ଏ ନାମଟି ଦେଇଛନ୍ତି ବୋଲି ବୋଧହୁଏ । ଏହାର ପ୍ରତ୍ୟେକ କବିତାର ପଦାବଳି ଆମ୍ଭମାନଙ୍କୁ ଭାବ କଲ୍ଲୋଳରେ ପ୍ଲାବିତ କରେ, ଅନୁରକ୍ତ କରେ ଓ ବିସ୍ମୟ ଦିଏ । ମେହେର ହେଉଛନ୍ତି ବର୍ତ୍ତମାନ ଧାରାର ଶ୍ରେଷ୍ଠ ନୈସର୍ଗିକ କବି । ପ୍ରତିଭାର ବିକାଶ ଓ ମୌଳିକତାର ସ୍ୱଚ୍ଛ ପ୍ରକାଶ ଉଜ୍ଜ୍ୱଳଭାବରେ ତାଙ୍କ ଲେଖାରୁ ସମ୍ଭବ ହୋଇ ପାରିଛି । ସୁତରାଂ ଗଙ୍ଗାଧର ସାହିତ୍ୟର ସର୍ବତୋମୁଖୀ ଆଲୋଚନା ଏକାନ୍ତ ବାଞ୍ଛନୀୟ । ମେହେର ପ୍ରତିଭା ଓ କବିତ୍ୱ-ଶକ୍ତି ଏପର୍ଯ୍ୟନ୍ତ ନିଗୃହୀତ ଭାବରେ ରହିଛି । ରାଧାନାଥଙ୍କ ଭଳି ଉଜ୍ଜ୍ୱଳ ଜ୍ୟୋତିଷ୍କ ସମକ୍ଷରେ ପ୍ରତିକୂଳ ଅବସ୍ଥାରେ ପ୍ରତି-ପାଳିତ ଓ ତନ୍ତୁବାୟ ସମ୍ପ୍ରଦାୟର କୌଳିନ୍ୟରେ ଉପଜୀବିତ ଗଙ୍ଗାଧର ମେହେରଙ୍କ ପ୍ରତିଭା କ୍ଷୀଣପ୍ରଭ ନୁହେଁ, ବରଂ ବାସ୍ତବ କାବ୍ୟରସ ପିପାସୁ ଓ ସହୃଦୟ ବ୍ୟକ୍ତିଙ୍କ ନିକଟରେ ଗଙ୍ଗାଧରହିଁ ରାଧାନାଥଙ୍କଠାରୁ ବହୁ କ୍ଷେତ୍ରରେ ବିଶେଷତଃ ପ୍ରକୃତିର ବିଳାସ-ବର୍ଣ୍ଣନା, ଆଡ଼ମ୍ବର ରହିତ ସ୍ୱତଃସ୍ଫୂର୍ତ୍ତ ଭାବରାଜିର ମଧୁର କୂଜନ ଓ କାବ୍ୟର ରସୋତ୍ତୀର୍ଣ୍ଣ ବିନ୍ୟାସରେ ନୈପୁଣ୍ୟ ଅର୍ଜନ କରି ପାରିଛନ୍ତି ।

Digitized by srujanika@gmail.com

ରାଧାନାଥ ଉତ୍ତୁଙ୍ଗ ଗିରିବର ଓ ତାହାଁ ସହିତ ପାଷାଣ-ଉପଳର ସମନ୍ୱୟ ହେଲେ, ଗଙ୍ଗାଧର ଥିଲେ ଅନ୍ୟ ଏକ ସୁଦୃଶ୍ୟ ନଗାଧିରାଜ ଓ ଗିରିବନଚ୍ଛାୟା ପ୍ରତିବମ୍ବିତ ପ୍ରଶାନ୍ତ, ସୁଶୀତଳ, ନିର୍ମଳ ନିର୍ଝର । ଗୋଟିଏ ପାଦସ୍ପର୍ଶୀ ଗୁରୁ ଗମ୍ଭୀର ଗିରି ନାଦର ସ୍ୱନ ତୋଳୁଛି; ଅନ୍ୟଟି ଦେଉଛି ଲଳିତ ଦୁର୍ବାସ୍ପର୍ଶି ନିର୍ଝର ତରଙ୍ଗହିଲ୍ଲୋଳ ।

ଏହିପରି ଜଣେ ସ୍ୱଭାବ କବିଙ୍କର ପ୍ରତିଭା ଓ କୃତିତ୍ୱର ସମାଲୋଚନା ନ ହେବା କ୍ଷୋଭର ବିଷୟ ନୁହେଁ ତ ଆଉ କ'ଣ ? ସାହିତ୍ୟିକ ଓ କବିକୁଳକୁ ସମ୍ବର୍ଦ୍ଧନା ଜଣାଇ ଦେଶକୁ ଦିଗ୍‌ଦର୍ଶନ ଦେବାରେ ଏ ଜାତି ବହୁ ପଛରେ ପଡ଼ି ରହିଛି । ଏ ଦେଶର ବାୟୁମଣ୍ଡଳରେ ସାହିତ୍ୟ ସାଧନା ଏକ ଦାରୁଣ ଅଭିଶାପ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଯାହା ହେଉ, "କବିତା କଲ୍ଲୋଳ"ର ଆଦ୍ୟ କବିତା 'ବେଦବ୍ୟାସ'କୁ ନେଇ ମେହେରଙ୍କ କୃତିର ସାମାନ୍ୟ ଆଲୋଚନା ଏଇ ପ୍ରବନ୍ଧର ଉଦ୍ଦେଶ୍ୟ ।

ଆଜି ଉତ୍କଳ ସାହିତ୍ୟରେ ରାଶି ରାଶି କାବ୍ୟ, ଗୀତି କାବ୍ୟ, ଖଣ୍ଡ କାବ୍ୟ ଓ କବିତା ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନରେ ଭରି । ରାଧାନାଥ ଯୁଗରେ କବିମାନେ ପ୍ରକୃତିକୁ ମନୋହର ରଙ୍ଗରେ ରଞ୍ଜିତ କରିଥିଲେହେଁ ଜୀବନ୍ତ କରି ପାରିନାହାନ୍ତି । କିନ୍ତୁ ଗଙ୍ଗାଧର ଜଡ଼ ପ୍ରକୃତିକୁ ସୁଦ୍ଧା ଜୀବନ୍ତ ଭାବରେ ଚିତ୍ରଣ କରି ଜାଡ଼୍ୟନାଶିନୀ ଭାରତୀଙ୍କର ନାମ ସାର୍ଥକ କରିଛନ୍ତି । ମେହେରଙ୍କର ପ୍ରକୃତି ପ୍ରାଣବନ୍ତ ଓ ବଚନ-ଶକ୍ତି-ସମ୍ପନ୍ନା ରୂପବତୀ ରମଣୀ ତୁଲ୍ୟା । କେଉଁଠି ସେ ଉପଦେଷ୍ଟା ସାଜି ମାନବକୁ ଉପଦେଶ ଦେବାରେ ତତ୍ପର, କେଉଁଠି ବା ସୈନିକ ସାଜି ଅନ୍ୟାୟ ବିରୁଦ୍ଧରେ ଖଡ଼୍‌ଗ ହସ୍ତ, କେଉଁଠାରେ ବା ସେ କୁଳ-ବାଳାମାନଙ୍କ ପରି ଲଜ୍ଜାଶୀଳା ଓ ମଞ୍ଜୁଳା । ଏଥିପାଇଁ ଗଙ୍ଗାଧରଙ୍କୁ

Digitized by srujanika@gmail.com

ଉତ୍କଳର ଓ୍ୱାର୍ଡ଼ସ ଓ୍ୱାର୍ଥ (Words worth) କୁହାଯାଏ । କାରଣ ଓ୍ୱାର୍ଡ଼ସ ଓ୍ୱାର୍ଥଙ୍କ ପୂର୍ବରୁ ଇଂରେଜ କବିମାନଙ୍କ ପକ୍ଷରେ ପ୍ରକୃତି ଥିଲା ଜଡ଼ ଓ ନିଶ୍ଚେଷ୍ଟ । କିନ୍ତୁ ଓ୍ୱାର୍ଡ଼ସ ଓ୍ୱାର୍ଥ ପ୍ରକୃତିକୁ ଜୀବନ୍ତ ଓ ସରସ ଭାବରେ ଚିତ୍ରଣ କରି ଇଂରାଜୀ ସାହିତ୍ୟରେ ରୋମାଣ୍ଟିସିଜିମ୍‌ର ଯୁଗ ପ୍ରବର୍ତ୍ତନ କରିଥିଲେ ।

ତାଙ୍କର ଉକ୍ତିରେ—

One impulse from the vernal wood
May teach you more of man.
Of moral evil and of good
Than all the sages can.

ଏଠାରେ କବିଙ୍କ ପ୍ରକୃତି ଆଉ ସାଧାରଣ ପ୍ରକୃତି ହୋଇ ରହିନାହିଁ । ସେ ହୋଇ ଉଠିଛି ସୁସ୍ଥ, ସବଳ ଓ ଜୀବନ୍ତ । ସେ ଉପଦେଷ୍ଟା ଓ ଅଭିଭାବକ ଭାବରେ ଦେଉଛି ଶିକ୍ଷା, ସାହସ ଓ ଶକ୍ତି ଏହିଠାରେହିଁ କବିଙ୍କର ଚରମ ଅଭିବ୍ୟକ୍ତି ପରିସ୍ଫୁଟ; ତେଣୁ ଏଠାରେ କବି ମଧ୍ୟ ଆଉ ସାଧାରଣ କବି ନୁହନ୍ତି । ପ୍ରକୃତିର ଅନ୍ତର୍ଦ୍ଦେଶରେ ମହୀୟସୀ ଶିକ୍ଷା ଓ ପ୍ରାଣର ଆଶ୍ୱାସ ପାଇ ସେ ବିଶ୍ୱ ମାନବର ପୂଜ୍ୟ ହୋଇ ପାଇଅଛନ୍ତି । ଠିକ୍ ଏହିପରି ମେହେରଙ୍କର "ବେଦବ୍ୟାସ" କବିତାରେ ଆମେ ଦେଖିବାକୁ ପାଉଁ—

କେତେ ଅତିଥିଙ୍କ ନାମ ମାଳା ବହି,
ସାଧୁ ଭାବେ ଅଛି କ-ପାଦପ ରହି ।
ଯା କରେ ହୋଇଛି ଖୋଦିତ ବିଗ୍ରହ
ତା ନାମ ଜପୁଛି ପ୍ରକାଶି ଆଗ୍ରହ ।

Digitized by srujanika@gmail.com

ଏକ ପକ୍ଷରେ ପ୍ରକୃତିର ସୂକ୍ଷ୍ମ-ପର୍ଯ୍ୟବେକ୍ଷଣ ଓ ଅପର ପକ୍ଷରେ ପ୍ରକୃତିଠାରୁଁ ମହାନ୍ ଶିକ୍ଷା ଉଭୟର ଏକତ୍ର ସମାବେଶ କରି କବି ଯେଉଁ ଚମତ୍କାର କବି-କଳ୍ପନାର ଛବି ଦେଇଛନ୍ତି, ତା'ର ପଟାନ୍ତର କାହିଁ ?

ସେହିପରି—କର୍କଶ ବିଗ୍ରହ କଣ୍ଟକ ପାଦପ
ଘୁସ୍ନା ଦେଉଅଛି ଉଚ୍ଚେ କରି ଦର୍ପ ।
ବାହାରେ କର୍କଶ ଦିଶିଲେ କି ହେବ,
ଉଚ୍ଚେ ସେ ରହିବ ଯେତେ ଶାନ୍ତି ଦେବ ।

ଅନ୍ୟତ୍ର— ତରୁ ବକ୍ଷେ ତରୁ ତରୁ ତା'ର ବକ୍ଷ
ଭେଦ ଉଚ୍ଚ ହୋଇଛନ୍ତି ଲକ୍ଷ ଲକ୍ଷ ।
ଯା ସଙ୍ଗେ ଯାହାର ନାହିଁ ତାରତମ୍ୟ
ସେ ଦିଶୁଛି ଉଚ୍ଚେ ଥାଇ ଉଚ୍ଚତମ ।
ଏହିପରି ପିନା ସଂସାର ଗହନେ
ଉଚ୍ଚ ଉଚ୍ଚତର ହୋଇଥାନ୍ତି ଜନେ । ଇତ୍ୟାଦି ।

କିନ୍ତୁ ଏ ସବୁ ଦିଗରେ ଗଙ୍ଗାଧର ଓ୍ୟାର୍ଡ଼ସ ଓ୍ୟାର୍ଥଙ୍କ ସହିତ ତୁଳନୀୟ ହେଲେ ମଧ୍ୟ ଓ୍ୟାର୍ଡ଼ସ ଓ୍ୟାର୍ଥଙ୍କ ଭଳି ପ୍ରକୃତି ସହିତ ଓତଃପ୍ରୋତ ଭାବରେ ବିଜଡ଼ିତ ରହିବାକୁ ସେ ଚେଷ୍ଟା କରି ପାରି ନାହାନ୍ତି । ଯଥା—

Great God, I would rather be
A pagan suckled in a Creed
out worn
So might I, standing on this
pleasant lea,
Have Glimpses that would make
me less forlorn.

Digitized by srujanika@gmail.com

ଓ୍ୟାର୍ଡ୍ସ ଓ୍ୟାର୍ଥ ପ୍ରକୃତି ସହିତ ପ୍ରାଣ ମିଶାଇ ଦେଇ ଚିରନ୍ତନ ସୌନ୍ଦର୍ଯ୍ୟ ସୁଧାର ଝରିତ ଧାର ପାନ କରିବାକୁ ଚାହିଁ ଥିଲେହେଁ ଏଥିରେ ତାଙ୍କର ପଳାୟନବାଦ (Escapism) ସ୍ପଷ୍ଟ ଆତ୍ମପ୍ରକାଶ କରିଛି । ପଳାୟନବାଦୀ କବି ସଂସାରରୁ ବହୁ ଦୂରରେ ରହି ସୌନ୍ଦର୍ଯ୍ୟ ଦର୍ଶନ ସ୍ପୃହା ରଖିଛନ୍ତି; ମାତ୍ର ଗଙ୍ଗାଧର ସବୁବେଳେ ସଂସାର ଭିତରେ ରହି, ମାନବ ଜୀବନ ସହିତ ତାଳ ପକାଇ ପ୍ରକୃତି ଦର୍ଶନ ସ୍ପୃହା ରଖିଛନ୍ତି । ଏହାହିଁ ମେହେର ପ୍ରତିଭାର ବିଶେଷତ୍ୱ । ଗଙ୍ଗାଧରଙ୍କର କବିତ୍ୱଶକ୍ତି ସହିତ ତାଙ୍କ ମହାମାନବତ୍ୱର ପରିଚୟ ଏଇଥିରୁ ଆମେ ପାଇଥାଉଁ । ମେହେର ଆଶାବାଦୀ ଓ ବିଶ୍ୱାସବାଦୀ କବି, ସୁତରାଂ ଏଇ ମାଟିର କର୍ମ କୋଳାହଳମୟ ସଂସାରରେ ଥାଇ ସେ ବିଶ୍ୱକୁ ମଧୁମୟ ଦେଖିଛନ୍ତି ଓ ଆଶାର ଆଶ୍ୱାସ ବାଣୀ ଉଦାତ୍ତ ସ୍ୱରରେ ଗାନ କରିଛନ୍ତି । ସେ ଏକାକୀ ହୋଇ ଆଗକୁ ଅଗ୍ରସର ହେବାକୁ ଚାହିଁ ନାହାନ୍ତି । ନିଜର ଉପଲବ୍ଧ୍ୟ ଆନନ୍ଦ ଓ ସୌନ୍ଦର୍ଯ୍ୟକୁ ସମସ୍ତଙ୍କ ଆଗରେ ପରିବେଷଣ କରିବାରେ ତାଙ୍କର ଥିଲା ଆନନ୍ଦ; ସୁତରାଂ ଏହିଠାରେହିଁ ତାଙ୍କର ଉଦାରତା ଓ ମହାମାନବିକତାର ସ୍ୱଚ୍ଛ ପ୍ରକାଶ । ମହାତ୍ମା ଗାନ୍ଧୀ ମଧ୍ୟ ଠିକ୍ ଏଇ ମର୍ମରେ ଥରେ କହିଥିଲେ—"ମୁଁ ଏକାକୀ ହୋଇ ଆଗକୁ ବଢ଼ିଯିବାକୁ ଚାହେଁ ନା, ସମସ୍ତଙ୍କୁ ସଙ୍ଗରେ ନେଇ ମୁଁ ଅଗ୍ରସର ହେବାକୁ ଚାହେଁ ।" ତେଣୁ ବ୍ୟକ୍ତି ବିଶେଷର ଉନ୍ନତି ବା ଆନନ୍ଦ ଉନ୍ନତି ବା ଆନନ୍ଦ ନୁହେଁ । ସାମୂହିକ ଉନ୍ନତି ବା ଆନନ୍ଦ ଉନ୍ନତି ପଦବାଚ୍ୟ । ତେବେ ମେହେରଙ୍କର ବ୍ୟକ୍ତିତ୍ୱ ଏ ଦିଗରୁ ସହଜରେ ଅନୁମେୟ । କୌଣସି କାବ୍ୟ ବା କବିତାରେ ମେହେର ବିଷାଦବାଦ ବା ପଳାୟନବାଦର ଅବତାରଣା କରି ନାହାନ୍ତି ଏବଂ ସେ ନିଜେ ମଧ୍ୟ ବିଷାଦବାଦୀ ବା ପଳାୟନବାଦୀ ନଥିଲେ । ପ୍ରକୃତିର ମନୋଜ୍ଞ କୋଳରେ ଶାନ୍ତ

Digitized by srujanika@gmail.com

ଓ ସୌନ୍ଦର୍ଯ୍ୟର ମଧୁର ଆସ୍ୱାଦ ସେ ପାଇଥିଲେହେଁ ସଂସାର ତାଙ୍କ ପକ୍ଷରେ ମଧୁରତର ଥିଲା । କିନ୍ତୁ ଉତ୍କଳ ସାହିତ୍ୟ ଉପରେ ଦୃଷ୍ଟି ନିକ୍ଷେପ କଲେ ରାଧାନାଥ ଯୁଗରୁ ଏପର୍ଯ୍ୟନ୍ତ କୌଣସି କବି ଏଇ ବିଷାଦବାଦ ବା ପଳାୟନବାଦରୁ ମୁକ୍ତ ବୋଲି ମନେ ହୁଏ ନାହିଁ ।

ଗଙ୍ଗାଧରଙ୍କର ପ୍ରତିଭା ବହୁମୁଖୀ ହେଲେହେଁ ଅନ୍ୟାନ୍ୟ କାବ୍ୟ କବିତା ଦିଗରୁ ସେ ସବୁର ସମାଲୋଚନା ଏ ପ୍ରବନ୍ଧରେ ସମୀଚୀନ ନୁହେଁ । ଯେହେତୁ ଏହା କେବଳ "କବିତା-କଲ୍ଲୋଳ"ର ଗୋଟିଏ ମାତ୍ର କବିତା ପାଇଁ ଉଦ୍ଦିଷ୍ଟ । ଗାଙ୍ଗପୁର ରାଜ୍ୟର ନାଗରା ଜମିଦାରୀସ୍ଥିତ ଗୋଟିଏ ପର୍ବତର ନାମ 'ବେଦବ୍ୟାସ' । ଉକ୍ତ ପର୍ବତରେ ବ୍ରହ୍ମବିଦ୍ ବେଦବ୍ୟାସଙ୍କର ଜନ୍ମ ବୋଲି କବି ଯଥେଷ୍ଟ ପ୍ରମାଣ ସହ ଉତ୍କଳର ଆସନ ନିରୂପଣପୂର୍ବକ ଚମତ୍କାର ଜାତୀୟତା ଓ ମନୋହର କବିକଳ୍ପନାର ପରିଚୟ ଦେଇଅଛନ୍ତି ।

ତାଙ୍କର ନିଜ ଉକ୍ତିରେ—

କାନନ କୁସୁମ ଚରାଏ କାନନ
ମଧ୍ୟରେ ଉତ୍କଳ କରିଛି ଆସନ ।

ଚମତ୍କାର ଜାତୀୟତା ଓ ଅନାଦୃତ ଉତ୍କଳର ଦୁରବସ୍ଥାରେ କ୍ଷୋଭ ପ୍ରକାଶ ଏଇ ଯେ ଗୋଟିଏ ପଦରେ ପ୍ରକାଶ ପାଇ ପାରିଛି ତାହା ପ୍ରଣିଧାନର ଯୋଗ୍ୟ ।

ଅନ୍ୟତ୍ର—ଭାରତ ମଣ୍ଡଳେ ଯଥା ନୀଳାଚଳ
ହୋଇଅଛି ପୁଣ୍ୟ ନିଚୟେ ଉଜ୍ଜ୍ୱଳ ।

ଏହା ପରେ କବି ବେଦବ୍ୟାସଙ୍କ ଜନ୍ମସ୍ଥଳକୁ ପ୍ରକୃତିର ଗୋଟିଏ ମନୋଜ୍ଞ ବିଳାସସ୍ଥଳ ବୋଲି ଅତି ସରସ ତଥା ସୁନ୍ଦର

Digitized by srujanika@gmail.com

ଭାବରେ ବର୍ଣ୍ଣନ କରିଅଛନ୍ତି । ଏହି ସ୍ଥଳର ବର୍ଣ୍ଣନାରେ ସେ ଗୋଟିଏ ପଦ ଲେଖିଛନ୍ତି—

ସରସ୍ୱତୀ କୃଶ୍, ବନ୍ଦେ ସରସ୍ୱତୀ
କ୍ଷୀଣାଙ୍ଗୀ ଉତ୍କଳେ ଯଥା ସରସ୍ୱତୀ ।

ଉତ୍କଳ ସାହିତ୍ୟର କ୍ଷୀଣାବସ୍ଥାରେ କବିଙ୍କର ଗଭୀର ମନୋଗ୍ଲାନି ଏଠାରେ ସୁସ୍ପଷ୍ଟ । ଏହିପରି ରାଧାନାଥ ମଧ୍ୟ ଉତ୍କଳ ସାହିତ୍ୟର ଦୁରବସ୍ଥାରେ ଗଭୀର କ୍ଷୋଭ ପ୍ରକାଶ କରି "ଚିଲିକାରେ" ଲେଖିଛନ୍ତି—

ଦେବୀ ବୀଣାପାଣି, କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?
ସ୍ୱଭାବେ ଉତ୍କଳେ ଶୋଭାର ନିଧାନ,
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ-
ବିନୁ ସିନା ମାତା ହୋଇଛି ବିବଶା,
ଭଜୁଛି ଅରଣ୍ୟ-ପ୍ରସୂନର ଦଶା । ଇତ୍ୟାଦି ।

ରାଧାନାଥ ଗ୍ରନ୍ଥାବଳୀରେ ଯାଉ ଜାତୀୟ ଭାବର ଅଖଣ୍ଡ ସ୍ରୋତ ଯେପରି ପ୍ରବାହିତ, ମେହେର ସାହିତ୍ୟରେ ତାହା ନାହିଁ । କିନ୍ତୁ ସ୍ଥଳ ବିଶେଷରେ ଗୋଟିଏ ଗୋଟିଏ ପଦରେ ମେହେର ଯେଉଁ ମହାଜାତୀୟତା ଓ ଚମତ୍କାର କବି-କଳ୍ପନାର ପରିଚୟ ଦେଇ ଅଛନ୍ତି ତାହା ସର୍ବଦା ପ୍ରଶଂସାର୍ହ । ଅବଶ୍ୟ ରାଧାନାଥଙ୍କ କାବ୍ୟ କବିତାରେ ସଙ୍ଗୀତ-ମାଧୁରୀ, ବର୍ଣ୍ଣ ବୈଭବ ଓ ରସ ପରିବେଷଣ ଯେପରି ଅନନ୍ୟ, ସେପରି ଅନବଦ୍ୟ । ତାତ୍ତ୍ୱିକ ରାଧାନାଥଙ୍କ କାବ୍ୟରେ ମୋହିନୀ ଶକ୍ତି ରହିଛି, ଯଦ୍ୱାରା କି ତାହା ବାରମ୍ବାର ପାଠ କରିବାକୁ ପ୍ରବୃତ୍ତି ହୁଏ ଓ ଆପେ ଆପେ ମୁଖସ୍ଥ ହୋଇଯାଏ । ରାଧାନାଥ ରସ

Digitized by srujanika@gmail.com

ପରିବେଷଣରେ ବଡ଼ ଦକ୍ଷ । କରୁଣ ରସରେ ପାଠକକୁ ସେ ଯେପରି କନ୍ଦାଇ ଦେଇ ପାରନ୍ତି, ବୀର ରସରେ ହୃଦୟକୁ ସେପରି ଫୁଲାଇ ଦେଇ ପାରନ୍ତି । ତାଙ୍କର ଭାଷା ଲାଳିତ୍ୟ ଶିଶୁର ନିଦ୍ରା ଆଣି ପାରେ ଓ କାର୍ଯ୍ୟବ୍ୟସ୍ତ ମାନବକୁ ଅନ୍ୟମନସ୍କ କରି ଦେଇପାରେ । ହୃଦୟର ସ୍ୱଚ୍ଛନ୍ଦ ଆବେଗକୁ ଶବ୍ଦ ଶିଳାରେ ପ୍ରବହମାନ କରି ରାଧାନାଥ ଜୀବନକୁ ମୁଖରିତ କରି ଅଛନ୍ତି । ସୁତରାଂ ଏ ସବୁ ଦିଗରେ ଗଙ୍ଗାଧରଙ୍କ ସ୍ଥାନ ରାଧାନାଥଙ୍କଠାରୁ ନିମ୍ନରେ; ଆଉ ମଧ୍ୟ ମେହେରଙ୍କ ଲେଖନୀ ସ୍ଥଳେ ସ୍ଥଳେ ଗଦ୍ୟମୟୀ ହୋଇ ପଡ଼ିଛି । ନିର୍ଦ୍ଦୋଷ କାବ୍ୟ ଏକାନ୍ତ ବିରଳ । ତେବେ ଏଇ କବିତାରେ ତାଙ୍କର ଯେଉଁ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହୁଏ ତହିଁରେ "ଏକୋହି ଦୋଷୋ ଗୁଣ ସନ୍ନିପାତେ, ନିମଜ୍ଜତୀନ୍ଦୋଃ କିରଣେଷ୍ୱିବାଙ୍କଃ" ଉକ୍ତିହିଁ ସମଧିକ ଭାବରେ ପ୍ରଯୋଜ୍ୟ ।

ଏହାପରେ କବି ଗଙ୍ଗାଧରଙ୍କ ବିଶେଷତ୍ୱ ଆଉ ଗୋଟିଏ ଦିଗରେ ପ୍ରଣିଧାନର ବିଷୟ । ସର୍ବ ପ୍ରଥମେ ଉତ୍କଳ ସାହିତ୍ୟରେ ରାଧାନାଥ ପଦ୍ୟରେ ଉପାନ୍ତ୍ୟ ସ୍ୱରର ମିଳନ ପ୍ରଚଳନ କରିଥିଲେ ଏବଂ ସେହି ନିୟମକୁ ଦୃଢ଼ ଭାବରେ ପାଳନ କଲେ ମଧୁସୂଦନ । କିନ୍ତୁ ମେହେର ଏ ସବୁକୁ ପାଳନ କରିବା ସଙ୍ଗେ ସଙ୍ଗେ ଆଉ ଗୋଟାଏ ସେପାନ ଆରୋହଣ କରି ସ୍ଥଳେ ସ୍ଥଳେ ପଦ୍ୟରେ ସବର୍ଣ୍ଣ ଉପଧା ରକ୍ଷା କରି ଆଶାତୀତ ଭାବରେ ପଦମାଧୁରୀ ବୃଦ୍ଧି କଲେ । ନିମ୍ନୋକ୍ତ ପଂକ୍ତିଚୟରୁ ଅନୁମିତ ହେବ ।

ଯଥା—

ଯାହା କଲେ ହୋଇ ପାରେ ଲୋକ ହିତ,
ସ୍ୱାର୍ଥ ନ ଥିଲେହେଁ କରିବା ବିହିତ ।

Digitized by srujanika@gmail.com

ଲୋକ ହିତ କର୍ମ ମାନବ ଧରମ,
ତାହା ସିନା ତାର ଉଦ୍ଦେଶ୍ୟ ପରମ ।
ଲୋକ ହିତେ ଯେଉଁ ଲୋକ ଧନ ପଣ,
ମନ ନିୟୋଗରେ ହୁଅନ୍ତି କୃପଣ;
ସେମାନେ କେବଳ ନିଜ ପାଇଁ ନର,
ଧର୍ମ ଜଗତରେ ଅପୁଚ୍ଛ ବାନର ।

ଏ ସବୁ ପ୍ରଚେଷ୍ଟା ସହ ରଖାଯାଇଛି ବୋଲି ମନେ ହୁଏ ନାହିଁ; ସ୍ୱତଃ ଉପାନ୍ତ୍ୟ ବର୍ଣ୍ଣଗୁଡ଼ିକ ଏକ ହୋଇ ଯାଇଛି—ଏହାହିଁ ମନେ ହୁଏ ।

ଏହା ପରେ ଏ ପଦରେ କବି ମାନବ ଜାତିକୁ ଶିକ୍ଷା ଦେଇ ଯେପରି ମାନବର ମାନବତ୍ୱ ନିର୍ଦ୍ଦେଶ କରି ଦେଇଛନ୍ତି, ତାହା ଭୁଲି ଯିବାର ନୁହେଁ ।

ତା' ପରେ ବେଦବ୍ୟାସଙ୍କର ଜନ୍ମସ୍ଥଳକୁ ଓ ତା'ର ଚତୁଃପାର୍ଶ୍ୱସ୍ଥ ପ୍ରକୃତିକୁ କବି ଚମତ୍କାର ରୂପ ଦାନ କରିଛନ୍ତି । ତାହା ଦୁଇ ଗୋଟି ପଦରୁ ପ୍ରମାଣିତ ହେବ ।

ପୃଷ୍ଠ ଭାଗେ ଦେଖ ସୁରମ୍ୟ ଅଟବୀ
ଘନ କଣ୍ଟଳୀୟ ଚାରୁ ଶ୍ୟାମ ଛବି
କୃଷ୍ଣସାରଙ୍କର ପ୍ରିୟ ଲୀଳାସ୍ଥଳ
ବିହରନ୍ତି ଯହିଁ ବିହଙ୍ଗ ପଟଳ ।
ମଧ୍ୟେ ପୁଷ୍କରଣୀ କାନନ ଦର୍ପଣ,
ଦେଖି କର ମନ ନୟନ ତର୍ପଣ ।

Digitized by srujanika@gmail.com

ଜଳେ ତା'ର ଶ୍ୱେତ ରକତ କୁମୁଦ
ଫୁଟି ଦେଉଅଛୁ ମାନସକୁ ମୁଦ ।
ସେ କୁସୁମ ତହିଁ ଥିବାରୁ ଅଳପ,
ଭ୍ରୂକ ହୃଦୟେ ପକାନ୍ତି ତଳପ । ଇତ୍ୟାଦି

ଏ ସବୁ ଦିଗରେ ଗଙ୍ଗାଧର ଯେତେ ନମସ୍ୟ, ତାଙ୍କର ମୌଳିକତା ଓ ନୈସର୍ଗିକ କଳ୍ପନା ନେଇ ସେ ଆହୁରି ପୂଜ୍ୟ । ମେହେରଙ୍କର ଶତ ସହସ୍ର କବିତା ପଂକ୍ତିରେ ଆମେ ନିକ୍ତକ ମୌଳିକତାର ପରିଚୟ ପାଇଥାଉଁ । ବାହୁଲ୍ୟ ଭୟରେ ସେପରି ଦୃଷ୍ଟାନ୍ତ କେତୋଟି ମାତ୍ର ଏଠାରେ ପ୍ରଦର୍ଶିତ ହେଉଛୁ ।

ଯଥା :—

ଏକ ହୋଇ ଏହି ପବିତ୍ର ଧାମରେ
ଅଭିଖ୍ୟାତ ହେଲେ ବ୍ରାହ୍ମଣୀ ନାମରେ
କିବା ଶଙ୍ଖ ପୁଂସ କୋଇଲ ଯୋଷିତ—
ସଙ୍ଗମେ ବ୍ରାହ୍ମଣୀ ହୋଇଛୁ ଜନିତ ।
ଲମ୍ପଟ୍ୟ ଫଳର ଦେବା ପାଇଁ ସାକ୍ଷ୍ୟ
ପାଷାଣ ସ୍ୱରୂପ ଦେଖ ସହସ୍ରାକ୍ଷ ।

ଶଙ୍ଖ ନଦୀ ଓ କୋଇଲ ଦୁହେଁ କେତେ ଦୂରରୁ ପ୍ରବାହିତ ହୋଇ ଆସି ଗୋଟିଏ ସ୍ଥଳରେ ମିଶି ଏକତ୍ର ହୋଇ ଯାଇଛନ୍ତି ଓ ଉଭୟ ନଦୀର ସଙ୍ଗମ ସ୍ରୋତ ବ୍ରାହ୍ମଣୀ ନାମରେ ଅଭିହିତ । କିନ୍ତୁ କବିଙ୍କ କଳ୍ପନାରେ ଶଙ୍ଖ ପୁରୁଷ ଓ କୋଇଲ ସ୍ତ୍ରୀ । ଏହି ଦୁହିଁଙ୍କର ସଙ୍ଗମରେ ବ୍ରାହ୍ମଣୀର ଜନ୍ମ । ସୁତରାଂ ଲମ୍ପଟତାର ପ୍ରମାଣ ଦେବା-ପାଇଁ ଇନ୍ଦ୍ର ମଧ୍ୟ ଏଠି ପାଷାଣ ହୋଇ ରହି ଯାଇଛନ୍ତି—ଯେ

Digitized by srujanika@gmail.com

ହେତୁ ଇନ୍ଦ୍ର ଶ୍ରେଷ୍ଠ ଲମ୍ପଟ । କି ଚମତ୍କାର କବି କଳ୍ପନା ! ପାଠକେ ଥରେ ଅନୁଧ୍ୟାନ କଲେ ବୁଝି ପାରିବେ ।
ସେହିପରି—

ଏଣୁ ସେ ମୂର୍ତ୍ତିକି ବୋଲନ୍ତି ଅହଲ୍ୟା
ଇନ୍ଦ୍ର ମନ ଲୌହ ଚୁମ୍ବକ-ଅବଳା ।
ମୋହନାର ଗୃହିଁ ପାଷାଣ ମୂରତି
ପାଶେ କି ପାଷାଣ ରୂପ ସୁରପତି ।
ଅଦ୍ୟାପି ଇନ୍ଦ୍ରଙ୍କ ଯାଇନାହିଁ ଆଶ
ସୁରନାଥ ହୋଇ ସ୍ୱଭାବର ଦାସ !

କଳ୍ପନାର ମନୋଜ୍ଞ ବିଳାସରେ କବି ଅକାଟ୍ୟ ପ୍ରମାଣ ସହ 'ମନୁଷ୍ୟ' ସ୍ୱଭାବର 'ଦାସ' ଏହା ପ୍ରମାଣ କରିଛନ୍ତି ।

ବେଦବ୍ୟାସଙ୍କର ଜନ୍ମ କିପରି "ବେଦବ୍ୟାସ" ଗିରିରେ ସମ୍ଭବ ହେଲା, କବି ତାହା ସୁନ୍ଦର ପ୍ରମାଣରେ ପ୍ରମାଣିତ କରି ଚମତ୍କାର ଜାଜ୍ୱଲ୍ୟମାନ ଫୁଟାଇ ପାରିଛନ୍ତି ।

ଯଥା :—

ବ୍ରାହ୍ମଣୀ ନଦୀର ଅପ୍ରଶସ୍ତ ଧାର
କୁମାରୀ ନାବିକା କିନ୍ତୁ ଅଛି ପାର
ମୁନି, ଦାସ ସୁତା ନଉକାରେ ବସି
ମୁଗ୍ଧ ହେଲେ ତାର ରମ୍ୟ ରୂପେ ରସି ।
ବାଞ୍ଛିଲେ ସଙ୍ଗମ ବିଧାନ ନ ହୁଡ଼ି,
ଅନ୍ଧକାର ପାଇଁ ସୃଜିଲେ କୁହୁଡ଼ି ।

Digitized by srujanika@gmail.com

ଅଦ୍ୟାପି ଏଠାରେ ଗାଢ଼ କୁଜ୍‌ଝଟିକା
ଶୀତେ ପ୍ରାତେ ନିତ ରହେ ବିଘଟିକା
ଯେ ପୁଣ୍ୟ ଭୂମିରେ ପବିତ ବ୍ରାହ୍ମଣୀ
ବ୍ରାହ୍ମଣୀ ହୋଇଛୁ ପଥର ରମଣୀ
ପବିତ୍ର ସଲିଳା ସରିତ ବ୍ରାହ୍ମଣୀ
ମୁନି ସେ ସ୍ଥଳକୁ ବ୍ରହ୍ମମୟ ମଣି
ଦାସ କନ୍ୟା ବୋଲି ନ କରି ବିଗୃତି
ବ୍ରହ୍ମଜ୍ଞାନେ କଲେ ପୀରତି ସଞ୍ଚାର ।
ବ୍ରହ୍ମକ୍ଷଣେ କଲେ ବ୍ରହ୍ମରେତ ନ୍ୟାସ,
ଜାତ ହେଲେ ତହୁଁ ବ୍ରହ୍ମବିଦ ବ୍ୟାସ ।

ଅନ୍ୟତ୍ର—

ଏଯେ ଶଙ୍ଖ, ଗଙ୍ଗା-ତ୍ରିଦଶ ବନ୍ଦନା
କୋଇଲି ଯମୁନା କଳିନ୍ଦ ନନ୍ଦନା ।
ସରସ୍ୱତୀ ମିଶି ପବିତ୍ର ତ୍ରିବେଣୀ
ଏ ଭାବକୁ କେହି ନ ପାରନ୍ତି ଘେନି ।
ଶଙ୍ଖ ଗଙ୍ଗା ଘେନି ଶୋଭେ ଯେଣୁ ଉର
ଏହି ରାଜ୍ୟ ନାମ ପରା ଗାଙ୍ଗପୁର !
ଶ୍ରୀମୁଖୁଁ ନିଃସୃତ ହେଲା ନାହିଁ ତାହା
ଏ ପବିତ୍ର ତୀର୍ଥ ଲୁଚିଗଲା ଆହା ।
ହ୍ରସ୍ୱ ହେବ ବୋଲି ମହତ୍ତ୍ୱ ଲକ୍ଷଣ
ନିଜ ମାହାତ୍ମ୍ୟ କି ନ କଲା ବର୍ଣ୍ଣନ ?

ସାଧାରଣତଃ ମହାମାନବଙ୍କୁଁ ମହାମାନବର ତିରୋଧାନରେ ଗଭୀର ମନୋବ୍ୟଥା ଅନୁଭବ କରିଥାଏ । ମିଲ୍‌ଟନଙ୍କ (Milton) ତିରୋଧାନରେ ଓ୍ୱାର୍ଡ୍‌ସ୍‌ଓ୍ୱାର୍ଥ ଗଭୀର ମନୋଗ୍ଳାନିରେ କହିଥିଲେ—

Digitized by srujanika@gmail.com

Milton, thou should'st be living
at this hour.
England hath need of thee.

କମ୍ଵା—

Oh ! raise us up, return to us again.
And give us manners, virtue.
freedom or power.

ଠିକ୍ ସେହିପରି ମେହେର ମଧ୍ୟ ଏ କବିତାରେ ଅତ୍ୟନ୍ତ ବ୍ୟଥିତ ହୋଇ ଗାଇଛନ୍ତି—

ବାସୁଦେବ ଦେବ ଅବନୀ ଭୂଷଣ
ଅକାଳେ ଲୋଡ଼ନ୍ତେ ସ୍ଵର୍ଗର ଆସନ
ରାଜାଳୟେ ଜନ୍ମି ଶ୍ରୀ ଚନ୍ଦ୍ରଶେଖର
ଆଳସ୍ୟ ହୁଅନ୍ତେ ଦାରିଦ୍ର୍ୟ ଦୁଃଖର
ରାଧାନାଥ ହୋଇ ଚିର ରୁଗ୍ଣକାୟ
ନେଇଥାନ୍ତେ ଇହଧାମରୁ ବିଦାୟ ।

କିନ୍ତୁ ବାସ୍ତବ କବିର ଧର୍ମ ହେଉଛି ଯେ, ସେ ଯେତିକି ଦୁଃଖ ବା ମନୋବ୍ୟଥା ଗାନ କରେ ସେତିକି ଶାନ୍ତିର ଆବାହନ ସଙ୍ଗୀତ ମଧ୍ୟ ଶୁଣାଇଥାଏ । ମେହେର ଏ ସ୍ଥଳରେ ତାହାହିଁ କରିଛନ୍ତି । ଏହାର ଠିକ୍ ପରେ ପରେ ସେ ଲେଖିଛନ୍ତି—

ନା ନା ଏହା ମୋର ବୁଝିବା ଭରମ
ଦେଖି କହିଦେଲେ ସକଳ ମରମ ।
ସେହି ପରିଶର ସେହି ଗତିକ୍ରମ
ଜାଣନ୍ତି ଏ ସ୍ଥଳ ପବିତ୍ର ଉତ୍ତମ ।

Digitized by srujanika@gmail.com

ନିତି ଆସି ଏଥି କରୁଛନ୍ତି ସ୍ନାନ
କରୁଛନ୍ତି ବେଦବ୍ୟାସ ବେଦ ଗାନ ।
ରହିଛନ୍ତି ସ୍ନେହ ବନ୍ଧ ସତ୍ୟବତୀ
ବାସବ ମୋହିନୀ ଅହଲ୍ୟା ଯୁବତୀ ।
ଅହଲ୍ୟାଙ୍କ ପଦ ସ୍ମରଣ ଲାଳସେ
ଅଶ୍ରୁ ହୋଇଛନ୍ତି ଇନ୍ଦ୍ର ପ୍ରୀତି ବଶେ ।
ମୁନିମାନେ ନିଜ ନିମନ୍ତେ ଏ ସ୍ଥଳ—
ରଖିଛନ୍ତି ଶାପେ ନ କରି ଚହଳ ।

ଏହା ପରେ କବି ସମଗ୍ର ମହାଭାରତର ଶିକ୍ଷଣୀୟ ବିଷୟ ତିନି ଗୁଟିଏ ପଦରେ ପ୍ରାୟ ବର୍ଣ୍ଣନା କରି ଦେଇଛନ୍ତି । ମହାଭାରତରେ କପଟ କୌଶଳ ସହକାରେ ସଂଗ୍ରାମ ହେଲା ଏବଂ ଭ୍ରାତୃ ବିବାଦର ଶେଷ ଫଳ କିପରି ଭୀଷଣ ହୋଇଥିଲା, ପଶା ଖେଳରେ ଯେଉଁପରି ଦୁର୍ଦ୍ଦଶାଗ୍ରସ୍ତ ହେବାକୁ ହୋଇଥାଏ ଓ କୁମନ୍ତ୍ରୀର ଯେଉଁପରି ସ୍ୱଭାବ ଥାଏ, ଧର୍ମ ପଥରେ ଯେତେ ବାଧା ବିଘ୍ନ ଆସିଲେ ମଧ୍ୟ ଧାର୍ମିକ ପଛକୁ ପାଦ ଘୁଞ୍ଚାଏ ନାହିଁ— ଅଧର୍ମ ପଥ କିପରି ପିଚ୍ଛିଳ ଓ ବିଭୀଷିକା ପୂର୍ଣ୍ଣ—ଗର୍ବୀର ଗର୍ବ କି ରୂପେ ଖର୍ବ ହୁଏ ଓ ଶ୍ରୀକୃଷ୍ଣ ଜାତି ଧର୍ମର ବିଚାର ରଖନ୍ତି ନାହିଁ । ଏହି ସମସ୍ତହିଁ ଆମର ମହାଭାରତ ପାଠ କରି ଶିଖିବାର କଥା । ସୁତରାଂ ଅତି ଅଳ୍ପ କଥାରେ ମେହେର ଆମକୁ ତାହା ଦେଇ ପାରିଛନ୍ତି । ଏହାହିଁ ତାଙ୍କର ସାରସଂଗ୍ରହ ଦକ୍ଷତା ଓ ସଂଯତ ଲେଖନୀର ପରିଚୟ ଦିଏ । ସେହିପରି ----

ଭାଗବତରେ—"ସରଳା ଓ ନିର୍ମଳା ମତିରେ ଭଗବତ୍‌ ପ୍ରୀତି ପ୍ରଦର୍ଶନ, ସୂତ ଶୂଦ୍ର ହୋଇ ସୁଦ୍ଧା ବିଦ୍ୱାନ ଥିବାରୁ ମୁନି ସମାଜରେ ଆସନ ଲାଭ, ଗର୍ବିତ ହୋଇ ମହତ୍‌ ଜନଙ୍କୁ ପରିହାସ କଲେ କିପରି

Digitized by srujanika@gmail.com

ମହାମହିମ ବଂଶର ମଧ୍ୟ ବିନାଶ ହୋଇଥାଏ" ଏହି ସମସ୍ତହିଁ ଆମର ଭାଗବତରୁ ଗ୍ରହଣ କରିବା ବିଷୟ । ଶେଷରେ କବିଙ୍କର କ୍ଷୋଭ ପ୍ରକାଶ କିପରି ମର୍ମସ୍ପର୍ଶୀ ଓ କବି-କଳ୍ପନାର ତରଳ ତରଙ୍ଗରେ ତରଙ୍ଗିତ ଦେଖନ୍ତୁ—

କିନ୍ତୁ ଯେ ଭୂମିର ଜନମ ଆଗାର
ନ ପଡ଼ିଲା ତାର ନାମେ ଏକ ଗାର
ସଫଳ କଲା କି ବୋଲେ ଯା ସଂସାର
ପ୍ରଦୀପର ତଳ ଦେଶେ ଅନ୍ଧକାର ।

× × × ×

ଅଥବା—

କାହିଁ ଜନ୍ମି ବ୍ୟାସ କେଉଁଠି ବଢ଼ିଲେ
କେତେ କେତେ ବେଦ ପୁରାଣ ଗଢ଼ିଲେ ?
ଜନମ କାସାର ପଙ୍କଜ ଯେସନ
ତେଜି କରେ ଦେବ ମସ୍ତକେ ଆସନ !
ଏ କ୍ଷୁଦ୍ର ଶଇଳ ଶୃଙ୍ଗେ ହୋଇ ଜାତ
ହିମାଦ୍ରି ମସ୍ତକେ ଶୋଭି ହେଲ ଖ୍ୟାତ ।
ଝର ସୀମନ୍ତିନୀ ଲଭିଥାଏ ହୀରା
ହୀରା ଦେଇ ପୁଣି କିଣି ଆଣେ ଜୀରା ।
ସେ ହୀରା ଶୋଭଇ ରାଜେନ୍ଦ୍ର ମୁକୁଟେ
ତୁମ୍ଭେ ହେଲ ତଥା ଗିରିରାଜ କୂଟେ ।

ଏହାର ସଙ୍ଗେ ସଙ୍ଗେ କବିଙ୍କ ମହା ଜାତିପ୍ରୀତି ସୁସ୍ପଷ୍ଟ ହୋଇ ଉଠିଛି । ବାସ୍ତବ ଆଲୋଚନାର ଅଭାବରୁ ଆଜ ମେହେରଙ୍କ-ପ୍ରତିଭା ଅନାଦୃତ, ନଗୃହୀତ ଓ ଅସ୍ପଷ୍ଟ ।

Digitized by srujanika@gmail.com

"କବିତା-କଲ୍ଲୋଳ"ର "ବେଦବ୍ୟାସ" ଶୀର୍ଷକ ଗୋଟିଏ ମାତ୍ର କବିତାର ସାମାନ୍ୟ ପରିଚୟ ମୁଁ ଏହି ପ୍ରବନ୍ଧରେ ଦେଇ ପାରିଛିଁ । ଏହାର ପ୍ରତ୍ୟେକ ପଦ ପ୍ରାୟ ସମାଲୋଚନା କରି ଦେଖାଇବାର ଯୋଗ୍ୟ । ସୁତରାଂ ମେହେରଙ୍କର କୃତିର ପୂଜା ଓ ସମାଲୋଚନା ବିଶେଷ ଭାବରେ ହେବା ଯେପରି କାମ୍ୟ ସେପରି ଆବଶ୍ୟକ ମଧ୍ୟ । ତା' ପରେ ତାଙ୍କର ବନ୍ଦନାର ଗୀତି ସ୍ଥଳ ବିଶେଷରେ ଆବଦ୍ଧ ନ ରହୁ । ସମଗ୍ର ମାନବ ଜାତିର କବି ମାନବିକତାରେହିଁ ପୂଜା ପାଆନ୍ତୁ, ବନ୍ଦିତ ହୁଅନ୍ତୁ—ଏହାହିଁ ଆମ୍ଭମାନଙ୍କର ମୁକ୍ତ-ପ୍ରାଣର ତୃପ୍ତ-ବାସନା ।

କବିତା କଲ୍ଲୋଳ (୨)

ସ୍ୱର୍ଗୀୟ ଗଙ୍ଗାଧର ମେହେରଙ୍କ ପ୍ରଣୀତ 'କବିତା-କଲ୍ଲୋଳ' ପାଞ୍ଚଟି କବିତାର ସମାବେଶ ମାତ୍ର । ତନ୍ମଧ୍ୟରୁ ପ୍ରଥମ କବିତା 'ବେଦବ୍ୟାସ' ସମ୍ବନ୍ଧ ନେଇ ମୁଁ ଇତି ପୂର୍ବେ ତାର ସମାଲୋଚନା କରି ସାରିଛୁଁ । ସୁତରାଂ ଅବଶିଷ୍ଟ ଚାରୋଟି କବିତାର ସମାଲୋଚନା ଏହି ପ୍ରବନ୍ଧରେ କରାଯାଉ । ଦ୍ୱିତୀୟ କବିତା "ଚନ୍ଦ୍ରରଜନୀ" ଉତ୍କଳୀୟ ପ୍ରାଣର ଚିର ଅଭିନନ୍ଦିତା ଓ ନିତ୍ୟାନନ୍ଦମୟୀ ଗୃହ ନିଶିଥିନୀ । ନବ-ନବୋନ୍ମେଷଶାଳିନୀ ପ୍ରଜ୍ଞା ଯେବେ ପ୍ରତିଭାର ନାମାନ୍ତର, ତେବେ ଏହି ଗୋଟିଏ କବିତାରୁ ମେହେରଙ୍କ-ପ୍ରତିଭାର ଯଥେଷ୍ଟ ପରିଚୟ ମିଳିବ । ଯଥା :—

Digitized by srujanika@gmail.com

ପଲ୍ଲୀର ସନ୍ଧ୍ୟାକାଳୀନ ଚିତ୍ର—

ବାଟରେ ଗଉଡ଼ ବେଣୁ ବଜାଇ ବଜାଇ
ଧାଇଁ ଧାଇଁ ହମ୍ବା ରବ କରି ଗୋରୁମାନେ,
ବାଛୁରି ଗୋଶାଳେ ଲଞ୍ଜ ହଲାଇ ହଲାଇ
ହୁଚୁକି ହୁଚୁକି ହୋଇ ରତ କ୍ଷୀର ପାନେ ।
ହାଟରୁ ହଟାରି ଫେରି ଗୀତ ଗାଇ ଗାଇ,
ଘାଟରୁ କେଉଟ ଆସି ପ୍ରଫୁଲ୍ଲ ବଦନେ
ନାଟ୍ୟଶାଳେ ନଟ ହସ୍ତ ଖେଳାଇ ଖେଳାଇ
ନବରଙ୍ଗେ ନାଚ ଗୃହେଁ ବଙ୍କିମ ନୟନେ ।
ଆନନ୍ଦ ପ୍ରକଟ କଲେ ବିବିଧ ମଜାରେ
କୋଳାହଳ ଉଡ଼ିଗଲା ଆନନ୍ଦ ବଜାରେ

ସେହିପରି—

କୌମୁଦୀ କୋମଳ ବପୁ କୁମାରୀଙ୍କ ଦଳ
ନାନା ରଙ୍ଗେ ଯୋଡ଼ା ଯୋଡ଼ି ଗୀତ ଗାଇ ଗାଇ
ଖେଳାରି ଅଞ୍ଜନାଞ୍ଚିତ ନୟନ ଚଞ୍ଚଳ
କେତେ ବା ଖେଳିଲେ ଖେଳ ଉଠି ବସି ଧାଇଁ
କର ଚରଣରେ ବାଜି ମଞ୍ଜୁ ଅଲଙ୍କାର
କରୁଥାନ୍ତି ସମ୍ବାଦ ଦାନର ବ୍ୟଞ୍ଜନା,
ଅଯତନ ବନ୍ଧ ଖୋଷା ଫିଟି ଅବା କାର
ଗାଉଥିଲା କୁମାରୀର ମଧୁର ଗଞ୍ଜନା ।
ଉଲ୍ଲାସ ନଦୀରେ ହେଲେ ପ୍ରବଳ ଲହରୀ
ଖେଳନ୍ତି ବାଳାଏ ତହିଁ ପହଁରି ପହଁରି ।

କବିଙ୍କର ବର୍ଣ୍ଣିତ ଏହି ଦୃଶ୍ୟ କେଉଁ ଗ୍ରାମବାସୀର ବା ଦୃଷ୍ଟି-ପଥକୁ ଆସି ନାହିଁ ! କିନ୍ତୁ ଏଥିରେ ପଲ୍ଲୀ-ପ୍ରକୃତି ସୁନ୍ଦରତର ଓ

Digitized by srujanika@gmail.com

ଜୀବନ୍ତ ଭାବରେ ପ୍ରତିଭାତ ହୋଇ ଉଠିଛି । ଇଂରେଜ କବି ଗୋଲ୍ଡ୍ ସ୍ମିଥ୍ଙ୍କର (Gold smith)

The dancing pair that simply sought renown; by holding out to tire each other down କୁ ଏହା ସହିତ ତୁଳନା କରାଯାଇପାରେ ।

ଅନ୍ୟତ୍ର—

ରାଜା ରାଜକାର୍ଯ୍ୟ ସାରି କଟି ସଳଖାଇ,
ବିଚରଣ କଲେ ଥରେ ଗୃହିଁ ଚନ୍ଦ୍ର କର
ପାଠକ ଫିଟାଇ ପୋଥି ତାଙ୍କ ସହାଧ୍ୟାୟୀ
ବୋଲେ 'ଭାଇ ଦେଖ ପଢ଼ାଯାଉଛି ଅକ୍ଷର' ।
କ୍ଷେତ୍ରରୁ କୃଷକ ଆସି ପୁତ୍ର କୋଳ କରି
ଚନ୍ଦ୍ରକରେ ବୁଲି କରେ ବଦନ ଚୁମ୍ବନ;
ଜନନୀ ରୋରୁଦ୍ୟମାନ ପୁତ୍ର କାଖେ ଧରି
ଜହ୍ନମାମୁଁ ଡାକେ କରି ପ୍ରିୟ ସମ୍ଭାଷଣ ।
କିଶୁହିଁ ଚନ୍ଦ୍ରମା ଗୃହିଁ ଲଭଇ ଆମୋଦ,
ଦ୍ରବ୍ୟ ରୂପେ ନ ହୁଅଇ କାହାର ବିନୋଦ !

କବିଙ୍କର ଏହି ଚିତ୍ର ପଲ୍ଲୀର ଜୀବନ୍ତ-ଚିତ୍ରକୁ ଆମ ଆଖି ଆଗରେ ମୂର୍ତ୍ତି ଭାବରେ ଥୋଇଦେଲା ପରି ଲାଗୁନାହିଁ କି ?

ଏହା ପରେ ଏ ସ୍ଥଳରେ ହାସ୍ୟରସର ଅବତାରଣା କପରି ହୋଇପାରିଛି—

ପକ୍ଷୀଟିଏ ଶୋଇଥାଏ ଊର୍ଦ୍ଧ୍ୱେ ଟେକି ପଦ,
ସ୍ୱରଗ ପଡ଼ିଲେ ମାଡ଼ି ତନୁ ରକ୍ଷା ପାଇଁ,

Digitized by srujanika@gmail.com

ଦେଖ କେତେ ସାବଧାନ ଜଗିଛି ଆପଦ,
ସ୍ୱରଗ ଚଢ଼ିଲେ ସୁଦ୍ଧା ଭୟ ତାର ନାହିଁ ।

ପକ୍ଷୀର ଅବିକଳ ସ୍ୱର ପ୍ରୟୋଗରେ କବି କିପରି ଚମତ୍କାରିତା ଫୁଟାଇ ପାରନ୍ତି, ତାହା ନିମ୍ନୋକ୍ତ ପଦସମୂହରୁ ସୁସ୍ପଷ୍ଟ । ଯଥା :—

"କେକେରେ କେକେରେ" ରବ ଟେଣ୍ଟୋଇ ଗଗନେ
ବୁଲୁଥାଏ ପଥିକର ପରତେ ଜିଜ୍ଞାସି,
ପଥିକ ଉତ୍ତର ଦେଇ ବିହଙ୍ଗ ପ୍ରଶ୍ନେ,
ଚାଲିଯାଏ "ଶ୍ରୀରାମଙ୍କ ଲୋକ" ବୋଲି ଭାଷି ।
ବିହଙ୍ଗହିଁ ଚାଲିଯାଏ ତହୁଁ ଦିଗନ୍ତର
ରାମ ନାମ ଦୃଢ଼ ହୁଏ ହୃଦୟେ ପାନ୍ଥର ।

ଉତ୍କଳର ପଲ୍ଲୀ କବି ନନ୍ଦକିଶୋର ଓ କବିବର ରାଧାନାଥ ପକ୍ଷୀର ଅବିକଳ ସ୍ୱରକୁ କାବ୍ୟରେ ସ୍ଥାନ ଦେଇ ଚମତ୍କାରିତା ଆଣିଛନ୍ତି ସତ୍ୟ; କିନ୍ତୁ ପକ୍ଷୀର ସେହି ସ୍ୱର ସହିତ ଯଦି କୌଣସି ଉଦ୍ଦେଶ୍ୟ ନିହିତ ଥାଏ ବା ଅର୍ଥତାତ୍ପର୍ଯ୍ୟ ରହେ ତେବେ ସେହିଠାରେ କାବ୍ୟ ବା କବିତାର ଚମତ୍କାରିତା ବହୁଗୁଣରେ ବଢ଼ିଯାଏ । ମେହେରଙ୍କର ଏହି ପ୍ରୟୋଗରେ ଟେଣ୍ଟୋଇର "କେକେରେ କେକେରେ" ଶବ୍ଦ ଯେତେ ସତ୍ୟ; ପକ୍ଷାନ୍ତରେ "କେକେରେ କେକେରେ ?" ପ୍ରଶ୍ନସୂଚକ ଉକ୍ତିଟି ଭାବର ସେତିକି ବୈଚିତ୍ର୍ୟ-ସମ୍ପାଦକ । ଏହାହିଁ ମେହେର-ପ୍ରତିଭାର ଅଭିନବ ଦାନ !

ଜାତି ଓ ସମାଜ ପ୍ରତି ଦୃଷ୍ଟିପାତ କରି କବି କିପରି ମହାପ୍ରାଣ କଳ୍ପନାର ପରିଚୟ ଦେଇପାରନ୍ତି ତାହା ଦେଖିବାର କଥା—

ଅଦ୍ୱିଜ ବାଦୁଡ଼ିଗଣ ଶମ୍ବୁକର ପରି
ତରୁ ଡାଳେ ଝୁଲୁଥିଲେ ହୋଇ ନିମ୍ନମୁଖ;

Digitized by srujanika@gmail.com

ରଜନୀ ଆଗମ ଦେଖି ଦ୍ୱିଜ ଭାବ ଧରି
ଚୌଦିଗେ ଭ୍ରମଣ କଲେ ହୃଦେ ବହୁ ସୁଖି ।
ପେଟୁକ ବ୍ରାହ୍ମଣ ପରି କରି ଉଦ୍‌ଗୀରଣ
କଲେ ନବ ନବ ଫଳ ପଲ୍ଲବ ଆହାର,
ଗ୍ରାମେ ଗ୍ରାମେ ଘରେ ଘରେ ଲଭିଲେ ଭୋଜନ
କଞ୍ଚା ହେଉ ପକା ହେଉ ଯା ଥିଲା ଯାହାର ।
ଅଦ୍ୱିଜର ହୋଇପାରେ ଦ୍ୱିଜ ପରାକ୍ରମ
ଜଗତରେ ତୁଚ୍ଛ୍ୟ ନୁହେ ପ୍ରକୃତିର ଧର୍ମ ।

ଏଇ କବିତାର ପ୍ରତ୍ୟେକ ପଦ ସମାଲୋଚନା କରି ଦେଖାଇବାର ଯୋଗ୍ୟ । ସୁତରାଂ ମୁଁ ଆଉ ଏଇଠି ଅଧିକ ଦେଖାଇବାକୁ ଯାଉ ନାହିଁ । ମୂଳତଃ କହିବାକୁ ଗଲେ ଏଇ କବିତାରୁ ଚିତ୍ର ଦର୍ଶନ, ଚରିତ୍ର ଗଠନ ଓ ଆନନ୍ଦ ଉପଭୋଗ ଏକାଧାରରେ ହୋଇ ପାରିବ । ଏହା ପରେ ଏଥିରେ କବିଙ୍କର ପ୍ରକୃତି ପର୍ଯ୍ୟବେକ୍ଷଣରେ କିପରି ସୂକ୍ଷ୍ମ ଦୃଷ୍ଟି ଥିଲା, ତାହା ସହଜରେ ଅନୁମେୟ । ରାଧାନାଥ ଯୁଗରୁ ଆଜିଯାଏ କବିମାନଙ୍କର ପ୍ରକୃତି ପର୍ଯ୍ୟବେକ୍ଷଣରେ ଯେଉଁ ତ୍ରୁଟି ଆମ ଆଖି ଆଗରେ ପଡ଼େ ତାହା ମେହେର ସାହିତ୍ୟରେ ପ୍ରାୟ ନାହିଁ କହିଲେ ଚଳେ ।

କବିତା-କଲ୍ଲୋଳ (୩)

ଏ ଲେଖାର ତୃତୀୟ କବିତା ହେଉଛି—'ବସନ୍ତବାସର' । ଏଥିରେ କବି ବସନ୍ତ-ପ୍ରକୃତିର ଚମତ୍କାର ଚିତ୍ରଣ କରି ଅଛନ୍ତି । ପ୍ରକୃତିର ଯଥାଯଥ ଚିତ୍ରଣରେ ଓ ବର୍ଣ୍ଣନରେ କବି ଗଙ୍ଗାଧର କିପରି

Digitized by srujanika@gmail.com

ସିଦ୍ଧହସ୍ତ ତାହା ଆମେ ଆଗରୁ କହିଛୁଁ । ଏ ସ୍ଥଳରେ ସାମାନ୍ୟ ଗୋଟିଏ ଦୃଷ୍ଟାନ୍ତ ଦେଲେ ତାହା ସହୃଦୟ ପାଠକମାନଙ୍କଦ୍ୱାରା ସମର୍ଥିତ ହେବ ।

ଯଥା :—

ଦେଖୁଁ ଦେଖୁଁ ଆସିଗଲେ ସେ ବନବାନ୍ଧବ
ମଧୁର କରଣେ କଲେ ଶୀତର ଲାଘବ ।
ପ୍ରକାଣ୍ଡ ମୂରତି ଧରି ଦେଇ ଦରଶନ,
ଆହ୍ଲାଦରେ ହରି ନେଲେ ହୃଦ ସଙ୍ଗେ ମନ ।
ଆଉଁସି କଦୁମ୍ବ କରେ ଗିରି ତରୁ ଶିର
ପୋଛିଦେଲେ ପ୍ରକୃତିର ନୟନର ନୀର ।
ହସିଲା ଧରଣୀ ରଙ୍ଗ ପଲାଶ-ଦଶନେ,
ଶାଲ୍ମଳୀ ଲଗିଲା ରଙ୍ଗ କୁସୁମ ବର୍ଷଣେ ।
ଲଗିଲା କୌତୁକ ବନେ ଅଟବୀ-ଦେବୀର
ଉଡ଼ିଲା କମଳାଗୁଣ୍ଡି ସୁରଙ୍ଗ ଅବୀର ।
ଧାତକୀ କୁସୁମ ରଙ୍ଗ ନବ କିଶଳୟ
କାନନ ଅଙ୍ଗକୁ କରି ଦେଲେ ରଙ୍ଗମୟ । ଇତ୍ୟାଦି

କବିଙ୍କ ଜୀବନୀରୁ ଆମେ ଜାଣୁଁ ଯେ ଭଂଜୀୟ ସାହିତ୍ୟ ଥିଲା କବିଙ୍କର ପ୍ରଧାନ ମାନସିକ ଖାଦ୍ୟ । ସୁତରାଂ ତାର ପ୍ରଭାବକୁ କବିଙ୍କ ସାହିତ୍ୟ ଏଡ଼ାଇ ପାରିନାହିଁ । ତାହା ଏ କବିତାର କେତେକ ପଦରୁ ଅନୁମିତ ହୁଏ । କବି କି ପ୍ରାଚୀନତା କି ନୂତନତା ଉଭୟ ପ୍ରକାର ଲେଖା ଓ କାବ୍ୟ ସୃଷ୍ଟିରେ ଧୂରନ୍ଧର ଥିଲେ । ତାଙ୍କର ଆଦ୍ୟ ରଚନା 'ରସ ରତ୍ନାକର' ଏହାହିଁ ପ୍ରମାଣ କରେ ଯେ କବି ଯେପରି ଲେଖାରେ ହାତ ଦେଉଥିଲେ ତହିଁରେ ତାଙ୍କର ପାରଦର୍ଶିତା

Digitized by srujanika@gmail.com

ଫୁଟି ଉଠୁଥିଲା । ଏହାହିଁ ସ୍ୱଭାବ କବିର ଲକ୍ଷଣ । ଏ ସ୍ଥଳରେ କେତେକ ପଦରେ କବିଙ୍କର ଲେଖାରେ ପ୍ରାଚୀନ ସାହିତ୍ୟର ପ୍ରଭାବ ଲକ୍ଷ୍ୟ କରିବାର କଥା ।

ଯଥା :—

ପ୍ରାଚୀର ମସ୍ତକେ ବସି ଚଟକ ନିକର
ପ୍ରାଚୀର ମସ୍ତକେ ରହିଁ ନବ ଘନକର,
ବିହଙ୍ଗ ସ୍ୱଭାବେ ହେଲେ ପୁଲକ୍ଷ ଅଚଘନ
ବିହଙ୍ଗ ସ୍ୱଭାବେ ତେଣେ ପୁଲକ୍ଷ ସଂହନନ ।

କିମ୍ବା

ପତଙ୍ଗ ଉଡ଼ୁଥାନେ ଏଣେ ଉଡ଼ୁଥିଲା ପତଙ୍ଗ,
ନବରଙ୍ଗ କରଣରେ କଲେ ନବରଙ୍ଗ । ପ୍ରଭୃତି ପଦ

ରାଧାନାଥ ଯୁଗରେ କେବଳ ମେହେରଙ୍କର ରଚନାରେ ଦେଖାଯାଏ ।

ଭଂଜୀୟ ଛନ୍ଦ ମାଧୁର୍ଯ୍ୟ ଓ ରାଧାନାଥ ଯୁଗର ନବୀନତାର ଅପୂର୍ବ ସମନ୍ୱୟ ସାଧନ କରି ଗଙ୍ଗାଧର ପ୍ରଶଂସ୍ୟ ହୋଇଥିଲେହେଁ ଅନେକସ୍ଥ ଭଂଜୀୟ ଭଙ୍ଗୀର ଅନୁକୃତି ଯୋଗୁଁ ଗଙ୍ଗାଧରଙ୍କ ରଚନା କ୍ଳିଷ୍ଟ ହୋଇ ପଡ଼ିଛି । ତାର ଉଦାହରଣ ଉପଯୁକ୍ତ ପଦମାନଙ୍କରୁ ମିଳୁଛି । ଏହାପରେ ଗଙ୍ଗାଧରଙ୍କ ଉପରେ ରାଧାନାଥ ରଚନାର ପ୍ରଭାବ ପଡ଼ିଥିଲେହେଁ କବି ସ୍ୱୀୟ ପ୍ରୋଜ୍ଜ୍ୱଳ ପ୍ରତିଭା ବଳରେ ଯେଉଁ ଅପୂର୍ବ ମନୋହର କଳ୍ପନାର ନଜିର ଦେଇ ପାରିଅଛନ୍ତି ତାହା ନାହିଁ ରାଧାନାଥଙ୍କ ରଚନାରେ, ନାହିଁ ମଧୁସୂଦନଙ୍କ ରଚନାରେ । ତେବେ ବି ଗଙ୍ଗାଧରଙ୍କ—

Digitized by srujanika@gmail.com

'ବେଣୁରୂପୀ ବନ-କାଷ୍ଠ କାଟେ ଯଥା ବନ' ଏବଂ ରାଧାନାଥଙ୍କ 'ମହାଯାତ୍ରା'ର—

କୁଠାରେ ଲଗନ ହୋଇ ବେଣୁରୂପେ ଯଥା
ନାଶେ ତରୁ ବନଦେଶେ ଅନ୍ୟ ତରୁଦଳେ । କମ୍ବା

ରାଧାନାଥଙ୍କ 'ଉର୍ବଶୀ'ର—

"ରହ, ଅଟକଲା କଣ୍ଟାରେ ବସନ"
ବୋଲିବାରୁ ଉରୁବଶୀ,
"ଅଟକିବ, ଜାଣିଥିଲି, ଛଟକିନି,"
ସଜନୀ ବୋଇଲା ହସି ।

ଏବଂ ଗଙ୍ଗାଧରଙ୍କ ପ୍ରଣୟ-ବଲ୍ଲରୀର—

"କୁରୁବକ କଣ୍ଟା ଲାଗିଗଲା" ବୋଲି
ସଖିଙ୍କି କହିଲା ଛଳ,
ପ୍ରିୟମ୍ବଦା ବୋଲେ, "ପୁରୁବକ ଅଣ୍ଟା
ମୀନାକ୍ଷି, ଗଲା କି ଗଳା ?" ପ୍ରଭୃତି ପଦ

ଓ ପାଦରେ ରାଧାନାଥଙ୍କ ପ୍ରଭାବ କମ୍ ନୁହେଁ । ମାତ୍ର ପ୍ରଥମ ତୁଳନାରେ ଗଙ୍ଗାଧରଙ୍କ ବାକ୍‌ସଂଯମ ଓ ଦ୍ୱିତୀୟ ତୁଳନାରେ ତାଙ୍କର କଳ୍ପନାର ବିଶେଷତା ଲକ୍ଷ୍ୟ କଲେ ସହୃଦୟ ପାଠକ ଅଭିଭୂତ ହୋଇ ପଡ଼ିବେ । କଳ୍ପନା ଓ ସଂଯମ ଦିଗରେ ଗଙ୍ଗାଧର ଓ ରାଧାନାଥଙ୍କ ବିଶେଷତା ଏଥିରେ ପରିସ୍ଫୁଟ ।

କବି ଗଙ୍ଗାଧରଙ୍କ ସୂକ୍ଷ୍ମ ଦୃଷ୍ଟି ଓ କବି-ପ୍ରତିଭା କିପରି ପ୍ରକୃତି ଓ ଜୀବ ଜଗତରୁ ଗୁଣ ଗ୍ରହଣ କରି ମାନବ ସମାଜକୁ ଦାନ କରି ପାରିଛି ଓ ବର୍ଣ୍ଣନାର ମୌଳିକତାରେ, କଳ୍ପନାର ରସାଳତାରେ,

Digitized by srujanika@gmail.com

ପ୍ରକାଶର ଅଭିନବ ଭଙ୍ଗୀରେ କେତେ ମନୋଜ୍ଞ ପଦାବଳି ଚୋଳି ପାରିଛି, ତାହା ଏଇ କବିତାର କେତୋଟି ପଦରୁ ସ୍ପଷ୍ଟ ଅନୁମିତ ହେବ । ତଦୁପରି ମଧୁପ ମୁଖରେ ବଟବୃକ୍ଷର ଝୁରିତ୍ୱ ବର୍ଣ୍ଣନରେ—

'ଭୀତ ନୁହେଁ ସେ ପାଦପ ଗ୍ରୀଷ୍ମଙ୍କ ପ୍ରତାପେ
ଅସଂଖ୍ୟ ପାଦରେ ଉଭା ହୋଇଅଛି ଆପେ' ରୁ କବି

ଗଙ୍ଗାଧରଙ୍କ ମନୋଜ୍ଞ ଓ ସରସ କଳ୍ପନା ସହଜରେ ଅନୁମେୟ । କବିଙ୍କ ଜୀବନ ଅତି ସରସ ଓ ସୁନ୍ଦର ଥିଲା । ଚିର ଦାରିଦ୍ର୍ୟ ଭିତରେହିଁ କବି ନିଜ ପ୍ରାଣକୁ ସନ୍ତୋଷ ପ୍ରଦାନ କରି ଜଗତକୁ ହସାଇ କନ୍ଦାଇ ପାରିଛନ୍ତି ।

ଗ୍ରୀଷ୍ମର ଆଧିକ୍ୟ ବର୍ଣ୍ଣନରେ କବିଙ୍କ ମୌଳିକତା ଦ୍ରଷ୍ଟବ୍ୟ—

ଦେଖିଲେ ମନ୍ଥ୍ୟକ ସାହା ହେଉଅଛି ଛାୟା,
ତା ପ୍ରତି ନିଷ୍ଠୁର ହେଲେ ତେଜ ପତ୍ନୀ ମାୟା ।
ଛାୟା କରିଥିଲା ଯେତେ ଭୂମି ଅଧିକାର,
କ୍ରମରେ ହରିଲେ କରି ସ୍ୱକର ବିସ୍ତାର ।
ସ୍ୱାମୀ ଅବାଧ୍ୟତା ଗୃହିଁ ଛାୟା ଅପସରି
ରହିଗଲା ପାଦପର ତଳ ଆଶ୍ରା କରି । ଇତ୍ୟାଦି

ଏ ସମସ୍ତ ପଦ କବି ଅଭିପ୍ରେତ- ଭଙ୍ଗୀରେ ପ୍ରକାଶ କରି ନିଜ ବିଲକ୍ଷଣ କବି ଶକ୍ତିର ପରିଚୟ ଦେଇ ଯାଇଅଛନ୍ତି । ଏହା ବାହାରେ କବିଙ୍କର ସ୍ୱଭାବ ସୁନ୍ଦର ଯଥାବତ୍ ବର୍ଣ୍ଣନାରେ କପରି ମହାପୁରୀ ଶକ୍ତି ଥିଲା—ଦେଖିବାର କଥା—

ତପନ ତାପରେ ହେଲା ଧରଣୀ ବିକଳ
ରସନା ଲମ୍ବାଇ ଶ୍ୱାନ ଲେଉଡ଼େ ଛାୟାତଳ;

Digitized by srujanika@gmail.com

ତରୁ ଡାଳେ ବସି ପକ୍ଷ ବବୃତ ବଦନ
କ୍ୱଚିତ ଶୁଭଇ ତା'ର ନିର୍ଗଳିତ ନିଃସ୍ୱନ ।
କ୍ୱଚିତ ଉଡ଼ଇ ଏକ ବୃକ୍ଷୁଁ ବୃକ୍ଷାନ୍ତର,
ଅବଲମ୍ବେ ବସେ ହୋଇ ଆତପ କାତର ।

ପ୍ରଭୃତି ପଦରେ କି ଭଳି ଚମତ୍କାର ସ୍ୱଭାବୋକ୍ତି ସହିତ କବିଙ୍କର ତୀକ୍ଷ୍ଣ ଦୃଷ୍ଟିର ପରିଚୟ 'ଦେହନା ଲମ୍ବାଇ ଶ୍ୱାନ ଲେଉଡ଼େ ଛାୟାତଳେ', 'ତରୁ ଡାଳେ ବସି ପକ୍ଷୀ ବିବୃତ ବଦନ' ପ୍ରଭୃତିରୁ ମିଳେ ତାହା ପ୍ରଣିଧାନ୍ୟ ମାତ୍ର; କବିଙ୍କ ସୂକ୍ଷ୍ମ ଦୃଷ୍ଟି ସମ୍ଭେ ଓ ସ୍ଥୂଳ ବର୍ଣ୍ଣନରେ କବିଙ୍କର ପ୍ରକୃତି ପର୍ଯ୍ୟବେକ୍ଷଣରେ ସ୍ଫୁଟି ପରିଲକ୍ଷିତ ହୁଏ ।

ଏହି କାଳେ କମଳିନୀ ବୁହିଁ ପତି ମୁଖ
ସଜଳ ନୟନ ହୋଇ ଜଣାଇଲା ଦୁଃଖ,
କହି ନ ପାରିଲା ଦରସ୍ଫୁଟିତ ବଦନା
ମଧୁକର ଆସି ସବୁ କଥା କଲା ଜଣା ।

ଏଠାରେ 'କହି ନ ପାରିଲା ଦରସ୍ଫୁଟିତ ବଦନା' କହିବାରେ କବିଙ୍କ ଅତୁଳନୀୟ କବି ପ୍ରତିଭା ସହିତ ପରିଚୟ ସ୍ଥାପନ କରନ୍ତି ! ପରେ—

ବିନୟେ ବୋଇଲା ଦେବ ଦେବ ଗ୍ରହରାଜ,
ଲୋକଙ୍କର ବ୍ୟବହାର କି କହିବି ଆଜ;
ମୁଁ ଦୀନ ଭିକ୍ଷୁକ ନିତି ଦ୍ୱାରେ ଦ୍ୱାରେ ବୁଲି
ମଧୁ ଭିକ୍ଷା କରୁଥାଏଁ କାଖେ ଧରି ଝୁଲି,
କମଳିନୀଠାରେ ମୋର ବଡ଼ ଆଶା ଥାଏ,
ତା' ମୁଷ୍ଟି ମଧୁରେ ଝୁଲି ଗୋଟି ଭରିଯାଏ ।

Digitized by srujanika@gmail.com

ନିତି ଉପକାରୀର ଲୋକେ ନ ଥାଏ ଆଦର,
ଏହା ଭାବ ଥରେ ଭ୍ରମି ଗଲି ଦେଶାନ୍ତର ।

ଏ ସ୍ଥଳରେ 'ନିତି ଉପକାରୀର ଲୋକେ ନ ଥାଏ ଆଦର' ପାଦଟିରେ କବିଙ୍କ ସୂକ୍ଷ୍ମ ଦୃଷ୍ଟି, ମାନବ ଜଗତରୁ ସାର ସଂଗ୍ରହ ଦକ୍ଷତା ଓ ନିଗୂଢ଼ ସତ୍ୟତା କେତେଦୂର ରହିଛି, ତାହା ଅନୁଧ୍ୟାନ କରିବାର କଥା । ସଙ୍ଗେ ସଙ୍ଗେ—

ଦେଖିଲି ମାନବଙ୍କର ତହିଁ ଅତ୍ୟାଚାର,
ସ୍ୱାର୍ଥ ପାଇଁ ନ କରନ୍ତି ଧର୍ମର ବିଚାର । ପଦରେ ମାନବର ସ୍ୱାର୍ଥପରତାରେ ଧର୍ମର କପରି ବିଲୋପ ସାଧନ ହେଉଛି, ତାହା ସୁସ୍ପଷ୍ଟ । ଏଠାରେ ଧର୍ମ ଅର୍ଥ ମାନବର କରଣୀୟ କର୍ମ । ଯାହା ମନୁଷ୍ୟ ଜାତିର କର୍ତ୍ତବ୍ୟ ଯେତେବେଳେ ତାର ଅସତ୍ ବ୍ୟବହାର କରି ନିଜ ସ୍ୱାର୍ଥ ସିଦ୍ଧି କରିଥାଏ, ସେତେବେଳେ ମନୁଷ୍ୟ ନିଜର ମନୁଷ୍ୟତା ଅର୍ଥାତ୍ 'ଧର୍ମ' ହରାଏ । ଅନ୍ୟର ସଞ୍ଚିତ ଧନକୁ ଲୁଣ୍ଠନ କରି ଖାଇବା, ଅନ୍ୟର ଶ୍ରମ ଉପରେ ନିର୍ଭର କରି କାଳାତିପାତ କରିବା ମନୁଷ୍ୟ ଧର୍ମର ଅନ୍ତରାୟ ମାତ୍ର । ଏଣୁ କବି 'ମଧୁପ'ର ମୁଖରେ ମନୁଷ୍ୟ ଜାତିର ଅମାନୁଷିକତା ପ୍ରମାଣ କରିଛନ୍ତି ନିମ୍ନୋକ୍ତ ଦୃଷ୍ଟାନ୍ତ ଦ୍ୱାରା—

ମହୁମାଛିମାନେ ମୋହପରି ଭିକ୍ଷା କରି
ମଧୁ ଧନ ରଖିଥିଲେ ଭଣ୍ଡାରରେ ଭରି,
ମାନବେ ପ୍ରବେଶି ତହିଁ ଲଗାଇ ଅନଳ,
ତଡ଼ି ତାଙ୍କୁ ନେଇ ଗଲେ ସେ ଧନ ସକଳ ।
କୁକାଳ ଆସିଲା ବୋଲି ପାଳିବତଗଣ
କୁକୁଳୁ କୁକୁଳୁ ରବ କଲେ ବିଘୋଷଣ ।

Digitized by srujanika@gmail.com

'ପାରାବତ' ଏଠାରେ କବି ବନ୍ୟ ପାରାବତକୁ ଅର୍ଥାତ୍ କପୋତକୁ ଲକ୍ଷ୍ୟ କରିଅଛନ୍ତି । କାରଣ ବସନ୍ତ ବା ଗ୍ରୀଷ୍ମରେ କପୋତର କରୁଣ ସ୍ୱନ ଅନେକେ ଶୁଣିଥିବେ । ତା'ର ବାସ୍ତବ ସ୍ୱନ ହେଉଛି କୁଁ କୁଁ—କୁଁ, କୁଁ କୁଁ—କୁଁ । ମାତ୍ର କୁକୁରୁ, କୁକୁରୁ, ନୁହେଁ । କବି ଗଙ୍ଗାଧର ସୂକ୍ଷ୍ମଦ୍ରଷ୍ଟା କବି ବୋଲି ଏହାର ଆମେ ସମାଲୋଚନା କରିଛୁଁ । ଅନ୍ୟ କବି ପକ୍ଷରେ ଏହା ଅବଶ୍ୟ ଧର୍ତ୍ତବ୍ୟ ହୋଇ ନ ଥାନ୍ତା । ଏ ସମସ୍ତ ସତ୍ତ୍ୱେ ଯେତେବେଳେ—

ଗୋରୁଏ ପଡ଼ିଲେ ଆଶ୍ରା କରି ତରୁ ତଳ
ଧୀରେ ଧୀରେ କରୁଥାନ୍ତି ରୋମନ୍ଥ କେବଳ
ମାନବ କେ ଆଶ୍ରା କଲା ପ୍ରାସାଦର ଛାଇ,
କେ ଅବା ରହିଲା ନିଜ କୁଟୀରକୁ ଯାଇ;
ପଥିକ ଚଳିଲେ ପଥ ଛତ୍ର ଧରି କରେ,
ନ ଗଲେ ନ ଚଳେ ବୋଲି ବଣିକର ମନରେ ।

ପ୍ରଭୃତି ଆମେ ପାଠ କରୁଁ ସେତେବେଳେ କବିଙ୍କ ପ୍ରତି ଯଥେଷ୍ଟ ସହାନୁଭୂତି ଜନ୍ମିଥାଏ ।

ପରିଶେଷରେ ମଧୁସୂଦନଙ୍କ ପରି ଈଶ୍ୱରନିର୍ଭର ହୋଇ କବି ଏ କବିତାର ଇତି କରିଛନ୍ତି । ତାଙ୍କରି ଆଦେଶରେ ପ୍ରକୃତି କିପରି ନବ ନବ ବେଶରେ ଧରା ପୃଷ୍ଠରେ ଅବତୀର୍ଣ୍ଣ ହେଉଛି ତାହା ଦର୍ଶାଇ କବି ଗାଉଛନ୍ତି—

କରି ମହାମହିମଙ୍କ ମହିମା ସ୍ମରଣ
ନିଅ ସେ ମଙ୍ଗଳମୟ ଚରଣେ ଶରଣ ।

କବିଙ୍କର ଏଇ ଈଶ୍ୱର-ନିର୍ଭର ଗୁଣଟି ବାଲ୍ୟାର୍ଜ୍ଜିତ କହିବାକୁ ହେବ । ପିତାଙ୍କ ସଙ୍ଗେ ଜଗନ୍ନାଥ ମନ୍ଦିର ପ୍ରତି ପ୍ରଭାତରେ ଦର୍ଶନ

Digitized by srujanika@gmail.com

ନ କରି କୌଣସି ଦିନ ସେ ଅତିବାହିତ କରିଥିଲେ ଏପରି ନୁହେଁ । ଭକ୍ତିର ଏଇ ସରଳତା କ୍ରମେ ଗମ୍ଭୀର ରେଖା ତାଙ୍କ ହୃଦୟରେ ଟାଣି ନେଇଥିଲା ଏପରି ଲେଖାବଳୀର ସମ୍ଭବ ହେଲା । କବି ନିଜ ଦୈନ୍ୟର କୌଣସି ଚିନ୍ତା ନ କରି ସେଇ ଅମୃତମୟ ଈଶ୍ୱରଙ୍କ କରୁଣାର ଅମୃତ ଝରଣାରେ ଅବଗାହନ କରି ପାରିଥିଲେ ଓ ତଦ୍ଵାରା ତାଙ୍କର କବିପ୍ରାଣ ତୁଷ୍ଟ ରହିଥିଲା ।

‘କବିତା-କଲ୍ଲୋଳ’ର ଚତୁର୍ଥ କବିତା ହେଉଛି ‘ସୋମନାଥ ବିଜୟ’ । ‘ସୋମନାଥ’ ସମ୍ବଲପୁର ନିକଟସ୍ଥ ଗୋଟିଏ ମନ୍ଦିର । ଏହାର ପୂର୍ବରେ ବାଲିବନ୍ଧା । ବାଲିବନ୍ଧାରେ ପାଣି ସୋପାନ ପଥ ବାଟେ ଉଠି ଏହି ସୋମନାଥଙ୍କ ଚରଣ ଧୌତ କରୁଅଛି । ଦକ୍ଷିଣରେ ମହାନଦୀ ପ୍ରବାହିତା । ଏ କବିତାରେ କବି ନିଜ କଳ୍ପନାର ସୁନାକାଠିରେ ସମ୍ବଲପୁର ବା ଓଡ଼ିଶାର ପ୍ରକୃତି ମହାନଦୀକୁ କିପରି ରୂପାୟିତ କରିଅଛନ୍ତି, ଦେଖନ୍ତୁ—

ଦକ୍ଷିଣରେ ମହାନଦୀ ହୁଏ ପ୍ରବାହିତ
ବିଶ୍ୱନାଥ ପାଶେ ଯଥା ସୁର ତରଙ୍ଗିଣୀ,
କିନ୍ତୁ ସେ ଧବଳ ବେଣୀ ବୃନ୍ଦାରେ ଗଣିତ
ଏ ସୁରମ୍ୟ ନୀଳ ବେଣୀ ମାନସ ରଞ୍ଜିନୀ ।

ଏହା ‘କଳୌ ଶିବୋପୂଲା ଗଙ୍ଗା’ ଠାରୁ ବହୁଗୁଣରେ ଚମତ୍କାରିତା ଓ ସରସତା ଆଣୁନାହିଁ କି ? ଯୁକ୍ତି ଦ୍ୱାରା କବି ନିଜ ଜନ୍ମଭୂମି ଉତ୍କଳ ମହାନଦୀକୁ କିପରି ଉତ୍କୃଷ୍ଟ ସ୍ଥାନ ଦେଇଛନ୍ତି । ଏଥିରେ ତାଙ୍କର ଦୀପ୍ତ ଜାତୀୟତାର ସ୍ପଷ୍ଟ ବିକାଶ ଘଟିଛି । ଏହା ପରେ

Digitized by srujanika@gmail.com

ଏଥିରେ କବିଙ୍କର ଚମତ୍କାର କଳ୍ପନା ଓ କବିତ୍ୱର ଉଦାହରଣ ନିମ୍ନୋକ୍ତ ପଦମାନଙ୍କରେ ଦେଖିବାର କଥା—

କାନ୍ଦିଅଛି ରାଜପୁର କପୋତ ବଦନେ
ବିକଳ ଉଚ୍ଛ୍ୱାସେ କରି ସକରୁଣ ସ୍ୱର,
ପୂର୍ବ ଗଉରବମାନ ସୁରି ସୁରି ମନେ
ତମ ବ୍ୟାଜେ ଦୁଃଖେ ଭରି ହୃଦୟ-କନ୍ଦର;
ସେ ଉଜ୍ଜ୍ୱଳ ଅବରୋଧ ଉଜ୍ଜ୍ୱଳ ବସନେ
ଉଜ୍ଜ୍ୱଳ ରତନେ ହୋଇଥିଲା ଉଦ୍ଭାସିତ,
ତାକୁ ଆଜ ଲୂତା ତନ୍ତୁ ଜାଲ ଢାଙ୍କେ ଘନେ
କରୁଅଛି ଚର୍ମଚଟୀ ମଳ ଦୁର୍ବାସିତ;
ଦେଖ ନାଥ ! ଯାଉଅଛି ଫାଟି ତାର ହୃଦ
ପାଶେ ଥାଉଁ ଥାଉଁ ତୁମ୍ଭେ ଅନାଥ ସୁହୃଦ ।

କିମ୍ବା—

ପୂର୍ବେ ପଶ୍ଚିମରେ ଥାଇ ରମ୍ୟ ଶ୍ୟାମ ବନ
ଗଗନକୁ ଟେକିଛନ୍ତି ଲମ୍ବ ଲମ୍ବ ଚୂଳ,
ବାଳିବନ୍ଧା ଜଳ ତଳ ପାତାଳ ଭବନ
ମଣ୍ଡିଛନ୍ତି ନମ୍ର ଶିରେ ଭେଦି ବେନି କୂଳ ।
ଦିଶୁଛନ୍ତି ବେନି ବନ ପରସ୍ପର କରି—
ପ୍ରସାରଣ କରିଛନ୍ତି ଛନ୍ଦିବାର ଲୋଭେ
ଜଳ ଲଙ୍ଘନରେ ହୋଇଛନ୍ତି ଅଗ୍ରସର,
ନ ପାରି ମିଳିବେ ଯେହ୍ନେ ରହିଛନ୍ତି କ୍ଷୋଭେ । ପ୍ରଭୃତି

ଲେଖାରୁ କବିଙ୍କର କଳ୍ପନା ଶକ୍ତିର ମହାନତା ଓ ସରସତା ଅବଧାରଣ କରି ହୁଏ । ତଦୁପରି ସ୍ୱଭାବ ସୁନ୍ଦର ଯଥାଯଥ ଶବ୍ଦ ଦେବାରେ କବିଙ୍କର ପାଟବ ଦେଖନ୍ତୁ—

Digitized by srujanika@gmail.com

ମାଙ୍କୁଆଡ଼ମାନେ କୋଟ ନଦୀ ଜଳେ ବୁଲା—
ଜାଲି ଜାଲି ବୁଲୁଥିବେ ମତ୍ସ୍ୟଜୀବୀମାନେ;
ବାଲୁକାରେ ସ୍ଥାନେ ସ୍ଥାନେ ଜଳୁଥିବ ଚୁଲ୍ଲୀ,
ଦୂରେ ଦୂରେ ଦିଶୁଥିବ ବହ୍ନି ସାନୁମାନେ ।
ବାଲିରେ ଗାମୁଛା ପାରି ନଗର ନିବାସୀ
ଶୋଇ ବସି କରୁଥିବେ ଘର୍ମ ଉପଶମ;
ଗଳ୍ପ ସଲ୍ପ ସ୍ରୋତେ ମନ ଯାଉଥିବ ଭାସି,
ଜଳଦକୁ ଲୋଡ଼ୁଥିବେ ଚାତକ ଉପମ ।

ଏଇ ଚିତ୍ରର ଯାଥାର୍ଥ୍ୟ ଗ୍ରୀଷ୍ମକାଳରେ ସମ୍ବଲପୁରବାସୀଙ୍କୁ ବୁଝି ପାରିବ । ଏପରି ସ୍ୱାଭାବିକତା ଏଥିରେ ଫୁଟିଛି ଯେ ସମ୍ବଲପୁର ମହାନଦୀ ବାଲିରେ ଗ୍ରୀଷ୍ମକାଳର ସେଇ ଦୃଶ୍ୟରାଜି ଜୀବନ୍ତ ଭାବରେ ଆଖି ଆଗରେ ନାଚି ଯାଉଛି ।

ଏହି ଭଳି ବହୁ ସରସ ଓ ସୁନ୍ଦର କଳ୍ପନାର ପରିଚୟ ଏଇ କବିତାର ପଦମାନଙ୍କରୁ ମିଳିବ । ବାହୁଲ୍ୟ ଭୟରେ ଅଳ୍ପ କେତୋଟି ପ୍ରଦର୍ଶିତ ହେଲା । କବିଙ୍କର ସୂକ୍ଷ୍ମ ଦୃଷ୍ଟି, କଳାପାଟବ, ରସାଳ-କଳ୍ପନା ପ୍ରକାଶ ଭଙ୍ଗୀ ଏ ସବୁର ଯାଥାର୍ଥ୍ୟ ଓ ମନୋହାରିତା ଏ କବିତାର ଛତ୍ରେ ଛତ୍ରେ ଫୁଟି ଉଠିଛି । ପ୍ରତ୍ୟକ୍ଷ ଦର୍ଶନକୁ କବି ଯେପରି ରୂପ ଦାନ କରି ପାରିଛନ୍ତି ତାହା ତାଙ୍କ ଅସାଧାରଣ କବି-ପ୍ରତିଭା ବୋଲି ସ୍ୱୀକାର କରିବାକୁ ହେବ ।

ସପ୍ତମ କବିତା 'ବର୍ଷାଚିତ୍ର'ରେ କବିଙ୍କର ସ୍ୱଭାବ ସୁନ୍ଦର ବର୍ଷା ବର୍ଣ୍ଣନା ଦେଖିବାର କଥା—

ନାଟ୍ୟକାର ପରି ଆସି ବରଷା ସମୟ
ଦେଖାଇଲା ଲୋକେ ନବ ନବ ଅଭିନୟ;

Digitized by srujanika@gmail.com

କେତେବେଳେ ଏକ ଦିଗୁଁ ଉଠି ନବ ଘନ
ଦେଖୁଁ ଦେଖୁଁ ଢାଙ୍କିଦିଏ ସମସ୍ତ ଗଗନ ।
ଅନ୍ତରିତ ହୋଇଯାଏ ସ୍ୱର୍ଣ୍ଣ ବର୍ଣ୍ଣ ଖରା
ଶ୍ୟାମସ୍ନିଗ୍ଧ ଛାୟାବୃତା ହୋଇଯାଏ ଧରା । ଇତ୍ୟାଦି

ଏଠାରେ କବି ବର୍ଷାକୁ ନାଟ୍ୟକାରରୂପେ ବର୍ଣ୍ଣନ କରିବା ହେତୁ ତାର ବିଭିନ୍ନ ଅଭିନୟର ଚିତ୍ର ଦେଇଛନ୍ତି । ଅନ୍ୟତ୍ର—

କୃଷି କ୍ଷେତ୍ରେ ବହେ ଜଳ ଲଙ୍ଘି କୃଷି ବନ୍ଧ,
ପର୍ବତୁଁ ଝରଇ କରି ଝର୍ଝର ନିନାଦ,
ଗଜ ଶୁଣ୍ଡ ସମ ଧାରା ଅଣ୍ଟାଳରୁ ଝରେ,
ରୌପ୍ୟତାର ପରି ଗୁହୁଁ ପଡ଼େ ଘରେ ଘରେ;
ସ୍ରୋତସ୍ୱିନୀ ବହେ ଖରେ ପ୍ଲାବି ବେନି କୂଳ,
ଉତ୍ପାଟନ କରି ତଟ ବିଟପୀଙ୍କ ମୂଳ । ଇତ୍ୟାଦି ।

ଏଥିରେ ବର୍ଷାର କିପରି ସ୍ୱଭାବସୁନ୍ଦର ଯଥାବତ୍ ବର୍ଣ୍ଣନ ହୋଇ ପାରିଛି, ତାହା ଲକ୍ଷ୍ୟ କରିବାର କଥା । ଏ କବିତାର ଗୋଟିଏ ପଦରେ କବି ଗାଇଛନ୍ତି—

ଚାଳେଁ ବସି କାକ କରୁଥାଏ କାଆ କାଆ
ବୋଲୁଥାଏ ପରା ବଣିପତି "ବାହା ବାହା" ।

ପଶୁ ପକ୍ଷୀ ଦାରା ମଧ୍ୟ କବି ଈଶ୍ୱରିକ ମହିମାକୁ କିପରି ମହିମାନ୍ୱିତ ଓ ମଧୁର କରିଛନ୍ତି, ଅନୁଧ୍ୟାନ କରିବାର କଥା । ଯେ କୌଣସି କବି ପକ୍ଷରେ ଏହା ସମ୍ଭବ ନୁହେଁ ।

ମାଳ ମାଳ ପକ୍ୱତାଳ ବୃକ୍ଷରେ ସୁନ୍ଦର
ମସ୍ତକେ ପଡ଼ିବ ବୋଲି ମାନବଙ୍କୁ ଡର

Digitized by srujanika@gmail.com

ଆସୁ ସ୍ମରଣ ନ କରି ରୁକ୍ଷ ଗର୍ବ ବନ୍ଧି
କନକ ବରଣ ଜହ୍ନି ଫୁଲ ବିକଶଇ । ପ୍ରଭୃତି ପଦମାନଙ୍କରେ କବିତ୍ୱ ରହିଛି ଓ ସରସତା ରହିଛି । ଏଥିରେ କବି ନିଜ ସରସ ହୃଦୟର ପରିଚୟ ଦେଇଅଛନ୍ତି ।

ପରିଶେଷରେ ବର୍ଷାଗର୍ବୀର ଜୀବନ୍ତ ଚିତ୍ର ଦେଇ କବି ଲେଖିଅଛନ୍ତି—

ହୃଦବନ ଦଗ୍ଧ ଯାର ଦୁଃଖ-ଦାବାନଳେ,
ଛଟପଟ ତାର ପ୍ରାଣ-କୁରଙ୍ଗ ବିକଳେ;
ଘୃଣା କରି ନିଦ୍ରା ତାର ନିକଟେ ନ ଯାଏ,
ନିଶି ଭୀଷଣତା ବେଗ ତାହାପାଇଁ ଥାଏ ।

ଏହା କବିଙ୍କ ନିଜ ଘନ ଜୀବନର ଅନୁଭୂତି ହୋଇଥାଇ ପାରେ । "ନିଦ୍ରାବିଭ ଜୀବଗଣ କଲରବ ନାହିଁ, ରଜନୀ ଗର୍ଜନ ସ୍ରୋତ ଚଳେ ଝାଇଁ ଝାଇଁ" କହି ସାରିବା ପରେ କବି ଉପର୍ଯ୍ୟୁକ୍ତ ପଦଦ୍ୱୟ ଗାଇଛନ୍ତି । ଅନୁଭବୀ ନ ହେଲେ ଏପରି ସ୍ୱାଭାବିକତା କିପରି ଫୁଟି ପାରନ୍ତା । କବିର ସ୍ୱୀୟ ଜୀବନର ଅନୁଭୂତି ସ୍ୱଭାବତଃ ତା'ର କାବ୍ୟ-କବିତାରେ ପ୍ରଚ୍ଛନ୍ନ ଭାବରେ ଫୁଟି ଉଠି ଥାଏ । ତାହା ଆଲୋଚନା ଓ ପର୍ଯ୍ୟାଲୋଚନାରୁ ଜଣାପଡ଼େ । କାହିଁକନା କାବ୍ୟ ବା କବିତା ହେଉଛି କବିର ହୃଦୟ ମୁକୁର । ନିଜ ହୃଦୟର ପ୍ରତିବିମ୍ବ ଏଥିରେହିଁ ପ୍ରତିବିମ୍ବିତ ହେବା ଅତି ସ୍ୱାଭାବିକ ।

ସେ ଯାହା ହେଉ, କବିବର ଗଙ୍ଗାଧର ଘନ ଥାଇ ମଧ୍ୟ ଏ ଓଡ଼ିଆ ଜାତିକୁ ଯେଉଁ ଅମୂଲ୍ୟ ଧନ ରତ୍ନ ଦେଇ ଯାଇଛନ୍ତି ସେଥିପାଇଁ ସେ ଅମର ଓ ସ୍ୱର୍ଗୀୟ ଧନରେ ଧନୀ !

Digitized by srujanika@gmail.com

ମେହେରଙ୍କର "ମହିମା"

ସ୍ୱର୍ଗତ କବି ଗଙ୍ଗାଧର ସାମାଜିକ ଜୀବନରେ ଅମାୟିକ, ସରଳ, ଉଦାର, ଉନ୍ନତମନା ତଥା ସ୍ୱାଧୀନଚେତା ଥିବାର ଆମେ ଜାଣୁଁ । ତାଙ୍କର ମଧୁମୟ ବ୍ୟବହାରରେ ଅନେକେ ମୁଗ୍ଧ ହୋଇ ତାଙ୍କ ସହିତ ଆଳାପ କରିବାକୁ ବାରମ୍ବାର ଆସୁଥିଲେ । ଅସାଧାରଣ କବି-ପ୍ରତିଭା ସତ୍ତ୍ୱେ କବି ବଡ଼ ବିନୟୀ ଥିଲେ । କବି-ପ୍ରତିଭା, ସୌଜନ୍ୟ ଓ ବିନୟର ମହତ୍ ମିଳନ ତାଙ୍କ ଜୀବନରେ ମଧୁର ତ୍ରିବେଣୀର ସଙ୍ଗମ ପରି ହୋଇଥିଲା । ଅଯଥା ପ୍ରଶଂସା ତଥା ସ୍ତାବକତାକୁ ସେ ଘୃଣା ଚକ୍ଷୁରେ ଦେଖୁଥିଲେ । ଚିର ଜୀବନରେ ମୋହରିର କାର୍ଯ୍ୟ କରି ଅନ୍ୟର ଅଧୀନରେ ଥିଲେ ମଧ୍ୟ ଆପଣାର ସ୍ୱାଧୀନ ମତକୁ ସେ କେବେହେଲେ ବର୍ଜନ କରି ନାହାନ୍ତି । ତଦୁପରି ସର୍ବଜନ ବାଞ୍ଛିତ ଓ ସୁଲଭ ଉତ୍କୋଚ ବୃତ୍ତିକୁ ସେ ତାଙ୍କ ଦୀନ ଜୀବନରେ ଦୃଢ଼ା ଅତରେ ପଦାଘାତ କରିଛନ୍ତି । ଏଇପରି ତାଙ୍କ ଜୀବନର କେତେକ ଘଟଣାରୁ ଗଙ୍ଗାଧରଙ୍କ ଉନ୍ନତ ଚରିତ୍ର ମାଧୁରୀ ଆମେ ସହଜରେ ଅବଗତ ହୋଇଥାଉଁ । ସୁତରାଂ ଏଭଳି ମହତ୍ ଚରିତ୍ର କବି "ମହିମା" ଭଳି ଲେଖାରେ ସତ୍ୟର ମହିମାକୁ ଅତି ଉଚ୍ଚ ତଥା ସରସ, ସୁନ୍ଦର, ଲଳିତ କରି ତୋଳିବା ଅତି ସ୍ୱାଭାବିକ । 'ଉତ୍କଳଲକ୍ଷ୍ମୀ'ର ପ୍ରକାଶ ପରେ ପରେ 'ମହିମା' ଆତ୍ମପ୍ରକାଶ କରିଥିଲା । ସେତେବେଳେକୁ କବିଙ୍କ କଳାପାଟବ ପୂର୍ଣ୍ଣ ମାତ୍ରାରେ ପ୍ରକାଶ ପାଇ ସାରିଥିଲା କହିଲେ ଚଳେ । ତେଣୁ 'ମହିମା'ର ପ୍ରତ୍ୟେକ ପଦ ଅଭ୍ରାନ୍ତ କବି ପ୍ରତିଭାର ସରସ ରସାଣରେ ରସାଣିତ ।

Digitized by srujanika@gmail.com

ଆଲୋଚ୍ୟ ପ୍ରବନ୍ଧରେ 'ମହିମା'ର ମହିମା ପ୍ରକଟନ ଏକ ପ୍ରକାର ଅସମ୍ଭବ । 'ମହିମା' ନିଜ ମହିମାରେ ମହିମାନ୍ୱିତ; ତଥାପି ତତ୍‌ସମ୍ବନ୍ଧେ ଦି'ପଦ କହିବାର ପ୍ରୟାସ କରୁଯାଉ । ପୁସ୍ତିକାଟିର ଉପକ୍ରମରେ କବି ଗାଇଛନ୍ତି --

ପର ଉପକାର ପୁଣ୍ୟମୟ ବ୍ରତ
ପାଳନ୍ତି ମହତ ଜନ,
ଉର୍ବୀ, ଦିବାକର ପର ଉପକାରେ
ଦିଅନ୍ତି ଶସ୍ୟ କିରଣ ।

ଏ ପଦରେ କବିଙ୍କ ଗଭୀର ଚିନ୍ତାଶୀଳତା ପ୍ରଣିଧାନର ବିଷୟ । ଅନ୍ୟର ଉପକାର କରିବା ହେଉଛି ପବିତ୍ର ବ୍ରତ ଏବଂ ଏହାକୁ ପାଳନ କରିଥାନ୍ତି କେବଳ ମହତ୍ ଲୋକ । ଦୁଇଟି ମହତ୍ ପ୍ରକୃତି ଯାର ତଳେ ଓ ଉପରେ ଜୀବ ଜଗତର ସ୍ଥିତି ସେମାନେ ପ୍ରାଣୀର ଉପକାର ପାଇଁ କିପରି ସତତ ବ୍ୟସ୍ତ, ତାହା ଏହି ପଦରେ ପ୍ରଦର୍ଶିତ । ମନୁଷ୍ୟର ଜୀବନ ଧାରଣ ସର୍ବତୋଭାବେ ନିର୍ଭର କରେ ପୃଥିବୀ ଉପରେ । ମନୁଷ୍ୟ ଜୀବନରେ ଯେତିକି ଆବଶ୍ୟକ ସେତିକି ପାଉଛି ପୃଥିବୀଠାରୁ । ଏଣୁ ପୃଥିବୀକୁ ସେ 'ମା' ଭାବରେ ସମ୍ବୋଧନ କରି ଆସୁଛି ଏବଂ ଏଇ ପୃଥିବୀରୁ ସମସ୍ତ ପ୍ରାଣୀ ଉଦ୍ଭବ । ତାର ରସ ଓ ସ୍ପର୍ଶରେ ପ୍ରାଣୀ ଜଗତ ବର୍ଦ୍ଧିତ ଓ ଜୀବିତ । ପ୍ରାଣୀର ସମସ୍ତ ତାଡ଼ନା, ମଳ ମୂତ୍ର ଧାରଣ କରି ଏଇ ପୃଥିବୀ ଯୋଗାଏ ମଧୁର, ପକ୍ୱ ଶସ୍ୟ ସମ୍ଭାର, ଅମୂଲ୍ୟ ମଣି ମୁକ୍ତା । ଦ୍ୱିତୀୟତଃ ସୂର୍ଯ୍ୟ, ଯାର ତଳେ ପ୍ରାଣୀ ଜଗତର ନିବାସ । ହୁଏତ ସୂର୍ଯ୍ୟର ଅନୁପସ୍ଥିତିରେ ସମସ୍ତ ଜଗତ ଅନ୍ଧକାରମୟ ହୁଅନ୍ତା ଓ ପ୍ରାଣୀର ଜୀବନ ଧାରଣ ଅସମ୍ଭବ ହୋଇ ପଡ଼ନ୍ତା । ସୂର୍ଯ୍ୟ କିରଣ ବ୍ୟତିରେକେ ମେଘର

Digitized by srujanika@gmail.com

ସଞ୍ଚାର ଅସମ୍ଭବ ହୁଅନ୍ତା । ତେଣୁ ବର୍ଷା ହୁଅନ୍ତାନି । ତଦୁପରି ସୂର୍ଯ୍ୟ କିରଣରେ ବାୟୁ ବିଶୋଧିତ ହେବାଯୋଗୁଁ ପ୍ରାଣୀକୁ ନିର୍ମଳ ବାୟୁ ମିଳିଥାଏ । ଏଇଭଳି କିରଣ ଦାନରେ ଜଗତର ମହୋପକାର ସାଧନ କରିଥାଏ । ତେଣୁ ଆର୍ଯ୍ୟ ଋଷିଗଣ ପୃଥିବୀ ଓ ସୂର୍ଯ୍ୟଙ୍କୁ ପୂଜା କରୁଥିଲେ । ମାତ୍ର ଏମାନେ ଏତାଦୃଶ ମହୋପକାରରେ ବ୍ୟସ୍ତ ଥାଇ ମଧ୍ୟ ପ୍ରତ୍ୟୁପକାର ଆଶା କରି ନ ଥାନ୍ତି । ସୁତରାଂ ପରୋପକାରରେ ସର୍ବଦା ବ୍ୟସ୍ତ ଥିବା କିପରି ମହତ୍ ପ୍ରକୃତି ଦୁଇଟି ନିର୍ବାଚିତ ତାହା ଲକ୍ଷ୍ୟ କରିବାର କଥା ।

ଏହା ପରେ କବି କହିଛନ୍ତି ଯେ, ଅନ୍ୟଠାରୁ କଷ୍ଟ ପାଇ ମଧ୍ୟ ମହତ୍ ଜନ ପରକୁ ଆହ୍ଲାଦ ଦେଇଥାଏ, ଯେପରି ହିମାଳୟର ବରଫ ସୂର୍ଯ୍ୟ କିରଣରେ ତରଳ ଶୀତଳ ଜଳ ହୋଇ ପ୍ରବାହିତ ହୋଇଥାଏ । ଅଧିକନ୍ତୁ ମହତ୍ ଉଚ୍ଚରେ ଥାଇ ମଧ୍ୟ ନମ୍ର ହୋଇଥାଏ, ଯେପରି ସୂର୍ଯ୍ୟ, ଚନ୍ଦ୍ର, ତାରା ପ୍ରଭୃତି ଅତ୍ୟୁଚ୍ଚ ଆକାଶରେ ଥାଇ ଭୂଇଁ ତଳକୁ ମୁହିଁ କରିଛନ୍ତି । ତଦୁପରି କବି ଗାଇଛନ୍ତି—

ପରେ ଅପକୃତ ହେଲେହେଁ ମହତ
କରୁଥାନ୍ତି ଉପକାର,
ଘନ ଗ୍ରାସେ ରବି, ତବି କରିକଷ୍ଟ
ବାଷ୍ପରେ ଘନ ସଞ୍ଚାର ।

ଏଇ ପଦଟି କବିଙ୍କ ନିଜ ଜୀବନରେ ପ୍ରତିଫଳିତ ହୋଇ-ଥିବାର ଆମେ ଜାଣୁଁ । କବି ନିଜ ଜାତି ଓ ସମାଜର ଉନ୍ନତି କଳ୍ପେ ଯେତେବେଳେ ଗୋଟାଏ ମହାସଭାର ଆୟୋଜନ କରିଥିଲେ, ସେ ସମୟରେ ନିଜର ମନ୍ଦବାଞ୍ଛା କରୁଥିବାର ଶତ୍ରୁମାନଙ୍କୁ ମଧ୍ୟ ସାନନ୍ଦସ୍ମୃ ସହକାରେ ନିମନ୍ତ୍ରଣ କରିଥିଲେ । ସେ ବୁଝିଥିଲେ ଯେ,

Digitized by srujanika@gmail.com

ତାଙ୍କର ମଧ୍ୟ ଚିତ୍ତ ଉନ୍ମିଳିତ ହେଉ—ସଭ୍ୟତାଲୋକ ପାଆନ୍ତୁ । ସୁତରାଂ କବି ଗଙ୍ଗାଧରଙ୍କ ଜୀବନରେହିଁ ଉପର୍ଯ୍ୟୁକ୍ତ ପଦଟି ସାଫଲ୍ୟ ଲାଭ କରିଛି । ଏ ପଦରେ କବି କି ଭଳି ମନୋହର ଉପମା ଦ୍ୱାରା ବିଷୟଟିର ଯାଥାର୍ଥ୍ୟ ପ୍ରତିପାଦନ କରିଛନ୍ତି, ତାହା ଦେଖିବାର କଥା । ମହତ୍ ମାନବ ଅନ୍ୟଦ୍ୱାରା ଅପକୃତ ହେଲେ ମଧ୍ୟ ସର୍ବଦା ସେ ପରୋପକାର ପାଇଁ ବ୍ୟସ୍ତ ଥାଏ, ଯେପରି ମେଘ ସୂର୍ଯ୍ୟଙ୍କୁ ଢାଙ୍କି ଦିଏ, କିନ୍ତୁ ସେହି ସୂର୍ଯ୍ୟଙ୍କ କିରଣଦ୍ୱାରାହିଁ ଜଳୀୟବାଷ୍ପ ଆକାଶକୁ ଉଠି ମେଘର ସୃଷ୍ଟି ହୋଇଥାଏ । କି ଚମତ୍କାର ଉପମା ! ପାଠକେ ଅନୁଧ୍ୟାନ କଲେ ବେଶ୍ ଉପଲବ୍ଧି କରି ପାରିବେ । ତା'ପରେ—

ବିପଦ ସାଗରେ ବୁଡ଼ନ୍ତି ମହତ
ବିପନ୍ନ ସାହାଯ୍ୟ ପାଇଁ,
ତୃଷାତୁର ପାନ୍ଥ ତୃଷା ନାଶେ ପାନ୍ଥ—
ତରୁ ମରୁଭୂମେ ଥାଇ ।

ପାନ୍ଥପାଦପ ନାମକ କଦଳୀ ଗଛ ପରି ଏକ ପ୍ରକାର ଗଛ ମରୁଭୂମିରେ ଜନ୍ମେ । ଏହାର କାଣ୍ଡରେ ବିଶେଷ ପରିମାଣରେ ଜଳ ଥାଏ । ସୁତରାଂ ନିତାନ୍ତ ମରୁ କାନ୍ତାରେ ଥାଇ ମଧ୍ୟ ଏଇ ପାଦପ ତୃଷାର୍ତ୍ତ ପଥିକର ତୃଷା ନିବାରଣରେ ସାହାଯ୍ୟ କରିଥାଏ । ସେହିପରି ମହତ୍ ମାନବ ବିପଦଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ମଧ୍ୟ ବିପନ୍ନ ହୁଅନ୍ତି । ନିଜେ କବି ମଧ୍ୟ ଏହାର ଅନ୍ୟତମ ଦୃଷ୍ଟାନ୍ତ କହିଲେ ଚଳେ । କାହାଠାରୁ ସାମାନ୍ୟ ଉପକାର ପାଇଲେ ମଧ୍ୟ ମେହେର ତାହା ଆଜୀବନ ସ୍ମରଣ ରଖୁଥିଲେ ଓ ସମୟ ପାଇଲେ ବହୁଗୁଣରେ ତାର ପ୍ରତ୍ୟୁପକାର କରିବାକୁ ଭୁଲି ଯାଉ ନ ଥିଲେ । ନୋହିଲେ କି ସ୍ୱର୍ଗତ ଗୀଳମଣି ବିଦ୍ୟାରତ୍ନଙ୍କ ପ୍ରତି ଲକ୍ଷ୍ୟ କରି କହିଥାନ୍ତେ—

Digitized by srujanika@gmail.com

କରିଅଛ ମୋର ଯେତେ ଯେତେ ଉପକାର
ମୋ ହୃଦେ ରହିଛି ସବୁ ସ୍ୱର୍ଣ୍ଣମୟ ଗାର ।·

× × × ×

ତୁମ୍ଭ ଭାରତର ଗୃରୁ ପତାକା ସୀବନେ,
ସୂଚ ହେଲେ ଧନ୍ୟ ହେବ ଏ ହୀନ ଜୀବନେ ।

କହିବା ବାହୁଲ୍ୟ, ଆମର ପ୍ରିୟ କବି ଗଙ୍ଗାଧର ବିଦ୍ୟାରହିଙ୍କ ଉତ୍ସାହ ପାଇ ବହୁ ଗୁଣରେ ଉତ୍ସାହିତ ହୋଇ ପାରିଛନ୍ତି । 'ମହିମା'ର ଅଧିକାଂଶ ପଦରେ କବିଙ୍କ ନିଜ ଜୀବନର ମାହାତ୍ମ୍ୟ ଆତ୍ମପ୍ରକାଶ କରି ଉଠିଛି । ଆଲୋଚନା ପ୍ରସଙ୍ଗରେ ସେଗୁଡ଼ିକ ଆମର ଦୃଷ୍ଟିପଥାରୂଢ଼ ହୋଇଥାଏ ।

ମହତ ଜନ୍ମଇ ହୀନ ଗର୍ଭେ ଏହି
ଭବେ ନୁହେଁ ଅସମ୍ଭବ,
ପଙ୍କରୁ କମଳ ଶୁକ୍ତିରୁ ମୌକ୍ତିକ
ହୁଅଇ ସଦା ସମ୍ଭବ ।

'ମହତ ହୀନ ଗର୍ଭରୁ ସୁଦ୍ଧା ଜନ୍ମଲାଭ କରେ—ଏ କଥା ସଂସାରରେ ଅସମ୍ଭବ ନୁହେଁ'—ଏଇ ଉକ୍ତିର ସତ୍ୟତା ପ୍ରତିପାଦନ କରିବାକୁ ଯାଇ ସେ କହିଚନ୍ତି ଯେ, ପଙ୍କରୁ ପଦ୍ମ ଯେପରି ଜନ୍ମିଥାଏ ଏବଂ ଶାମୁକାରୁ ମୁକ୍ତାର ଯେ ରୂପେ ଉଦ୍ଭବ ହୋଇଥାଏ, ସେହିପରି ମହତ୍ ମଧ୍ୟ ନୀଚ ଗର୍ଭରୁ ଜାତ ହୋଇଥାଏ । କିନ୍ତୁ ଅଶିକ୍ଷିତ ଓ ରକ୍ଷଣଶୀଳ ତନ୍ତୀକୁଳଜାତ ଗଙ୍ଗାଧର ଏହାର ଅନ୍ୟତମ ଦୃଷ୍ଟାନ୍ତ । ଶ୍ରୀଯୁକ୍ତ କୁଳମଣି ଦାଶଙ୍କ ଭାଷାରେ—"ଏ ଅଞ୍ଚଳରେ ଯେପରି ତନ୍ତୀଜାତିର ମୂର୍ଖତା ଓ ନିର୍ବୋଧତା ସମ୍ବନ୍ଧରେ ନାନା ଗଳ୍ପ

Digitized by srujanika@gmail.com

ପ୍ରଚଳିତ ଅଛି, ସମ୍ବଲପୁରରେ ମଧ୍ୟ ଭୁଲିଆମାନଙ୍କ ସମ୍ବନ୍ଧରେ ସେହିପରି ନାନା କଥା ଶୁଣାଯାଏ । ବୋଧହୁଏ ଭଗବାନ ତନ୍ତୀ ଜାତିର ଏହି କଳଙ୍କ କ୍ଷାଳନ ନିମିତ୍ତ ଗଙ୍ଗାଧରଙ୍କୁ ନାନା ସଦ୍‌ଗୁଣରେ ବିମଣ୍ଡିତ କରି ଜନ୍ମ ପ୍ରଦାନ କରିଥିଲେ ।”

କବି ଗଙ୍ଗାଧର ଅନେକ ଦିନ ରାଧାନାଥ, ମଧୁସୂଦନ, ବୈକୁଣ୍ଠ, ସଚ୍ଚିଦାନନ୍ଦ ପ୍ରଭୃତିଙ୍କର ପ୍ରଶଂସା କରି ଆନନ୍ଦ ଉଦ୍‌ବେଗ କରୁଥିଲେ । ତାଙ୍କର ସୁଶିକ୍ଷକ ପଣ୍ଡିତ ୰ଘନଶ୍ୟାମ ମିଶ୍ରଙ୍କର ମଧ୍ୟ ପ୍ରଶଂସା କରି ଅପାର ଆନନ୍ଦ ଲାଭ କରୁଥାନ୍ତି । କାହାର ସାଧୁ ଉଦ୍ୟମ ଦେଖିଲେ ତାଙ୍କୁ ସେ ଦ୍ୱିଗୁଣ ଉତ୍ସାହରେ ଉତ୍ସାହିତ କରୁଥିଲେ । ସୁତରାଂ ଏଭଳି ସଦ୍‌ଗୁଣପ୍ରିୟ କବି ଯେ—

“ଆନନ୍ଦ ମନରେ ବୁଲଇ ସୁଜନ
ମହତ ସୁଯଶ ଗାଇ,
ଚନ୍ଦନ ସୌରଭ ବାଣ୍ଟଇ ମଳୟ
ସମୀରଣ ଧୀର ବାହି—” ବୋଲି ଯେ

ଗାଇବୁଲିବେ, ଏଥିରେ ଆଶ୍ଚର୍ଯ୍ୟ କ’ଣ ଅଛି ? ଯା’ର ଜୀବନରେହିଁ ଏଇ ପଦକ ବାସ୍ତବ ରୂପ ପାଇଛି, ସେଭଳି କବି ଜନତାକୁ ଏଭଳି ଶୀତ ଚନ୍ଦନର ସୌରଭ ବିତରଣ କରିବେ ନାହିଁ ତ ଆଉ କିଏ କରିବ ? ଏଭଳି ଶତ ଶତ ଦୃଷ୍ଟାନ୍ତ ତାଙ୍କ ଜୀବନୀ ଏପରି କି ଦୈନନ୍ଦିନ ଜୀବନର ଘଟଣାବଳୀରୁ ଉଦ୍ଧାର କରାଯାଇପାରେ ।

ଏକଦା ଜଣେ ଭଦ୍ରଲୋକଙ୍କ ସହିତ ମେହେର ବାକ୍ୟାଳାପ କରୁଥିବା ସମୟରେ ଜଣେ ଭିକାରି ଆସି ଭଦ୍ରଲୋକଙ୍କୁ ପଇସାଟିଏ ମାଗିଲା । ଭଦ୍ରଲୋକଟି ହଠାତ୍ କହି ଉଠିଲେ—‘ମୋ ନିକଟରେ ବର୍ତ୍ତମାନ ପଇସା ନାହିଁ; ଯା, ଅନ୍ୟ ଆଡ଼େ ଦେଖ୍’ । ସେଥିରେ

Digitized by srujanika@gmail.com

ମେହେର ବଡ଼ ମର୍ମାହତ ହୋଇ କହିଲେ—"ଆପଣ ତାକୁ ସେପରି କାହିଁକି କହୁଛନ୍ତି ? ସେ'ତ ଦାନ ଧର୍ମ କରିବାର ସୁବିଧା ଆମକୁ ଦେଉଛି -ଏଇ ସୁବିଧାକୁ ଏଡ଼ି ଦେଲେ ଚଳିବ କିପରି ? ଆମେ ତ ବଳାତ୍କାରରେ କୌଣସି ଭିକାରୀକୁ କିଛି ଦେଇ ପାରୁନୁ । ସେ ଯେତେବେଳେ ମାଗୁଛି, ତାକୁ ଫେରାଇ ଦେଲେ ମନୁଷ୍ୟତାର ହାନି ହେବ ସିନା !" ଏତିକି କହି ସେ ନିଜ ହାତରୁ ଦୁଇଟି ପଇସା ଭିକାରୀକୁ ଦେଇଦେଲେ ।

ସେହିଭଳି ଗଙ୍ଗାଧରଙ୍କ ଜୀବନର ଆଦର୍ଶ ଗୁଣାବଳୀ ଓ ଚରିତ୍ର ମହିମା, 'ମହିମା'ର ଛନ୍ଦେ ଛନ୍ଦେ ବିକଶିତ ହୋଇ ଉଠିଛି । କବି ଅତ୍ୟନ୍ତ ଦୀନ ଜୀବନ ଯାପନ କରିଥିବାର ଆମେ ଜାଣୁଁ । ମାତ୍ର ଏଇ ଦୈନ୍ୟ-ପ୍ରପୀଡ଼ିତ ଜୀବନରେହିଁ ସେ ସ୍ୱୀୟ ମାନବିକତାକୁ ଯେପରି ଅକ୍ଷୁଣ୍ଣ ରଖି ପାରିଛନ୍ତି ତହିଁରେ ବିସ୍ମିତ ହେବାକୁ ହୁଏ । ବରପାଲି ଜମିଦାରଙ୍କ ଅଧୀନରେ ମୋହରିର କାର୍ଯ୍ୟ କରୁଥିବା ସମୟରେ ଜମିଦାରଙ୍କ ନିକଟରେ ମେହେରଙ୍କର କେତେକ ମାସର ବେତନ ବାକି ଥିଲା । ସେ ବଡ଼ କଷ୍ଟରେ କାଳ ଯାପନ କରି ସୁଦ୍ଧା ଉକ୍ତ ବେତନ ଜମିଦାରଙ୍କୁ ମାଗୁ ନ ଥିଲେ । ଥରେ ଜଣେ ତାଙ୍କୁ କହିଲେ, 'ଆପଣ ଏପରି କଷ୍ଟ ପାଇ ସୁଦ୍ଧା ଜମିଦାରଙ୍କୁ ଅବଶିଷ୍ଟ ବେତନ ମାଗୁନାହାନ୍ତି କାହିଁକି ?' ଏହାର ଉତ୍ତରରେ ମେହେର କହିଥିଲେ, "ସବୁ ଟାଣି ଆଣିବାଟା ଭଲ ନୁହେଁ, କିଛି କିଛି ରହିଥାଉ ।" ଦୁଃଖ ଦାରିଦ୍ର୍ୟର କଷାଘାତ ସହି ମଧ ସେ ଏ କଥା କହି ପାରନ୍ତି !

ଲୋକେ ବୁଦ୍ଧିର ଗରିମାଠାରୁ ହୃଦୟର ଗରିମା ବା ମାହାତ୍ମ୍ୟ ଆଗେ ବୁଝନ୍ତି । ଗଙ୍ଗାଧରଙ୍କ ଲେଖନୀ ଯେପରି ମହତ୍ ଓ ଆଦର୍ଶ, ତାଙ୍କର ଚରିତ୍ର ମାଧୁରୀ ତତୋଧିକ କହିଲେ ଅସଙ୍ଗତ ହେବନାହିଁ ।

Digitized by srujanika@gmail.com

ଏଥି ସକାଶେ ଏହି କବିଙ୍କ ପ୍ରତି ଭକ୍ତିରେ ମସ୍ତକ ସ୍ୱତଃ ଅବନତ ହୋଇ ପଡ଼େ ।

ବରପାଲିର ତତ୍କାଳୀନ ନୂତନ ଜମିଦାର ୰ଠିକାୟତ ନିଳଙ୍କ ସହିତ ମେହେରଙ୍କ ମନୋମାଳିନ୍ୟ ହୋଇଥିଲା । କହିବା ବାହୁଲ୍ୟ— ଉକ୍ତ ଜମିଦାର ମଦ୍ୟପ, ବ୍ୟସନୀ ଓ ବ୍ୟଭିଚାରୀ ଥିଲେ । ମେହେର ତାଙ୍କୁ ସତ୍‌ପଥକୁ ଆଣିବାକୁ ଯାଇ ଶେଷରେ ଅପ୍ରିୟ ପାତ୍ର ହେଲେ । ସେଥିପାଇଁ ତାଙ୍କୁ ନାନା ବାଧା ବିପଦର ସମ୍ମୁଖୀନ ହେବାକୁ ପଡ଼ୁଥିଲା । ଏହି ସମୟରେ ଜଣେ ଭଦ୍ରଲୋକ ତାଙ୍କୁ କହିଲେ— "ଆପଣ ଏ ସ୍ଥାନ ଛାଡ଼ି ଚାଲିଗଲେ ଯେ କୌଣସି ସ୍ଥାନରେ ରହିଲେ ମଧ୍ୟ ପୂଜା ପାଇବେ । ଆଉ ଏଇଠି ରହି ଏପରି ଅପଦସ୍ତ ହେଉଛନ୍ତି କାହିଁକି ?" ମେହେର ଉତ୍ତର ଦେଇ କହିଥିଲେ—"ତା' ସତ, ମୁଁ ସିନା ଅନ୍ୟତ୍ର ଚାଲିଯାଇ ସୁଖରେ ରହିବି; କିନ୍ତୁ ମୋତେ ଆଶ୍ରୟ କରି ଯେଉଁମାନେ ଅଛନ୍ତି, ତାଙ୍କର ଅବସ୍ଥା କ'ଣ ହେବ ? ଏମାନଙ୍କୁ ପରିତ୍ୟାଗ କରି ମୁଁ ଅନ୍ୟତ୍ର ଯାଇ ନ ପାରେଁ । ବରଂ ମୋର ମୁଣ୍ଡ ଜମିଦାରଙ୍କ ଗୁଣ୍ଡାର ଠେଙ୍ଗାରେ ଦି'ଫାଳ ହେଉ; ମାତ୍ର ମୁଁ ଅନ୍ୟ କୁଆଡ଼େ ମୋର ଆଶ୍ରିତମାନଙ୍କୁ ଛାଡ଼ି ଯିବି ନାହିଁ ।" ଆଶ୍ରିତ-ବତ୍ସଳତାର କି ମହିମମୟ ଦୃଷ୍ଟାନ୍ତ ! ମେହେରଙ୍କ ତେଲ ଲୁଣ ସଂସାରରେ ଏପରି ଆଦର୍ଶ ମାନବିକତାର ପରିଚୟ ଆମେ ପାଇ-ଥାଉଁ । ଗଙ୍ଗାଧରଙ୍କ ଚରିତ୍ର ଯେପରି ଶୋଭନୀୟ ମହତ୍ତ୍ୱଜନ ଦକ୍ଷରେ ତାହା ସେହିପରି ଲୋଭନୀୟ ମଧ୍ୟ ଥିଲା । ଏଣୁ କବିଗୁରୁ ରାଧାନାଥ ତାଙ୍କ ଚରିତ୍ରରେ ଏକାନ୍ତ ବିମୁଗ୍ଧ ହୋଇ ଲେଖିଥିଲେ—"ଆପଣଙ୍କ ଠାରୁ ପତ୍ର ପାଇବା ଓ ଆପଣଙ୍କ ଠାକୁ ପତ୍ର ଲେଖିବା ମୋହର ଜୀବନର ଉମଙ୍ଗର ବିଶେଷ । ଆପଣ ନିଶ୍ଚୟ ଜାଣିଥିବେ — ଆପଣ ସୁକବି ଏବଂ ସୁଲେଖକ—କେବଳ ଏଇକଥା ମନେକରି ମୁଁ ଯେ

Digitized by srujanika@gmail.com

ଆପଣଙ୍କୁ ଶ୍ରଦ୍ଧା କରେଁ, ତାହା ନୁହେଁ । ମୁଁ ଜାଣେ, ଆପଣ ଜଣେ ପବିତ୍ର-ହୃଦୟ ସାଧୁ ପୁରୁଷ । ଆପଣ କେବଳ ମୋହର ଶ୍ରଦ୍ଧା ଆକର୍ଷଣ କରିଛନ୍ତି ତାହା ନୁହେଁ, ସେହି ଶ୍ରଦ୍ଧା ସଙ୍ଗେ ସଙ୍ଗେ ଆନ୍ତରିକ ଭକ୍ତି ମଧ୍ୟ ଆକର୍ଷଣ କରିଛନ୍ତି । 'ଅଥୈକଦୃକ୍ ପଦୈକଦୃକ୍' ସ୍ୱାର୍ଥପର ସଂସାର ଚକ୍ଷୁରେ ଆପଣ ସତ୍‌ସାମାନ୍ୟ ହେଲେହେଁ ମୋହ ଚକ୍ଷୁରେ ଆପଣଙ୍କ ମୂଲ୍ୟ କୋହିନୁର ଅପେକ୍ଷା ଅଧିକ ।" କବିଗୁରୁ ରାଧାନାଥ ଅତି ମହତ୍ ଥିବାରୁ ଗଙ୍ଗାଧରଙ୍କ ଭଳି ଆଦର୍ଶ ଚରିତ୍ର ଓ ମହତ୍ ମାନବଙ୍କୁ ଚିହ୍ନି ପାରିଥିଲେ । କବିଙ୍କ ନିଜ ଉକ୍ତିରେ—

ମହତକୁ ଏକା ମହତ ଚିହ୍ନଇ,
ଇତର ତହିଁକି ଅନ୍ଧ,
ସୂର୍ଯ୍ୟୋଦୟ ଦେଖି ପ୍ରକୃତି ହସଇ,
ଉଲୂକର ଦୃଷ୍ଟି ବନ୍ଧ ।

ଅକ୍ଷରେ ଅକ୍ଷରେ ଏଇ ସତ୍ୟର ସ୍ପଷ୍ଟ ପରିଚୟ ମିଳୁଛି ତାଙ୍କର ଜୀବନୀରୁ । କବି ଯେପରି ମନୋହର କବି କଳ୍ପନାରେ 'ମହିମା'କୁ ମହିମାନ୍ୱିତ କରିଅଛନ୍ତି, ସେପରି ଉପସଂହାରରେ ମଧ୍ୟ ବଡ଼ ଚିନ୍ତାଶୀଳତା ଖଟାଇଛନ୍ତି ବୋଲି ମନେ ହୁଏ । ଉପର୍ଯ୍ୟୁକ୍ତ ପଦଟି ପାଠକଲେ ମନେହୁଏ ଯେପରି ଆଉ କିଛି କହିବାର ନାହିଁ । ଅଳ୍ପ କଥାରେ କହିବାକୁ ଗଲେ କବିଙ୍କ କଳାପାଟବ, ପ୍ରକାଶ ଭଙ୍ଗୀ, ଭାଷା ଗୁନ୍ଥୁଣି, ଶବ୍ଦ ସୌଷ୍ଠବ ତଥା ଆଦର୍ଶ ବିଷୟ ନିର୍ବାଚନ ସମସ୍ତ ଯେପରି 'ମହିମା'ରେ ପୁଞ୍ଜିଭୂତ ହୋଇ ଯାଇଛି । ସ୍ୱର୍ଗତ ପ୍ରହରାଜଙ୍କ ଭାଷାରେ—'ଓମାରଖୟ୍ୟାମ' ଗୋଟିଏ କବିତା ଲେଖି ବିଶ୍ୱବିଖ୍ୟାତ ହୋଇଛନ୍ତି । ସେହିପରି ଦୈବାତ୍ ଯେବେ କବି ଏତେଗୁଡ଼ିଏ ବହି

Digitized by srujanika@gmail.com

ନ ଲେଖି ଖାଲି ସାନ 'ମହିମା' କବିତାଟି ଲେଖିଥାନ୍ତେ, ସେଥିକରେ ତାଙ୍କର ସରସ ହୃଦୟ ଓ ଉପମାର ଛଟା ପ୍ରକାଶ ପାଇ ତାଙ୍କୁ ଅମର କରି ପାରିଥାନ୍ତା ।"

"ଅଯୋଧ୍ୟା-ଦୃଶ୍ୟ"ରେ

କବିତ୍ୱ କଳା

କବିବର ସ୍ୱର୍ଗୀୟ ଗଙ୍ଗାଧର ମେହେର ହେଉଛନ୍ତି 'ଅଯୋଧ୍ୟା-ଦୃଶ୍ୟ'ର ପ୍ରଣେତା । ଏହି କାବ୍ୟ ଖଣ୍ଡି କଳେବର ଓ କଳାପାରିବରେ 'ତପସ୍ୱିନୀ' ଭଳି ସୁବିପୁଳ ଓ ମହାନ୍ ନ ହେଲେହେଁ ହୀନକଳ୍ପ ନୁହେଁ । ଏଥିରେ ମଧ୍ୟ କବି-କଳ୍ପନାର ତରଳ ଉଚ୍ଛ୍ୱାସ, ଭାଷା ବିଭବ, ଅଳଙ୍କାର ଚାକଚକ୍ୟ ଓ ବର୍ଣ୍ଣନାଶୈଳୀର ପରିପାଟୀ କମ୍ ନୁହେଁ । ଏହି କାବ୍ୟଟିରେ କବି ମାନବ ପ୍ରାଣର ସୁଖ ଦୁଃଖ, ଆଶା ଆକାଂକ୍ଷା, ବିରହ ମିଳନର ଯେଉଁ ମହିମାମୟ ଚିତ୍ର ଉଠାଇ ପାରିଛନ୍ତି ତାହା ଯେପରି ସ୍ୱାଦ୍ୟ ସେପରି ପ୍ରାଣସ୍ପର୍ଶୀ ଓ ହୃଦ୍ୟ । କବିଙ୍କର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ, ଅସାଧାରଣ କବି ପ୍ରତିଭା ଓ ଚରିତ୍ର ଚିତ୍ରଣର ବଳିଷ୍ଠତା ଏଥିରେ ସ୍ଥଳେ ସ୍ଥଳେ ସ୍ପଷ୍ଟ ହୋଇ ଉଠିଛି ଠିକ୍ ଦିବାଲୋକ ପରି । ଅଳ୍ପ କଥାରେ କହିବାକୁ ଗଲେ 'ଅଯୋଧ୍ୟା-ଦୃଶ୍ୟ' କାବ୍ୟଟିର ଭାଷା ମାର୍ଜିତ, ଭାବ ସୁମଧୁର ଓ

Digitized by srujanika@gmail.com

ଗମ୍ଭୀର । ଚିନ୍ତା ତରଙ୍ଗର ଅନିର୍ବଚନୀୟ ଉଚ୍ଛ୍ୱାସ, ସୁଖ ଦୁଃଖର ଜୀବନ୍ତ ଚିତ୍ର, ପ୍ରାଣର ସ୍ନେହ ଅନୁରାଗ ଯେପରି ସଜୀବ ଫୁଟି ଉଠିଛି ।

ଆମେ ଜାଣୁଁ, କବି ଗଙ୍ଗାଧର ସାଂସାରିକ ଜୀବନରେ ଅତି ଦରିଦ୍ର ଥିଲେ । ମାତ୍ର ଏହି ଦାରିଦ୍ର୍ୟ ତାଙ୍କର ବହୁମୁଖୀ କବି-ପ୍ରତିଭାକୁ ପ୍ରତିରୋଧ କରିବାରେ ସମର୍ଥ ହୋଇ ନାହିଁ; ହେଲେ ସ୍ଥଳେ ସ୍ଥଳେ କବିଙ୍କ ଜୀବନ-ଚିତ୍ର ତାଙ୍କ କାବ୍ୟ କବିତାରେ ପ୍ରଚ୍ଛନ୍ନ ଭାବରେ ରୂପାୟିତ ହୋଇଛି । କାବ୍ୟ ହେଉଛି କବିର ମାନସ-ଦର୍ପଣ । କବି ଜୀବନର ଯାହା କିଛି ଅଭିବ୍ୟକ୍ତ ଓ କଳ୍ପନା ଏହି କାବ୍ୟ-ମୁକୁର ଦେହରେ ପ୍ରତିଫଳିତ ହେବାର ଅସମ୍ଭବ ନୁହେଁ । କବିର ଜୀବନୀ କୌଣସି ଗୋଟାଏ ଜାଗାରେ ଲିପିବଦ୍ଧ ନ ହେଲେ ତା'ର ଉଦ୍ଧାରର ଏକମାତ୍ର ଉପାୟ ହେଉଛି ତାଙ୍କର କାବ୍ୟ-କବିତାର ବାସ୍ତବ ଅନୁଶୀଳନ । ଏଥିରେ ସତ୍ୟ ତଥ୍ୟ କବି-ଜୀବନର ବିଚ୍ଛୁରିତ ଚିତ୍ର ଆମକୁ ମିଳି ପାରିବ । ରାମଚନ୍ଦ୍ରଙ୍କର ଅଭିଷେକୋତ୍ସବର ଜୀବନ୍ତ ବର୍ଣ୍ଣନ ପରେ କବି ଏଥିରେ ଗାଇଛନ୍ତି—

କେତେ ଶିଶୁ ଯିବା ପାଇଁ କରୁଛନ୍ତି ଅଳି,
କା'ଘରେ ବସନ ପାଇଁ ଲାଗିଅଛି କଳି ।
ଲଭି ଆଶେ ଫୁଲ୍ଲ କରି ବଦନ ମଣ୍ଡଳ,
ଦ୍ୱିଜଗଣ ଧାଇଁଛନ୍ତି ହଲାଇ କୁଣ୍ଡଳ ।

ଅନ୍ୟତ୍ର—

ଗୋପବୃନ୍ଦ ଗୋଡ଼ାଇଲେ ଘେନି ଧେନୁପଲ,
ଅଗ୍ରସର ହୋଇଆନ୍ତି ବାଛୁରି ସକଳ । ଇତ୍ୟାଦି ।

ଏଥିରେ କବିଙ୍କ ଦୃଷ୍ଟି କିପରି ରହସ୍ୟମୟ ବିଶ୍ୱର ନିତ୍ୟ ପ୍ରତି ଘଟଣାରୁ ବିଷୟ ସଂଗ୍ରହ ଦକ୍ଷତା ଅର୍ଜନ କରି ପାରିଛି, ତାହା

Digitized by srujanika@gmail.com

ଚିନ୍ତାର ବିଷୟ । ସେହିଭଳି କବିଙ୍କର ବର୍ଣ୍ଣନା ଗୃଭୁରୀ ଏଥିରେ ଲକ୍ଷ୍ୟ କରିବାର କଥା । ରାମଚନ୍ଦ୍ରଙ୍କର ବନ ଗମନ ସମ୍ବାଦ ଶ୍ରବଣରେ ପୁରବାସୀ ଦୁଃଖ ସାଗରରେ ନିମଜ୍ଜିତ ହେବା କଥା । ମାତ୍ର ମଣିଷ ପକ୍ଷୀଠାରେ ମଧ୍ୟ ଏଇ ଦୁଃସମ୍ବାଦ ଦ୍ୱାରା ସେ ଯେପରି ଚିତ୍ର ଫୁଟାଇଛନ୍ତି ତାହା ଯେପରି ଉପଭୋଗ୍ୟ ସେପରି କବିତ୍ୱମୟ । ଯଥା :—

ମାର୍ଜାରିଏ ଘରେ ଘରେ କଲେ ଘୋର କଳି,
ପୁର ଛାଡ଼ି ରାମ ସଙ୍ଗେ ଯିବାପାଇଁ ଚଳି ।
ତାଙ୍କ କଳି ଶୁଣି ପୋଷା ବିହଙ୍ଗମଗଣ
ବନ ଯିବାପାଇଁ କଲେ ପଥ ଅନ୍ୱେଷଣ ।

ଏଥିରେ କବିଙ୍କ, ଛଳରେ କବି କପରି ବିଷୟଟିକୁ ଫୁଟାଇଛନ୍ତି, ଦେଖିଲେ ତାଙ୍କ ପ୍ରତିଭା ସମ୍ବନ୍ଧରେ ଆଉ ସନ୍ଦେହ ହୁଏନା । "ମାର୍ଜାର କଳହେ" ଅଶୁଭ ସୂଚନା ଆମର ଶାସ୍ତ୍ର କହେ । ରାମଚନ୍ଦ୍ରଙ୍କର ବନ ଗମନରେ ଅଯୋଧ୍ୟାର ସେହି ଅଶୁଭ ସୂଚନା ଏଥିରେ ପରିସ୍ଫୁଟ । ଏଇ ପଦ ଦ୍ୱୟରେ କପରି ସୁନ୍ଦର 'ପର୍ଯ୍ୟାୟୋକ୍ତି ଅଳଙ୍କାର' ରହିଛି ।

ଦ୍ୱିତୀୟ ସର୍ଗରେ ରାମଚନ୍ଦ୍ରଙ୍କର ବନ ଗମନ ପରେ କବି ଦେଖାଇ ଅଛନ୍ତି ଅଯୋଧ୍ୟାର କରୁଣ ଅବସ୍ଥା । ଏ କାବ୍ୟରେ କବିଙ୍କର ବର୍ଣ୍ଣନାର କେନ୍ଦ୍ର ହେଲା ଅଯୋଧ୍ୟା । ଅଯୋଧ୍ୟାର ସୁଖ ଦୁଃଖ, ଉନ୍ନତି ଅବନତି, ସୌଭାଗ୍ୟ ଦୁର୍ଭାଗ୍ୟ ଏଇ ସବୁ ହେଲା ତାଙ୍କ କାବ୍ୟର ଉପଜୀବ୍ୟ । ଏଣୁ କାବ୍ୟଟିର ନାମ ସେ 'ଅଯୋଧ୍ୟା ଦୃଶ୍ୟ' ରଖିଛନ୍ତି । ପାଠକ ଏଥିରେ ଅଯୋଧ୍ୟାର ଦୃଶ୍ୟହିଁ ନିଜ ମନଶ୍ଚକ୍ଷୁରେ ପାଠ କରୁଁ କରୁଁ ଦେଖିବେ । ରାମ ବନକୁ ଯାଇ

Digitized by srujanika@gmail.com

ଚଉଦ ବର୍ଷ କପରି ଅତିବାହିତ କଲେ ସେ କଥା ଏଥିର କେନ୍ଦ୍ରବସ୍ତୁ ନୁହେଁ । ସେ ବିଷୟରେ ତ ରାମାୟଣ ମୁଖରି ହୋଇଉଠିଛି । କବି ଗଙ୍ଗାଧର ଏଣୁ ତାହାର ବର୍ଣ୍ଣନାର ଯୋଗ୍ୟ ବସ୍ତୁ ନିର୍ବାଚନ କରି ନାହାନ୍ତି । ଏଇ ସର୍ଗରେ କବି ଦେଖାଇଛନ୍ତି ଅଯୋଧ୍ୟା ରାଜନଗରର ଓ ଅଯୋଧ୍ୟାର ଶ୍ରୀହୀନତା । ଏଇ ବର୍ଣ୍ଣନା ଦୁଇଟି ମାତ୍ର ପଦରେ କପରି ପରିସ୍ଫୁଟ ହୋଇପାରିଛି ଦେଖନ୍ତୁ—

ରାମ ହେଲେ ବନବାସୀ, ସ୍ୱାମୀ ହେଲେ ନାଶ,
ପୁତ୍ରହିଁ ଯୋଗୀବେଶ ନନ୍ଦୀଗ୍ରାମେ ବାସ;
ରାଜନଗରର ଶତ ଶତ ରାଣୀ ମୁଖେ—
ନିନ୍ଦନ କୈକେୟୀ ରହିଁ ବୁଡ଼ିଗଲି ଦୁଃଖେ ।

ଏଇଥିରୁ କବି ଗଙ୍ଗାଧରଙ୍କ ସଂଯତ ଲେଖନୀର ସମ୍ୟକ୍ ଅବଧାରଣା କରିବେ । ଏଣୁ ଅନ୍ୟର ପ୍ରାଣରେ କଷ୍ଟ ଦେଲେ ନିଜର ପ୍ରାଣରେ ତାର ବହୁଗୁଣ କଷ୍ଟ ଭୋଗିବାକୁ ପଡ଼ିଥାଏ—ଏ କଥା ଆଲଙ୍କାରିକ ଛଟାରେ ପ୍ରକାଶ କରି କବି କୈକେୟୀ ପ୍ରତି କହିଛନ୍ତି—

ଲଗାଇଲେ ହୁତାଶନ ପଡ଼ୋଶୀ ଭବନେ,
ନିଜ ଗୃହ ଦହେ ଏହା ନ ଥିଲି ତା' ମନେ ।

ମେହେରୀ-କବି-ପ୍ରତିଭାର ଶିକ୍ଷଣୀୟତା ମଧ୍ୟ ଏଇଥିରୁ ଅନୁମେୟ ।

ଏ କାବ୍ୟରେ ସର୍ବୋପରି ପୁତ୍ର-ବିରହରେ କୌଶଲ୍ୟାଙ୍କ ବିରହ ଯନ୍ତ୍ରଣା ଓ ହୃଦୟ-ଦାହ କପରି ମର୍ମସ୍ପର୍ଶୀ ତାହା କବିଙ୍କ ବର୍ଣ୍ଣନାରୁ ବୁଝିହେବ । ଯୋଗୀ ଭିକାରୀ ଭିକ୍ଷା ପାଇଁ ଆସିଲେ ରାମ ମାତାଙ୍କ ହୃଦୟରେ ବନବାସୀ ପୁତ୍ର ରାମଚନ୍ଦ୍ରଙ୍କର କଷ୍ଟ ସ୍ମୃତି କପରି ପ୍ରବଳତର ହୋଇ ଉଠୁଥିଲି ତାହା ମନସ୍ତାତ୍ତ୍ୱିକ ଦୃଷ୍ଟିରେ

Digitized by srujanika@gmail.com

କବି ଯେପରି ବର୍ଣ୍ଣନା କରିଛନ୍ତି ତହିଁରେ ଚକ୍ଷୁ ଅଶ୍ରୁସିକ୍ତ ହେବାର କଥା । ତଦୁପରି—

ପଚାରନ୍ତି ବାବା, ତୁମ୍ଭେ ବାସ କର ବନେ,
ଖାଇବାକୁ କି କି ଦ୍ରବ୍ୟ ମିଳଇ କେସନେ ?
ପ୍ରାଣ କି ବଞ୍ଚଇ ବାବା ଫଳ ମୂଳ ଖାଇ,

ତାହାହେଲେ ନଗରକୁ ଆସନ୍ତି କିପାଇଁ ? ପ୍ରଭୃତି ପଦମାନଙ୍କରେ ରାମମାତାଙ୍କର ପୁତ୍ର-ବିରହରେ କିପରି ଯନ୍ତ୍ରଣା ତାହା ସହଜରେ ବୁଝିହେବ । ଏଭଳି ପଚାରିବା ଅର୍ଥ ନିଜ ପୁତ୍ର ରାମ ସେଥିରେ କିପରି ବଞ୍ଚୁଥିବ । କୌଶଲ୍ୟାଙ୍କ ଏପରି ପଚାରିବାରେ କି ଏକ କରୁଣ ମାତୃହୃଦୟର ବିକଳ ବିଧୁର ବିଳାପ ନ ରହିଛି ! ପରେ—

ଛତ୍ର ଉପାନହ ବୃତ୍ତି ଶୀତହର ବାସ,
ଦିଅନ୍ତି କରାଇ ଆଗେ ଦିବ୍ୟ ଅନ୍ନ ଗ୍ରାସ । ପଦରେ ନିଜ ପୁତ୍ରର ଛତ୍ର ନ ଥିବ, ଉପାନହ ନ ଥିବ, ଶୀତହର ବାସ ନ ଥିବ—ଏ ସବୁ ବନ ଦେଶରେ ଏକାନ୍ତ ଆବଶ୍ୟକ, ସୁତରାଂ ନିଜ ପୁତ୍ରର କଷ୍ଟସ୍ମୃତି ସେତେବେଳେ ରାଣୀ କୌଶଲ୍ୟାଙ୍କ ହୃଦୟକୁ ଅଧିକାର କରି ପକାଏ । ଏଣୁ ନିଜ ପୁତ୍ର ସଦୃଶ ଜ୍ଞାନ କରି ଏମାନଙ୍କୁ ସେ ସବୁ ଆଗେ ଦାନ କରନ୍ତି । କବିଙ୍କର ଏ ଭଳି ମର୍ମସ୍ପର୍ଶୀ ବର୍ଣ୍ଣନା ପାଠ କରୁଁ କରୁଁ ପାଠକର ହୃଦ କରୁଣ ରସରେ ଦ୍ରବୀଭୂତ ହୋଇଯାଏ, ଚକ୍ଷୁ ଅଶ୍ରୁ-ପରିପ୍ଲୁତ ହୁଏ; ପୁଣି କବି-ମହିମାରେ ହୃଦୟ ଫୁଲି ଉଠେ ।

ଏହା ପରେ ରାମମାତାଙ୍କର ମାନସିକ ଅବସ୍ଥାକୁ କବି ନିପୁଣ ଶିଳ୍ପୀକର ଭଳି କିପରି ନିଜ କାବ୍ୟରେ ଫୁଟାଇ ପାରିଛନ୍ତି, ତାହା ପାଠ କଲେ ଜଣା ପଡ଼େ—

Digitized by srujanika@gmail.com

କେବେ ଉପବନେ କେବେ ସରଯୂର କୂଳେ,
ବୁଲି ବୁଲି ତୋଳୁଥାନ୍ତି କୁସୁମ ଆକୁଳେ ।
ପୁଷ୍ପ ତୋଳି ତୋଳି ଯା'ନ୍ତି ବହୁଦୂର ଚାଲି
ରାମ ମୋର ଆସୁଥିବ ଅବା ବୋଲି ଭାଳି ।
ଯେଉଁ ମାର୍ଗେ କରିଥିଲେ ଶ୍ରୀରାମ ଗମନ,
ସେହି ମାର୍ଗ ଦେଖିବାକୁ ସବୁବେଳେ ମନ ।
ନ ଭେଟି କୁମର ପୁଣି ଆସନ୍ତି ଲେଉଟି,
ପାଦପ ମୂଳରେ ବାରମ୍ବାର ବସି ଉଠି ।

ଏ ପଦମାନଙ୍କରେ କି ଭଳି ହୃଦୟସ୍ପର୍ଶିନୀ ଚମତ୍କାରିତା ରହିଛି କବି ପୁତ୍ର-ବିରହ-ବିଧୁରା କୌଶଲ୍ୟାଙ୍କର ଅନ୍ତରକୁ ସତେ ଯିମିତି ପ୍ରବେଶ କରି ପାରିଛନ୍ତି ! ସର୍ବୋପରି 'ରାମ ଆସୁଥିବ ଭାବି ବହୁଦୂର ଚାଲିଯିବାରେ ରାମମାତାଙ୍କର ସାମର୍ଥ୍ୟ ଓ ଫେରିବାବେଳେ ସେହି ଆଶାର ଅଭାବରେ କିପରି ହୀନବଳ ହୋଇ ଗଛ ମୂଳମାନଙ୍କରେ ବସି ଉଠି ଆସି ପହଞ୍ଚୁଥିଲେ' ତାହା ଅନୁଧ୍ୟାନ କଲେ ଯେ କୌଣସି ମାତୃହୃଦୟ କ୍ରନ୍ଦନ କରି ଉଠିବ । ଏହା ଯେପରି କାରୁଣ୍ୟରସାଶ୍ରିତ, ସେପରି ଜୀବନ୍ତ ଓ ମର୍ମସ୍ପର୍ଶୀ ଚିତ୍ର ।

କରୁଣ ରସ ପରିବେଷଣରେ ଗଙ୍ଗାଧର ଉତ୍କଳରେ ତ ଅଦ୍ୱିତୀୟ । ମାତ୍ର ଏ ସବୁ ଲେଖା ବିଶ୍ୱ ସାହିତ୍ୟରେ ମଧ୍ୟ ସ୍ଥାନ ପାଇବା ଯୋଗ୍ୟ । ରାମଙ୍କର ଅଭିଷେକ ଦିନ ଓ ମାସ ଆସିଲେ ସ୍ୱୀୟ ପୁତ୍ରର ଭାଗ୍ୟ ବିପର୍ଯ୍ୟୟ ସ୍ମରଣ କରି କିପରି ପୁତ୍ରବତ୍ସଳା ରାଣୀ ଶୋକାତୁରା ଓ ବ୍ୟଥିତା ହୋଇ ପଡ଼ୁଥିଲେ, ତାହା ବର୍ଣ୍ଣନ କରୁଁ କରୁଁ କୌଶଲ୍ୟାଙ୍କର ବିରହ-ବ୍ୟଥିତ ହୃଦୟକୁ

ପାଠକ ସମ୍ମୁଖରେ ଥୋଇ ଦେଇ କବି ଗାଇଛନ୍ତି—ରାଣୀ କୌଶଲ୍ୟାଙ୍କର ଖେଦୋକ୍ତିରେ—

ପୂର୍ବ ଜନ୍ମେ କରିଥିଲି କେତେ କେତେ ପାପ,
କା ପୁତ୍ର ଛଡ଼ାଇ ତାକୁ ଦେଇଥିଲି ତାପ ।
ପକ୍ଷୀର ଶାବକ ଅବା ଆଣିଥିଲି ଧରି,
କାନ୍ଦୁଥିଲା ପକ୍ଷିଣୀ ତା କୁମରକୁ ସ୍ମରି ।
କିବା ଗାଈଠାରୁ ଭିନ୍ନ କରିଥିଲି ବତ୍ସ,
ରଡ଼ି ରଡ଼ି ଫାଟୁଥିଲା ସେ ଗାଈର ବକ୍ଷ ।
ସେ ସବୁ ପାତକ ମୋର ହୋଇଯାଉ ଭୋଗ,
ଥାଉ ରାମଚନ୍ଦ୍ର-ମୁଖ-ଦର୍ଶନର ଯୋଗ ।

ଇତ୍ୟାଦି ପଦ ପାଠ କରୁଁ କରୁଁ କଣ୍ଠ ବାଷ୍ପରୁଦ୍ଧ ହୋଇ ପଡ଼େ, ଶ୍ରୋତା ଅଶ୍ରୁ ସମ୍ବରଣ ନ କରି ରହି ପାରେ ନାହିଁ । ବିଶେଷତଃ, ପ୍ରାବୃଟରେ—

ବୃଷ୍ଟିଧାରେ ତଉଦତ ଦିଶେ ଅନ୍ଧକାର,
ନ ଦିଶଇ ପାଶେ ଥିବା ତରୁର ଆକାର ।
ତେତେବେଳେ ଦିଶେ ତାଙ୍କ କଳ୍ପନାର ଦେଶେ,
ରାମଚନ୍ଦ୍ର ତରୁ ତଳେ ଯୋଗିବର ବେଶେ ।
ଜାନକୀ ସହିତ ତାଳପତ୍ର ଛତ୍ର ଧରି,
ବୃଷ୍ଟି ଜଳ ସ୍ରୋତେ ପାଦପଦ୍ମ ମଗ୍ନ କରି ।

କିମ୍ବା—

ଘରୁଁ ଦିଗନ୍ତର ଭେଦି ଚଳେ ଘଡ଼ଘଡ଼ି,
ଚତୁର୍ଦ୍ଦିଗେ ଉଠୁଥାଏ ଦର୍ଦ୍ଦୁରଙ୍କ ରଡ଼ି ।

Digitized by srujanika@gmail.com

ଶିଶୁ ଥାଏ ଭୟେ ମାତୃକୋଳକୁ ଆବଶ,
ଘରେ ଜନେ ଲୁଚଥାନ୍ତି କୁଳଣକୁ ଡର ।
ସେତେବେଳେ ରାଣୀ ରାମ-ଜନନୀ ହୃଦୟ
ବନେ ବନେ ଭ୍ରମୁଥାଏ ଆକୁଳ ଅଥୟ ।
କେତେବେଳେ ଭେଟେ ରାମେ ପର୍ବତ କନ୍ଦରେ,
କେତେବେଳେ ବନେ ପର୍ଣ୍ଣକୁଟୀର ଭିତରେ ।

ଏଇ ପଦମାନଙ୍କରେ ମାତୃହୃଦୟ ଚିତ୍ରଣରେ କବିଙ୍କର ଗଭୀର ପ୍ରବେଶ ଓ ସହୃଦୟତା ପ୍ରଣିଧାନର ବିଷୟ । ମନସ୍ତାତ୍ତ୍ୱିକ ଦୃଷ୍ଟିରେ କୌଶଲ୍ୟାଙ୍କର ମାନସ-ଚିତ୍ରଣ କେତେ ପ୍ରାଣସ୍ପର୍ଶୀ, ଜୀବନ୍ତ ଓ କରୁଣ ହୋଇ ଉଠିଛି !

ଦ୍ୱିତୀୟ ସର୍ଗରେ ଏହିପରି କରୁଣ ରସରେ ପାଠକ ହୃଦୟକୁ ଅଭିଭୂତ ଓ ବ୍ୟଥିତ କରି ଦେଇ କବି ତା'ର ଶାନ୍ତିର ଆୟୋଜନ କରିଛନ୍ତି ତୃତୀୟ ସର୍ଗରେ । ଏଥିରେ ରାମ ଅଯୋଧ୍ୟାକୁ ପ୍ରତ୍ୟାବୃତ୍ତ ହୋଇଅଛନ୍ତି । କୌଶଲ୍ୟାଙ୍କର କରୁଣ-ବ୍ୟଥିତ ପ୍ରାଣର ସହିତ ଯେଉଁ ପାଠକ ଦ୍ୱିତୀୟ ସର୍ଗରେ ପରିଚିତ, ତୃତୀୟ ସର୍ଗରେ ରାମ ପ୍ରତ୍ୟାବୃତ୍ତ ହେବାରୁ କୌଶଲ୍ୟାଙ୍କର ଆନନ୍ଦରେ ପାଠକ ସଖ୍ୟ ସ୍ଥାପନ ନ କରି ରହି ପାରେ ନାହିଁ । କବି ଗଙ୍ଗାଧର କରୁଣ ରସରେ ପାଠକ ହୃଦୟକୁ ବ୍ୟଥିତ ମଥିତ କରି ଦେବାରେ ଯେପରି ସିଦ୍ଧହସ୍ତ, ତାକୁ ଶାନ୍ତି ପ୍ରଦାନ କରିବାରେ ମଧ୍ୟ ସେପରି କୁଶଳ ବୋଲି ମନେ ହୁଏ । ଏହାର ପ୍ରମାଣ 'ତପସ୍ୱିନୀ' ଓ 'ଅଯୋଧ୍ୟା-ଦୃଶ୍ୟ'ରେ ଆମେ ପାଇଥାଉଁ ।

ଏହା ବାହାରେ ଏ ସର୍ଗରେ ଭରତଙ୍କର ଭ୍ରାତୃଭକ୍ତି, ରାମଙ୍କର ଗୁଣଗ୍ରାହକତା ଓ ଧୈର୍ଯ୍ୟ କବିଙ୍କ ନୈପୁଣ୍ୟ ସହକାରେ ଚିତ୍ରିତ

Digitized by srujanika@gmail.com

ହୋଇଅଛି, ତାହା ଉଲ୍ଲେଖଯୋଗ୍ୟ । ଯଥା— ଭରତଙ୍କ ଉକ୍ତିରେ —

ଭରତ ମୁଁ ପ୍ରଭୁଙ୍କର ବିମାତୃ କୁମର,
ତାଙ୍କ ବନ ନିବାସର କାରଣ ମୁଁ ସ୍ଥିର ।
ଛତ୍ର ତଳେ ଦେଖ ରତ୍ନ ପାଦୁକା ରାଜିତ,
ନିତ୍ୟ ନିତ୍ୟ ହେଉଅଛି ଏ ଦାସେ ପୂଜିତ ।
ଏ ଦେଶର ରାଜା ସେହି କୌଶଲ୍ୟା କୁମାର,
କର ମୋତେ ପ୍ରଭୁ ଧନେ ପ୍ରହରୀ ବିଶ୍ବର ।
ଚିତ୍ରକୂଟେ ପ୍ରଭୁଙ୍କର ଦେଖି ଯୋଗୀ ବେଶ,
କରିଅଛି ଜଟ ତାଙ୍କ ଦାସ ନିଜ କେଶ ।
ଏଥେ ଦେଖୁଅଛ ଯେତେ ରାଜ କର୍ମଚାରୀ,
ସର୍ବେ ହୋଇଛନ୍ତି ସେହିହେତୁ ଜଟାଧାରୀ । ପ୍ରଭୃତି

ପଦରେ ଭରତଙ୍କର ଭ୍ରାତୃଭକ୍ତି ଅତୁଳନୀୟ । ସେହିପରି ରାମଚନ୍ଦ୍ରଙ୍କର ଉକ୍ତିରେ—

ପିତୃ ଆଦେଶରେ ସିନା ମୁହିଁ ଗଲି ବନ,
ମୋ ପାଇଁ ତୋ ଯୋଗୀ ବେଶ ଧନ୍ୟ ଭାଇ ଧନ୍ୟ ।
ରତନ ମୁକୁଟ ଯେଉଁ ଶିରେ ନୁହେ ମନା,
ମୋ ପାଦୁକା ଧରୁ ତହିଁ, ଧନ୍ୟ ମହାମନା । ପଦରେ

ରାମଚନ୍ଦ୍ରଙ୍କର ଗୁଣଗ୍ରାହକତା ପରିସ୍ଫୁଟ ହୋଇ ଉଠିଛି । ଏହିଭଳି ରାଣୀ କୌଶଲ୍ୟାଙ୍କ ଆଦର୍ଶ ପୁତ୍ର ବତ୍ସଳତା, ଭରତଙ୍କର ଆଦର୍ଶ ଭ୍ରାତୃଭକ୍ତି ଓ ରାମଚନ୍ଦ୍ରଙ୍କର ପିତୃଭକ୍ତି ତଥା ଗୁଣଗ୍ରାହକତାର ଯେପରି ପରିସ୍ଫୁଟ ହୋଇ ପାରିଛି ତାହା କେବଳ ପ୍ରଥମ ଶ୍ରେଣୀର

Digitized by srujanika@gmail.com

କବି ପକ୍ଷରେହିଁ ସମ୍ଭବ । ତଦୁପରି ଏ ସର୍ଗରେ କବିଙ୍କର ସୂକ୍ଷ୍ମ ଦୃଷ୍ଟି ଓ କବି-ପ୍ରତିଭାର କେତୋଟି ଦୃଷ୍ଟାନ୍ତ ଏଥିରେ ଦେଉଛୁ ଯଦ୍ଦ୍ୱାରା ତାଙ୍କ ଅଲୌକିକ କବିତ୍ୱ ସମ୍ବନ୍ଧେ ଧାରଣା କରି ହେବ ।

ରାମଚନ୍ଦ୍ରଙ୍କର ଆସିବା ଖବର ପାଇ କୌଶଲ୍ୟା ପଚାରୁଛନ୍ତି—

ବୋଇଲେ ବାବୁ ରେ, ଆସୁଅଛି ନା ଲକ୍ଷ୍ମଣ,
କହ ବାବୁ, ଜାନକୀର କୁଶଳ ଲକ୍ଷଣ । ରେ ବାତ୍ସଲ୍ୟର

ଆତୁରତା କପରି ନୈପୁଣ୍ୟ ସହ ଚର୍ଚ୍ଚିତ, ଅନୁଧ୍ୟାନ କରନ୍ତୁ ।

ଏ କାବ୍ୟର ତୃତୀୟ ସର୍ଗରେ କବିଙ୍କର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଓ ସ୍ୱଭାବୋକ୍ତିର କେତୋଟି ଦୃଷ୍ଟାନ୍ତ ଦିଏଁ । ପୁଷ୍ପକ ରଥ ଅଯୋଧ୍ୟାର ନିକଟବର୍ତ୍ତୀ ହେବାରୁ ପୁରବାସୀଙ୍କ ମଧ୍ୟରେ—

କାହିଁ କାହିଁ ବୋଲି ତହିଁ ପଡ଼ିଲା ଚହଳ,
କେ ଦେଖିଲା, କାହା ଦୃଷ୍ଟି ନ ହେଲା ସଫଳ ।
ଯେ ଦେଖିଲା କରି ସେହୁ କର ଉତ୍ତୋଳନ
ଅପରକୁ ସେହି ଦୃଶ୍ୟ କରାଏ ଦର୍ଶନ ।

ଅନ୍ୟତ୍ର—

ଅଯୋଧ୍ୟାବାସିଏ ଏଣେ କେ ଦେଖଇ ରଥ,
କେବା ବିଭୀଷଣ ମୁଖ ଦର୍ଶନରେ ରତ ।
କେହି ଅବା ସୁଗ୍ରୀବଙ୍କ ଲେଉଡ଼େ ହୋଇ ବ୍ୟସ୍ତ,
କେ ଅବା ପୁଷ୍ପକ ଚୁଲିଁ ଶିରେ ଦିଏ ହସ୍ତ ।
ବୟୋଧିକେ ପ୍ରଶ୍ନ କରି କରି ଶିଶୁଗଣ
ଚହ୍ନିଲେ ବିପିନାଗତ ଶ୍ରୀରାମ ଲକ୍ଷ୍ମଣ ।

Digitized by srujanika@gmail.com

ବାଲ୍ୟକାଳୁଁ ରାମ ରୂପ ନ ଥିଲେ ତ ଦେଖି,
ହୃଦପଟେ ଭିନ୍ନ ଭିନ୍ନ ରୂପ ଥିଲେ ଲେଖି । ଇତ୍ୟାଦି ।

ଏହିଭଳି ଚମତ୍କାର ସ୍ୱଭାବୋକ୍ତି ଅଳଙ୍କାର ସହିତ କବିଙ୍କ କବିଜନୋଚିତ ସୂକ୍ଷ୍ମଦର୍ଶିତାର ଜ୍ୱଳନ୍ତ ଦୃଷ୍ଟାନ୍ତ ଆମେ ଏଇ ସବୁଥିରୁ ପାଇଥାଉଁ । ସେହିପରି ରାମଚନ୍ଦ୍ର ପ୍ରବେଶ ମାତେ—

ସାଗ୍ରହେ ସସ୍ନେହେ ହୋଇ ଅତି ତରତର,
ଆଉଁସିଲେ ମାତାହିଂସ୍ର ପୁତ୍ର କଳେବର । ପଦରେ

କିଭଳି ସ୍ୱାଭାବିକତା ଓ ସୂକ୍ଷ୍ମ ପର୍ଯ୍ୟବେକ୍ଷଣର ମହିମା ଫୁଟି ଉଠିଛି ତାହା ଚିନ୍ତା କଲେ ସହଜରେ ଜଣା ପଡ଼ିବ । କବି ଗଙ୍ଗାଧରଙ୍କ କାବ୍ୟରେ ଏଭଳି ବହୁ ଦୃଷ୍ଟାନ୍ତ ସୁଲଭ । ସ୍ଥୂଳତଃ ଏ କାବ୍ୟରେ କବି ନିଜ ଉଦ୍ଦେଶ୍ୟ ସିଦ୍ଧି ଦିଗରେ ପ୍ରାୟ ସଫଳକାମ ହୋଇ ପାରିଛନ୍ତି । ଅବଶ୍ୟ ସ୍ଥଳେ ସ୍ଥଳେ ଦୋଷ ରହି ଯାଇଛି, ଯଥା —

ଉଚ୍ଚ ସ୍ୱରେ ସ୍ତବ ପାଠ କଲେ ବନ୍ଦିଗଣ,
ଚନ୍ଦ୍ର ଦରଶନେ କି ସେ ସାଗର ଗର୍ଜନ ।

ତେବେ କବି ଯେ 'ମହିମା'ରେ ଲେଖିଛନ୍ତି—

ଆନନ୍ଦ ବିଷାଦେ ସମ ଭାବେ ଥା'ନ୍ତି
ମହତ ସ୍ୱଭାବ ଧରି,
ପୂର୍ଣ୍ଣିମାରେ ଯଥା ନାଚଇ ସାଗର
ଅମାବାସ୍ୟାରେ ସେପରି । ତେବେ ଏଇ ଦୁଇ

ଉକ୍ତିରୁ କବିଙ୍କ କେଉଁ ଉକ୍ତିଟି ସତ୍ୟ ? ଏଥିରେ କବି ନିଜ ମତକୁ

Digitized by srujanika@gmail.com

(ଚନ୍ଦ୍ର ଦର୍ଶନରେ ସାଗର ଗର୍ଜନ) ଗୋଟିକରେ ମଣ୍ଡନ ଓ ଅନ୍ୟଟିରେ ଖଣ୍ଡନ କରି ନାହାନ୍ତି କି ?

ପୁନଶ୍ଚ—
ତେଣେ ଭେଦ ରାଜାଙ୍କର ମନ୍ଦୋଚ ସଦନ,
ଉଠିଲା ରମଣୀ କଣ୍ଠେ ମନ୍ଦୋଚ ରୋଦନ ।

ଏଭଳି ଆକାଶ ଫଟା କ୍ରନ୍ଦନ କେବଳ ବ୍ୟକ୍ତିବିଶେଷର ମୃତ୍ୟୁ ପକ୍ଷରେ ସ୍ୱାଭାବିକ । ରାମଙ୍କର ବନ ଗମନରେ ସମସ୍ତେ ବିଷାଦିତ ହେବା ଓ ନୀରବରେ ଲୁହ ଗଡ଼ାଇବାରେ ସ୍ୱାଭାବିକତା ରହିଛି; ମାତ୍ର 'ମନ୍ଦୋଚ ରୋଦନରେ' ନୁହେ ।

ସେହିପରି—

ନ ଗୁଞ୍ଜେ ଭ୍ରମର ମାତ୍ର କରେ'ଛନ୍ତି ବନ୍ଦୀ
ଅନର୍ଗଳ ଅଶ୍ରୁ ଧାର ଯାଉଅଛି ବହି ।

ଏଭଳି ନାରୀସୁଲଭ ଅଶ୍ରୁପାତ ଧୀରୋଦ୍ଧତ ନାୟକ ଲକ୍ଷ୍ମଣଙ୍କ ପକ୍ଷେ ଅଶୋଭନୀୟ ।

ଯଥା :—

ସେହି ଦୁଃଖେ ବୋଧ ହେଲା ଅଯୋଧ୍ୟା ନଗରୀ,
ଦୁଃଖ ଭଳି କାନ୍ଦିବାକୁ ବନ୍ଧୁ ମୁଖ ଧରି ।
ଅନୁରୂପ ଅଶ୍ରୁ କରି ଅସ୍ତ୍ର ବିସର୍ଜନ,
ମୁଖେ ମସୀ ଘଷ ହେଲା ଆପଣେ ଆପଣ ।

କମ୍ବା

ଦୁଗ୍ଧ ଦେବାପାଇଁ ଗାଈ ସହିଥାଏ କଷ୍ଟ
ଦୁହିଁଲାରୁ ବାଛୁରୀରେ ନ ଥାଏ ଆକଟ ।

Digitized by srujanika@gmail.com

ଏହାର ପୂର୍ବାପର ସମ୍ବନ୍ଧ ମିଳାଇ ଦେଖିଲେ ବୁଝାଯିବ ଯେ ପୂର୍ଣ୍ଣ ଓ ସ୍ପଷ୍ଟ ଭାବ ପ୍ରକାଶନରେ ଏହା କପରି ଅସମର୍ଥ । ସ୍ଥଳେ ସ୍ଥଳେ ଉପମାରେ ମଧ୍ୟ ଅଯୌକ୍ତିକତା ରହି ଯାଇଛି—

ଯଥା :—

କପାଳରେ ଦେଲା ରମ୍ୟ ସିନ୍ଦୂରର ବିନ୍ଦୁ
ଦିଶିଲା ତା ତାରାମୟ ନଭେ ଯଥା ଇନ୍ଦୁ ।

ଏଠାରେ ବର୍ଣ୍ଣ ବୈଷମ୍ୟ ରହିଛି । ତାରା ପୂର୍ଣ୍ଣ ଆକାଶରେ ଇନ୍ଦୁ (ଚନ୍ଦ୍ର) ର ବର୍ଣ୍ଣ ଲାଲ ନୁହେଁ, ବରଂ ଧଳା । କିନ୍ତୁ ସିନ୍ଦୂର ବିନ୍ଦୁ ରକ୍ତବର୍ଣ୍ଣ ହେବା ସ୍ୱାଭାବିକ । ଏହିଭଳି ସ୍ଥାନେ ସ୍ଥାନେ ସାମାନ୍ୟ ଦୋଷ ଏହି କାବ୍ୟରେ ପରିଲକ୍ଷିତ ହୁଏ । ମାତ୍ର ଗୁଣ ସହିତ ତୁଳନା କରାହେଲେ ସେହି ଦୋଷ ନିତାନ୍ତ ଅଳ୍ପ ବୋଲିବାକୁ ହେବ ।

ସପ୍ତମ ସର୍ଗରେ ଅଭିଷେକ ପରେ ରାମଚନ୍ଦ୍ରଙ୍କର ବନ୍ଦନା ଅତି ମନୋହର ଭାବରେ କବି କରିଛନ୍ତି ।

ଯଥା—

ଜୟ ଦେବ ମନୁବଂଶ-ଅବତଂସ ମଣି
ଜୟ ଜୟ ରଘୁକୁଳ-କମଳ-ତରଣି ।
ବୀର-ଦର୍ପହର ହର-ଧନୁ-ବିଭଞ୍ଜନ,
ତାଡ଼କା-ତାଡ଼ିତ-ମୁନି-ମାନସ-ରଞ୍ଜନ ।
ଦୁର୍ଦ୍ଦମ-ଦାନବଦଳ-ଶଲଭ-ଅନଳ,
ସୁହୃଦୟ ସୁହୃଦ୍‌ବର ଧାର୍ମିକର ବଳ ।

Digitized by srujanika@gmail.com

ନିଦଶ-ଦ୍ୱିଷଦ୍‌ଦଶ ବଦନ-ମର୍ଦ୍ଦନ,
ଶୁର ସୁର ସୁରପତି ଆନନ୍ଦ ବର୍ଦ୍ଧନ । ଇତ୍ୟାଦି ।

ଏଥିରେ କବିଙ୍କର ବର୍ଣ୍ଣବୈଭବ ଓ ଶବ୍ଦବିନ୍ୟାସର କୃତିତ୍ୱ ଲକ୍ଷ୍ୟ କରିବା କଥା ।

ଅଯୋଧ୍ୟା-ଦୃଶ୍ୟ ଅପେକ୍ଷାକୃତ କ୍ଷୁଦ୍ରାବୟବ ବିଶିଷ୍ଟ କାବ୍ୟ ହେଲେହେଁ କବିତ୍ୱ ମାଧୁରୀ ଦ୍ୱାରା ଏହା ସ୍ନିଗ୍ଧ ଓ ମନୋହର ହୋଇଅଛି । ସ୍ଥୂଳତଃ ଏହି କାବ୍ୟ ଖଣ୍ଡି ପୌରାଣିକ ଆଲେଖ୍ୟର ମନୋହର କାବ୍ୟ କଳା ଚିତ୍ର । ଉତ୍କଳ ବାଣୀ ଭଣ୍ଡାରର ଅମୂଲ୍ୟ ରତ୍ନ । ଏ କାବ୍ୟର ପ୍ରତ୍ୟେକ ସର୍ଗର କଳ୍ପନା ବିଷୟବସ୍ତୁ, ଚରିତ୍ର ଚିତ୍ରଣ ଓ ଲଳିତ ପଦରାଜି ଧୂପଗନ୍ଧ ତୁଲ୍ୟ ପବିତ୍ର, ଚନ୍ଦ୍ରାଲୋକ ପରି ମଧୁର ଓ ଲୋଚକ ପରି ନିର୍ମଳ । କବି ଗଙ୍ଗାଧର ଆଜି ଇହଲୋକରେ ନାହାନ୍ତି; ମାତ୍ର ଭାବ ସମ୍ପଦରେ ତଥା ଶିକ୍ଷା ଓ ସଂଯମ ଦ୍ୱାରା ଏ ଓଡ଼ିଆ ଜାତିକୁ ଯେଉଁ ମହାର୍ଘ ଦାନ ସେ ଦେଇ ଯାଇଛନ୍ତି ତାହା ଅବିସ୍ମରଣୀୟ । ଆଜି ଗଙ୍ଗାଧରଙ୍କ କାବ୍ୟ-କବିତା-ରାଜିର ମାଧୁରୀ ଅନ୍ୱେଷଣରେ ଅନେକେ ବ୍ୟସ୍ତ । ସମୟ ଆସିବ ଯେତେବେଳେ କବିଙ୍କ କାବ୍ୟ-କବିତାବଳୀର ସମ୍ୟକ୍ ଆଲୋଚନା ଓ ପରିଶୀଳନ ହେବ । ସେତେବେଳେ ଗଙ୍ଗାଧରଙ୍କ ପ୍ରତିଭାକୁ

"Full many a gem of purest
ray serene.
The dark unfathom's caves
of ocean bear,
Full many a flower is born to
blush unseen,
And waste its sweetness on
the destert air"

Digitized by srujanika@gmail.com

ଉକ୍ତିର ସତ୍ୟତା ହାଣ୍ଟି ଆଉ ପ୍ରତିପାଦିତ କରିବାକୁ ହେବ ନାହିଁ ।
ସେହି ଦିନକୁ ଆମେ ଚୁହିଁ ରହିଲୁଁ ।

ଖଣ୍ଡିଏ ପତ୍ର

ପରମ ଶ୍ରଦ୍ଧାସ୍ପଦ ସୁକବି ଶ୍ରୀଯୁକ୍ତ ଗଙ୍ଗାଧର ମେହେର ମହାଶୟ
ସୁହୃଦ୍‌ବରେଷୁ—

ମହାଶୟ,

ଆପଣଙ୍କର ଅଯୋଧ୍ୟା-ଦୃଶ୍ୟ ପଢ଼ିବାକୁ ପାଇ ମୁଁ ଅପୂର୍ବ ଆନନ୍ଦ ଉପଭୋଗ କଲି । ଆଜ ପାଣ୍ଡୁଲେଖ୍ୟ ପାଇ ମୁଁ ଏକାସନରେ ତାହା ଶେଷ କରିଅଛି । ଅମୃତମୟୀ ରାମାୟଣୀ କଥାକୁ ଆପଣ ସ୍ୱୀୟ ଅମୃତମୟୀ ଭାଷାରେ ବିଭୂଷିତ କରି ଉତ୍କଳ-ସାହିତ୍ୟ ମନ୍ଦିରକୁ ଆଜ ଗୋଟିଏ ରତ୍ନମୟୀ ମୂର୍ତ୍ତିରେ ମଣ୍ଡି ଦେଇ ଅଛନ୍ତି । ଏହି ସରଳ, ପ୍ରାଞ୍ଜଳ, କରୁଣରସାର୍ଦ୍ର କବିତାଟି ପାଠ କଲେ ପାଷାଣ ହୃଦୟ ମଧ୍ୟ ତରଳିଯିବ । କି ଭାଷାର ପ୍ରସାଦ ଓ ମାଧୁର୍ଯ୍ୟ ଗୁଣରେ, କି ଭାବର ଲାଳିତ୍ୟ ଓ ସ୍ନିଗ୍ଧତାରେ, କି ବର୍ଣ୍ଣନାର ସ୍ୱାଭାବିକତା ଓ ଚିତ୍ର ସୌନ୍ଦର୍ଯ୍ୟରେ ଏହା ବାସ୍ତବିକ ଉତ୍କଳ ସାହିତ୍ୟ ସଂସାରର ଗୋଟିଏ ସୁନ୍ଦର ସାମଗ୍ରୀ ହୋଇଅଛି ।

ଆଶା କରେଁ, ଆପଣ ଅନେକ ଲେଖା ରଖିଯାଇ ଆପଣଙ୍କ ସ୍ୱାଭାବିକ ଶକ୍ତିର ଯଥାଯଥ ବ୍ୟବହାର କରିବେ ।

ଆପଣଙ୍କର
ଶ୍ରୀ ନନ୍ଦକିଶୋର ବଳ

Digitized by srujanika@gmail.com

"ଉତ୍କଳ-ଲକ୍ଷ୍ମୀ"
ଓ
ମେହେରଙ୍କର ଉଗ୍ର ଜାତୀୟତା

ସ୍ୱଭାବ କବି ଗଙ୍ଗାଧରଙ୍କର 'ଉତ୍କଳ-ଲକ୍ଷ୍ମୀ' ପାଠ କରି କବିବର ରାଧାନାଥ ରାୟ ଏକାନ୍ତ ବିମୁଗ୍ଧ ହୋଇ ଲେଖିଥିଲେ, "ସ୍ଥଳରେ ରଚନା ଅତି ସୁନ୍ଦର ହୋଇଛି, ସ୍ଥାନେ ସ୍ଥାନେ ରଚନା ଏପରି ସୁନ୍ଦର ହୋଇଅଛି ଯେ ତାହା ମହାକବିମାନଙ୍କ ଲେଖାଗତ ଯୋଗ୍ୟ ବୋଲି ବିବେଚିତ ହୋଇପାରେ ।" ରାୟ ମହୋଦୟଙ୍କ ଏହି ମନ୍ତବ୍ୟ ପରେ ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଅତିବାହିତ ହୋଇ ଯାଇଛି ଏବଂ 'ଉତ୍କଳ-ଲକ୍ଷ୍ମୀ'ର ପ୍ରକାଶ ମଧ୍ୟ ଆଜିକୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲାଣି । ମାତ୍ର ଏ ଅଗ୍ରାହକ ଦେଶରେ ତାର ଯଥାର୍ଥ ଆଲୋଚନା ଏ ଯାଏ ସମ୍ଭବ ହୋଇ ପାରିନାହିଁ ।

ସେ ଯାହା ହେଉ, 'ଉତ୍କଳ-ଲକ୍ଷ୍ମୀ' ଗୋଟିଏ ଜାତୀୟଭାବପୂର୍ଣ୍ଣ ଲେଖା । ଏହା ଏକ କାଳ୍ପନିକ କାବ୍ୟ । କଳ୍ପନା ଜଗତରେ ପ୍ରବିଷ୍ଟ ହୋଇ କବି ଜନ୍ମଭୂମି ଉତ୍କଳକୁ ପୃଥିବୀ ମଧ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଅଛନ୍ତି । ତାହା ତାଙ୍କର ସର୍ବପ୍ରଥମ ପଦରୁ ଅନୁମିତ ହୁଏ । ଯଥା—

ଜୟ ଗୋ ଉତ୍କଳ- ଲକ୍ଷ୍ମୀ ଏକମାତ୍ର
ସୁନ୍ଦରୀ ତୁ ବସୁଧାରେ,
ପ୍ରାକୃତିକ ଶୋଭା- ରାଶି ରହିଅଛନ୍ତି
ତୋ ଅଙ୍ଗରେ ଏକାଧାରେ ।

Digitized by srujanika@gmail.com

ସୃଷ୍ଟିର ସମସ୍ତ ପ୍ରାକୃତିକ ଶୋଭା ଏହି ଛବିଳ ଉତ୍କଳରେ ପୁଞ୍ଜୀଭୂତ ହୋଇ ରହିଛି, ଏ କଥା କବି ଖାଲି ପ୍ରଥମ ପଦରେ କହି ଦେଇ ନାହାନ୍ତି, ବରଂ ପରବର୍ତ୍ତୀ ପଦମାନଙ୍କରେ କବିଭ ଯୁକ୍ତିପରଂପରାରେ ତା'ର ପ୍ରମାଣ ଓ ସ୍ପଷ୍ଟ ନିଦର୍ଶନ ଦେଖାଇ ଦେଇ ଅଛନ୍ତି ।

ପ୍ରଥମ ଥର ପାଇଁ ରାଧାନାଥଙ୍କ ଲେଖନୀର ଯାଦୁସ୍ପର୍ଶ ଉତ୍କଳର ମୂକ ପ୍ରକୃତି ଉପରେ ପତିତ ହୋଇଥିଲା । ମାତ୍ର 'ଉତ୍କଳ-ଲକ୍ଷ୍ମୀ'ରେ ଗଙ୍ଗାଧରଙ୍କ ବିଶେଷତ୍ୱ ଏଇ ଦିଗରୁ ଅପ୍ରତିହତ ଯେ ଯାହା ରାଧାନାଥ ଗ୍ରନ୍ଥାବଳୀରେ ଅବହେଳିତ, ପରିତ୍ୟକ୍ତ, ଅଜ୍ଞାତ, ଧୂଳିବିଲୁଣ୍ଠିତ ସେଗୁଡ଼ିକୁ ଉଠାଇ ଆଣି ମେହେର କରିଛନ୍ତି ସରସ, ସୁନ୍ଦର, ସଞ୍ଜୀବିତ ଓ ମହିମିତ । ଛବିଳ ଉତ୍କଳର ପ୍ରାକୃତିକ କାନନରେ ପଶିଯାଇ ଜଣେ ବାଛି ବାଛି ମନୋହର ପୁଷ୍ପସବୁ ତୋଳି ଆଣିଲା ପରେ ଆଉ ଜଣେ ତହିଁରେ ପ୍ରବେଶ କରି ଯଦି ସୁନ୍ଦରତର ମଧୁର ତଥା ମନୋମୁଗ୍ଧକର କୁସୁମରାଜି ତୋଳିଆଣି ଆମକୁ ତାର ମାଦକତା, ତାର ମାଧୁରୀ, ତାର ସୁଗନ୍ଧ ଉପଭୋଗ କରିବାକୁ ଆହ୍ୱାନ କରେ ତେବେ ଏଥିରେ ଆମେ କଣ କହିବା ? ଏହି ପ୍ରଶ୍ନ ଯେତେ ଜଟିଳ ଏହାରି ସାହିତ୍ୟିକ ଉତ୍ତର ସେତେ ସରଳ। ଏଇଟାକୁ ଆମେ କହିବା ଆଖିର ଶକ୍ତି, ଦେଖି ଦେଖାଇ ଜାଣିବାର ଗୁଣ, ଅନ୍ୱେଷଣ ଓ ଆହରଣର ପ୍ରବଳ ପ୍ରବୃତ୍ତି—ଅଦମ୍ୟ ଆକାଂକ୍ଷା । କବିବର ଗଙ୍ଗାଧର ଯେ କେବଳ ଉତ୍କଳର ପତିତ, ମୃତ, ଧ୍ୱସ୍ତ, ଅପରିଜ୍ଞାତ ପ୍ରକୃତିକୁ କବିତ୍ୱ ସଞ୍ଜୀବନୀ ମନ୍ତ୍ରରେ ଉଜ୍ଜୀବିତ କରିଛନ୍ତି ତା' ନୁହେଁ, ବରଂ କଳ୍ପନାର ଅନୁରଞ୍ଜନ ଦେଇ ବର୍ଣ୍ଣନାର ଚାତୁରୀରେ, ଭାଷାର ମନୋହାରିତ୍ୱରେ, କାବ୍ୟିକ ଆଲଙ୍କାରିକତାରେ ପ୍ରକାଶର ଅନବଦ୍ୟ ଭଙ୍ଗୀରେ ତଥା ସରସ ସୁନ୍ଦର ଚିତ୍ରଣରେ ସେଗୁଡ଼ିକୁ କରିଛନ୍ତି

Digitized by srujanika@gmail.com

ରୂପାୟିତ, ମହତ୍ତ୍ୱ, ଉଚ୍ଚସ୍ତରଗ୍ରଥିତ, ଝଙ୍କାରିତ, ରଣିତ, ମଧୁର ଓ ମନୋରମ । ଅନେକେ କହି ପାରନ୍ତି ଯେ ଏଥିରେ ମେହେରଙ୍କର କଳ୍ପତରୁ-ବାଦହିଁ ପ୍ରକାଶ ପାଇଛି; ମାତ୍ର କବି ପକ୍ଷରେ କଳ୍ପତରୁ-ବାଦର ସାର୍ଥକତା ରହିଛି ସେତିକିବେଳେ ଯେତେବେଳେ କି ତାହା ଦେଶ ଓ ସମାଜକୁ ସୁପ୍ତ ଜାଡ୍ୟରୁ ଉନ୍ମାଦନାରେ ଉଦ୍‌ବୁଦ୍ଧ, ଅନୁପ୍ରାଣିତ ଓ ମହିମିତ କରି ତୋଳେ । ତେଣୁ ଗଙ୍ଗାଧରଙ୍କ ସ୍ୱପ୍ନ ଦେଶକୁ ଆଗେଇ ନେବାରେ, ଅବସାଦଗ୍ରସ୍ତ ଜାତିର ପ୍ରାଣରେ ଉନ୍ମାଦନାର ଶିହରଣ ଖେଳାଇଦେବାରେ, ହୃତସର୍ବସ୍ୱ ଜନ୍ମଭୂମିକୁ ଜ୍ଞାନାଲୋକ ଓ ସଭ୍ୟତାଲୋକରେ ହସାଇ ଦେବାରେ । ଏ କାବ୍ୟରେ କବିଙ୍କର କବିକଳ୍ପନା ମଧ୍ୟ ଲକ୍ଷ୍ୟ କରିବାର କଥା ।

ସମ୍ବଲପୁର ନିକଟସ୍ଥ 'ଗୁମ୍‌ଦର୍ହ' ନାମକ ମହାନଦୀର ଗୋଟିଏ ଗଣ୍ଡର ନାମୋଲ୍ଲେଖ କରିବାକୁ ଯାଇ କବି କିପରି କବିତ୍ୱଛଟା ପ୍ରକାଶ କରିଛନ୍ତି ଦେଖନ୍ତୁ—

କେମନ୍ତ କୌଶଳେ ଗୋଧୂଳି ମଣ୍ଡଳେ
କାଚ ଖଣ୍ଡେ ଦେଇ ଝଟ
ତୋ'ଲଗି ଥୋଇଛି "ଗୁମ୍‌ଦର୍ହ" ଗର୍ଭେ
ଦିବ୍ୟ ମଥାମଣି ସଞ୍ଜି ।

କବିଙ୍କର ଏହି ଉକ୍ତିଟି ନିସର୍ଗ ସୌନ୍ଦର୍ଯ୍ୟସମ୍ପାଦନୀ, କଳକଲ୍ଲୋଳିନୀ, ପୁଣ୍ୟତୋୟା ଶସ୍ୟୋତ୍ପଳା ଶୋଭିନୀ ସ୍ୱର୍ଣ୍ଣମୟୀ ଉତ୍କଳଲକ୍ଷ୍ମୀଙ୍କ ପ୍ରତି ଲକ୍ଷ୍ୟ । ପ୍ରକୃତି ବିବିଧ ଉପଚାରରେ କିପରି ଉତ୍କଳମାତାର ଶୋଭା ସମ୍ପାଦନରେ ସତତ ବ୍ୟସ୍ତ ତାହା ବର୍ଣ୍ଣନା କରିବାକୁ ଯାଇ କବି ଗଙ୍ଗାଧର ଏପରି କବିତ୍ୱ ପରାକାଷ୍ଠା ମଧ୍ୟ ଦେଖାଇ

Digitized by srujanika@gmail.com

ଦେଇଅଛନ୍ତି । ଖାଲି ସେତିକି ନୁହେଁ କବିତ୍ୱ ସଙ୍ଗେ ପଦମାଧୁରୀର ମାଦକତା ମଧ୍ୟ ଯଥେଷ୍ଟ ଉପଭୋଗ୍ୟ ।

ଯଥା :—

ଯାମିନୀ କାମିନୀ ପ୍ରିୟସଖୀ ଭବେ
କରୁଥାଏ କେତେ ସଜ,
କୋମଳ ଶ୍ରୀଅଙ୍ଗେ ବୋଳି ଦେଉଥାଏ
ନୀହାର କର୍ପୂର ରଜ ।
କେବେ ବୋଳିଦିଏ ସ୍ନେହବଶେ ଚନ୍ଦ୍ର
ଚନ୍ଦ୍ରିକା ଗୁରୁ ଚନ୍ଦନ,
ତିମିର ଛଳରେ ମୃଗମଦ ଘୋରି
କେବେ କରେ ପ୍ରଲେପନ ।

ପ୍ରଭୃତି ପଦଗୁଡ଼ିକରେ କିପରି ପ୍ରସାଦ ମାଧୁର୍ଯ୍ୟଗୁଣ ସମନ୍ୱିତ ହୋଇ ମଧୁର ତାନ ତୋଳୁଛି ତାହା ସହୃଦୟ ପାଠକ ମାନେ ଅବଧାରଣ କରି ପାରିବେ ।

ବିଶେଷତଃ କବିଙ୍କର ଜାତିପ୍ରୀତି ଏ କାବ୍ୟରେ ଲକ୍ଷ୍ୟ କରିବାର କଥା । ସୃଷ୍ଟିର ସମସ୍ତ ଦେବଦେବୀଙ୍କୁ କବି ଉତ୍କଳ ପ୍ରତି କିପରି ଆକୃଷ୍ଟ କରି ପାରିଛନ୍ତି ଦେଖନ୍ତୁ—

ତୋହୋ ରୂପେ ମୁଗ୍ଧ ହୋଇ ଜଗନ୍ନାଥ
ଛାଡ଼ି ଦ୍ୱାରବତୀ ପୁର
କଳିନ୍ଦଜା ତଟ- ବିପିନ ବିହାର-
ସୁଖ କରି ମନୁ ଦୂର

Digitized by srujanika@gmail.com

ପୂର୍ବାଚଳ ଚୂଳେ ହିନମଣି ପ୍ରାୟେ
ବିଜେ କରି ନୀଳାଚଳେ
ପ୍ରେମେ ଆଲିଙ୍ଗନ କରୁଛନ୍ତି ତୋତେ
ପ୍ରକାଣ୍ଡ ବାହୁଯୁଗଳେ ।

ପୁନଶ୍ଚ— କାଶୀଧାମ ଛାଡ଼ି ଆସି ତ୍ରିଲୋଚନ
ରହିଲେ ଏକାମ୍ର ବନେ,
ତିନି ଲୋଚନକୁ ତୃପ୍ତ କରୁଛନ୍ତି
ତୋ' ରମ୍ୟ ରୂପ ଦର୍ଶନେ ।
ସେ ବିଶ୍ୱପାବନ ବିଶ୍ୱନାଥଙ୍କର
ଗମନକୁ ଅନୁସରି
ଜାହ୍ନବୀ ଆସିଲେ କଇତବ ବେଶେ
ଚିତ୍ରୋତ୍ପଳା ନାମ ଧରି ।

ବିଶ୍ୱସ୍ରଷ୍ଟା ଜଗନ୍ନାଥଙ୍କୁ ଓଡ଼ିଶାର କରି ସାରିବା ପରେ କବି କପିଳ ଦେବଦେବ ମହାଦେବଙ୍କୁ ଓ ତତ୍‌ପଶ୍ଚାତ୍ ଜଗତ୍-ପାବନୀ ଗଙ୍ଗାଙ୍କୁ ଓଡ଼ିଶାର ଅଭିମୁଖକୁ ଟାଣି ଆଣିଛନ୍ତି କଳ୍ପନାର ମଧୁର ଅନୁରଞ୍ଜନରେ । ଖାଲି ସେତିକ ନୁହେଁ, ନିଜ ଜନ୍ମଭୂମିର ମହତ୍ତ୍ୱ ଆହୁରି ବିଶେଷ ଭାବରେ ପ୍ରତିପାଦନ କରିବାକୁ ଯାଇ କବି ଲେଖିଛନ୍ତି—

ପଥେ ଦେଖି ତାଙ୍କୁ ସମଲାଇ ଦେବୀ
ଭାବେ ଆଲିଙ୍ଗନ କଲେ,
ସମଲାଇ କରି ଲାଗି ହୃଦହାର
ଛିଡ଼ି ପଡ଼ିଗଲା ତଳେ ।

Digitized by srujanika@gmail.com

ସେହିଠାରେ ଭୂମି ନିହାଇଲା ଗମ୍ଭୀର,
ଦେଖି ଖୋଳି ଖୋଳି ହୀର
ଖନିତ ବାଲୁକା- ରାଶି ପଡ଼ି ଯହିଁ
ହୋଇଅଛି ସ୍ତୂପାକାର,
ଏବେ ହୀରାକୁଦ ନାମେ ଅଭିହିତ
ହୋଇଅଛି ସେହି ସ୍ଥାନ,
କେତେ ହୀରା ଚହୁଁ ପାଇ ତୋ କ୍ରମରେ
ହୋଇଛନ୍ତି ଧନବାନ ।

ଏହି କେତୋଟି ପଦ କିପରି କବି-କଳ୍ପନାର ତରଳ ବିଳାସରେ ନିୟନ୍ତ୍ରିତ, କିପରି ପ୍ରାଣବିମୋହନ ଅଳଙ୍କାରରେ ଅଳଙ୍କୃତ ତାହା କେବଳ ସହୃଦୟ ଗ୍ରାହକର ଉପଭୋଗ୍ୟ । ନ ହେଲେ କି ବ୍ୟାସକବି ଫକୀରମୋହନ ଲେଖିଥାନ୍ତେ—ଆପଣଙ୍କ ପ୍ରେରିତ 'ଉତ୍କଳ-ଲକ୍ଷ୍ମୀ' ପାଇ ଧନ୍ୟବାଦ ପ୍ରଦାନ କରୁଅଛୁଁ । ପୁସ୍ତକ ଖଣ୍ଡିକ ଆମୂଳ ପାଠ କରିଅଛୁଁ । ଏହାର ଭାଷା ନିତାନ୍ତ ବିଶୁଦ୍ଧ, ପ୍ରାଞ୍ଜଳ ଓ ହୃଦୟଗ୍ରାହିଣୀ ହୋଇଅଛି ।

"ସମଲଇ କର ଲାଗି ହୃଦ ହାର
ଛୁଡ଼ି ପଡ଼ିଗଲା ତଳେ," ଏହିପରି ପ୍ରୟୋଗ-
ଗୁଡ଼ିକ ବାରମ୍ବାର ପାଠ କଲୁଁ ।

ଏହା ପରେ ଉତ୍କଳ-ଲକ୍ଷ୍ମୀଙ୍କର ନୀରାଜନାପାଇଁ ଦିଗଙ୍ଗନାଗଣ କିପରି ଋତୁପର୍ଯ୍ୟାୟରେ ସତତ ନିରତ ସେ କଥା ବଡ଼ ସରସ ସୁନ୍ଦର ଭାବରେ କବି ଲେଖନୀରୁ ନିର୍ଗତ ହୋଇଛି । ବର୍ଷା ଦିନରେ ଅସ୍ତୋନ୍ମୁଖ ସୂର୍ଯ୍ୟ, ଏଣେ ପୂର୍ବ ଦିଗରେ ନୀଳ ମେଘ ଘୋଟି ଆସିଲା । ସେହି ମେଘ କୋଳରେ ଇନ୍ଦ୍ରଧନୁ ଚିହ୍ନିତ ହେବାହାରୁ

ମେଘାସ୍ତୃତ ପୂର୍ବ ଦିଗ ସପ୍ତ ବର୍ଣ୍ଣିଳ ରଙ୍ଗରେ ଭୂଷିତ ହୋଇ ବର୍ଣ୍ଣୋତ୍ସବ ସୃଷ୍ଟି କଲା । ଏ ପାଖେ ସ୍ୱର୍ଣ୍ଣବର୍ଣ୍ଣର କିରଣ ବସ୍ତ୍ର ପରିହିତା ହୋଇ ଓ ମସ୍ତକରେ ରବି-ମଥାମଣି ଯେନ ପ୍ରଣତୀ ରମଣୀ ଅନ୍ୟ ଦିଗରେ ଛିଡ଼ା ହେଲା । ସୁତରାଂ, ଉଭୟ ଦିଗ ଉତ୍କଳ-ଲକ୍ଷ୍ମୀଙ୍କର ମନୋରଞ୍ଜନ ସକାଶେ ନୃତ୍ୟ କଲେ ଓ ବିହଙ୍ଗମଗଣ ମନୋମୁଗ୍ଧ-କର ରାଗିଣୀରେ ସଙ୍ଗୀତ ଗାଇଲେ । ପୁଣି ଆଉ ଗୋଟାଏ ଦିନରେ ପ୍ରଭାତ ସମୟରେ କବି ଦେଖନ୍ତି ତ ସେହି ଦିଗଙ୍ଗନାଦ୍ୱୟ ନିଜ ନିଜର ବେଶ ପରିବର୍ତ୍ତନ କରି ଉତ୍କଳ-ଲକ୍ଷ୍ମୀଙ୍କର ସିଂହଦ୍ୱାରରେ ନୃତ୍ୟ ଦେଖାଇବାପାଇଁ ଛିଡ଼ା ହୋଇଛନ୍ତି । ଏଣୁ କବି ଗାଇ ଉଠିଲେ—

ଏହି ପରକାରେ ବିଶ୍ୱ ଶୋଭାରାଣି
କରୁଛନ୍ତି ତୋତେ ସେବା,
ତୋହୋ ସଙ୍ଗେ ବିଶ୍ୱେ ତୁଳନୀୟ ହେବ
ଭାଗ୍ୟବତୀ ଅଛି କେ ବା ?

ଏଇ ଯେ ଶୋଭା ସମ୍ଭାରର ବର୍ଣ୍ଣନା କବି ଉପର୍ଯ୍ୟୁକ୍ତ ପଦରେ କରିଛନ୍ତି, ବାସ୍ତବରେ ତାହା ବିଶ୍ୱର ଶୋଭା—କେବଳ ଉତ୍କଳ ବା ଭାରତର ନୁହେଁ । ଏଣୁ ଏ ରୂପ ଅନବଦ୍ୟ ଶୋଭାରାଣି ଉତ୍କଳ-ଲକ୍ଷ୍ମୀଙ୍କର ସେବାରେ ଯେ ନିଜ ପ୍ରତି ନିରତ ତାହା ଉତ୍କଳ ପକ୍ଷରେ ନିଶ୍ଚୟ ବହୁ ଗୁଣରେ ଗୌରବାବହ ।

ମୁଁ ଆଗରୁ କହିଛି ଯେ ଏହା ଏକ କାଳ୍ପନିକ କାବ୍ୟ । ଯେତେବେଳେ କଳ୍ପନା ସୁନ୍ଦରୀ କବିଙ୍କୁ ଏକ ଅଜ୍ଞାତ ରହସ୍ୟମୟ କଳ୍ପନା ରାଜ୍ୟକୁ ନେଇ କଳ୍ପପୁରୀରେ ଉପସ୍ଥିତ କରାନ୍ତି, ସେତେବେଳେ କବି ସେଇଠି ଦେଖନ୍ତି ଏକ ପରମା ସୁନ୍ଦରୀ ଦେବୀ

Digitized by srujanika@gmail.com

ବିଷାଦଗ୍ରସ୍ତା । ତାଙ୍କର ଅବିରାମ ଅଶ୍ରୁପାତରେ ଧରଣୀ ସିକ୍ତ ।
ମାତ୍ର ଗଙ୍ଗାଧର ଏପରି ପରମାସୁନ୍ଦରୀ ରମଣୀର ସୌନ୍ଦର୍ଯ୍ୟ ସମ୍ବନ୍ଧରେ
ଯେତେବେଳେ କିଛି କହିବାକୁ ଯାଆନ୍ତି ସେତେବେଳେ ତାଙ୍କ
ଲେଖନୀର ସ୍ଥିତପ୍ରଜ୍ଞତା ଓ ସଂଯମ ଅନୁଧ୍ୟେୟ ।

ଯଥା—

ସୁନ୍ଦରୀ ସମାନ ଉପମା ଦେବାକୁ
ବହୁତ କଲି କଳ୍ପନା,
ମୋହ କଳପିତ ଉପମା ସବୁକୁ
ବଳିଗଲା ବରାନନା ।
ଅତିଶୟୋକ୍ତି ଅଳଙ୍କାର ତହିଁ
ଲଗାଇ ବସିଲି ଯେତେ,
ସେ ଅଳଙ୍କାରର ଅଳଙ୍କାର ହୋଇ
ଗଲା ବାଳାମଣି ତେତେ ।

ଏ ସ୍ଥଳରେ ଗଙ୍ଗାଧର ଓ ରାଧାନାଥଙ୍କ ପାର୍ଥକ୍ୟ ବହୁ ଗୁଣରେ
ପରିଲକ୍ଷିତ ହୁଏ । ପାଠକର ଅଦୃଷ୍ଟ କୌଣସି ସୁନ୍ଦରୀ ରମଣୀର
ରୂପ ଛବି ଗାନ କବିର ପଣ୍ଡ ଶ୍ରମ ବୋଲି ଆଜିକାଲି କେହି କେହି
ବୁଝିଲେଣି । ବାସ୍ତବରେ ସ୍ତ୍ରୀର ଅଙ୍ଗପ୍ରତ୍ୟଙ୍ଗର ଗୁରୁତା ବର୍ଣ୍ଣନା
କରି ପାଠକ ମନରେ କାମାବେଗ ସୃଷ୍ଟି କରିବା ଛଡ଼ା କବିର
କଣ ଅନ୍ୟ କୌଣସି କର୍ତ୍ତବ୍ୟ ଆଉ ନାହିଁ ? ଏଇ ନାରୀ ସୌନ୍ଦର୍ଯ୍ୟ
ବର୍ଣ୍ଣନରେ, ଅତିଶୟୋକ୍ତି ପ୍ରୟୋଗରେ ଉପେନ୍ଦ୍ର ଭଞ୍ଜ ଦ୍ରଷ୍ଟା
ବାଟଟିଏ ଫିଟାଇ ଦେଲେ ଏବଂ ରାଧାନାଥଙ୍କ ପର୍ଯ୍ୟନ୍ତ କେହି କିଛି
ନ ବିଚାରି ଉଣା ଅଧିକେ ତାର ଅନୁସରଣ କଲେ । ଆଧୁନିକ
ଯୁଗରେ, "କବି ରାଧାନାଥ କବିବର ଉପେନ୍ଦ୍ର ଭଞ୍ଜଙ୍କ ପଦାଙ୍କ

Digitized by srujanika@gmail.com

ଅନୁସରଣ କରି ଆଦିରସର ମାଧୁର୍ଯ୍ୟ ପ୍ରକଟିତ କରିବା ପାଇଁ ସୂର୍ଯ୍ୟଙ୍କ ମୁହଁରେ ବହୁତ କଥା କୁହାଇ ଅଛନ୍ତି । ଏପରି କି, ସୂର୍ଯ୍ୟ ଉଦୟପୂର ତୀବ୍ର କାମାବେଗ ପ୍ରତିରୋଧ କରି ନ ପାରି ନିର୍ଲଜ୍ଜ ଓ ଅସଂଯତ ଭାବରେ ଚନ୍ଦ୍ରଭାଗାକୁ କହିଅଛନ୍ତି —

'ରାଜରାଜେଶ୍ୱରୀ ସୁଷମା-
ରାଜ୍ୟେ ତୁହି ସୁନ୍ଦରୀ,
ଛାୟାମୟୀ ଛାୟା ନୁହେଁ ତୋ
ଦାସୀ ପଣକୁ ସରି ।'

ଚନ୍ଦ୍ରଭାଗାର ସୌନ୍ଦର୍ଯ୍ୟ ଦର୍ଶନରେ କାମାତୁର ସୂର୍ଯ୍ୟଙ୍କର ଏକପତ୍ନୀବ୍ରତ ମୁହୂର୍ତ୍ତକ ମଧ୍ୟରେ ଭୁଷୁଡ଼ି ଯାଇଛି । କବିବର ରାଧାନାଥ ବହୁତ କଥାରେ ଯେଉଁ ଭାବ ପ୍ରକାଶ କରନ୍ତି କବିବର ଗଙ୍ଗାଧର ଅଳ୍ପ କଥାରେ ତାହାଠାରୁ ଅଧିକ ଭାବ ପ୍ରକାଶ କରନ୍ତି; ଏହାହିଁ ଗଙ୍ଗାଧରଙ୍କ ବିଶେଷତ୍ୱ ।"

ଏ ସ୍ଥଳରେ ଗଙ୍ଗାଧରଙ୍କୁ ଉଚ୍ଚ ସ୍ଥାନ ଦେବାକୁ ଯାଇ ରାଧାନାଥଙ୍କୁ ତଳେ ପକାଇ ଦେବାର ମୋର ଅଭିପ୍ରାୟ ନୁହେଁ; ମାତ୍ର ସମାଲୋଚନାର ଅନୁରୋଧରେହିଁ ଏହା କରିବାକୁ ହେଉଛି । କେହି କେହି କହନ୍ତି ଯେ ତୁଳନା ନ ହେଲେ ସମାଲୋଚନା ହୋଇ ପାରିବ ନାହିଁ । ଆଉ ମଧ୍ୟ କେହି କହନ୍ତି ଯେ Compar-ision is always odd." ତେବେ କବିର କାବ୍ୟମୂଲ୍ୟକୁ ଓଜନ କରିବା ପାଇଁ ଏଯାଏ ସେପରି କୌଣସି ମାନଦଣ୍ଡ ବାହାରି ନାହିଁ ଯଦ୍ଦ୍ୱାରା କି ତାର ସମସ୍ତ କାବ୍ୟମୂଲ୍ୟ ଓଜନ କରାଯାଇ ପାରିବ । ସୁତରାଂ, ଅନେକ ସମୟରେ ତୁଳନାହିଁ ଏପରି ସ୍ଥଳରେ ସାହିତ୍ୟିକ

Digitized by srujanika@gmail.com

ମାନଦଣ୍ଡର କାର୍ଯ୍ୟ କରିଥାଏ । ତେବେ ରାଧାନାଥଙ୍କ କାବ୍ୟ କବିତାରେ ମଧ୍ୟ କେତେକ ଗୁଣ ରହିଛି ଯାହା କି ପ୍ରଣିଧାନର ଯୋଗ୍ୟ ।

ଚନ୍ଦ୍ରର ବିଦାୟ କାଳରେ ବିଷାଦଗ୍ରସ୍ତା ରୋହିଣୀର ଦୁର୍ଦ୍ଦଶା ଅବଲୋକନ କରି କବି ଗଙ୍ଗାଧରଙ୍କ ଲେଖନୀ ବହୁପତ୍ନୀକ ପୁରୁଷର ବିରୁଦ୍ଧରେ ବିଦ୍ରୋହ କରି ଗାଇ ଉଠିଛି—

"ଅହୋ କି ନିଷ୍ଠୁର- ହୃଦୟ ସେ ଜନ
ବହୁ ବାଳା କର ଧରେ,"

ତାଳକୁ ତେଣୁ କହୁଛନ୍ତି—

ଏଣୁ କାମିନୀଏ ନ ବାଞ୍ଛନ୍ତୁ କେବେ
ବହୁସ୍ତ୍ରୀକ ରାଜବର,
କୁଟୀରକୁ ସୁଖ ମଣୁଥାନ୍ତୁ ଧରି
ଐକପତ୍ନୀକର କର ।

ନୀତିଶାସ୍ତ୍ରରେ ସୂତ୍ରବାକ୍ୟ ସ୍ୱରୂପ ଏଗୁଡ଼ିକର ସ୍ଥାନ କେତେ ଉଚ୍ଚରେ ସେ କଥା ଆଉ ବୁଝାଇ ଦେବାକୁ ହେବ ନାହିଁ । ଏଥିରେ ଅନୁଭୂତିର ଆତ୍ମପ୍ରକାଶ ଓ ସତ୍ୟତା ମଧ୍ୟ ଲକ୍ଷ୍ୟ କରିବାର କଥା !

ଲୋକେ ସାଧାରଣତଃ ସ୍ୱର୍ଗକୁ ସମସ୍ତ ସୁଖ ଓ ବିଳାସର ଏକମାତ୍ର ସ୍ଥଳୀ ବୋଲି ମନେ କରନ୍ତି । ମାତ୍ର ଏହି ମାଟିର କର୍ମ-କୋଳାହଳମୟ ସଂସାର ସ୍ୱର୍ଗଠାରୁ ମଧ୍ୟ କେତେ ବହୁଗୁଣରେ ସୁଖକର, ବିଳାସ୍ୟ ଓ ଉପଭୋଗ୍ୟ ତାହା କବି ସୁକ୍ତିପରଂପରାରେ ରୋହିଣୀଙ୍କ ମୁଖରେ ପ୍ରକାଶ କରିଛନ୍ତି । ବିଶେଷତଃ କବି ମର୍ତ୍ତ୍ୟ-ଧାମରେ ସ୍ଥାବର ପ୍ରାଣରେ ମଧ୍ୟ ପ୍ରେମର ଯେ ନିଗୂଢ଼, ଅବିଚ୍ଛିନ୍ନ

Digitized by srujanika@gmail.com

ଓ ମଧୁର ସମ୍ପର୍କର ସୂଚନା ଦେଇ ବର୍ଣ୍ଣନ କରିଛନ୍ତି ତାହା ମେହେରଙ୍କ ଲେଖନୀର ଏକ ବଶିଷ୍ଟ ଗୁଣ ବୋଲି ବୁଝିବାକୁ ହେବ ।

ଯଥା :—

ସ୍ଥାବର ଆଡ଼କୁ ଦେଖ କାନ୍ତ ଥରେ
ଥାଉ ଜଙ୍ଗମର କଥା,
ରସାଳ କୋଳରେ ଆଲିଙ୍ଗିତ ହୋଇ
ରହିଛି ମାଧବୀ ଲତା ।

ପ୍ରେମର ସୁମଧୁର ଓ ମନୋହର ଚିତ୍ରଣରେ ମାଟିର ଏହି ସଂସାରରେ ଏହାଠୁଁ ବଳି ବିଚିତ୍ର ବର୍ଣ୍ଣନ ଓ ମହନୀୟ ଚିନ୍ତା ଆମେ ଆଉ କେଉଁଠୁଁ ଆଶା କରିବା ?

ଏହା ପରେ ସମ୍ବଲପୁର, ପାଟଣା, ସୋନପୁର, ବରପାଲି ଓ ଖଡ଼ିଆଳର ଚୌହାନ ନୃପତିଗଣ ଓଡ଼ିଶାରେ ଅନେକ କୀର୍ତ୍ତି କରି ଯାଇଅଛନ୍ତି । ମାତ୍ର ରାଧାନାଥଙ୍କ ଲେଖନୀରେ ଏମାନଙ୍କୁ ସମ୍ମାନିତ କରା ହୋଇ ପାରିନାହିଁ । ଏଣୁ ଉତ୍କଳ-ଲକ୍ଷ୍ମୀଙ୍କର ପୂଜାରେ ଏମାନେହିଁ ଶ୍ରେଷ୍ଠ ରତ୍ନ ଅଳଙ୍କାର ଦେଇଥିବା କବି ଗଙ୍ଗାଧର ବର୍ଣ୍ଣନା କରିଅଛନ୍ତି ।

ଯଥା :—

କଟିତଟେ ହେମ ଦାମ ମନୋରମ
ବସନ ଗୁମ୍ଫନେ ରହି ।
ବ୍ୟଞ୍ଜିତ ହେଉଛି ଖଚିତ ରତନ
ତେଜେ ନେବେ ପାପ ଦହି ।

ମାତ୍ର ରାଧାନାଥଙ୍କ ସ୍ତବ ପାଠ ସମୟରେ ଏହି ରମ୍ୟ କଟିଦାମ ଦେବାଳୋକର ନାମୋଲ୍ଲେଖ ନ ହେବାରୁ କବି ଖେଦରେ ଗାଇଅଛନ୍ତି—

Digitized by srujanika@gmail.com

ରମ୍ୟ କଟିଦାମ   ଦେବା ଲେକ ନାମ
ନ ଶୁଣି ହେଲେଁ ବକଳ,
ଭାବଲ ଦାୟକ   ଥିଲେହେଁ ଗାୟକ
ନ ଥିଲେ ଦେବା ବଫଳ ।

ରାଧାନାଥ ଗୋଟିଏ ଗୋଟିଏ କାବ୍ୟ ଲେଖି ସେଇକ କଥା କହିଛନ୍ତି, ଗଙ୍ଗାଧର ଗୋଟିଏ ଗୋଟିଏ ପଦରେ ସେତିକ କଥା କହିଛନ୍ତି; ମାତ୍ର କଳ୍ପନା ଓ ଚିନ୍ତାର ଉଚ୍ଚତାରେ ସେ ପଦମାନଙ୍କୁ କରିଛନ୍ତି ଅନବଦ୍ୟ ଓ ହୃଦ୍ୟ । ରାଧାନାଥ ମନ୍ତ୍ରପାଠ କରିବାରୁ ନିମ୍ନଲିଖିତ ପୁରୁଷ ଓ ସ୍ତ୍ରୀ ଆସି ପ୍ରବେଶ କଲେ । ଗଙ୍ଗାଧର ତାଙ୍କୁ ଏହିପରି ଲେଖିଛନ୍ତି—

ଶ୍ରୀ ପୁରୁଷୋତ୍ତମ   ନରେନ୍ଦ୍ର ଆସିଲେ
ଯେନ ରତ୍ନମୟ ଛତ୍ର,
କାଞ୍ଚି ଗର୍ବ ଚୂର୍ଣ୍ଣେ   ମଜା ହୋଇଥିଲା
ସେ ଛତ୍ର ରତନ ପଂକ୍ତି ।

× × ×

ଗଙ୍ଗେଶ୍ୱର ଦେବ   ବିନତ ବଦନେ
ପୃଷ୍ଠଭାଗେ ହୋଇ ଛିଡ଼ା,
ଦେଖାଙ୍କ ରତନ   ପଣତ କାନରେ
ଢାଙ୍କୁଥିଲେ ମୁଖ ବ୍ରୀଡ଼ା ।

ପରେ ପରେ ରାଧାନାଥଙ୍କ କାବ୍ୟର ନାୟିକାମାନଙ୍କୁ ଗଙ୍ଗାଧର ନିମ୍ନଲିଖିତ ରୂପେ ଉତ୍କଳ-ଲକ୍ଷ୍ମୀଙ୍କର ପୂଜାପୀଠକୁ ଆଣିଛନ୍ତି—

Digitized by srujanika@gmail.com

ନନ୍ଦିକା ଆସିଲା କଣ୍ଟକିତ ପଥେ
ଲଜ୍ଜା ଉପାନହ ପଦେ
ଉପାୟନ ରୂପେ ଜୈନମଣି ଧରି
ନବ ପ୍ରେମ ଗଦଗଦେ ।

ଏହି ପଦଟିକୁ ରାଧାନାଥଙ୍କ 'ନନ୍ଦିକେଶ୍ୱରୀ' କାବ୍ୟର 'ବସ୍ତୁନିର୍ଦ୍ଦେଶ' କୁହାଯାଇପାରେ । ଉଲ୍ଲିଖିତ ପଦଟିରେ ଯେଉଁ ଯେଉଁ ବିଷୟର ଉଲ୍ଲେଖ ହୋଇଛି, ବୋଧ ହୁଏ 'ନନ୍ଦିକେଶ୍ୱରୀ' କାବ୍ୟରେ ତା'ଠୁଁ ଅଧିକ କିଛି ଆଉ ନ ଥିବ । ତା' ପରେ କବି ଲେଖିଛନ୍ତି—

କୌଶଲ୍ୟା ଆସିଲା ମୁଖ ଢାଙ୍କି ବାସେ,
କଟୀର କରେ ପାର୍ବତୀ,
ଥିଲେ ତାଙ୍କ ସଙ୍ଗେ ଅନ୍ନପୂର୍ଣ୍ଣା ଶୁଦ୍ଧ-
ତାରା ସମ ଜ୍ୟୋତିଷ୍ମତୀ ।

ସମଗ୍ର 'ପାର୍ବତୀ' କାବ୍ୟର ଏହାହିଁ ଉପଜୀବ୍ୟ ବିଷୟ । ରାଧାନାଥଙ୍କ ଖଣ୍ଡେ କାବ୍ୟର ବିଷୟ ଗଙ୍ଗାଧରଙ୍କ ସୁନିପୁଣ ଲେଖନୀ ଗୋଟିଏ ମାତ୍ର ପଦରେ ପ୍ରକାଶ କରିଛି ସରସ ଓ ସୁନ୍ଦର ଭାବର ସମନ୍ୱୟରେ । ବିଶେଷତଃ 'ଚନ୍ଦ୍ରଭାଗା' କାବ୍ୟ ସମ୍ବନ୍ଧୀୟ—

ନବୀନ ରବିଙ୍କ ଗାଢ଼ ଅନୁରାଗ
ପେଷଣେ ଚରଣ ତଳ—
ରଙ୍ଗ ହୋଇଥିଲା, ଚନ୍ଦ୍ରଭାଗା ସତୀ
ଆସିଲେ ହୋଇ ଚଞ୍ଚଳ । ପଦଟିର ଭାଗବତ

ମାଧୁରୀ ଏକାନ୍ତ ସ୍ୱାଦ୍ୟ ଓ ହୃଦ୍ୟ । ମେହେରଙ୍କ କଳ୍ପନାରେ ମୁଗ୍ଧ ହେବାକୁ ପଡ଼େ ଏଇଠି । ଏକପକ୍ଷରେ ନୂତନ ରବିଙ୍କ ନିବିଡ଼ ଅନୁରାଗକୁ ପାଦରେ ଦଳିଦେବା ଦ୍ୱାରା ସତୀ ଚନ୍ଦ୍ରଭାଗାଙ୍କ ପଦତଳ

Digitized by srujanika@gmail.com

ପାଟଳ ବା ରଙ୍ଗ ହୋଇଥିବା ଭାବ ଯେତେ ମନୋହର, ପକ୍ଷାନ୍ତରେ 'ଚନ୍ଦ୍ରଭାଗା' ସାଧ୍ୱୀ ଅର୍ଥାତ୍ ପଦ୍ମିନୀ ସ୍ତ୍ରୀ ଥିବା ହେତୁ ତାଙ୍କର ପାଦତଳ ପାଟଳ ବା ରଙ୍ଗ ହେବାର କଳ୍ପନା ସେତେ ଚମତ୍କାର ଓ ପ୍ରୀତିପ୍ରଦାୟିନୀ । କାରଣ ପଦ୍ମିନୀ ସ୍ତ୍ରୀର ହାତପାପୁଲି, ପଦତଳ ପ୍ରଭୃତିର ରଙ୍ଗ ପାଟଳ ହେବା ସ୍ୱାଭାବିକ । ସୁତରାଂ ପ୍ରାୟଶଃ ବାଳାରୁଣ ବର୍ଣ୍ଣ ଧାରଣ କରିଥାଏ । ସମଗ୍ର 'ଚନ୍ଦ୍ରଭାଗା' କାବ୍ୟରେ ରାଧାନାଥ ଯାହା କହିଛନ୍ତି, ଗଙ୍ଗାଧର ଗୋଟିଏ ପଦରେ ସେତିକି କହିଛନ୍ତି । ମାତ୍ର ଏ କଥା ସାହସର ସହିତ ଆମେ କହିପାରୁଁ ଯେ ସମଗ୍ର 'ଚନ୍ଦ୍ରଭାଗା' କାବ୍ୟରେ ଏପରି ଉଚ୍ଚ ଭାବ ପୂର୍ଣ୍ଣ ଗୋଟିଏ ହେଲେ ପଦ ଆଖିରେ ପଡ଼େ ନାହିଁ । ଏହିଭଳି କେତୋଟି ପଦ ଦେଖି ଗୁଣଗ୍ରାହୀ ରାଧାନାଥ ବୋଧହୁଏ ଲେଖିଛନ୍ତି—"ସ୍ଥାନେ ସ୍ଥାନେ ରଚନା ଏପରି ସୁନ୍ଦର ହୋଇଅଛି ଯେ ତାହା ମହାକବିମାନଙ୍କ ଲେଖନୀର ଯୋଗ୍ୟ ବୋଲି ବିବେଚିତ ହୋଇପାରେ । ଆପଣ ନିଶ୍ଚୟ ଜାଣିବା ହେବେ ଯେ ଆପଣଙ୍କ ପରି ଗୁଣୀ ଓ ପ୍ରକୃତ ଶକ୍ତିଶାଳୀ ବ୍ୟକ୍ତି ସର୍ବଦା ମୋହର ପ୍ରଶଂସାସ୍ପଦ ।" ବାସ୍ତବରେ ଏହିପରି ପଦଗୁଡ଼ିକ କେବଳ ମହାକବି-ମାନଙ୍କ ଲେଖନୀ ଦ୍ୱାରାହିଁ ସମ୍ଭବ । ଏହାକୁ ମଧ୍ୟ 'ଚନ୍ଦ୍ରଭାଗା' କାବ୍ୟର ବସ୍ତୁନିର୍ଦ୍ଦେଶ କୁହାଯାଇପାରେ ।

ସମ୍ବଲପୁରର ଆଦିରାଜା ବଳରାମ ଦେବ ଓ ତାଙ୍କର ପଟ୍ଟମହିଷୀ କମଳକୁମାରୀଙ୍କର ଦର୍ଶନ ସେହି ସମାଦୃତ ପୀଠରେ ଦେଖିବାକୁ ନ ପାଇବାରୁ ସେ ଅନାଦୃତ ଜାଣି କବି କହିଛନ୍ତି —

ଘାଣ୍ଟି ହେଲା ମନ ନ ଦେଖି ତହିଁରେ
ରମାଇ ବଂଶର ଜଣେ,
ବଳରାମ ଦେବ, କମଳକୁମାରୀ
ପଡ଼ିଲେ ସେ କାଳେ ମନେ ।

Digitized by srujanika@gmail.com

ଏ ସ୍ଥଳରେ କବି ନିଜ ଜନ୍ମପୀଠର ଗୌରବ ପାଇଁ ଅବଶ୍ୟ ବ୍ୟାକୁଳତା ପ୍ରଦର୍ଶନ କରିଅଛନ୍ତି । ରାଧାନାଥ ଗ୍ରନ୍ଥାବଳୀରେ ସମ୍ବଲପୁରର କୌଣସି ପ୍ରସିଦ୍ଧ ରାଜା ବା ତାଙ୍କର କୀର୍ତ୍ତିରାଜି କିମ୍ବା ହୀରାଖଣ୍ଡର ମନୋଜ୍ଞ ଦୃଶ୍ୟାବଳୀର କୌଣସି ବର୍ଣ୍ଣନ ହୋଇ ପାରିନାହିଁ । ଅବଶ୍ୟ ଏଥିପାଇଁ ରାଧାନାଥଙ୍କୁ କୌଣସି ଭାବରେ ଅଭିଯୁକ୍ତ କରାଯାଇ ନ ପାରେ । ବୋଧହୁଏ ଏ ଅପରୂପ ଦୃଶ୍ୟରାଜି ବା ଏ ସ୍ଥଳର କୀର୍ତ୍ତିଶ୍ୱରମାନଙ୍କର କୀର୍ତ୍ତିମାନ ତାଙ୍କର ଚକ୍ଷୁରେ ପଡ଼ି ନ ଥିବ ବା ସେ ଏ ସବୁ ଜାଣି ନ ଥିବେ । ନୋହିଲେ ନୃସିଂହନାଥ ଭଳି ସହସ୍ର ପ୍ରପାତର ବହୁଦୂର ବ୍ୟାପୀ ନିରବଚ୍ଛିନ୍ନ ଶୋଭା ସମ୍ଭାର ଆଜି ଅଜ୍ଞାତ, ଅନାଦୃତ ହୋଇ ପଡ଼ି ନ ଥାନ୍ତା । ଯାହା ହେଉ, ସୁଖର କଥା ଯେ ଆଜି ସ୍ୱଭାବକବି ଗଙ୍ଗାଧରଙ୍କ ମଧୁମୟ ଲେଖନୀର ସାରସ୍ୱତ ଯନ୍ତ୍ର ପ୍ରଭାବରେ ବୋଡ଼ାସମ୍ବରର ଝରଣିରାଜି, ଚନ୍ଦ୍ରାପୁଲାର ସୁବୃହତ୍ ବୃକ୍ଷ, ପବିତ୍ର ନରସିଂହନାଥର ନିକୁଞ୍ଜରାଜି, ନାଗରା ଜମିଦାରୀସ୍ଥିତ ବେଦବ୍ୟାସ ପ୍ରଭୃତିର ଦୃଶ୍ୟାବଳୀ ଆଜି ସଙ୍ଗୀବିତ, ଶୋଭିତ ଓ ଗୌରବାନ୍ୱିତ । କାରଣ, କେବଳ 'ଉତ୍କଳ-ଲକ୍ଷ୍ମୀ'ର—

ଉଭା ଥିଲେ ହର- ଶଙ୍କର ସହିତ
ନରସିଂହନାଥ ଦ୍ୱାରେ,
ଅଭିଷେକ ଯଥା- କାଳେ କରିବାକୁ
ପବିତ୍ର ସହସ୍ରଧାରେ ।
ଗହଣେ ତାଙ୍କର ଥିଲେ ହୃଷ୍ଟପୁଷ୍ଟ
ଭୃଙ୍ଗ ଘନ ବନଶ୍ରେଣୀ,
ଫୁଲ୍ଲ ନାଗେଶ୍ୱର ସୁମନ ସୁନ୍ଦର
ସୁପକ୍ୱ ନାରଙ୍ଗ ଘେନି ।

Digitized by srujanika@gmail.com

ସେହିପରି —

ବୁଢ଼ାରଜା ଗଙ୍ଗ- ଶିଉଳି ସ୍ତବକ
ହସ୍ତରେ ଟେକିଁ ଥିବାର
ଦେଖି, ଗାଢ଼ ପ୍ରେମ- ପୂରିତ ଲୋଚନେ
ନିରେଖିଲେ ବାରମ୍ବାର ।

ବା

ମୋତିଝରଣର ମୌକ୍ତିମାଳ-ରୂପୀ
ଆମଳକୀ ଫଳମାଳ,
ଉପହାର ଦେବ ଉଭା ହୋଇଥିଲେ
ଭୁଙ୍ଗ ଭୁଙ୍ଗ ବନ୍ଧୁ ଶାଳ । ପ୍ରଭୃତି ପଦଗୁଡ଼ିକ ତାହାର ଜ୍ୱଳନ୍ତ ନିଦର୍ଶନ । 'ଉତ୍କଳ-ଲକ୍ଷ୍ମୀ' ପାଠ କଲେ ଏ ଉକ୍ତି ଆହୁରି ବହୁଭାବରେ ସହୃଦୟ ପାଠକଙ୍କ ଦ୍ୱାରା ସମର୍ଥିତ ହୋଇ ପାରେ । "ଦେଖି, ଗାଢ଼ ପ୍ରେମପୂରିତ ଲୋଚନେ ନିରେଖିଲେ ବାରମ୍ବାର" ଉକ୍ତିଟି ଅନୁଧ୍ୟେୟ ।

ଉତ୍କଳ ମାତାର ମାନ୍ୟଜନା ସକାଶେ ଉତ୍କଳର ସମସ୍ତ ପ୍ରକୃତି ଯେତେବେଳେ ଆସି ପ୍ରବେଶ କରୁଛନ୍ତି ସେତେବେଳେ ସମ୍ବଲ-ପୁରର କ୍ଷୁଦ୍ର ମହତ୍ ବିଶିଷ୍ଟ ଗିରି ନଦୀର ପ୍ରାକୃତିକ ଆଗମନ କବି ଯେପରି କବିଭୂଛଟାରେ କରାଇଛନ୍ତି ତାହା ଏକାନ୍ତ ଉପଭୋଗ୍ୟ ଓ ହୃଦୟସ୍ପର୍ଶୀ । ଲୋଭ ସମ୍ବରଣ କରି ନପାରି ସେପରି ଦୁଇ ତିନୋଟି ପଦର ଉଲ୍ଲେଖ କରୁଛୁଁ —

Digitized by srujanika@gmail.com

ଉତ୍ସବ ଦର୍ଶନ ଛଳେ ଦୂରେ ମନେ !
ମନେ ନାଚୁଥିଲା 'ଇବ',
ସୁନ୍ଦର ଶ୍ୟାମଳ କ୍ଷୀଣ ବସନରେ
ଘୋଡ଼ାଇ ମୁଖଗ୍ରୀବ ।
'ଅଙ୍ଗ' ଧାଇଁଥିଲା ନୃତ୍ୟ-ମଣ୍ଡଳୀକି
'ଚିତ୍ରୋତ୍ପଳା' କରି ମନା,
କର୍ଣ୍ଣେ ମୁଖ ଦେଇ କହିଦେଲା, "ହୋଇ-
ନାହିଁ ନୃତ୍ୟ-ବିଚକ୍ଷଣା ।"
ଅଲକ୍ଷରେ 'ତେଲ' ଥାଇ ନ ପାଇଲା
ଲାସ୍ୟବିଳାସିନୀ ଯଶ,
କିନ୍ତୁ ହୃଦୟରେ ବହୁଥିଲା ତାର
ମଧୁର ସଙ୍ଗୀତ ରସ ।

ପୁଣି—

ଅଲକ୍ଷରେ ଖରେ ଆସି ସେ ପାଖରେ
ନୃତ୍ୟ କଲା 'ଖରଖରି',
'ହରଡ଼' ହରଷେ ହରବର ହୋଇ
ଧାଇଁଥିଲା 'ବାଣୀ' ଧରି ।

ପ୍ରଭୃତି ପଦଗୁଡ଼ିକ ଉପରେ ସରସ କବି କଳ୍ପନାରେ ରସବନ୍ତ, ପ୍ରାଣବନ୍ତ ଓ ମଧୁର ତାହା ସହଜରେ ଅନୁମେୟ । ତା'ପରେ ଏଇ କଳ୍ପନା କବି କେବଳ ବର୍ଣ୍ଣନାର ଅନୁରୋଧରେ କରି ନାହାନ୍ତି, ବରଂ କରିଛନ୍ତି ସତ୍ୟତାର ଅନୁରୋଧରେ । "ହରଡ଼ ହରଷେ ହରବର ହୋଇ ଧାଇଁଥିଲା 'ବାଣୀ' ଧରି" ପାଦରେ କବିଦୃଷ୍ଟିର ସାର୍ଥକତାହିଁ ଦେଖିବାକୁ ମିଳେ । କାରଣ, ବାସ୍ତବରେ 'ହରଡ଼' ନଦୀ କ୍ଷିପ୍ରସ୍ରୋତା ।

Digitized by srujanika@gmail.com

ଶେଷରେ କବି ଏହି ଓଡ଼ିଶାକୁ ସମସ୍ତ ଜ୍ଞାନୀ, ପଣ୍ଡିତ, କବି, ଦେବଦେବୀ ଓ ବିଭିନ୍ନ ଧର୍ମାବଲମ୍ବୀମାନଙ୍କର ଲୀଳାସ୍ଥଳୀ ରୂପେ ବର୍ଣ୍ଣନ କରି ଲେଖିଛନ୍ତି—

ବ୍ୟାସ ପରାଶର   ଗୌତମ ଭାର୍ଗବ
ସହିତ ମୁନୀନ୍ଦ୍ର ଗଣ
ଆସି ଉଚ୍ଚସ୍ୱରେ   "ଜୟ ଉତ୍କଳ—
ଲକ୍ଷ୍ମୀ" କଲେ ଉଚ୍ଚାରଣ ।
ଅଶୋକ ପରଶ-   ନାଥ ବାନା ଧରି
ବୌଦ୍ଧ ଜୈନ ଦଳ ଦଳ
ଉଚ୍ଚସ୍ୱରେ ଜୟ —   ଲକ୍ଷ୍ମୀ ନାଦେ ଦେଲେ
କମ୍ପାଇ ନଭୋମଣ୍ଡଳ ।
ବିବିଧ ଆକାରେ   ଚିତା କାଟି ଶିରେ
ବୈଷ୍ଣବମଣ୍ଡଳୀ କାହିଁ
ଖୋଳ କରତାଳ   ନାଦେ ନୃତ୍ୟ କଲେ
'ଜୟ ଜୟ ଲକ୍ଷ୍ମୀ' ଗାଇ ।

ଏହା ପରେ, ଉତ୍କଳର ପ୍ରାଚୀନ କବିମଣ୍ଡଳୀଙ୍କୁ ସ୍ୱର୍ଗର ଶ୍ୱେତପୁଷ୍ପ-ରଚିତ ବିମାନରେ ଜଣେ ଜଣେ ଜ୍ୟୋତିର୍ମୟ ଅମର ବପୁ ସହିତ ଆକାଶ ମାର୍ଗରେ ସନ୍ଦର୍ଶନ କରି କବି ଲେଖିଛନ୍ତି—

"ଜଗନ୍ନାଥ ଦାସ"   "ବଳରାମ ଦାସ"
କରଣ "କୃଷ୍ଣଚରଣ"
ନାମ ଦେଖି ତହିଁ   ଆନନ୍ଦେ ପ୍ରଫୁଲ୍ଲ
ହେଲା ମୋ ନୟନ ମନ ।

Digitized by srujanika@gmail.com

ପୁଣି ପାଠ କଲି "ରାଜା କୃଷ୍ଣସିଂହ"
ସ୍ମୃତି "ସାରଳା ଦାସ",
"ଧନକୃଷ୍ଣ ଦାସ" "ଉପେନ୍ଦ୍ର ଭଂଜ"
ନାମ ହେଲା ସୁପ୍ରକାଶ ।
କରଣୀ ଅକ୍ଷରେ ଥିଲା "ଅଭିମନ୍ୟୁ-
ସାମନ୍ତ ସିଂହାର" ନାମ,
କେତନେ ଅଙ୍କିତ ହୋଇଥିଲା ତାଙ୍କ
ଯୁଗ୍ମମୂର୍ତ୍ତି ରାଧାଶ୍ୟାମ । ପ୍ରଭୃତି କବିଙ୍କ ସାରବା

ପରେ କବିଙ୍କର କାବ୍ୟ ପରିସମାପ୍ତି ପଦଦ୍ୱୟ ଯେପରି ଚିନ୍ତାଶୀଳତାର ପରିଚୟ ଦିଏ ସେପରି ପ୍ରାଣକୁ ଏକ ଅନିର୍ବଚନୀୟ ଆନନ୍ଦରେ ମଜ୍ଜାଇ ଦେଇ କାବ୍ୟିକ ମହିମାରେ ହୃଦୟକୁ ପୁଲକପ୍ଳାବିତ କରେ । ଯଥା—

ବହୁ ରଥ ଥିଲା ଚଳିବାକୁ ସବୁ,
ହେଉଥିଲା ତରତର;
ରୁଦ୍ଧ କରିଦେଲା ନୟନ ଯୁଗଳ
ଆନନ୍ଦ ଲୋତକ ଝର ।
ସେ ଝରେ ପ୍ଳାବିତ ହେଲା ବକ୍ଷସ୍ଥଳ
ପ୍ରାଣ ହେଲା ପୁଲକିତ,
ମନେ ହେଲା ତହିଁ ନର୍ତ୍ତକୀ ନାଚ ଯାଏ
ହୋଇଅଛୁ ନମଜ୍ଜିତ ।

ବେଶ୍, ଏହି ଭାବରେ କବି କାବ୍ୟର ପରିସମାପ୍ତି ଘଟାଇ ଅଛନ୍ତି । କବିଙ୍କର ଏହି ସମାପ୍ତି ଘଟନକୁ ଲକ୍ଷ୍ୟ କରି ଦେଖିଲେ ଜଣାପଡ଼େ ଯେ ଆଦ୍ୟର କିଛି ଉତ୍କଳର ଦର୍ଶନୀୟ, କୀର୍ତ୍ତିନୀୟ ଓ

Digitized by srujanika@gmail.com

ଶୋଭାମୟ ସ୍ଥଳୀର ମହିମା ଓ ଗୌରବ ବର୍ଣ୍ଣନାମୟ ଥିଲା; ମାତ୍ର ଭାବାବେଗରେ ଅଧୀର ଆନନ୍ଦରେ ଜନ୍ମଭୂମିର ଏତାଦୃଶ ମହା-ମହିମାରେ କବି ଏକବାରେ ବିଭୋର, ଆତ୍ମହରା ହୋଇ ପଡ଼ିଛନ୍ତି । ତେଣୁ ଆଉ କିଛି କହିବାକୁ ତାଙ୍କୁ ଆଉ ଅବସର ମିଳି ନାହିଁ । ସାଧାରଣ ଆନନ୍ଦରେ ସାଧାରଣ ଶୋଭା ସନ୍ଦର୍ଶନରେ ମନୁଷ୍ୟ ତାର ବର୍ଣ୍ଣନ କରିବାକୁ ଭାଷା ପାଇଥାଏ । ମାତ୍ର ଅପାର ଆନନ୍ଦ, ଅପାର ଶୋଭା ସଂପଦରେ ମନୁଷ୍ୟର ଭାଷା ଦୀନତା ସ୍ୱୀକାର କରେ, ବାକ୍‌ସ୍ଫୂର୍ତ୍ତି ଘଟେ ନାହିଁ, ପ୍ରାଣ ଏକ ଅନିର୍ବଚନୀୟ ରସସାଗରରେ ବୁଡ଼ିଯାଏ । ଏ ସ୍ଥଳରେ କବିପ୍ରାଣ ଗଙ୍ଗାଧରଙ୍କର ତାହାହିଁ ହୋଇଛି ।

କବିବର ଗଙ୍ଗାଧର ଯେ କିପରି ଜଣେ ଜାତୀୟ କବି ଥିଲେ ତାହା ତାଙ୍କ ରଚିତ 'ଭାରତୀ-ଭାବନା', 'ଅର୍ଘ୍ୟଥାଳି', 'ଉତ୍କଳ-ଲକ୍ଷ୍ମୀ' ପ୍ରଭୃତି କାବ୍ୟ କବିତା ପ୍ରତି ବିହଙ୍ଗାବଲୋକନ କଲେ ଜଣାଯାଏ । ସାରଳା ଅନୁକରଣରେ ରାଧାନାଥ 'ମହାଯାତ୍ରା'ରେ ପାଣ୍ଡବମାନଙ୍କୁ କେବଳ ଓଡ଼ିଶାଭିମୁଖୀ କରାଇ ପାରିଛନ୍ତି ବୋଲି ତାଙ୍କୁ ଅଦ୍ୱିତୀୟ ଜାତୀୟ କବି ଭାବରେ ଗ୍ରହଣ କରି ତାଙ୍କର ପ୍ରଶଂସା ଗାନରେ କେହି କେହି ଶତଜିହ୍ୱ । କିନ୍ତୁ ଗଙ୍ଗାଧର 'ଉତ୍କଳ-ଲକ୍ଷ୍ମୀ'ରେ ବିଶ୍ୱସ୍ରଷ୍ଟା ଜଗନ୍ନାଥ, ଦେବ ଦେବ ମହାଦେବ, ରଜନୀକର ଚନ୍ଦ୍ର, ଦୈତ୍ୟଗୁରୁ ଶୁକ୍ର, ପବିତ୍ର ସଲିଳା ଜାହ୍ନବୀ, ଛାୟାକାନ୍ତ ସୂର୍ଯ୍ୟ, ଦେବଗୁରୁ ବୃହସ୍ପତି ପ୍ରଭୃତି ଦେବଦେବୀଙ୍କୁ ଖାଲି ଯେ ଓଡ଼ିଶାଭିମୁଖୀ କରାଇ ନିଶ୍ଚିନ୍ତ ରହିଛନ୍ତି ତା' ନୁହେଁ, ବରଂ କବି କଳ୍ପନାର ପ୍ରାଶସ୍ତ୍ୟ ଓ ନିଜ ଜନ୍ମଭୂମି ପ୍ରତି ଏକାନ୍ତ ମମତା ନେଇ ସେ ସମସ୍ତଙ୍କୁ ଏକବାରେ ଉତ୍କଳୀୟ କରିଦେଇ ଶେଷରେ ଓଡ଼ିଶାକୁ ସମସ୍ତ ଧର୍ମ ଓ ପୁଣ୍ୟର ପୀଠ ବୋଲି ଅଭିହିତ କରିଛନ୍ତି । ଏହା ବାହାରେ, ବେଦବ୍ୟାସ, ଗୌତମ, ଭାର୍ଗବ, ପରାଶର ପ୍ରଭୃତି ମୁନିଋଷିମାନଙ୍କୁ ମଧ୍ୟ ଓଡ଼ିଶାର ଆଭିମୁଖ୍ୟ

Digitized by srujanika@gmail.com

ପ୍ରତି ଆକୃଷ୍ଟ କରି ପାରିଛନ୍ତି । ଏଣୁ ରାଧାନାଥଙ୍କୁ ଜାତୀୟ କବି ବୋଲି ସ୍ୱୀକାର କରାଗଲେ ଗଙ୍ଗାଧରଙ୍କୁ ଆଦର୍ଶ ଜାତୀୟ କବିବର ବୋଲି କହିବାରେ କୌଣସି ଆପତ୍ତି ନ ଥାଇ ପାରେ । ଗଙ୍ଗାଧରଙ୍କ କାବ୍ୟ-କବିତାମାନଙ୍କରେ ଅନେକ ମହାକବିମାନଙ୍କର ବିଶେଷ ଗୁଣ-ଗୁଡ଼ିକ ପ୍ରକଟିତ ହୋଇ ତାଙ୍କ ଲେଖନୀର ମାଧୁରୀକୁ ବହୁଗୁଣରେ ମଧୁମୟ, ମନୋହର ଓ ଉପଭୋଗ୍ୟ ତଥା ହୃଦ୍ୟ କରି ଦେଇଛି ।

ମୂଳତଃ, 'ଉତ୍କଳ-ଲକ୍ଷ୍ମୀ' କବି କଳ୍ପନାର ତରଳ ବିଳାସରେ ଲୀଳାୟିତ, ଜାତୀୟତାର ଉଜ୍ଜ୍ୱଳ ଭିତ୍ତି ଉପରେ ସୁପ୍ରତିଷ୍ଠିତ ଓ ଓ କବି- ପ୍ରତିଭାର ମନୋଜ୍ଞ ଉପାଦାନରେ ଉପଜୀବିତ। ଗଙ୍ଗାଧରଙ୍କ 'ଉତ୍କଳ-ଲକ୍ଷ୍ମୀ'ର ଉତ୍କଳ ଆଜିର ଏ ଅବସାଦଗ୍ରସ୍ତ, ଧ୍ୱସ୍ତ, ଜୀବନ୍ମୃତ, ସର୍ବହରା ଉତ୍କଳ ନୁହେଁ । ସେ ଉତ୍କଳ ସ୍ୱର୍ଗଠୁଁ ମଧ୍ୟ ଅଧିକ ସୁନ୍ଦର, ସୁଖକର ଓ ମନୋହର । କଳ୍ପନାର ମଧୁର ପ୍ରକାଶରେ ନିଜର ଜନ୍ମଭୂମିକୁ ସ୍ୱର୍ଗଠାରୁ ମଧ୍ୟ ଗରୀୟସୀ କରିଦେଇ କବିବର ଗଙ୍ଗାଧର ମଧ୍ୟ ଚିରକାଳ ସକାଶେ ଯଶସ୍ ଶରୀରରେ ଅମର ରହିଲେ ।

ଲୋକେ ତିଳକୁ ତାଳ କରି କହନ୍ତି; କିନ୍ତୁ ପାଠକେ, ଗଙ୍ଗାଧରଙ୍କ ପ୍ରତିଭା ଓ କୃତି ସମ୍ବନ୍ଧରେ କହିବାକୁ ଯାଇ ମୁଁ ତାଳକୁ ତିଳ ସୁଦ୍ଧା କରି ପାରି ନାହିଁ । ଗଙ୍ଗାଧର ଯେ କିପରି ଜାତି ଓ ଦେଶର ନମସ୍ୟ ଓ ଉପାସ୍ୟ ତାହା ତାଙ୍କ କାବ୍ୟ-କବିତାର ବାସ୍ତବ ଆଲୋଚନା ହେଲେ ଯାଇ ଏ ଦେଶ ଜାଣିବାରେ ସମର୍ଥ ହେବ ।

Digitized by srujanika@gmail.com

'ଅର୍ଘ୍ୟଥାଳୀ'ର
କେତୋଟି ପୁଷ୍ପ

ସ୍ୱଭାବତଃ ଦେବ ଦେବୀଙ୍କ ଛଡ଼ା କୁସୁମ ଲୋକେ ଆଗ୍ରହ ତଥା ଭକ୍ତିଗଦଗଦ ପ୍ରାଣରେ ଗ୍ରହଣ କରିଥାନ୍ତି—ତଦ୍ଦ୍ୱାରା ମଙ୍ଗଳର ସୂଚନା ମିଳିଥାଏ ବୋଲି । ସେହି ବିଶ୍ୱାସର ବଶବର୍ତ୍ତୀ ହୋଇ ମୁଁ ଆଜି 'ଅର୍ଘ୍ୟଥାଳୀ' ସମ୍ବନ୍ଧରେ ଦି'ପଦ କହିବାକୁ ଯାଉଛି । ସ୍ୱଭାବ କବି ଗଙ୍ଗାଧର ତାଙ୍କ ମାନସ-ଉଦ୍ୟାନରୁ ସ୍ୱତଃ ପ୍ରସ୍ଫୁଟିତ କବିତା-କୁସୁମରେ ଉତ୍କଳ ଭାରତୀଙ୍କ ପୂଜା କରିଛନ୍ତି ଓ ସେହି ପୂଜାରେ ଦେବୀ ବୀଣାପାଣି ଆପ୍ୟାୟିତା ହୋଇ ତାଙ୍କୁ ମାନସ-ପୁତ୍ର ରୂପେ ଗ୍ରହଣ କରିଛନ୍ତି—ଏ କଥା ସ୍ୱୀକାର ନ କଲେ ସତ୍ୟର ଅପଳାପ ମାତ୍ର ସାର ହେବ ସିନା ! ସୁତରାଂ ଉତ୍କଳ-ଭାରତୀଙ୍କ ପୂଜାରେ ନିୟୋଜିତ ସେହି ଛଡ଼ା କୁସୁମର ମୂଲ୍ୟ ଉତ୍ତମ ରୂପେ ବୁଝିବାର ଶକ୍ତି ମୋର ନ ଥିଲେ ମଧ୍ୟ ତାକୁ ମସ୍ତକରେ ଗ୍ରହଣ କରିବାର ଆଗ୍ରହ ଓ ଭକ୍ତି ମୋର ଆସିଛି—ଏ ଦୃଷ୍ଟିରୁ ଆଜି 'ଅର୍ଘ୍ୟଥାଳୀ'ର କେତୋଟି ପୁଷ୍ପ ମୁଁ ଗ୍ରହଣ କରିବାକୁ ଯାଉଛି ।

ଏ ପୁସ୍ତକରେ ମେହେରଙ୍କ ହୃଦୟର ବିଭିନ୍ନ ସମୟର ଚିନ୍ତାରାଶି ଆତ୍ମପ୍ରକାଶ କରିଛି । ଏଥିରୁ ଆମେ ଦେଖିବାକୁ ପିବା ଯେ ମହତ୍ ମାନବ ବିଭିନ୍ନ ସମୟରେ କିପରି ଉଚ୍ଚ ଚିନ୍ତା କରିଥାନ୍ତି ।

ମେହେର ଥିଲେ ଆଶାବାଦୀ । ବିଷୟ ବିଷ କିପରି ଠିକ୍, ତାହା ସେ ଅନୁଭବ କରିଥିଲେହେଁ ବିଶ୍ୱର ଜଗତକୁ ସାନ୍ତ୍ୱନା ପ୍ରଦାନ କରି କହି ଯାଇଅଛନ୍ତି—

Digitized by srujanika@gmail.com

ବିଶ୍ୱ ଦେଖି ମଧୁମୟ ରେ ଜୀବନ,
ବିଶ୍ୱ ଦେଖି ମଧୁମୟ

× × × × ×

ହେଲେହେଁ ତୁ ସାନ କରୁଣା ନିଧାନ,
ରାଜ୍ୟରେ କରିଛୁ ବାସ,
ବଢ଼ାଇଲେ କର ତାଙ୍କ ଶ୍ରୀ ପଦର
ଲଭେ ନ ହେବୁ ନିରାଶ ରେ ଜୀବନ ।

ଏହି ଉକ୍ତିରୁ କବି କିପରି ଆଶାପୂର୍ଣ୍ଣ ନେତ୍ରରେ ଜଗତକୁ ଦେଖି ଯାଇଛନ୍ତି ତାହା ସହଜରେ ଅନୁମେୟ । ଏତାଦୃଶ ପ୍ରାଣସ୍ପର୍ଶୀ ଆଶାର ଅମୃତ-ବାଣୀ ଉତ୍କଳ ସାହିତ୍ୟରେ ବିରଳ ପ୍ରାପ୍ୟ ।

ମେହେର ନୃସିଂହନାଥର ଝରଣିରାଜି ଅତିକ୍ରମ କରି ହରି-ଶଙ୍କର ଯିବା ପଥରେ ଏ କବିତାଟି ସ୍ୱତଃ ତାଙ୍କ ମନରେ ଜାତ ହୋଇଥିବ ବୋଲି ମନେ ହୁଏ । ଯେଉଁମାନେ ନୃସିଂହନାଥର ନିରନ୍ତ ଝରଝର ନିର୍ଝରରାଜି ଅତିକ୍ରମ କରି ହରିଶଙ୍କର ଯାତ୍ରୀ ହୋଇଥିବେ ଓ ଯେଉଁମାନଙ୍କ ପ୍ରକୃତି ଦର୍ଶନରେ ଭାବାନ୍ତର ଜାତ ହେବା ଭଳି ହୃଦୟ ଅଛି ଏ ଉକ୍ତିର ସତ୍ୟତା ସେମାନେହିଁ ବୁଝିବାକୁ ସମର୍ଥ ।

ସ୍ୱର୍ଗ-ଝର ପ୍ରତି ଉଚେ କଲେ ଗତି
ପାଇବୁ କରୁଣାଚଳରେ ଜୀବନ ।
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ ।

ପ୍ରଭୃତି ପଂକ୍ତିମାନଙ୍କରୁ ଏହା ଅନୁମିତ ହୋଇଥାଏ । ମେହେର ପଦ୍ମପୁର ଅବସ୍ଥାନ କାଳରେ ବହୁବାର ନୃସିଂହନାଥ

Digitized by srujanika@gmail.com

ଯାଇଛନ୍ତି ଓ ନିଜେ ଲେଖକ ମଧ୍ୟ ନୃସିଂହନାଥ ଝରଣିଗାଳ ସନ୍ଦର୍ଶନରେ ସ୍ୱତଃ 'ମଧୁମୟ' କବିତା ପଂକ୍ତିଚୟ ମନେ କରିଛନ୍ତି ବୋଲି ଏ ଅନୁଭୂତି ।

ଏହା ପରେ ପରମ୍ପରା ପ୍ରଚଳିତ ନୀତିବାକ୍ୟରୁ ମେହେର କିପରି ନିଜକୁ ମୁକ୍ତ କରି ଉଚ୍ଚାଦର୍ଶ ଦେଖାଇ ଯାଇଅଛନ୍ତି ଦେଖନ୍ତୁ— ଲୋକେ ସ୍ୱଭାବତଃ ଖଣ୍ଡ, ଅଭିମାନୀ, ମନୁଷ୍ୟକୁ ନିନ୍ଦା କରିଥାନ୍ତି ଓ ନୀତି ବାକ୍ୟରେ ମଧ୍ୟ ଏମାନେ ନିନ୍ଦାର ସାମଗ୍ରୀ । କିନ୍ତୁ ମେହେର ସେହି ନୀତିର ଲଙ୍ଘନ କରି କିପରି ଉଚ୍ଚାଦର୍ଶ ଥୋଇଛନ୍ତି, ତାର ଦୃଷ୍ଟାନ୍ତ ନିମ୍ନରେ ପ୍ରଦର୍ଶିତ ହେଲା । ଯଥା—

ନିଜେ ଖାଇ ନ ପାରେ କୃପଣ
ଖଣ୍ଡେ ନିଅନ୍ତି ବଳେ ତାର ଧନ ।
ଖଣ୍ଡ ହେଲେହେଁ ସେ ଲୋକ ପ୍ରଧାନ
କରି ପାରେ ଯେ ଅନ୍ୟକୁ ପ୍ରଦାନ । (ବର୍ଷା ଋତୁ ପ୍ରତି)

'ଗର୍ବ' ଶୀର୍ଷକ କବିତାରେ ଗର୍ବର ଆତ୍ମପ୍ରକାଶ ଛଳରେ ମେହେର ଗାଇଛନ୍ତି—

ମୋତେ ଭଜି ମୋର ଯୋଗ୍ୟ କର୍ମ ଯେହୁ କରେ
ଶୀଘ୍ରେ ବଢ଼ି ଚଢେ ତାକୁ ଉନ୍ନତି ଶିଖରେ ।
ମୋ ଗରଭେ ମଜ୍ଜି ଯେହୁ ହୁଏ କର୍ମ ହୀନ
ଅତଳ ଗର୍ତ୍ତରେ ପଡ଼ି ହୋଇଯାଏ ଲୀନ । (ଗର୍ବ)

ଏଥିରୁ ବୁଝିହୁଏ ଯେ, ମନୁଷ୍ୟ ପରୋପକାର ସକାଶେ ଖଣ୍ଡବୃତ୍ତି ଅବଲମ୍ବନ କଲେ ସୁଦ୍ଧା ପ୍ରଶଂସ୍ୟ ଏବଂ ଗର୍ବ କରି ତା'ର ଅନୁରୂପ କାର୍ଯ୍ୟ କଲେ ଜୀବନରେ ପ୍ରଭୂତ ଉନ୍ନତି ସାଧନ କରିଥାଏ ।

Digitized by srujanika@gmail.com

ଏଠାରେ ଏତିକି କହିବାର କଥା ଯେ ଅନ୍ଧକାରରେ ମଧ୍ୟ ଆଲୋକର ସନ୍ଧାନ ମେହେର ଦେଇ ଯାଇଅଛନ୍ତି ।

ଅନ୍ୟତ୍ର ସେ ଦେଖାଇ ଅଛନ୍ତି ଯେ, ଲୋକ ସତ୍ସଙ୍ଗ ଲାଭ କରି ମଧ୍ୟ ଅସଦାଚରଣ କରିଥାଏ ଓ ଉଚ୍ଚ ଲୋକର ଯଦିଚ ହୃଦୟ ଉଚ୍ଚ ନ ଥାଏ ତେବେ ସେ ନୀଚ କାର୍ଯ୍ୟରେ ଆତ୍ମନିୟୋଗ କରିଥାଏ । ଯଥା—

ସ୍ୱର୍ଣ୍ଣ ବର୍ଣ୍ଣ କନଅର ପୁଷ୍ପ ମନୋରମ
କିନ୍ତୁ ତାର ଫଳ ବିଷ ଭୀଷଣ ବିଷମ ।
ଶିବ ପାଶେ ରହିବାରୁ ସଙ୍ଗର କି ଫଳ
ଗଉରୀ ଗଉର କାନ୍ତି ଭୁଜଙ୍ଗ ଗରଳ ।
ସେହିରୂପେ ଧୂସ୍ତୂର ଫୁଲ ଜାହ୍ନବୀ ବରଣ
ଫଳ କରିଅଛି ସର୍ପ ବିଷ ଆକର୍ଷଣ ।
ଏହିରୂପେ କେତେ ଲୋକ ଶାସ୍ତ୍ର ସଙ୍ଗ ଗୁଣେ
ଯେବେ ହୋଇଥାନ୍ତି ହିତ ଭାଷଣେ ନିପୁଣ ।
କିନ୍ତୁ କର୍ମେ କରିଥାନ୍ତି ଅତ୍ୟନ୍ତ ଅହିତ
ବଳି ହୋଇ ନୀଚ ଦୁଷ୍ଟ ପ୍ରବୃତ୍ତି ସହିତ ।
(ସଙ୍ଗ ଫଳ)

ସ୍ଥାନାନ୍ତରେ —

ବାଢ଼ି ହେଲେହେଁ ଯେ ନୀଚ ହୃଦୟ
କେବେ ହୋଇଛି କି ପରେ ସଦୟ ।
ଯନ୍ତ୍ରୀ ମଲେହେଁ ହୋଇ ଶୁଷ୍କ-କାଷ୍ଠ
ପିନ୍ଧୁ ସଜଳ ବାନ୍ଧୁ ଲୌହ-କାଷ୍ଠ ।

Digitized by srujanika@gmail.com

କ୍ଷୁଦ୍ର ହେଲେହେଁ ମହୀକ ଅଚଳ
ଉଚ୍ଚ ହୃଦୟ ହେତୁ ଢାଏ ଜଳ ।
(ବର୍ଷା ଋତୁ ପ୍ରତି)

ଉପର ଦୃଷ୍ଟାନ୍ତ ଦ୍ୱାରା ଉପର୍ଯ୍ୟୁକ୍ତ ଉକ୍ତିଦ୍ୱୟ ସମର୍ଥିତ ହୋଇଛି, ସହୃଦୟ ପାଠକ ମାନେ ଅବଧାରଣ କରି ପାରିବେ ।

ଏ ପୁସ୍ତକର କତିପୟ କବିତାରେ କବିଙ୍କର କବିତ୍ୱ କି ଭଳି ପରିସ୍ଫୁଟ ହୋଇଛି ତାହା ଦେଖିବାର କଥା ।
ଯଥା —

ସୁକାନ୍ତ ତନୟା ଗଣେ ରମ୍ୟ ତରୁ ତଳେ
ଦ୍ୱିରଦ ରଦନ ଶୁଭ୍ର ବୋଲି ଦେଖି ବକ୍ଷେ
ସିଂହାସନ କରି ଶୁଭ୍ର କୁସୁମ ପଟଳେ
ବସାଇ ତୁମ୍ଭଙ୍କୁ ବନ ଦେବତା ପ୍ରତ୍ୟକ୍ଷେ
ଅ୍ରାଦ୍ୟ ଅଭିଷେକ ବିଧି କଲେ ସମ୍ପାଦନ
ଆଣି ରାମ ପାଦ ପଦ୍ମ ରଜ ପୂତ ନୀର
(ଗର୍ବେ ଯାର ଶ୍ମରକର ଜନମ ସଦନ)
କୁସୁମ ପଟଳେ ମଣ୍ଡିଦେଲେ ତବ ଶିର ।
ଭାଗ୍ୟଦେବୀ ସମଲଇ ରୂପେ ହସି ହସି
ସ୍ୱହସ୍ତେ ଧରାଇଦେଲେ ଅଶଙ୍କାପ୍ତ ଆସି ।
(ବଳରାମ ଦେବ)

ଯେମନ୍ତ ପ୍ରଚଣ୍ଡ ଗ୍ରୀଷ୍ମ ହୋଇଥିଲା
ତହୁଁ ବଳିଗଲା ଶୀତ
ନଭେ ବିଶ୍ୱବସୁ ଅନଳ କୋଣକୁ
ଦଉଡ଼ିଲେ ହୋଇ ଭୀତ ।

Digitized by srujanika@gmail.com

× × × ×

ଅବଶ୍ୟ ସେକାଳେ ପାଇଅଛୁଁ ଫୁଲ-
ଫଳ କେତେ ପରକାର
କିନ୍ତୁ ଯେତେ ଯେତେ କ୍ଳେଶ ପାଇଅଛୁଁ
ହୃଦେ ରହିଅଛି ଗାର ।
(ମଳୟ ଆବାହନ)

ସୂର୍ଯ୍ୟ ଜାୟା ଛାୟା ଦେବୀ ବସାଇଲେ ଅଙ୍କେ
ସାଦର ସ୍ନେହରେ ତୁମ୍ଭ ସ୍ୱର୍ଗୀୟ ମୂରତି
ବିବୁଧ ମଣ୍ଡଳ ତାହା ଚୁହିଁ ଅପଲକେ
ନିୟନର କଲେ ଚିର ପିପାସା ପୂରତି ।
(ସ୍ୱର୍ଗୀୟ କବିବର ରାଧାନାଥ ରାୟ)

ଏହି ପଂକ୍ତିଚୟରେ ମେହେରଙ୍କର କବି ପ୍ରତିଭାର କିଭଳି ଅଭ୍ରାନ୍ତ ପରିଚୟ ମିଳେ ତାହା ସାହିତ୍ୟ ରସିକମାନଙ୍କୁ ସୁବିଦିତ ।

ମେହେରଙ୍କର କେତେକ କାବ୍ୟ କବିତା ସମୟ-ବିଶେଷ ଓ ଘଟଣା-ବିଶେଷ ନେଇ ଆମ୍ଭ ପ୍ରକାଶ କରିଛି । ସେଭଳି ଗୋଟିଏ ଦିଓଟି କବିତା ସମ୍ବନ୍ଧରେ ତାର ସୂଚନା ଦେଲେ ସହୃଦୟ ପାଠକେ ତାହା ଉପଲବ୍ଧି କରି ପାରିବେ ।

କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଓ କବିବର ରାଧାନାଥଙ୍କ ସମ୍ବନ୍ଧରେ ଯେତେବେଳେ ପତ୍ର ପତ୍ରିକାରେ ବାଦ ବିସମ୍ବାଦ ସୃଷ୍ଟି ହେଉଥିଲା ମେହେରଙ୍କ ହୃଦୟ ଏଥିରେ ଅସ୍ଥିର ହୋଇ ପଡ଼ିଥିଲା ଓ ସେହି ବିବାଦ ଭଞ୍ଜନ ସକାଶେ 'ଉତ୍କଳ ଭାରତୀଙ୍କ ଉକ୍ତି' କବିତା ଟିରଚି

Digitized by srujanika@gmail.com

ତାଙ୍କ ଲେଖନୀରୁ ନିଃସୃତ ହୋଇ ଈର୍ଷ୍ୟାନଳ ପରିତପ୍ତ ଉତ୍କଳୀୟ ହୃଦୟକୁ ଶାନ୍ତିବାରି ପ୍ରଦାନ କରିଛି ବୋଲି ମନେ ହୁଏ । ଏ କଥା ଗ୍ରନ୍ଥରେ ହାତ ଦେଇ କୁହାଯାଇ ପାରେ ଯେ ଜଣେ ଯଦି କବିଙ୍କର ଏହି କବିତାର ଭାବ ଉତ୍ତମରୂପେ ହୃଦୟଙ୍ଗମ କରି ସେଥିରେ ପ୍ରଦର୍ଶିତ ଖାଣ୍ଟି ପଥର ପଥିକ ହୁଅନ୍ତି ତେବେ ସେ ନିଶ୍ଚୟ ଲେଖାଲେଖିରେ କୃତକାର୍ଯ୍ୟ ହୋଇ ପ୍ରଶଂସିତ ହେବେ । ଏହି 'କବିତାଟି ଆମୂଳଚୂଳ ଶ୍ଳେଷୋକ୍ତିରେ ପୂର୍ଣ୍ଣ । ଏହି ଗୋଟିଏ କବିତାରେ ଯେତେ ବିଷୟ କୁହା ଯାଇଛି, ହୁଏତ ତାହା ଖଣ୍ଡେ ପ୍ରକାଣ୍ଡକାୟ ପୁସ୍ତକରେ ମଧ୍ୟ ଅନେକେ ବ୍ୟକ୍ତ କରି ପାରିବେ ନାହିଁ । ଏ କବିତାର ସମ୍ୟକ୍ ସମାଲୋଚନା ଏ କ୍ଷୁଦ୍ର ପ୍ରବନ୍ଧରେ ଅସମ୍ଭବ । ଏହାର ବାସ୍ତବ ଅନୁଶୀଳନ ପାଇଁ ବରଂ ଆମେ ଉତ୍କଳର ସାହିତ୍ୟ-ରସିକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ।

ମେହେରଙ୍କ 'ଭକ୍ତି' କବିତା ସମ୍ବନ୍ଧରେ ଦୁଇଟି ଘଟଣା ଶୁଣିବାକୁ ମିଳିଥାଏ । ବିଜେପୁର ଜମିଦାର ସାହେବ ସାହିତ୍ୟପ୍ରାଣ ସଙ୍କର୍ଷଣ ଗଡ଼ତିଆ କହିଥିଲେ ଯେ ବିଜେପୁର ଅବସ୍ଥାନ କାଳରେ ମେହେର ପ୍ରୋକ୍ତ କବିତାଟି ଲେଖି ଯାଇ ଅଛନ୍ତି । ଏକଦା ଜମିଦାର ସାହେବ ଓ ମେହେର କୌଣସି ଗସ୍ତରୁ ଫେରିବା ପଥରେ, ଜମିଦାର ସାହେବ ମେହେରଙ୍କୁ ପ୍ରଶ୍ନ କଲେ ଭଗବାନଙ୍କୁ 'କରୁଣାସିନ୍ଧୁ' କହିବା ସଙ୍ଗତ କି ? ମେହେର ତାର କୌଣସି ଉତ୍ତର ନ ଦେଇ 'ଭକ୍ତି' କବିତାଟି ଲେଖି ସାହିତ୍ୟପ୍ରାଣ ସଙ୍କର୍ଷଣଙ୍କୁ ଦେଖାଇଥିଲେ । ଏଥିରେ ଜମିଦାର ମହୋଦୟ ଭକ୍ତିଗଦ୍‌ଗଦ ହୋଇ ତାଙ୍କୁ ଅଶେଷ ଧନ୍ୟବାଦ ଦେଇଥିଲେ । ଇତିପୂର୍ବରୁ ସେହି ବିଜେପୁରରେ ଥାଇ ସେ ଉତ୍କଳର ପୁଣ୍ୟ କ୍ଷେତ୍ର ନୀଳାଚଳ ଦର୍ଶନରେ ଯାଇଥିଲେ ।

Digitized by srujanika@gmail.com

ସେଥିରେ ମହୋଦଧି, ପୁରୀ ଜଗନ୍ନାଥ ମନ୍ଦିର ପ୍ରଭୃତିର ସନ୍ଦର୍ଶନରେ ସେ ଏକାନ୍ତ ଭାବବିହ୍ୱଳ ହୋଇ ପଡ଼ିଥିବା ତାଙ୍କର ସମସାମୟିକ ଜଣେ ବରଗଡ଼ର ଭଦ୍ରବ୍ୟକ୍ତିଙ୍କ ମୁଖରୁ ମୁଁ ଶୁଣିବାକୁ ପାଇଅଛି । ସେ କହନ୍ତି—ମେହେର ପୁରୀ ଜଗନ୍ନାଥ ଦର୍ଶନରୁ ଫେରି ଏହି 'ଭକ୍ତି' କବିତାଟି ଲେଖିଛନ୍ତି । ସେ ଯାହାହେଉ ଉଭୟ ଘଟଣା ସତ୍ୟ ବୋଲି ପ୍ରତୀୟମାନ ହୁଏ । କାରଣ ପୁଣ୍ୟକ୍ଷେତ୍ର ପୁରୀ ଦର୍ଶନରୁ ଫେରି ତାଙ୍କ ହୃଦୟରେ ଭଗବତ୍ ପ୍ରେମର ଯେ ଉତ୍ସ ଅନ୍ତଃ-ସଲିଳା ଫଲ୍‌ଗୁ ସ୍ରୋତ ପରି ପ୍ରବାହିତ ହେଉଥିଲା ତାହା ଜମିଦାର ସଙ୍କର୍ଷଣଙ୍କ ପ୍ରଶ୍ନରେ ଫୁଟି ଉଠି ତାର ଭାବ ବନ୍ୟାରେ ସମଗ୍ର ଉତ୍କଳକୁ ଭସାଇ ଅନ୍ୟାନ୍ୟ ପ୍ରଦେଶ ଏପରିକି ପାଶ୍ଚାତ୍ୟ ପ୍ରଦେଶକୁ ମଧ୍ୟ ପ୍ରବେଶ କରିଛି । ଏ ଘଟଣା ସମ୍ପୃକ୍ତ ବିଷୟଟିକୁ କେହି 'ଭକ୍ତି' କବିତାର ସମାଲୋଚନା ମନେ କରିବେ ନାହିଁ । ଏହି କବିତା କିପରି ମେହେରଙ୍କର ହୃଦୟ କନ୍ଦରରୁ ଉତ୍ସାରିତ ହେଲା ଏହା ତାହାର ସୂଚନା ମାତ୍ର ।

କବିବର ଗଙ୍ଗାଧର ଭକ୍ତିର ଉଚ୍ଚତମ ସୋପାନରେ କିପରି ପହଞ୍ଚି ପାରିଅଛନ୍ତି ତାହା ତାଙ୍କର 'ଅମୃତମୟ' କବିତାର ଶେଷ ଗୋଟିଏମାତ୍ର ପଦରୁ ସ୍ପଷ୍ଟ ଜଣାପଡ଼େ ।

ଯଥା—

"ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ,
ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ

Digitized by srujanika@gmail.com

ପଥେ ଶୁଖିଗଲେ ପାପ ତାପରେ
ହୋଇ ଶିଶିର ଖସିବ ତା'ପରେ
ଅମୃତମୟ ଅମୃତରୟ
ସହିତ ମିଶିବ ସାଗରେ ।"

ଏହି ପଦରେ କବିଙ୍କ ବର୍ଣ୍ଣିତ 'ମୁଁ' ଅର୍ଥାତ୍ 'ପ୍ରାଣୀ' ବା ଦେହଧାରୀ 'ଆତ୍ମା', 'ଅମୃତ ସାଗର' ଅର୍ଥାତ୍ ଚିର ଶାଶ୍ୱତ ବ୍ରହ୍ମଙ୍କର ଗୋଟାଏ 'ବିନ୍ଦୁ' ବା 'ଅଂଶ' । ସମୁଦ୍ର ଜଳ ବାଷ୍ପାକାରରେ ଆକାଶକୁ ଯିବାଭଳି ଅବିନଶ୍ୱର ଆତ୍ମା ମଧ୍ୟ ଅବିକୃତ ନିତ୍ୟବସ୍ତୁ ସେହି ବ୍ରହ୍ମଙ୍କ ଠାରୁ ଅଂଶ ଗ୍ରହଣ କରି 'ପ୍ରାଣୀ' ରୂପରେ ଭିନ୍ନ ନାମ ନେଇ ଜନ୍ମ ନିଏ । ସମୁଦ୍ରରୁ ଭିନ୍ନ ହୋଇ ଜଳବିନ୍ଦୁଟି ବାଷ୍ପ, ମେଘ ଓ ପରେ ବର୍ଷା ହୋଇ ଜଳଧାର ସହିତ ମିଶି ଶେଷକୁ ସେହି ସମୁଦ୍ରରେ ଯେପରି ନିଜକୁ ମିଳାଇ ଦିଏ ଶରୀରୀ ଆତ୍ମା ମଧ୍ୟ 'ପ୍ରାଣୀ' ରୂପରେ ନିଜର ଜୀବନକ୍ରିୟା ସମାପ୍ତି ପରେ ସେହି ଶାଶ୍ୱତ ବ୍ରହ୍ମଙ୍କ ଠାରେ ପରିଶେଷରେ ମିଳାଇ ଯାଏ । ଏ ପଦରେ 'ନଭ' ଅର୍ଥ ଘଟାନ୍ତର, ଅର୍ଥାତ୍ ବ୍ରହ୍ମଙ୍କଠାରୁ ବିଚ୍ଛିନ୍ନ ହୋଇ ଆତ୍ମା 'ପ୍ରାଣୀ' ରୂପରେ ଆଶ୍ରୟ ନେଇଥିବା ଅନ୍ୟ ଘଟ । 'ଖସିବା' କ୍ରିୟାଟିର ଅର୍ଥ ଜନ୍ମଲାଭ କରିବା; ସେହିପରି 'ଅମୃତଧାର' ଅର୍ଥ ପ୍ରାଣୀର ଜୀବନ ସ୍ରୋତ ବା ସମୟ ସ୍ରୋତ । ସ୍ରୋତ ଯେପରି ସିନ୍ଧୁକୁ ଭେଟିବା ପାଇଁ ବନ୍ଧୁର ସମତଳ ପଥ ଅତିକ୍ରମ ପୂର୍ବକ ଅହରହ ଧାଇଁଥାଏ ଜୀବ-ଗ୍ରାମର ଆତ୍ମା ମଧ୍ୟ ସେହିପରି ବ୍ରହ୍ମଙ୍କୁ ଭେଟିବା ସକାଶେ ନାନା ବାଧା ବିପଦ ଅତିକ୍ରମ କରି ସମୟ-ସ୍ରୋତରେ ପ୍ରବହମାନ ହୋଇଥାଏ । ବିନ୍ଦୁଟି ସ୍ରୋତ ସହିତ ସିନ୍ଧୁରେ ଯେପରି ମିଳାଇ-ଯାଏ, ଆତ୍ମା ମଧ୍ୟ ଜୀବନ ସ୍ରୋତ ସହିତ ନିଜକୁ ଅବିନାଶୀ ବ୍ରହ୍ମଙ୍କ ସହିତ ଲୀନ କରିଦିଏ । ପ୍ରାଣୀର ଜନ୍ମରୁ ମୃତ୍ୟୁପର୍ଯ୍ୟନ୍ତ ସମୟର

Digitized by srujanika@gmail.com

ନିସ୍ବାକୁ ବନ୍ଦୁର ସ୍ରୋତ ସହିତ ମିଶି ସମୁଦ୍ରରେ ମିଳିଯିବା ସମୟର କାର୍ଯ୍ୟ ସହିତ ତୁଳନା କରାଯାଇଛି ।

"ପଥେ ଶୁଖିଗଲେ ପାପ ତାପରେ, ହୋଇ ଶିଶିର ଖସିବ ତା'ପରେ" ଅର୍ଥ 'ପ୍ରାଣୀ' ନିଜର ଉଦ୍ଦେଶ୍ୟ ହୁଡ଼ି ମନ୍ଦ ମାର୍ଗରେ ଗଲେ, ତାଙ୍କୁ ଜନ୍ମାନ୍ତର ନେବାକୁ ପଡ଼ିବ । ଏହାକୁହିଁ "ହୋଇ ଶିଶିର ଖସିବ ତା'ପରେ" ବୋଲି କବି କହିଛନ୍ତି । ବିନ୍ଦୁ ଜଳ ବର୍ଷା ଆକାରରେ ସ୍ରୋତ ସହିତ ମିଳିବା ଗୋଟିଏ ପ୍ରକାର ଏବଂ ସେହି ବିନ୍ଦୁଜଳ ଖରାରେ ଶୁଖିଯାଇ ପୁଣି ଶିଶିର ରୂପରେ ଖସି ଖସି ସ୍ରୋତ ସହିତ ମିଶିବା ଅନ୍ୟ ଏକ ପ୍ରକାର । ପାପ କର୍ମ କଲେ ପ୍ରାଣୀକୁ ବିଭିନ୍ନ ଜନ୍ମ ନେବାକୁ ହୋଇଥାଏ ଓ ଯେ ପର୍ଯ୍ୟନ୍ତ ସତ୍ କର୍ମ ନ କରେ ସେ ଯାଏ ବ୍ରହ୍ମଙ୍କ ସହିତ ନ ମିଶି ସେ 'ଦେହୀ' ଭାବରେ ଭିନ୍ନ ଭିନ୍ନ ଯୋନିରେ ଭ୍ରମୁଥାଏ । "ଅମୃତମୟ ଅମୃତରସ୍ ସହିତ ମିଶିବ ସାଗରେ" । ମାତ୍ର ପାପର ମାତ୍ରା କଟିଗଲେ ଓ ପୁଣ୍ୟୋଦୟ ହେଲେ ପୁଣି ସେହି ଆତ୍ମା ପ୍ରବହମାନ କାଳ-ସ୍ରୋତରେ ବିନ୍ଦୁ ତୁଲ୍ୟ ମିଳି ଯାଇ ପରମାତ୍ମାଙ୍କଠାରେ ଲୀନ ହୋଇ ନିଜକୁ ମୁକ୍ତ କରିଦିଏ । ସିନ୍ଧୁରେ ବିନ୍ଦୁଟି ମିଳିଗଲେ ତାର ଯେପରି ସ୍ଵତନ୍ତ୍ର ସତ୍ତା ଲୋପ ପାଏ ଆତ୍ମା ମଧ୍ୟ ସେହିପରି ପରମାତ୍ମାଙ୍କଠାରେ ଲୀନ ହେଲେ ନିଜର ସତ୍ତା ହରାଇ ବସେ । ଅର୍ଥାତ୍ ଆତ୍ମା ଆଉ ଆତ୍ମା ହୋଇ ରହେ ନାହିଁ ।

କବି ନିଜେ ସୁଦ୍ଧା 'ପ୍ରାଣୀ' ବୋଲି 'ମୁଁ'ର ବ୍ୟବହାର କରିଛନ୍ତି ଓ ଜୀବନର ଦୁଃଖ ପାପ-ତାପ ସତ୍ତ୍ୱେ ଓ ଶେଷରେ ସେହି ଅମୃତମୟ ବ୍ରହ୍ମଙ୍କଠାରେ ଲୀନ ହେବାର ଭରସା ରଖି ତନ୍ମୟପ୍ରାୟ ହୋଇ ପାରିଛନ୍ତି । ଏହି ରୂପ ଭରସା କୋଟିକୋଟିର ମାନବ ପକ୍ଷରେ କେବଳ ସମ୍ଭବ ।

Digitized by srujanika@gmail.com

ପଦଟି ଗମ୍ଭୀର ଭାବ ପୂର୍ଣ୍ଣ - ସନ୍ଦେହ ନାହିଁ । ଏହାର ଅର୍ଥ ତାତ୍ପର୍ଯ୍ୟ ଅନେକ ସାହିତ୍ୟିକ ତଥା ସାହିତ୍ୟ-ରସିକ ବୁଝି ନ ପାରି ବାରମ୍ବାର ମୋତେ ପଚାରୁଥିବାରୁ ସେମାନଙ୍କ ତଥା ଅନ୍ୟାନ୍ୟ ସାହିତ୍ୟପ୍ରେମୀମାନଙ୍କ ଅବଗତ ସକାଶେ ଏ ସ୍ଥଳରେ ପଦଟିର ଟିକିଏ ବିସ୍ତୃତ ବ୍ୟାଖ୍ୟା କରିବାକୁ ବାଧ୍ୟ ହୋଇଛୁଁ । ଏତଦ୍ଦ୍ୱାରା ମେହେର-ସାହିତ୍ୟ ରସିକମାନଙ୍କ କିଞ୍ଚିତ୍ ଉପକାର ସାଧିତ ହେଲେ ମୁଁ ନିଜକୁ ଧନ୍ୟ ମନେ କରିବି ।

ଏ ପୁସ୍ତକର କେତେକ ପୃଷ୍ଠା ସମୁଜ୍ଜ୍ୱଳ କରୁଥିବା 'ପଞ୍ଚାୟତ' ନାମଧେୟ କବିତାରେ କବିଙ୍କର ପ୍ରତ୍ୟକ୍ଷ ଅନୁଭୂତିର କିପରି ପରିଚୟ ମିଳେ, ତାହା ନିମ୍ନୋକ୍ତ ଦୃଷ୍ଟାନ୍ତରୁ ଅନୁମେୟ ।

ଯଥା —

ଯେତେବେଳେ ଜଳ ବିନା ମରୁଥାଏ ଧାନ
ଗ୍ରାମପତି ଗ୍ରାସି ବିଏ ଆଇନ ବିଧାନ ।
କେତେଠାରେ ପଞ୍ଚମାନେ ହୁଅନ୍ତି ତା' ସାହା
ସର୍ବଗ୍ରାସୀ ଅନଳକୁ ଯେହ୍ନେ ହୁତେ ସ୍ୱାହା ।
ସର୍ବ ଅଗ୍ରେ ଯିବ ଗ୍ରାମପତି କ୍ଷେତ୍ରେ ଜଳ
ତା' ପଛକୁ ଯାର ଯେତେ ଥିବ ଅର୍ଥ ବଳ ।

× × × ×

ଏକେ ତ ଆଶ୍ୱିନ ମାସ ଅନ୍ନ ଥିବ ସରି
ଉପବାସେ ଥିବ ପ୍ରଜା ଜୀବନ୍ମୃତ ପରି ।
ହେଉଥିବ ଅର୍ଥ ବିନା ବୁଦ୍ଧି ତାରି ବଣା
ଅର୍ଜି ପାଇଁ ଆବଶ୍ୟକ ହେବ ବାରଅଣା ।

Digitized by srujanika@gmail.com

ଏବେଣି ଆସୁଁ ଆସୁଁ ରାଜଦ୍ୱାରରୁ ଆଦେଶ
ଜଳାଶୟୁ ଜଳରାଶି ହୋଇଥିବ ଶେଷ ।
କମ୍ବା ଗ୍ରାମପତି ରଚି ବିବିଧ କୌଶଳ
ଛଳେ କରିଦେବ ରାଜ ଆଦେଶ ବିଫଳ ।

× × × ×

କାହିଁ ବା ଖାତକ ନେଇ ସାହୁଠାରୁ ଟଙ୍କା
ପରିଶୋଧ କଲାବେଳେ ମୁହଁ କରେ ବଙ୍କା ।
କେତେ ବା ବିନୟ କରି ଋଣ ଥାଏ ନେଇ
ଉଗ୍ର ମୂର୍ତ୍ତି ଧରେ ପୁଣି ନ ପାରିଲେ ଦେଇ ।

× × × ×

ଯାହା ହୋଇଥାଏ ଗ୍ରାମ ଲୋକଙ୍କୁ ଅଜଣା
ସେହି କଥା ଜାଣିଥାନ୍ତି ଗୃହର ଅଙ୍ଗନା;
ବହୁ କଥା ଜାଣିଥାନ୍ତି ଗ୍ରାମ ଶିଶୁଗଣ
ତାଙ୍କ ନେତ୍ରେ ପଡ଼ିଥାଏ ପାପ ଆଚରଣ ।
ଜନକ ଜନନୀ ପାଶେ ତେଜି ଲାଜ ଭୟ
କହିଥାନ୍ତି ସବୁ କଥା ସେମାନେ ନିଶ୍ଚୟ ।
ଯେଉଁ କଥା ଥାଏ ଯେତେ ଲୁଚାଇବା ଭଳି
ହାଟେ ପ୍ରକାଶିତ ହୁଏ ତାହା ତତ୍କ୍ଷଣ ବଳି । ପ୍ରଭୃତି ।

ଏପରି ପ୍ରତ୍ୟକ୍ଷ ଅନୁଭୂତିର ପରିଚୟ ଏ କବିତାରେ ଯଥେଷ୍ଟ ପରିମାଣରେ ସୁଲଭ । ଏହି ସମସ୍ତ ଘଟଣା ନିତି ପ୍ରତି ଗ୍ରାମମାନଙ୍କରେ ଘଟି ଯାଉଛି; କିନ୍ତୁ ଆମମାନଙ୍କର ଦୃଷ୍ଟି ସେଆଡ଼କୁ

Digitized by srujanika@gmail.com

ଯାଇ କିଛି ସଂଗ୍ରହ କରିଛନ୍ତି କି ? ସାମାନ୍ୟ କଥାରୁ କବି ଯେପରି ବିଷୟ ବସ୍ତୁ ସଂଗ୍ରହ କରି ପାରିଛନ୍ତି ତାହା ତାଙ୍କର କବି-ଜନୋଚିତ ସୂକ୍ଷ୍ମଦର୍ଶିତାର ପରିଚୟ ନୁହେଁ ତ ଆଉ କଣ ?

ଆଧୁନିକ ଯୁଗରେ ଶବ୍ଦାଲଙ୍କାର, ଅର୍ଥାଲଙ୍କାରର ବ୍ୟବହାର ସ୍ପୃହା ଲେଖକମାନଙ୍କର କମି ଯାଇଛି । କିନ୍ତୁ ଉତ୍କଳଭାରତୀ ବାଲ୍ୟ କାଳରୁ ଭୂଷଣ ରଙ୍ଗିଣୀ ଏ କଥା ମାନି ନେବାକୁ ହେବ । କାରଣ ଉତ୍କଳର ପ୍ରାଚୀନ ସାହିତ୍ୟ ଏହାର ଦୃଷ୍ଟାନ୍ତ । 'ଅଳଙ୍କାର ତରଙ୍ଗିଣୀ'ରେ ସାଙ୍ଗରୂପକର ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦେଖି ମେହେରଙ୍କର ଗୋଟିଏ ସାଙ୍ଗରୂପକ ସାହିତ୍ୟିକମାନଙ୍କୁ ଉପହାର ଦେବାର ଲୋଭ ମୁଁ ସମ୍ବରଣ କରି ପାରି ନାହିଁ । କାରଣ 'ଅଳଙ୍କାର ତରଙ୍ଗିଣୀ'ର ସାଙ୍ଗରୂପକଠାରୁ ନିମ୍ନୋକ୍ତ ସାଙ୍ଗରୂପକର ବିଶେଷତ୍ୱ ବହୁ ପରିମାଣରେ ଅଛି ବୋଲି ମୋର ଧାରଣା ଓ ଏଭଳି ଦୀର୍ଘ ସାଙ୍ଗରୂପକ ଉତ୍କଳ-ସାହିତ୍ୟରେ ମୋ ଆଖି ଆଗରେ ଏଯାଏ ପଡ଼ିନାହିଁ ।

ଯଥା —

ଯନ୍ତ୍ର ନଭେ ଉଠି ପଦ ପୂର୍ଣ୍ଣ ସୁଧାକର
ରମ୍ୟ ରୂପେ ହେଲ ଲୋକ ନୟନ ଗୋଚର ।
ଚଉଦିଗେ କଲା ଜ୍ଞାନ-ଚନ୍ଦ୍ରିକା ପ୍ରକାଶ
ଅଜ୍ଞାନ ତିମିର ଦୂରେ ହେଲା ଲଭି ନାଶ ।
ବୁଧ-ହୃଦ ଜୀବଞ୍ଜୀବ ସେ ଚନ୍ଦ୍ରିକା ପାନ
କରି ସମୁଲ୍ଲାସେ କଲା ମଧୁମୟ ଗାନ ।
ନିର୍ମଳ ହୃଦୟ ସରେ ଭାଷା କୁମୁଦିନୀ
ବିକଶିତ ହୋଇ ହେଲା ଚିତ୍ତ ବିନୋଦିନୀ ।

Digitized by srujanika@gmail.com

ଫୁଟିଲା ପ୍ରବନ୍ଧ-ଫୁଲ, ଛୁଟିଲା ସୁବାସ
ଲଭିଲା ପାଠକ-ମଧୁଲିଟଙ୍କ ବିଳାସ ।

ଉଠିଲା କବିତା-ସିନ୍ଧୁ ତରଙ୍ଗ ଚଟଳ
ପ୍ରତିଭା-ଔଷଧି କଲା ପ୍ରତିଭା ପ୍ରବଳ ।

ସମାଜ କାନନେ ପଶି ସେ ଚନ୍ଦ୍ର କିରଣ
କୁତ୍ସିତ-ତିମିର କଲା ଯତନେ ହରଣ ।

ବିଧବାର ଦୁଃଖ-ତମେ ଯେ କବିର ଦୃଷ୍ଟି
ନ ଡରିଲା ତହିଁ ପଶି ହେବାପାଇଁ ବୃଷ୍ଟି ।

ବିଧବାର ଏକାଦଶୀ କଷ୍ଟ ଅନୁଭବ
ପଶିଗଲା ରଶ୍ମିଜାଳ ହିମ ରୂପେ ସ୍ରବ ।

ଶୈଶବ ବିବାହ ପଥେ ଯେ ଭୀଷଣ ଗ୍ରାମ
ଜଣାଗଲା ତହିଁ ଗୋଟି ଗୋଟିକର ନାମ ।

ଉତ୍କଳରେ ହେଲା ନବ ଯୁଗର ଆରମ୍ଭ
ଦିଗେ ଦିଗେ ବ୍ୟାପିଗଲା ସାହିତ୍ୟ ସୌରଭ ।

ଦ୍ରବିଲା ପାବଣ୍ଟି କାବ୍ୟ ଚନ୍ଦ୍ରକାନ୍ତ ମଣି
ଧନ୍ୟ ହେଲେ ରାଧାନାଥ ସେ ମଣିର ଖଣି । ଇତ୍ୟାଦି ।

(ବିଦ୍ୟାରତ୍ନଙ୍କ ହିତୈଷିଣୀ)

ଏହାପରେ ଏ କବିତାରେ ମେହେରଙ୍କ କଥନ-ଗୃଭୁଷ୍ଟ ଯେପରି ପ୍ରକାଶ ପାଇଛି, ତାହା ପ୍ରତିଭା-ସମ୍ପନ୍ନ ଉଚ୍ଚ କବିର ଲକ୍ଷଣ ବୋଲି ପ୍ରଣିଧାନ ହୁଏ ।

ଆଜକୁ ପ୍ରାୟ ୬୭ ବର୍ଷ ହେବ 'ସମ୍ବଲପୁର ହିତୈଷିଣୀ' ନାମରେ ଖଣ୍ଡେ ସାପ୍ତାହିକ ପତ୍ରିକା ୧୮୯୦ ରୁ ୧୯୨୨ ପର୍ଯ୍ୟନ୍ତ

Digitized by srujanika@gmail.com

୩୨ ବର୍ଷକାଳ ରାଜାନୁଗ୍ରହ ନେଇ ବାମଣ୍ଡାରୁ ପ୍ରକାଶ ପାଇଥିଲା । ଏହି ପତ୍ରିକାର ରକ୍ଷଣ ଭାର ଥିଲା ୰ନୀଳମଣି ବିଦ୍ୟାରତ୍ନଙ୍କ ହସ୍ତରେ ଏବଂ ଏହାର ସହକାରୀ ସମ୍ପାଦକ ଥିଲେ ଲିଙ୍ଗରାଜ ପାଣିଗ୍ରାହୀ । ପୂଜ୍ୟ ବିଦ୍ୟାରତ୍ନ ମହୋଦୟ ବହୁ ଗୁଣାଧାର ଥିଲେ ଓ ଉତ୍କଳର ଅନେକ ଲେଖକଙ୍କୁ ସେ ପ୍ରଭୂତ ଉତ୍ସାହ ପ୍ରଦାନ କରିଛନ୍ତି । କହିବା ବାହୁଲ୍ୟ ଯେ, ଆମର ପ୍ରିୟ ଗଙ୍ଗାଧର ମଧ୍ୟ ତାଙ୍କ ଉତ୍ସାହରେ ଉତ୍ସାହିତ ଥିଲେ; କିନ୍ତୁ ସେ ଜୀବନରେ ଅନେକଙ୍କୁ ଉତ୍ସାହ ପ୍ରଦାନ କରି-ଥିଲେ ମଧ୍ୟ ଗଙ୍ଗାଧରଙ୍କ ଭଳି କୃତଜ୍ଞ ମାନବ ବା ତାଙ୍କୁ କାହିଁ ମିଳନ୍ତେ ! ସେ କି କହିଥାନ୍ତେ—

କରିଅଛ ମୋର ଯେତେ ଯେତେ ଉପକାର
ମୋ ହୃଦେ ରହିଛି ସବୁ ସ୍ୱର୍ଣ୍ଣମୟ ହାର ।
ତୁମ୍ଭ କୀର୍ତ୍ତିର ଗୃହରୁ ପତାକା ସୀବନେ
ସୂତ୍ର ହେଲେ ଧନ୍ୟ ହେବ ଏ ହୀନ ଜୀବନେ ।
(ବିଦ୍ୟାରତ୍ନଙ୍କ ହିତୈଷିଣୀ)

କୃତଜ୍ଞତାର କି ଅପୂର୍ବ ଉଦାହରଣ ! କାହାଠାରୁ ସାମାନ୍ୟ ଉପକାର ପାଇଲେ ମଧ୍ୟ ମେହେର ତାହା ଆଜୀବନ ସ୍ମରଣ ରଖୁ-ଥିଲେ ଏବଂ ସମୟ ମିଳିଲେ ବହୁ ଗୁଣରେ ତାର ପ୍ରତ୍ୟୁପକାର କରିବାକୁ ଭୁଲିଯାଉ ନ ଥିଲେ ।

ଏହି 'ଅର୍ଘ୍ୟଥାଳୀ'ରେ 'ନର ଓ ମୟୂର', 'ଖଦ୍ୟୋତର ଖେଦ', ଅନ୍ଧକାରର ଆତ୍ମପ୍ରସାଦ', 'ସୂର୍ଯ୍ୟ ପ୍ରତି ଦୀପ', 'କର୍ମଗୁଣ' ପ୍ରଭୃତି କବିତାରେ କବି ଯେପରି, କଥନ ଭଙ୍ଗୀରେ ମାନବଜାତିକୁ ଶିକ୍ଷା ଦେଇ ପାଇଛନ୍ତି ତାହା ପ୍ରଣିଧାନର ଯୋଗ୍ୟ ।

Digitized by srujanika@gmail.com

'ଗଣେଶଙ୍କର ଆତ୍ମକଥା'ରେ 'ପ୍ରେତର ଅନୁତାପ' ପ୍ରଭୃତି କବିତାମାନଙ୍କରେ ସେ ସମାଜସଂସ୍କାରକ ରୂପେ ଦଣ୍ଡାୟମାନ । 'ଉଦ୍‌ବୋଧନ', 'ନବବର୍ଷ' ଇତ୍ୟାଦି କବିତାଚୟରେ ଏ ସୁପ୍ତ ଓଡ଼ିଆ ଜାତିକୁ ଯେପରି ଅଣ୍ଟା ଭିଡ଼ି ଉଠିପଡ଼ିବାକୁ ସେ ଆହ୍ୱାନ କରିଅଛନ୍ତି ତାହା ତାଙ୍କ ଜାତୀୟ ହୃଦୟବତ୍ତାର ବିକାଶ ।

'ଅର୍ଘ୍ୟଥାଳୀ'ରେ ବହୁ ସୁବାସିତ ଓ ଅମ୍ଳାନ ପୁଷ୍ପ ମୋର ନୟନଗୋଚର ହେଉଥିଲେହେଁ ସେ ସବୁ କରଗତ କରିବାର ଅବକାଶ ଅନ୍ତତଃ ମୋର ହୋଇପାରିନାହିଁ । ଏଠାରେ ନନ୍ଦନର ପାରିଜାତ ତୁଲ୍ୟ କୁସୁମ ରହିଛି, ବସନ୍ତ ଉଦ୍ୟାନର ଚୂତମୁକୁଳ ରହିଛି, ସୁବାସିତ କେତକୀ ରହିଛି—ଏ ସମସ୍ତ କୁସୁମ ଅମ୍ଳାନ ଓ ଚିର ସୁବାସିତ ।

Digitized by srujanika@gmail.com

ଗଙ୍ଗାଧରଙ୍କ "ଭକ୍ତି"

ଶ୍ରୀ କେଶବଚନ୍ଦ୍ର ମେହେର

ଉତ୍କଳର ପ୍ରାଚୀନ ଓ ଅଧୁନାତନ ଉଭୟ ସାହିତ୍ୟ ପ୍ରତି ଦୃଷ୍ଟିପାତ କଲେ ବିଶେଷତଃ ପ୍ରାଚୀନ ସାହିତ୍ୟରେ ଭକ୍ତି କବିତାର ପ୍ରାଚୁର୍ଯ୍ୟ ସହଜରେ ଜଣାପଡ଼େ । ପଞ୍ଚସଖା ଯୁଗରେ ଅଚ୍ୟୁତାନନ୍ଦ, ଜଗନ୍ନାଥ ପ୍ରଭୃତି ଏ ଦିଗରେ କିଛିଟା ଆଗେଇ ଯାଇଥିଲେ । ତା' ପରେ ଭଞ୍ଜ ଯୁଗର ଦୀନକୃଷ୍ଣ, ଅଭିମନ୍ୟୁ ଇତ୍ୟାଦି ଓ ପରେ କବିସୂର୍ଯ୍ୟ, ଯଦୁମଣି, ଗୋପାଳକୃଷ୍ଣ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । କିନ୍ତୁ ନିରପେକ୍ଷ ଭାବରେ ଯଦି ଏ ସବୁର ବିଚାର କରାଯାଏ, ତେବେ କହିବାକୁ ପଡ଼ିବ ଯେ ଉତ୍କଳ ସାହିତ୍ୟରେ ଏ ଯାଏ ଭକ୍ତିକବିତା ଆଦୌ ଉଚ୍ଚସ୍ତରର ନୁହେଁ । ପଞ୍ଚସଖା ଯୁଗର ଭଜନଗୁଡ଼ିକରେ ସେତେ ଉନ୍ନତ ଭାବ ଥିବା ତ ଦୂରର କଥା, ବରଂ ସେଗୁଡ଼ିକର ଅଧିକାଂଶ ଅବୋଧ୍ୟ ରହସ୍ୟବାଦରେ ପୂର୍ଣ୍ଣ । ଏହାପରେ ଭଞ୍ଜ ଯୁଗରେ ଦୀନକୃଷ୍ଣ, ଅଭିମନ୍ୟୁ ଇତ୍ୟାଦି ଓ ପରେ କବିସୂର୍ଯ୍ୟ, ଯଦୁମଣି, ଗୋପାଳକୃଷ୍ଣ ପ୍ରଭୃତିଙ୍କ ଭକ୍ତି କବିତାକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ପ୍ରାୟ ସବୁଠି ସେହି ଏକ ଗତାନୁଗତିକ ଭାବ ସ୍ଥାନ ପାଇଛି । ଏମାନଙ୍କର କବିତାମାନଙ୍କରେ ସେହି ଗଜେନ୍ଦ୍ରତାରଣ, ମୃଗୁଣୀର ଆର୍ତ୍ତିହରଣ, ଦ୍ରୌପଦୀଙ୍କୁ ବସ୍ତ୍ରଦାନ ଇତ୍ୟାଦି କଥା ଦୃଷ୍ଟାନ୍ତ ଭାବରେ ଭରପୂର ଓ ସେହି ହେତୁ ଏହି କବିକୁଳଙ୍କର ଯୁକ୍ତି ଯେ ସେମାନେ କାହିଁକି ଭକ୍ତ ବା ମୁକ୍ତି ଲାଭ କରିପାରିବେ ନାହିଁ ? ସୁତରାଂ, ଶେଷରେ ଈଶ୍ୱରଙ୍କଠାରେ କିଛି ନା କିଛି ଭିକ୍ଷା !

Digitized by srujanika@gmail.com

ଏହାପରି ଭାବରେ ଏମାନଙ୍କର ଭକ୍ତି ଅତି ସାଧାରଣ ସ୍ତରର ହୋଇ ପଡ଼ିଛି । ଅଭିମନ୍ୟୁଙ୍କର 'ସେହି ପ୍ରଭୁ ମୁହିଁ କି ତୁମ୍ଭେ', ଘନକୃଷ୍ଣଙ୍କର 'ଆର୍ତ୍ତିଜାଣ-ଚୌତିଶା', ଗୋପାଳକୃଷ୍ଣଙ୍କର 'ଅନୁସର ତ' ପ୍ରଭୃତି ଭକ୍ତି କବିତା ପାଠ କଲେ ଏହା ବୁଝାପଡ଼େ । ଅବଶ୍ୟ 'ଆର୍ତ୍ତିଜାଣ-ଚୌତିଶା'ରେ ଭକ୍ତ-ପ୍ରାଣର ବ୍ୟାକୁଳ ବେଦନା ମୂର୍ତ୍ତ ହୋଇ ଉଠିଛି । ଅଳତ ପଦ ପ୍ରୟୋଗରେ 'ସର୍ପ ଜଣାଣ'ରେ କବିସୂର୍ଯ୍ୟ ଓ 'ଦେଲ ଯାହା ନେଲ ତାହା'ରେ ଯଦୁମଣି ପ୍ରଥମ କରି ନୂଆ ବାଟ ଫିଟାଇଥିଲେ । ତେବେ ସୁଦ୍ଧା ବିରଞ୍ଚିପୂ ଅପରାପର ସମୃଦ୍ଧ ସାହିତ୍ୟ ଆଡ଼କୁ ଚାହିଁଦେଲେ ଏଗୁଡ଼ିକ ତା ଆଗରେ ନିଷ୍ପ୍ରଭ ଓ ମ୍ରିୟମାଣ । ମାତ୍ର ରାଧାନାଥ ଯୁଗରେ ଭକ୍ତି କବିତା ସର୍ବାପେକ୍ଷା ଉପରକୁ ଉଠି ପାରିଥିଲା ମଧୁସୂଦନଙ୍କ ସୁନିପୁଣ ହାତରେ । ତେଣୁ ମଧୁସୂଦନ ଆଗେ ଭକ୍ତ ଓ ପରେ କବି । ଭକ୍ତିପାଇଁ ହିଁ ସେ ସାଜିଥିଲେ କବି । 'ପଦ୍ମ', 'ଶୋଭା', 'ଜୀବନ ଚିନ୍ତା', 'ଧ୍ୟାନ', 'ନନ୍ଦା' ପ୍ରଭୃତି କବିତା ତା'ର ପ୍ରମାଣ ଦିଏ । ତେବେ ମଧୁସୂଦନ ଥିଲେ ବ୍ରହ୍ମଜ୍ଞ ଓ ବ୍ରାହ୍ମଧର୍ମୀ । ସୁତରାଂ ତାଙ୍କ ଭକ୍ତିରେ କେବଳ ରାମ, କୃଷ୍ଣ, ବୁଦ୍ଧ, ନାନକ ଉପାସ୍ୟ ନ ହୋଇ ବିଶ୍ୱର ମୂଳାଧାର ଅଖିଳ ବ୍ରହ୍ମାଣ୍ଡପତି, କୋଟି ଭୁବନ ପାଳକ, ନିଖିଳ କଳୁଷହାରୀ, ସକଳ ମଙ୍ଗଳ ଧାତା ପରମେଶ୍ୱରହିଁ ଉପାସ୍ୟ ଓ ନମସ୍ୟ । ସ୍ଥୂଳତଃ କହିବାକୁ ଗଲେ, ଭକ୍ତି କବିତାରେ ମଧୁସୂଦନ ତତ୍ ପୂର୍ବ ଯୁଗର କବିମାନଙ୍କଠାରୁ ଊର୍ଦ୍ଧ୍ୱକୁ ଉଠିଥିଲେ ଏବଂ ପୂର୍ବାପେକ୍ଷା ମହତ୍ତର ଭାବଗୁଡ଼ିକର ସଂଯୋଜନା ମଧ୍ୟ ତାଙ୍କ କବିତାରେ କରି ପାରିଥିଲେ । ଏ ଯୁଗରେ ଆହୁରି କେତେ ଜଣ ମଧ୍ୟ ଭକ୍ତି କବିତା ଲେଖିଅଛନ୍ତି । ମାତ୍ର ଏ ଦିଗରେ ସେମାନଙ୍କର ପ୍ରତିଭା ଓ କୃତି ସ୍ତିମିତ, କ୍ଷୀଣ ଓ ଅସ୍ପଷ୍ଟ । ମାତ୍ର ମଧୁସୂଦନଙ୍କ ଠିକ୍ ପରେ ପରେ ଜଣେ ଏ ଦିଗରେ ହାତ ବଢ଼ାଇ ଅଲବ୍ଧ୍ୟ ଲାଭ

Digitized by srujanika@gmail.com

କରିଛନ୍ତି ଓ ସମଗ୍ର ଉତ୍କଳକୁ ମଧ୍ୟ ଚମତ୍କୃତ କରିଦେଇଛନ୍ତି । ସେ ହୁଏ ତ ମଧୁସୂଦନଙ୍କ ପରି ଭକ୍ତିପାଇଁ କବି ସାଜି ନ ଥିଲେ; ବରଂ ମୁଖ୍ୟତଃ ସେ ଥିଲେ କବି । କିନ୍ତୁ ତାଙ୍କର ଏହି ସୁରଭିତ ଜୀବନ-ପଥରେ ସେ 'ଭକ୍ତି' ଓ 'କବିତା'କୁ ହାତ ଧରାଇଦେଲେ ଏବଂ ତାର ମିଳନାନନ୍ଦରେ ନିଜେ ଆପ୍ଳୁତ ହୋଇ 'ମଧୁମୟ' 'ଅମୃତ ସାଗର' ଆଡ଼କୁ ଅଗ୍ରସର ହୋଇ ପାରିଲେ ଏହି ବିଷାଦ-ଜର୍ଜର, ଅଶାନ୍ତ, ସଙ୍କଟ-ପରିପୂରିତ ସଂସାର ମଧ୍ୟରେ । ସେ କିଏ ? ତାଙ୍କୁ ଜାଣି ସୁଦ୍ଧା ଅନେକେ ଚିହ୍ନି ନାହାନ୍ତି, ତାଙ୍କୁ ଦେଖି ବି ଅନେକେ ବୁଝି ନାହାନ୍ତି; ତାଙ୍କ ନା ଶୁଣି ବି କେତେକ ଅନୁଦାର ଭାବରେ ଉପେକ୍ଷା କରି ଦେଇଛନ୍ତି ! ସେ ଆମର ଦରିଦ୍ର, ତନ୍ତୀକୁଳଜାତ ଉଚ୍ଚ ଶିକ୍ଷାରହିତ ପ୍ରିୟ କବି ଗଙ୍ଗାଧର । ଏବେ ଆସନ୍ତୁ ତାଙ୍କର କବିତା 'ଭକ୍ତି'ର ମାଧ୍ୟମରେ ହିଁ ତାଙ୍କୁ ଚିହ୍ନିବାକୁ, ବୁଝିବାକୁ, ଜାଣିବାକୁ ଚେଷ୍ଟା କରିବା । ଗଙ୍ଗାଧର କେଉଁ ସ୍ତରର ମନୁଷ୍ୟ ଥିଲେ ଏହି କବିତା ଦ୍ୱାରା ହୁଏତ ଆମେ ଅନେକାଂଶରେ ବୁଝିପାରିବା । ସେତେ ଦୀର୍ଘ ନୁହେଁ, ସାମାନ୍ୟ ପାଞ୍ଚ ଛଅଟି ପଦରେ ଏହାର ସମାପ୍ତି । ମାନ୍ ଗ୍ରେ (Gray) ତ ପୁଣି ଗୋଟିଏ କବିତା, 'Elgey written in a country churchyard ରେ Charles Wolfe "The Burial of Sir John Moore ରେ ଏବଂ ଓମାର ଖୟାମ ତାଙ୍କର ସାମାନ୍ୟ ଗୋଟିଏ କବିତା ରେ ବିଶ୍ୱବିଖ୍ୟାତ ହୋଇ ପାରିଛନ୍ତି । ସେହି ଗଙ୍ଗାଧର ଏଇ ଗୋଟିଏ ମାତ୍ର କବିତାରେ ଏତେ ଉଚ୍ଚକୁ ଉଠି ପାରିଛନ୍ତି ଯେ ତା'ର ତୁଳନା ଉତ୍କଳସାହିତ୍ୟର ସୀମିତ ପରିସର ମଧ୍ୟରେ ଅନୁଚିତ । ଆମେ ଯେତେଦୂର ଜାଣୁଁ, ଭକ୍ତି ସାହିତ୍ୟରେ ଭାରତ ବିଶ୍ୱସାହିତ୍ୟର ପଥପ୍ରଦର୍ଶକ । ବିବିଧ ଭାବରେ ଈଶ୍ୱରବନ୍ଦନ ବୈଦିକ ଯୁଗରୁ ପରଂପରାକ୍ରମେ ଏ ଦେଶରେ ଚଳି ଆସୁଛି । ତେଣୁ ଅପରାପର

Digitized by srujanika@gmail.com

ସମୃଦ୍ଧ ଭାରତୀୟ ଭକ୍ତିସାହିତ୍ୟର ସାମାନ୍ୟ ଆଲୋଚନା ଏ ଦିଗରେ ଆମକୁ ପ୍ରଶସ୍ତ ପଥ ଦେଖାଇ ଦେବ ବୋଲି ଆଶା । ଉତ୍କଳ ତଥା ଅନ୍ୟାନ୍ୟ ପ୍ରାଦେଶିକ ଭକ୍ତି ସାହିତ୍ୟରେ ମଧ୍ୟ ଦେଖିବାକୁ ମିଳେ ଯେ ବହୁଦିନ ଧରି ଭକ୍ତ ଓ କବିକୁଳ ଭଗବାନଙ୍କୁ କରୁଣାସିନ୍ଧୁ, କ୍ଷମାସାଗର, ଦୟାବାରିଧି ପ୍ରଭୃତି ନାମରେ ନାମିତ ବା ବିଶେଷଣରେ ବିଶେଷିତ କରି ଆସୁଥିଲେ । ପ୍ରଥମ ଥର ପାଇଁ କବିବର ଗଙ୍ଗାଧର ଅତି ବିନୟ ସହକାରେ ଏ କଥାକୁ ଅସ୍ୱୀକାର କରି କହିଲେ — "ବିଶ୍ୱଜୀବନ ହେ ! ତୁମ୍ଭଙ୍କୁ କରୁଣାସିନ୍ଧୁ ବୋଲିବାକୁ ମନ ବଳୁ ନାହିଁ, ଯେଣୁ ସିନ୍ଧୁ ତବ କୃପାବିନ୍ଦୁ ।" ଯେଉଁ ଈଶ୍ୱରଙ୍କ ଅନନ୍ତ କୃପାର ସାମାନ୍ୟ ବିନ୍ଦୁମାତ୍ର ଏହି ସିନ୍ଧୁ, ସେହି ସିନ୍ଧୁକୁ ଉପମାନ କରି ତାଙ୍କର ଅପାର କରୁଣାକୁ ମାପିବା ଅତି ଲଘୁଚିତ୍ତର ପରିଚୟ । ସେ ଏତେ ବଡ଼ ଯେ ତାଙ୍କୁ କୌଣସି ଉପମାରେ ଉପମିତ, ତୁଳନାରେ ତୁଳିତ କରାଯାଇ ନ ପାରେ । ଏହାହିଁ ହେଲା କବିଙ୍କର ଉଦ୍ଦେଶ୍ୟ । ଅବ୍ୟକ୍ତ, ଅନନ୍ତ, ନିରାକାର, ନିରାଧାର ଈଶ୍ୱରଙ୍କ ବା କିପରି ବ୍ୟକ୍ତ, ସାନ୍ତ, ସାକାର ଓ ସାଧାରରୂପେ ବର୍ଣ୍ଣନ କରାଯାଇ ପାରେ ? ମାତ୍ର ମନେ ରଖିବାକୁ ହେବ, ଗଙ୍ଗାଧର ଈଶ୍ୱରଙ୍କୁ ନିରାକାର ବା ସାକାର ଭାବରେ ଚିତ୍ରଣ କରି ନାହାନ୍ତି । ଏଇ ଦୁଇ ମତବାଦୀଙ୍କ ଅନ୍ଧ ଦଳାଦଳିର ସେ ବହୁ ଊର୍ଦ୍ଧ୍ୱରେ । ଗଙ୍ଗାଧରଙ୍କ ଈଶ୍ୱରଙ୍କ ରୂପରେ ବିରାଟ ସାର୍ବଭୌମତା ପରିଦୃଷ୍ଟ । ନିରାକାରବାଦୀ ମାନଙ୍କ 'ବ୍ରହ୍ମର ଚରଣଭଜନା'ର ପ୍ରବଞ୍ଚନ ଓ ପୌତ୍ତଳିକତାର ନିନ୍ଦନ ଗଙ୍ଗାଧରଙ୍କ ଲକ୍ଷ୍ୟରେ ନାହିଁ । ତେଣୁ ସମସ୍ତ ମତବାଦ ଓ ଧର୍ମର ଊର୍ଦ୍ଧ୍ୱକୁ ଉଠିଯାଇ ସେ ଈଶ୍ୱରଙ୍କୁ ସମ୍ବୋଧନ କଲେ 'ବିଶ୍ୱଜୀବନ' ଭାବରେ । ଭଗବାନଙ୍କୁ ଏଇ ବିଶେଷଣରେ ବିଶେଷିତ କରିବାରେ କବିଙ୍କର ମହାପ୍ରାଣତାର ପରିଚୟ ସହଜରେ ମିଳିଥାଏ । ସ୍ଥୂଳତଃ

Digitized by srujanika@gmail.com

ଗଙ୍ଗାଧରଙ୍କ ଈଶ୍ୱର ରାମ, କୃଷ୍ଣ, ମହମ୍ମଦ, ଯୀଶୁ, ବୁଦ୍ଧ, ନାନକ, ମଜଦା ଜହୋବା ପ୍ରଭୃତିଙ୍କ ମଧ୍ୟରେ କୌଣସି ଗୋଟିଏ ନୁହନ୍ତି, ଅଥଚ ସବୁ ଅଟନ୍ତି । ଯେଉଁ ଅନନ୍ତ ବିଶ୍ୱର ଗର୍ଭରେ ଆମର ପୃଥିବୀ ଭଳି ଅସଂଖ୍ୟ ପୃଥିବୀ ବିଦ୍ୟମାନ ସେହି ବିରାଟ ବିଶ୍ୱର ପ୍ରାଣାଧାର ବା ମୂଳାଧାର ହେଉଛନ୍ତି ଗଙ୍ଗାଧରଙ୍କ ସମ୍ବୋଧିତ ଈଶ୍ୱର । ଏହି ବିରାଟ ସାର୍ବଭୌମ ପରାତ୍ପର ପରମେଶ୍ୱରଙ୍କୁ କୌଣସି ଧର୍ମ ବା ମତ ଅସ୍ୱୀକାର କରିବା କଥାହିଁ ନାହିଁ । 'ରାମ' କହିଲେ ମୁସଲ-ମାନଙ୍କର ଆପତ୍ତି ଉଠିପାରେ, 'ଆଲ୍ଲା' କହିଲେ ଖ୍ରୀଷ୍ଟାନ୍‌ମାନଙ୍କର ଆପତ୍ତି ଥାଇପାରେ ବା ସେହିପରି 'ଯୀଶୁ' କହିଲେ ହିନ୍ଦୁ ସ୍ୱୀକାର ନ କରିପାରେ, ମାତ୍ର 'ବିଶ୍ୱଜୀବନ' ଈଶ୍ୱରଙ୍କୁ ଅସ୍ୱୀକାର କରିବ କିଏ ? ସେ ତ ସମସ୍ତ ଧର୍ମର ଓ ବିଶ୍ୱର !

ହୋଇପାରେ, କୃଷ୍ଣଗତପ୍ରାଣା ମୀରାଙ୍କ ଭଳି ଗଙ୍ଗାଧର 'ମେରେ ତୋ ଗିରିଧର ଗୋପାଳ, ଦୁସରା ନ କୋଇ' କହି ନାହାନ୍ତି ବା ରୈଦାସଙ୍କ ପରି 'ପ୍ରଭୁଜି, ତୁମ୍ ଚନ୍ଦନ ହମ୍ ପାନି' ଭଳି ଭକ୍ତ ଭଗବାନଙ୍କ ମଧୁର ଓ ନିବିଡ଼ ସମ୍ବନ୍ଧ ଯୋଡ଼ି ପାରିନାହାନ୍ତି କିମ୍ବା କବୀରଙ୍କ ସଦୃଶ 'ତୁ ତ ରାମ ସୁମର ଜଗ ଲଡ଼ବା ଦେ' କହି ମନୁଷ୍ୟକୁ ଉପଦେଶ ଦେଇ ନାହାନ୍ତି ଅଥବା 'ସୁର କିଶୋର କୃପା ସେଁ ସବ ବନ ଯାଗକୋ ହରିନାମ' ଭଳି ତନ୍ମୟତା ଓ ଦୃଢ଼ତା ତାଙ୍କଠି ନ ଥିଲା । ମାତ୍ର ଏଇ ସବୁ ଉଦାହୃତ ଭକ୍ତକବିମାନଙ୍କ ମଧ୍ୟରୁ ସୁଦ୍ଧା ବିଶ୍ୱଜନୀନ ଭାବ ସୃଷ୍ଟି କରିବାରେ ଏ ସ୍ଥଳରେ ଗଙ୍ଗାଧର ସମଧିକ ସକ୍ଷମ ହୋଇ ପାରିଛନ୍ତି କହିଲେ ଏହେ ଟିକିଏ ବି ସତ୍ୟର ଅପଳାପ ହେବ ନାହିଁ ବୋଲି ବିଶ୍ୱାସ ହୁଏ ।

ଗଙ୍ଗାଧରଙ୍କ ଈଶ୍ୱର ବୈଦିକ ଈଶ୍ୱରଙ୍କୁ ପୂର୍ଣ୍ଣତଃ ସମର୍ଥନ କରେ । ଦ୍ୱୈତାଦ୍ୱୈତର ସାଙ୍ଗଚକଟ ଭିତରେ ରହିବାକୁ ସେ ପସନ୍ଦ

Digitized by srujanika@gmail.com

କରି ନାହାନ୍ତି । ବିଶେଷତଃ ବିଶ୍ୱର ପ୍ରାଣକର୍ତ୍ତା ସର୍ବବ୍ୟାପୀ ଈଶ୍ୱରଙ୍କ-ଠାରେ ତାଙ୍କର ଅଟଳ ବିଶ୍ୱାସ ।

ବେଦ ଉପନିଷଦ ବର୍ଣ୍ଣିତ ଏକେଶ୍ୱରବାଦକୁ ସ୍ପଷ୍ଟ କରି-ଦେବାକୁ ଯାଇ ମହାମନୀଷୀ ମେକ୍ସମୂଲର ଏହାର ତାତ୍ପର୍ଯ୍ୟ ବୁଝି ନ ଥିବା ପାଶ୍ଚାତ୍ୟ ଲୋକଙ୍କୁ ଉପଦେଶ ଛଳରେ ତାଙ୍କର "India, what it can teach us" ପୁସ୍ତକରେ ଲେଖିଛନ୍ତି—"If we call them (The things described in the Vedic verses) Gods or goddesses, we must remember the remark of an ancient native theologian (meaning, Yask evidently) that by devator or deity he means no more than the object celebrated in a hymn ?—Pp. 147

ଏହି ସମସ୍ତ ଦୃଷ୍ଟିରୁ ଗଙ୍ଗାଧରଙ୍କ 'ବିଶ୍ୱଜୀବନ' ସମ୍ବୋଧନ କିପରି ବୈଦିକ ମତସମ୍ମତ ଓ ଉଚ୍ଚଭାବର ବାହକ ତାହା ଅକ୍ଲେଶରେ ଅବଧାରଣ କରିହେବ । ସର୍ବୋପରି ଉପନିଷଦ୍ ଶ୍ରେଷ୍ଠ 'ଈଶୋପ-ନିଷଦ୍' "ଈଶାବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍" କହି ଗଙ୍ଗାଧରଙ୍କର ବିଶ୍ୱବ୍ୟାପ୍ତ 'ବିଶ୍ୱଜୀବନ'କୁ ସମର୍ଥନ କରେ । ଏହି-ପରି ଈଶ୍ୱରଙ୍କୁ 'ବିଶ୍ୱପ୍ରାଣ' ଭାବରେ ସମ୍ବୋଧନ କରି କବି ତା'ପରେ ଆରମ୍ଭ କରି ଅଛନ୍ତି :—

ତୁମ୍ଭ ଭଜନରେ ହେବି ନାହିଁ ନାଥ
ମାଳା ଜପିବାକୁ ବାଧ
କୋଟି କୋଟି ଗ୍ରହ କରି ସେ ମାଳାର
କେ ଜପି କରିବ ସାଧ ?

Digitized by srujanika@gmail.com

କେତେକ ଭକ୍ତ ମୋକ୍ଷପ୍ରାପ୍ତି ନିମନ୍ତେ ମାଳା ଗଡ଼ାନ୍ତି, ନାମ ଜପ କରନ୍ତି ମାତ୍ର; ଗଙ୍ଗାଧରଙ୍କ ବିଶ୍ୱାସ—ଯେଉଁ ବିରାଟ ସାର୍ବଭୌମ ଈଶ୍ୱରଙ୍କ ମହିମା ସୂତ୍ରରେ ଗ୍ରହ ନକ୍ଷତ୍ରରାଜି କଣ୍ଠି ଭଳି ରହିଅଛନ୍ତି ସେ ମାଳାର କଣ୍ଠି ଗଣିବା ମର୍ତ୍ତ୍ୟ ମାନବ ପକ୍ଷରେ କେତେ ଦୂର ସମ୍ଭବ ? ଏଣୁ ମୋକ୍ଷ ଲାଭ ପାଇଁ, ଈଶ୍ୱରଙ୍କ ଅନୁଗ୍ରହ ଆଶାରେ ଏଇ ସାଧାରଣ ରୁଦ୍ରାକ୍ଷମାଳା ଗଡ଼ାଇବାକୁ ଗଙ୍ଗାଧର ଠିକ୍ ମନେକରି ନାହାନ୍ତି । ପୁନଶ୍ଚ ଗଙ୍ଗାଧର ଏପରି ଭାବରେ ଭଗବାନଙ୍କୁ ପ୍ରବଞ୍ଚିତ କରିବାକୁ ଚାହିଁ ନାହାନ୍ତି । କାରଣ ପାପ ହେଉଛି ମୁଖ୍ୟତଃ ତିନି ପ୍ରକାର । ୧—ମାନସିକ, ୨—ବାଚନିକ, ୩—କାୟିକ । କାୟା କ୍ଳେଶ ସାଧନଦ୍ୱାରା ଅର୍ଥାତ୍ କେବଳ ମାଳା ଗଡ଼ାଇବାଦ୍ୱାରା ହସ୍ତକୃତ ମନ୍ଦ କର୍ମର ପାପ ଯିନା କଟିଯାଇପାରେ, ମାତ୍ର ମନ ବା ବଚନରେ କରି ହୋଇଥିବା ପାପ ଯିବ କିପରି ? ହାତ କଷ୍ଟକରଣ କଲେ ମାନସିକ ମଳ ଧୌତ ହେବ କିପରି ? ମନ ନିମନ୍ତେ ଅନୁତାପହିଁ ପ୍ରାୟଶ୍ଚିତ୍ତ । ଗୋବିନ୍ଦର ପାପ ନିମନ୍ତେ ଗୋପାଳ ଯଦି ପ୍ରାୟଶ୍ଚିତ୍ତ କରେ ସେଥିରେ ଗୋବିନ୍ଦର କି ଲାଭ ? ଏଥିରେ ମଧ୍ୟ ଠିକ୍ ତାହାହିଁ ପ୍ରଯୁଜ୍ୟ । ତେଣୁ ମାଳା ଗଡ଼ାଇବାରେ ମାନସିକ ଓ ବାଚନିକ ପାପର କ୍ଷାଳନ ଅସମ୍ଭବ । ପ୍ରଥମଟି ପାଇଁ ଅନୁତାପ ଓ ଦ୍ୱିତୀୟଟି ନିମନ୍ତେ ଭଗବାନଙ୍କ ପବିତ୍ରନାମୋଚ୍ଚାରଣ, ସତ୍‌କର୍ମାଚରଣ ଓ 'ଋତଂ ବଦିଷ୍ୟାମି'ର ଏକାନ୍ତ ନିଷ୍ଠା ସହକାରେ ପାଳନହିଁ ପ୍ରଶସ୍ତ । ଏହା ପରେ ଦ୍ୱିତୀୟ ପଦରେ କବି ପୁଣି କହିଲେ—

ଦେଇ ନାହିଁ ବଳି ପଦଧୂଳି ଘେନି
ପାରିବି ନାହିଁ ମୋ ମୁଣ୍ଡ
କୋଟି କୋଟି ରବି ଧୂଳି ରୂପେ ଭୂମି
ପଦେ ହୋଇଛନ୍ତି ରୁଣ୍ଡ ।

ଏ ସ୍ଥଳରେ ମନେ ରଖିବା ଉଚିତ ଯେ ଗଙ୍ଗାଧର ନିଜଠାରେ ସବୁବେଳେ ଭକ୍ତର ଅସାମର୍ଥ୍ୟଟି ଈଶ୍ୱରଙ୍କୁ ଜଣାଇଅଛନ୍ତି । ଅନ୍ୟାନ୍ୟ ଭକ୍ତ ଈଶ୍ୱରଙ୍କ ପଦଧୂଳି ମୁଣ୍ଡରେ ବୋଳି ଦେବାକୁ ଲାଳାୟିତ ଓ ସେଥିପାଇଁ ତଦନୁରୂପ ପ୍ରାର୍ଥନା ମଧ୍ୟ କରିଥାଆନ୍ତି । କିନ୍ତୁ ଗଙ୍ଗାଧର ତ ଈଶ୍ୱରଙ୍କ ବିରାଟ ବିଶ୍ୱରୂପ ଦେଖି ପାରିଛନ୍ତି । ସେ ଦେଖୁଛନ୍ତି ଯେ ଈଶ୍ୱରଙ୍କ ପଦଧୂଳିରେ କୋଟି କୋଟି ସୂର୍ଯ୍ୟ ଧୂଳିସ୍ୱରୂପ ବିଲୁଣ୍ଠିତ । ତାକୁ ମୁଣ୍ଡରେ ନେବ କିଏ ?

ରବୀନ୍ଦ୍ରନାଥ ତାଙ୍କର 'ଗୀତାଞ୍ଜଳି'ରେ ଗାଇଛନ୍ତି—"ଆମାର ମାଥା ନତକରେ ଦାଓ ହେ ତୋମାର ଚରଣ ଧୂଲାର ତଲେ ।" ଏ ସ୍ଥଳରେ ଭଗବାନଙ୍କର ପଦଧୂଳିରେ ନିଜ ମୁଣ୍ଡକୁ ଧୂସର କରିବାର ଆଶା କବିଙ୍କର ରହିଯାଉଛି । ପରବର୍ତ୍ତୀ ପାଦରେ "ସକଲ ଅହଂକାର ହେ ଆମାର ଡୁବାଓ ଚୋଖେର ଜଲେ" କହିଲେ ମଧ୍ୟ ଈଶ୍ୱରଙ୍କ ପଦଧୂଳି ନେବାର ଯେ ଅହଂକାର ବା ଅଭିମାନ ତାହାଙ୍କର ରହିଛି ତାହା ପ୍ରଥମ ପାଦରେ ସ୍ପଷ୍ଟ । ମାତ୍ର କବିବର ଗଙ୍ଗାଧର ସେହି ପଦଧୂଳିର ଆଶା ଆକାଙ୍କ୍ଷାକୁ ମଧ୍ୟ ବର୍ଜନ କରି ଈଶ୍ୱରଙ୍କ ନିକଟରେ ନିଜର ଅସମର୍ଥତା, ତୁଚ୍ଛତା ଓ ହୀନତା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଫଳ ବା ପ୍ରାପ୍ୟ ପ୍ରତି ଅନାସକ୍ତି ପ୍ରଦର୍ଶନପୂର୍ବକ ଭକ୍ତପ୍ରାଣର ଅନବଦ୍ୟ ନିରଭିମାନତା ଦେଖାଇ ଯାଇଛନ୍ତି । କବୀନ୍ଦ୍ର ରବୀନ୍ଦ୍ରଙ୍କ ଅପେକ୍ଷା ମଧ୍ୟ ଗଙ୍ଗାଧର ଯେ ଏ ସ୍ଥଳରେ ଭକ୍ତ କବିତାରେ ଓ ଭକ୍ତ ପ୍ରାଣର ମହାନ୍ ଭାବ ସଂଯୋଜନରେ ଏ ରୂପ ବିଶେଷତ୍ୱ ରକ୍ଷା କରିପାରିଛନ୍ତି ତାହା ଉତ୍କଳ ଓ ଉତ୍କଳୀୟଙ୍କ ପକ୍ଷରେ ନିଶ୍ଚିତ ଗର୍ବ ଓ ଗୌରବର ବିଷୟ ।

ଏ ସ୍ଥଳରେ ଏଭଳି ତୁଳନା କରି ରବୀନ୍ଦ୍ରଙ୍କ ବିଶ୍ୱପ୍ରସିଦ୍ଧ ପ୍ରତିଭାକୁ ଆମେ ଯେ କ୍ଷୁଣ୍ଣ କରିବାକୁ ଯାଉଛୁଁ ଏପରି ଭୁଲ ଯେପରି

Digitized by srujanika@gmail.com

କେହି ନ ବୁଝନ୍ତୁ । ରବୀନ୍ଦ୍ରନାଥ ବିଶ୍ୱକବି, ଏଥିରେ ଆମର ବା ଅନ୍ୟ କାହାର ମତଦ୍ୱୈଧ ଥାଇ ନ ପାରେ । କିନ୍ତୁ ବିଶ୍ୱର ଅବଜ୍ଞାତ କୋଣ ବରପାଲ୍ଲୀରେ ଜାତ ଓ ତନ୍ତ୍ରୀକୁଳଜାତ ଅଜ୍ଞାତ ଓଡ଼ିଆ କବି ଗଙ୍ଗାଧରଙ୍କ ଉକ୍ତି ଯେ ବିଶ୍ୱକବି ରବୀନ୍ଦ୍ରଙ୍କ ଉକ୍ତି ସଙ୍ଗେ ସମତା ରକ୍ଷିପାରେ ଓ ସ୍ଥଳେ ସ୍ଥଳେ ପ୍ରତିଯୋଗିତା କରି ଉଜ୍ଜ୍ୱଳ ମୌଳିକ ସୃଷ୍ଟିର ନଜିର ଦେଇପାରେ, ତାହାହିଁ ଏଥିରେ ପ୍ରତିପାଦନ କରାଯାଇଛି । ଏହାଦ୍ୱାରା ବିଶ୍ୱବନ୍ଦ୍ୟ ରବୀନ୍ଦ୍ର-ପ୍ରତିଭା କୌଣସି ପ୍ରକାରେ ଗ୍ଳାନ ବା ମ୍ଳାନ ଭଜି ନ ପାରେ ।

ଏହାପରେ ଗଙ୍ଗାଧରଙ୍କ ଏହି ଚରଣରେ କେଡ଼େ ଗଭୀର ଭାବ ନିହିତ ଟିକିଏ ଅନୁଧ୍ୟାନ କଲେ ବୁଝାପଡ଼େ । ଆଉ ଗୋଟିଏ ଦୃଷ୍ଟି କୋଣରୁ ଦେଖିଲେ—ଆକାଶ ଦେହରେ ସୂର୍ଯ୍ୟ ଭଳି ଅସଂଖ୍ୟ ଗ୍ରହ ନକ୍ଷତ୍ର ଜାତ ଓ ଅବସ୍ଥିତ ଏବଂ ଏଇ ଆକାଶର ଅନ୍ୟ ନାମ 'ବିଷ୍ଣୁପଦ' ହୋଇଥିବାରୁ ଗଙ୍ଗାଧରଙ୍କ "କୋଟି କୋଟି ରବି ଧୂଳିରୂପେ ତୁମ୍ଭ ପଦେ ହୋଇଛନ୍ତି ଲୁଣ୍ଠି" ଉକ୍ତିଟି କେଡ଼େ ସ୍ୱାଭାବିକ ଓ ଚମତ୍କାର ହୋଇଛି ତାହା ସୁଧୀବୃନ୍ଦ ବୁଝିପାରୁଥିବେ । ଏହିପରି ଥରେ ଅର୍ଜ୍ଜୁନ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦର୍ଶନକରି ସକାତର ଭୟବିହ୍ୱଳ ପ୍ରାଣରେ ପ୍ରାର୍ଥନା କରିଥିଲେ—

ତ୍ୱମାଦି ଦେବଃ ପୁରୁଷ ପୁରାଣ-
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନ ।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱମନନ୍ତ ରୂପ । ଇତ୍ୟାଦି ।

ଗଙ୍ଗାଧରଙ୍କ ଉପର୍ଯ୍ୟୁକ୍ତ ପଦରେ ମଧ୍ୟ ବୈଦିକ ଧର୍ମ ଓ ଗୀତାଧର୍ମର ସେହି ସାର୍ବଜନୀନତା ଓ ମହାନ ଭାବ ରହିଛି ।

Digitized by srujanika@gmail.com

ତୃତୀୟ ପଦରେ ପୁଣି କବି ଆରମ୍ଭ କରୁଛନ୍ତି—

ହୃଦୟର କଥା ଜାଣିବାକୁ ଅଛି
ତୁମ୍ଭର ଅସୀମ ଶକ୍ତି
ସେତିକି ଦେଖିବ ଯେତିକି ଅଛି ମୋ
ହୃଦେ ତୁମ୍ଭ ପ୍ରତି ଭକ୍ତି ।

ସ୍ୱଚ୍ଛ ସରଳ ପ୍ରାଣର କି ମଧୁର ପ୍ରକାଶ ! ଈଶ୍ୱରଙ୍କ ଆଉ ଗୋଟିଏ ନାଁ ହେଉଛି 'ଅନ୍ତର୍ଯାମୀ' । ତେବେ "ଅନ୍ତର୍ଜନ୍ତୁ ନିୟନ୍ତୁଂ ଶୀଳଂ ଯସ୍ୟ ସୋଽୟମନ୍ତର୍ଯାମୀ" । ଯେ ସମସ୍ତ ପ୍ରାଣୀ ଏବଂ ଅପ୍ରାଣୀ-ଭୂମ ଜଗତର ଭିତରେ ବ୍ୟାପକ ହୋଇ ସମସ୍ତଙ୍କୁ ନିୟମନ କରେ ସେହି ସର୍ବପୂର ପରମେଶ୍ୱରହିଁ 'ଅନ୍ତର୍ଯାମୀ' । ତେଣୁ ସମସ୍ତଙ୍କର ହୃଦୟର କଥା ଜାଣିବାରେ ତାଙ୍କର ଖାଲି ସାଧାରଣ ଶକ୍ତି ନୁହେଁ, ଅସୀମ ଶକ୍ତି ଥିବାର କବି ବର୍ଣ୍ଣନ କରିଅଛନ୍ତି । ତେଣୁ ଅନ୍ୟ ଭକ୍ତ ବା କବିମାନଙ୍କ ଭଳି 'ମୁଁ ତୁମ୍ଭଙ୍କୁ ଅତି ଭଲ ପାଏ', 'ତୁମ ବିନା ମୋର ଅନ୍ୟ ଗତି ନାହିଁ', 'ମୋତେ ମୋକ୍ଷ ଦିଅ', 'ମୋତେ ସଂସାର ସାଗରରୁ ପାରି କର' ଇତ୍ୟାଦି ସାଧାରଣ କଥା ଗଙ୍ଗାଧର ଈଶ୍ୱରଙ୍କ ଆଗରେ ଉପସ୍ଥାପିତ କରିନାହାନ୍ତି । କାରଣ ଈଶ୍ୱରଙ୍କ ଅନ୍ୟ ନାମ 'ନ୍ୟାୟକାରୀ' । 'ନ୍ୟାୟ' କଣ ? ବାତ୍ସାୟନ ମୁନି କହନ୍ତି— 'ପ୍ରମାଣୈରର୍ଥ ପରୀକ୍ଷଣଂ ନ୍ୟାୟ'' । ଏଣୁ 'ପକ୍ଷପାତ ରହିତାଚରଣଂ ନ୍ୟାୟଃ' ଅର୍ଥାତ୍ ଯାହା ପ୍ରତ୍ୟକ୍ଷାଦି ପ୍ରମାଣର ପରୀକ୍ଷା ଦ୍ୱାରା ସତ୍ୟ—ସତ୍ୟସିଦ୍ଧ ହୋଇଥାଏ ତଥା ପକ୍ଷପାତ ରହିତ ଧର୍ମରୂପ ଆଚରଣ ଅଟେ ତାହାହିଁ 'ନ୍ୟାୟ' । ଏଣୁ ନ୍ୟାୟଂ କର୍ତ୍ତୁଂ ଶୀଳମସ୍ୟ ସ ନ୍ୟାୟ-କାରୀଶ୍ୱରଃ ।" ସୁତରାଂ ଏପରି ନ୍ୟାୟକାରୀ ଈଶ୍ୱର ଯେ କାହାର ସ୍ତୁତି ବାଣୀ ବା ତୋଷାମୋଦରେ ତା'ର ପ୍ରାପ୍ୟ ଫଳର ଅତିରିକ୍ତ

Digitized by srujanika@gmail.com

କିଛି ଦାନ କରିଦେବେ ଏ ଆଶା ଆକାଂକ୍ଷା ପୋଷଣ କରିବା ଉଚ୍ଚ ଶ୍ରେଣୀର ଜ୍ଞାନୀ ଭକ୍ତ ପକ୍ଷରେ ଉଚିତ ମନେ ହୁଏ ନାହିଁ । ପୁଣି ଯେହେତୁ "ଦୟୁତେ ଦଦାତି ଜାନାତି ଗଚ୍ଛତି ରକ୍ଷତି ହିନସ୍ତି ଯସ୍ୟା ସା ଦୟା, ବହ୍ନି ଦୟା ବିଦ୍ୟତେ ଯସ୍ୟ ସ ଦୟାଳୁଃ ପରମେଶ୍ୱରଃ"— ଅର୍ଥାତ୍ ଦୋଷୀକୁ ଉଚିତ ଦଣ୍ଡ ଦେଇ ସଜ୍ଜନଙ୍କୁ ରକ୍ଷା କରୁଥିବା ହେତୁ ଈଶ୍ୱରଙ୍କ ନାମ 'ଦୟାଳୁ' । ତେବେ କୌଣସି ବ୍ୟକ୍ତି ମନ୍ଦଚିନ୍ତା ଓ କୁକର୍ମରେ ସମୟ ଅତିବାହିତ କରି ଖାଲି ମୁହଁରେ ଭଗବାନଙ୍କଠାରେ କ୍ଷମା ମାଗି ଦେଲେ ଯେ ସେ କ୍ଷମା କରିଦେବେ, ଏକଥା ମହାପ୍ରାଣ ଭକ୍ତଶ୍ରେଷ୍ଠ ଗଙ୍ଗାଧର ବା କାହିଁକି ବିଶ୍ୱାସ କରନ୍ତେ ? ନିଆଁରେ ହାତ ରଖିଲା ମାତ୍ରେ ହିଁ ହାତ ପୋଡ଼ିଯିବ । ଏହି ହାତ ପୋଡ଼ାଇ ଦେବାହିଁ ଅଗ୍ନିର ଦୟା । କାରଣ କଷ୍ଟ ଦେଇ ସେ ଜଣାଇ ଦିଏ ଯେ ଆଉ ଥରେ ଏମିତି କରିବ ନାହିଁ । ସେହିପରି ପରମେଶ୍ୱର ପାପୀକୁ ସମୁଚିତ ଶାସ୍ତି ଦେଇ ପୁଣ୍ୟବାନଙ୍କୁ ତାର ପ୍ରାପ୍ୟ ଫଳ ପ୍ରଦାନ କରି ବାସ୍ତବ ଦୟା ପ୍ରଦର୍ଶନ କରିଥାଆନ୍ତି । ଏଣୁ ଏପରି ଈଶ୍ୱରଙ୍କଠାରେ 'ମୋତେ ଭବସାଗରରୁ ପାର କର,' 'ମୋର ଦୋଷ କ୍ଷମା କର,' ଇତ୍ୟାଦି କହି ଗଙ୍ଗାଧର ବା କାହିଁକି ନିଜର ନିର୍ଦ୍ଦୋଷତାର ଡିଣ୍ଡିମ ବଜାଇବାକୁ ଯିବେ ? ତେଣୁ ତାଙ୍କର ଶୁଦ୍ଧ ସରଳ ଭକ୍ତିରେ "ସେବକ ଘେନବ ଯେତକ ଅଛି ମୋ ହୃଦେ ତୁମ୍ଭ ପ୍ରତି ଭକ୍ତି" କହି ନିଜର ଅକପଟ ହୃଦୟକୁ ପରମେଶ୍ୱରଙ୍କ ଆଗରେ ଥୋଇ ଦେଇଛନ୍ତି । ଏହାହିଁ ମହତ୍ ମାନବର ଲକ୍ଷଣ ।

ଏହା ବାହାରେ ଯେଉଁ ମାନେ ଭକ୍ତିର ପେଖନାରେ ଭକ୍ତ ସାଜନ୍ତି, ଭକ୍ତିହୀନ ହୃଦୟ ନେଇ ସୁଦ୍ଧା ନିଜେ ଭକ୍ତ ବୋଲି ଅପରକୁ ଦେଖାଇ ହୁଅନ୍ତି, ସେମାନଙ୍କ ପ୍ରତି ଏ ପଦଟି ଉତ୍ତମ

Digitized by srujanika@gmail.com

ଶିକ୍ଷା । କାରଣ ଗଙ୍ଗାଧର ସେମାନଙ୍କୁ କହୁଅଛନ୍ତି—ଭାଇ, ତୁମେ ଠକୁଛ କାହାକୁ ? ତମେ ବାହାରକୁ ସିନା ତମ ଭକ୍ତିର ପ୍ରବଞ୍ଚନା ଦେଖାଉଛ, ମାତ୍ର ଜାଣିଥାଅ, 'ଅନ୍ତର୍ଯ୍ୟାମୀ' ରୂପରେ ସେ ଭିତରେ ରହି ତୁମର ଏହି ବାହ୍ୟ ପ୍ରଦର୍ଶନ, ଠକାମିକୁ ଉପହାସ କରୁଅଛନ୍ତି । ଏଣୁ ଅନ୍ୟକୁ ନିଜ ଭକ୍ତିର ବାହାଦୁରି ଦେଖାଇବାକୁ ଯାଇ ଈଶ୍ୱରଙ୍କୁ ଠକିବାର ବୃଥା ଚେଷ୍ଟା କରି ନିଜର ବୁଦ୍ଧିହୀନତାର ପରିଚୟ ଦିଅନାହିଁ । ତେଣୁ ସେ କହିଲେ—"ସେତିକ ଦେଖିବ ଯେତିକ ଅଛି ମୋ ହୃଦେ ତୁମ ପ୍ରତି ଭକ୍ତି" । ଏଥିରେ ଗଙ୍ଗାଧର 'ଭକ୍ତ'—ଏ କଥା ଜଗତକୁ ଜଣାଇବାକୁ ଚାହୁଁ ନାହାନ୍ତି । ଏପରି ଭାବର ସଂଯୋଜନରେ କବି ଖୁବ୍ ଉଚ୍ଚକୁ ଉଠିଯାଇ ଉପନିଷଦକାର ଋଷିଙ୍କର ହସ୍ତମର୍ଦ୍ଦନ କରିଅଛନ୍ତି । କାରଣ କଠୋପନିଷଦରେ ମଧ୍ୟ ବୃଥା ତର୍କ ବର୍ଜନ କରି ଅନ୍ତରର ଧନକୁ ଅନ୍ତରରେ ଉପଭୋଗ କରିବାକୁ ଋଷି କହି ଯାଇ ଅଛନ୍ତି । ସେଥିପାଇଁ ବିଜ୍ଞାପନର ଆବଶ୍ୟକ ସେ ରଖନ୍ତି ନାହିଁ । ଗଙ୍ଗାଧର ମଧ୍ୟ ରଖି ନାହାନ୍ତି । 'ଅସ୍ତୀତି ବ୍ରୁବତୋ ଽନ୍ୟତ୍ର କଥଂ ତଦୁପଲଭ୍ୟତେ" ।

(କଠୋପନିଷଦ)

ପୁଣି ଚତୁର୍ଥ ପଦରେ କବି ଗାଇ ଉଠିଲେ—

ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର
ହୃଦୟରେ ନାହିଁ ସ୍ଥାନ,
ସର୍ଷପ ଗରଭେ ରହି କି ପାରଇ
ହିମାଳୟ ସାନୁମାନ ?

କବିଙ୍କ ଦୃଷ୍ଟିରେ ଈଶ୍ୱର ଏତେ ବିରାଟ, ଏତେ ମହାନ ଯେ, ତାଙ୍କ ବିଗ୍ରହକୁ କବି ନିଜ ହୃଦୟରେ ସ୍ଥାପନ କରିବା କଥାକୁ

Digitized by srujanika@gmail.com

ସମ୍ଭବ ନୁହେଁ ବୋଲି କହିଛନ୍ତି । ଦୃଷ୍ଟାନ୍ତ ଦେଇ କହୁଅଛନ୍ତି ଯେ ଉତ୍ତୁଙ୍ଗ ନଗାଧିରାଜ ହିମାଳୟକୁ ଗୋଟିଏ ସୋରିଷ ଗର୍ଭରେ ପୂରାଇବାର ପ୍ରୟାସ କରିବା ଯାହା, ଈଶ୍ୱରଙ୍କ ବିଗ୍ରହକୁ ନିଜ ହୃଦୟରେ ସ୍ଥାପନ କରିବାର ଚେଷ୍ଟା ମଧ୍ୟ ଠିକ୍ ସେଇୟା । ଅର୍ଥାତ୍ ଏକବାରେ ଅସମ୍ଭବ । ଏଣୁ କବି ସେ କାର୍ଯ୍ୟରୁ ମଧ୍ୟ ନିବୃତ୍ତ ହୋଇଅଛନ୍ତି । ଏହି ପଦଟି ପାଠ କରି କବି ମୂର୍ତ୍ତି-ପୂଜାର ସପକ୍ଷରେ ନା ବିପକ୍ଷରେ ହଠାତ୍ କହି, [illegible] ହେବ ନାହିଁ । କବି ବଡ଼ ସନ୍ତର୍ପଣରେ ପଦଟିକୁ ପ୍ରକାଶ କରିଅଛନ୍ତି । ମାତ୍ର ଏତିକି କୁହାଯାଇ ପାରେ ଯେ ଉଭୟ ମତବାଦୀଙ୍କ ସଂକୀର୍ଣ୍ଣତାର ସୀମାକୁ ସେ ଅତିକ୍ରମ କରିଯାଇଛନ୍ତି । ଏ ଯାଏ ସୁଦ୍ଧା ଈଶ୍ୱରଙ୍କ ସାକାର ନିରାକାର ଭେଦ ନେଇ ବଡ଼ ବଡ଼ ମହାପୁରୁଷମାନଙ୍କ ମଧ୍ୟରେ ମତଦ୍ୱୈଧ ରହିଛି । କେହି ହୁଏତ ମୂର୍ତ୍ତିପୂଜାର ସମର୍ଥକ, କେହି ବା ବିରୋଧୀ । ଭାରତର ଜଣେ ପ୍ରଖ୍ୟାତ ବେଦାନ୍ତିକ ଓ ଦାର୍ଶନିକ ସ୍ୱାମୀ ବିବେକାନନ୍ଦ, ଯେ କି ନିଜର ସାଧାରଣ ବାଗ୍ମିତା ଓ ଜ୍ଞାନ ବଳରେ ସମଗ୍ର ପାଶ୍ଚାତ୍ୟ ଜଗତକୁ ବିସ୍ମିତ ଓ ସ୍ତମ୍ଭିତ କରି ଦେଇଥିଲେ, ସେ ନିଜ ଜୀବନରେ ମୂର୍ତ୍ତି ପୂଜାର ଉପକାରିତା ଦେଖି ପାରୁଥିଲେ । ମାତ୍ର ବେଦୋଦ୍ଧାରକ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏହାର ଘୋର ବିରୋଧୀ । ଭଗବାନ ଶଙ୍କରାଚାର୍ଯ୍ୟ ମଧ୍ୟ ତତ୍କାଳୀନ ପରିସ୍ଥିତିକୁ ଆୟତ୍ତ କରିବାପାଇଁ ଅଦ୍ୱୈତ ମତବାଦର ପ୍ରତିଷ୍ଠା କରିଥିଲେ । ମହାମାନବ ଗାନ୍ଧୀଙ୍କର କଥା ସ୍ୱତନ୍ତ୍ର । ତାଙ୍କର ଜୀବନ-ଦର୍ଶନ ପୂର୍ଣ୍ଣତଃ ବୁଝିବାକୁ ଓ ବୁଝାଇବାକୁ ଏ ଯାଏ ଲୋକେ ସମର୍ଥ ହୋଇ ନାହାନ୍ତି । ଆମଭଳି ସାଧାରଣ ଲୋକ ତାଙ୍କ ସମ୍ବନ୍ଧରେ କିଛି ମତ ମତ ଦେବା ନିତାନ୍ତ ଅସମୀଚୀନ । ତେବେ ତାଙ୍କର ଆଧ୍ୟାତ୍ମ ମନ୍ତ୍ରଶିଷ୍ୟ ଏ ଯୁଗର ମହର୍ଷି ସନ୍ଥ ବିନୋବା ମୂର୍ତ୍ତିପୂଜା ସମର୍ଥନ କରୁଥିବା ଜଣାଯାଏ । ତେବେ ଖ୍ରୀଷ୍ଟାନ-

Digitized by srujanika@gmail.com

ମାନଙ୍କର ଧର୍ମଗ୍ରନ୍ଥ ବାଇବଲ 'Varity of idols and foolishness of idol makers'ର ଦୃଷ୍ଟାନ୍ତ ଉପସ୍ଥାପିତ କରେ ଏବଂ ଇସ୍‌ଲାମ ଧର୍ମଗ୍ରନ୍ଥ ମଧ୍ୟ "କୋଲ୍‌ହୋ ଓ୍ୱଲ୍‌ଲହୋ ଅହଦ୍ ଅଲ୍ଲା ହୁସ୍‌ମଦ୍,ଲମ୍ ୟାଲଦ୍,ଓ୍ୱଲମ୍ ୟୁଲଦ୍ ଓ୍ୱଲମ ୟକୁଲ୍ଲହୁ କୋଫୋଓ୍ୱନ୍ ଅହଦ୍ ।" ଅର୍ଥାତ୍ 'ଈଶ୍ୱର ଏକ, ସେ ସନାତନ, ସେ ନିରାଲମ୍ବ, ସେ ଅଜ, ଅଦ୍ୱିତୀୟ । ସେ ସମସ୍ତ ସୃଷ୍ଟି କରନ୍ତି, ତାହାଙ୍କୁ କେହି ସୃଷ୍ଟି କରନ୍ତି ନାହିଁ'—କହି ଏକେଶ୍ୱରବାଦକୁ ଶୀର୍ଷ ସ୍ଥାନ ଦିଏ । ଯଜୁର୍ବେଦ ମଧ୍ୟ କହେ—'ନ ତସ୍ୟ ପ୍ରତିମା ଅସ୍ତି ।' ହେଣୁ ଏଭଳି ମତାରଣ୍ୟ ମଧ୍ୟରେ ଗଙ୍ଗାଧର ବା କାହିଁକି କୌଣସି 'ବାଦ'ର ଶିକାର ହୁଅନ୍ତେ ? ସୁତରାଂ ଉଭୟଙ୍କ ମଧ୍ୟରେ ସେତୁ ନିର୍ମାଣ କରି ଗଙ୍ଗାଧର ଏହା ଲେଖିଛନ୍ତି ଓ ତାଙ୍କର ନିଜର ସ୍ୱଦେଶ ଓ ମହାପ୍ରାଣତାର ପରିଚୟ ଦେଇ ଯାଇଅଛନ୍ତି । ଅତଏବ ଗଙ୍ଗାଧରଙ୍କ କଳ୍ପିତ ଈଶ୍ୱରଙ୍କ ବାସ୍ତବ ସ୍ୱରୂପ କିପରି ତାହା ଗଭୀର ଭାବରେ ଅନୁଧ୍ୟାନ କଲେ ଜଣାପଡ଼େ । ମେଚ୍‌ନେରଙ୍କ ଲେଖାର ବିଶେଷତ୍ୱ ହେଉଛି ଏଇଯେ ଯେ, ତାହା ବୁଝିବାକୁ ହେଲେ ସମଧିକ ଚିନ୍ତାର ଆବଶ୍ୟକ ହୁଏ । ବାହାରକୁ ସହଜ ସରଳ ବୋଧ ହେଉଥିଲେହେଁ ତାଙ୍କ କବିତାର ଅଧିକାଂଶ ସ୍ଥଳରେ ଅନ୍ତର୍ନିହିତ ଭାବର ଦ୍ୱିମୀୟ ଧାରା ଫଲ୍‌ଗୁସ୍ରୋତ ପରି ଲୁକ୍କାୟିତ ଥାଏ । ଏଇଥିପାଇଁ ହିଁ ଗଙ୍ଗାଧର ଅନେକ ଦିନପାଏ ଅଜ୍ଞ ଥିଲେ ଏବଂ ଆଜି ସୁଦ୍ଧା ପଲ୍ଲବଗ୍ରାହୀଙ୍କ ଚକ୍ଷୁରେ ସେ ଶ୍ରେଷ୍ଠ ହୋଇ ରହିଅଛନ୍ତି । ଏଭଳି ଦୁର୍ଦ୍ଦଶା ପୃଥିବୀର ବଡ଼ ବଡ଼ କବିମାନଙ୍କ ଭାଗ୍ୟରେ ବି ଘଟିଛି । ଗଙ୍ଗାଧରଙ୍କ ପକ୍ଷେ ଏହା ନୂତନ ନୁହେଁ । ସେ ଯାହାହେଉ, ବର୍ତ୍ତମାନ ଏ କବିତାର ପଞ୍ଚମ ପଦକୁ ଅଗ୍ରସର ହୋଇ ପାଠ କରୁଁ—

କ ଦେଇ ପୂଜିବ ଯାହା ମୁଁ ଦେଖୁଛି
ସବୁ ତୁମ୍ଭର ପ୍ରସାଦ,
ଯାହା ପରସାଦ ତାଙ୍କୁ ଅରପିଲେ
ହେବ ସିନା ଅପରାଧ ।

ଏ ସ୍ଥଳରେ କବି ଦେଖୁଛନ୍ତି ଯେ ପୃଥିବୀର ଯାବତୀୟ ପଦାର୍ଥକୁ ତାଙ୍କର ଆରାଧ୍ୟ ଈଶ୍ୱର ଗ୍ରହଣ କରି ସାରିଛନ୍ତି । ତେଣୁ ସେ ଭୋଗ ନ କରିଥିବା କୌଣସି ନୂଆ ଜିନିଷଟିଏ ତାଙ୍କ ଆଗରେ ନେଇ ଥୋଇବାକୁ କବି ସାହସ କରି ନାହାନ୍ତି । କାହିଁକି ନା, ସେ ଆଗରୁ ନିଜର ଦିବ୍ୟ ଦୃଷ୍ଟିରେ ଦେଖି ସାରିଲେଣି ଯେ ପୃଥିବୀର ସମସ୍ତ ଦୃଶ୍ୟବସ୍ତୁ ଈଶ୍ୱରଙ୍କ ପ୍ରସାଦ । ଏଠାରେ 'ପ୍ରସାଦ' ଶବ୍ଦର ଅର୍ଥକୁ ଟିକେ ତଳେଇ ଦେଖିବା ଦରକାର । ପ୍ରସାଦର ଅନ୍ୟ ଅର୍ଥ 'ଅନୁଗ୍ରହ' । ଅର୍ଥାତ୍ ପୃଥିବୀରେ ଯାହ କିଛି ଅଛି, ସେ ସବୁ ଈଶ୍ୱରଙ୍କ ଅନୁଗ୍ରହ, ତାଙ୍କର ଦାନ । ସୁତରାଂ ତାଙ୍କରି ଦତ୍ତ ପଦାର୍ଥକୁ ନିଜର ବୋଲି କହି ପୁଣି ତାଙ୍କୁ ଅର୍ପଣ କରିବାଦ୍ୱାରା କେବଳ ଅପରାଧ ମାତ୍ର ସାର ହେବ ବୋଲି କବିଙ୍କର ବିଶ୍ୱାସ । ଏଠାରେ ପୁଣି ଥରେ ସେହି ଈଶୋପନିଷଦର ବାଣୀ ସ୍ମରଣ ହୁଏ—

ଈଶାବାସ୍ୟମିଦଂ ସର୍ବଂ
ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜୀଥା
ମା ଗୃଧଃ କସ୍ୟସ୍ୱିଦ୍ ଧନମ୍ ॥

ଗଙ୍ଗାଧର ସବୁବେଳେ ସାଂସାରିକ ପଦାର୍ଥ ଓ ବିଷୟରୁ ମମତ୍ୱ ଛେଦନ କରିବାକୁ ଚାହିଁଅଛନ୍ତି । ଏ କବିତାରେ ତାହା ହିଁ ପ୍ରମାଣିତ ହୋଇଛି । ଗୀତା କହନ୍ତୁ, ଉପନିଷଦ କହନ୍ତୁ, ବେଦ ବା

Digitized by srujanika@gmail.com

ବେଦାନ୍ତ ଯାହା କିଛି କହନ୍ତୁ; ସମସ୍ତେହିଁ ମନୁଷ୍ୟର ଏଇ ମୋହ, ଏଇ ମମତ୍ୱ ଉପରେହିଁ ଚାହାର ପକାଇ ଅଛନ୍ତି, କୁଠାରାଘାତ କରି- ଅଛନ୍ତି । ତେଣୁ ଗୀତାର ଅଠର ଅଧ୍ୟାୟ ବୁଝାଇ ସାରିବା ପରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ପଚାରିଛନ୍ତି—

"କଚ୍ଚିଦେତତ୍ ଶ୍ରୁତଂ ପାର୍ଥ
ତ୍ୱୟୈକାଗ୍ରେଣ ଚେତସା,
କଚ୍ଚିଦ ଜ୍ଞାନ ସମ୍ମୋହଃ
ପ୍ରନଷ୍ଟସ୍ତେ ଧନଞ୍ଜୟ ।"

ଏବଂ ଅର୍ଜ୍ଜୁନ ମଧ୍ୟ କହିଛନ୍ତି—

"ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା
ତ୍ୱତ୍ ପ୍ରସାଦାନ୍ମୟାଚ୍ୟୁତ,
ସ୍ଥିତୋସ୍ମି ଗତ ସନ୍ଦେହଃ
କରିଷ୍ୟେ ବଚନଂ ତବ ।"

ଏହାପରେ ଅର୍ଜ୍ଜୁନ ଓ ଭଗବାନ ଶ୍ରୀକୃଷ୍ଣଙ୍କ କଥା ଶେଷ । ଏଣୁ ଗୀତାରେ କଣ ଅଛି ବୋଲି ଖୁବ୍ ଅଳ୍ପ କଥାରେ ଉତ୍ତର ଦିଆଯାଇ ପାରେ ଯେ 'ମୋହନାଶର ପ୍ରଚେଷ୍ଟା' । କବିବର ଗଙ୍ଗାଧର ଏଇ କବିତାରେ ମନୁଷ୍ୟର ସେହି ଚିରଶତ୍ରୁ ମୋହକୁ ଦୂର କରିବାର ପ୍ରୟାସ କରି ଗୀତାଧର୍ମ ସହିତ ସଖ୍ୟ ସ୍ଥାପନ କରିପାରି ଅଛନ୍ତି । ମାତ୍ର ଏ ସବୁ ଯାହାହେଉ ଶେଷ ପଦରେ 'ଏକା ମାଧିଆ ବାଇଶ ପଲ' ନ୍ୟାୟରେ କବି କହି ଉଠିଲେ—

Digitized by srujanika@gmail.com

ମୁଁ-କାର ମାତର   ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ,
ତୁହୁଁ ଶ୍ରୀଚରଣେ   ଅର୍ପଣ କରୁଛୁଁ
ଯେଣୁ ତା' ବିଶ୍ୱ ସମ୍ରାଟ୍ ।

ପୂର୍ବବର୍ତ୍ତୀ ପଦରେ ଦର୍ଶାଇ ଦିଆ ହୋଇଛି ଯେ ସଂସାରର ସବୁ କିଛି ଈଶ୍ୱରଙ୍କ ଦାନ । ତେବେ ଗୋଟିଏ ଜିନିଷକୁ କବି ଏକାନ୍ତ ଭାବରେ ନିଜର ବୋଲି ଦାବି କରି ବସିଲେ । ସେଇଟା କଣ ? ···ମୋହ, ମୁଁ-କାର, ଅହଙ୍କାର, ମୋର ଘର, ମୋର ସ୍ତ୍ରୀ, ମୋର ଧନ – ଏଭଳି ମମତ୍ୱବୋଧ । ତେଣୁ ଏଇ ମୋହ ବା ମାୟା 'ମୁଁ-କାର'କୁ କବି ଈଶ୍ୱରଙ୍କୁ ସମର୍ପଣ କରିଦେଇ ନିଶ୍ଚିନ୍ତ ହେବାକୁ ଚାହାଁନ୍ତି । କବି ତ ପୃଥିବୀର ସବୁକୁ ଈଶ୍ୱରଙ୍କର ବୋଲି ବୁଝି ସାରିଛନ୍ତି । ଏବେ ନିଜକୁ ତଥା ନିଜର ମମତ୍ୱକୁ ମଧ୍ୟ ତାଙ୍କ ହାତରେ ଅର୍ପଣ କରିଦେବା ଦ୍ୱାରା ତ 'ସର୍ବାର୍ପଣ' ହୋଇଗଲା । ଏହା ତ ଉଚ୍ଚ ଶ୍ରେଣୀର ଭକ୍ତର ଲକ୍ଷଣ ! ନବଧା ଭକ୍ତିର ଏହାହିଁ ଉଚ୍ଚତମ ସୋପାନ !! ତେବେ ଏ ସ୍ଥଳରେ କବିଙ୍କର କବିତ୍ୱ, କୃତିତ୍ୱ ମଧ୍ୟ ଲକ୍ଷ୍ୟ କରିବାର କଥା । ଅନ୍ୟ ଭକ୍ତ ବା କବିମାନେ ନିଜ ନିଜର ପ୍ରାର୍ଥନା ଶେଷରେ ଭଗବାନଙ୍କୁ କିଛି ନା କିଛି ମାଗି ଥାଆନ୍ତି । ମାତ୍ର କବି ଗଙ୍ଗାଧର ଏ ସ୍ଥଳରେ ଈଶ୍ୱରଙ୍କୁ କିଛି ନ ମାଗି ବରଂ ତାଙ୍କର ଗୋଟିଏ ବୋଲି ପଦାର୍ଥ ଭଗବାନଙ୍କୁ ଦେଇ ଦେଉଅଛନ୍ତି । ଏଥିରେ କବିତ୍ୱ କୃତିତ୍ୱ ଅଛି । ଯଦି କୌଣସି ଦରିଦ୍ର ବ୍ରାହ୍ମଣ କୌଣସି ରଜା ମହାରାଜାଙ୍କ ପାଖକୁ ଯାଇ କହେ—"ମହାରାଜ, ଆପଣଙ୍କ ନିକଟରେ ମୋର ଅନ୍ୟ କୌଣସି ଭିକ୍ଷା ନାହିଁ; ମାତ୍ର ମୋର ଏହି ଦାରିଦ୍ର୍ୟକୁ ଆପଣ ନେଇ ଯାଆନ୍ତୁ ।" ଏଥିରୁ କଅଣ ବୁଝା ପଡ଼ୁଛି ? ଅର୍ଥାତ୍ ଏତେ ଧନ ଦିଅନ୍ତୁ ଯଦ୍ଦ୍ୱାରା କି ମୁଁ ଆଉ

Digitized by srujanika@gmail.com

ଗରିବ ହୋଇ ନ ରହେ; ଧନୀ ହୋଇଯାଏ । କବି ଗଙ୍ଗାଧରଙ୍କ ଈଶ୍ୱରଙ୍କ ପ୍ରତି ଏ ଦାନ ଠିକ୍ ସେହିଭଳି । ଯିଏ 'ମୁଁ-କାର'କୁ ମମତ୍ୱକୁ ବିସର୍ଜନ କଲା, ସେ ତ ସାଂସାରିକ ବନ୍ଧନକୁ ଛିନ୍ନ କରି ଅତି ଉଚ୍ଚକୁ ଉଠିଗଲା । ଜୀବ ପକ୍ଷରେ ଏହାଠାରୁ ବଳି ଶିବତର ମାର୍ଗ ଆଉ କ'ଣ ଥାଇପାରେ ?

ଏ ସ୍ଥଳରେ କୌଣସି ତାର୍କିକ ନିଜର ତର୍କଣା ବଳରେ ପଚାରି ପାରନ୍ତି—ଗଙ୍ଗାଧରଙ୍କ ଈଶ୍ୱର ତ 'ସାର୍ବଭୌମ', ପୁଣି 'ଅନ୍ତର୍ଯାମୀ'—ରୈଦାସଙ୍କ ଭାଷାରେ 'ସବଘଟ ଅନ୍ତର ରମସି ନିରନ୍ତର'; ତେବେ 'ଦୂରୁଁ ଶ୍ରୀଚରଣେ ଅର୍ପଣ କରୁଛୁଁ ହେନ ତା' ବିଶ୍ୱ ସମ୍ରାଟ' ହେଲା କିପରି ? ଏପରି ସାର୍ବଭୌମ, ସର୍ବାନ୍ତର୍ଯାମୀ ଈଶ୍ୱରଙ୍କଠାରୁ ଜୀବ ଦୂରରେ ବି ରହିଲେ କିପରି ? ଏପରି ସନ୍ଦେହ ଉଠିବା ସ୍ୱାଭାବିକ । କିନ୍ତୁ ଗଙ୍ଗାଧର ଏ ସ୍ଥଳରେ ଖୁବ୍ ଚିନ୍ତା କରିଥିଲା ପରି ମନେ ହୁଏ । ରାତିରେ ଆଲୋକ ବିକୀରଣ କରୁଥିବା ଲଣ୍ଠନ ନିଶ୍ଚୟ ସମସ୍ତେ ଦେଖିଥିବେ । ଆଉ ଏବେ କହିଲେ, ଭିତରେ ଜଳୁଥିବା ବତି ଓ ସେହି ବତିର ଯେ ଆଲୋକ ଗୃହଅଭ୍ୟନ୍ତରେ ବିଚ୍ଛୁରି ହୋଇ ପଡୁଥାଏ, ତା ମଧ୍ୟରେ ବ୍ୟବଧାନ ସୃଷ୍ଟି କରିଛି କିଏ ? ଲଣ୍ଠନର କାଚ । ଠିକ୍ ସେହିପରି 'ଜୀବ' ବା 'ପ୍ରାଣୀ' ଈଶ୍ୱରଙ୍କଠାରୁ କଦାପି ଦୂରରେ ରହି ନ ପାରନ୍ତି । କିନ୍ତୁ ମାୟା ବା ସାଂସାରିକ ମୋହରୂପୀ କାଚ ଈଶ୍ୱରଙ୍କ ନିକଟରୁ ପ୍ରାଣୀକୁ ଦୂରେଇ ରଖିଛି । ଏଣୁ ଈଶ୍ୱର ଅତି ନିକଟରେ ଥାଇ ସୁଦ୍ଧା ସାଂସାରିକ ମୋହନିବନ୍ଧନ ପ୍ରାଣୀ ତାହା ଜାଣି ନ ପାରି ତାଙ୍କର ଅତି ଦୂରରେ । ମୃଗର ନିଜ ନାଭିରେ କସ୍ତୁରୀ ଅଛି । ତାହା ସେ ଜାଣି ନପାରି ତାର ଅନ୍ୱେଷଣରେ ଉଦ୍‌ଭ୍ରାନ୍ତ ହୋଇ ବୁଲେ । ପ୍ରାଣୀର ଅଜ୍ଞତା ବା ମୋହହିଁ ନିଜର ଅନ୍ତରରେ ଥିବା ପରମେଶ୍ୱରଙ୍କଠାରୁ ଠିକ୍ ସେହିପରି ତାକୁ

Digitized by srujanika@gmail.com

ହୃଦୟରେ ଲଗେ) । ଏଣୁ କବି 'ଦୂରୁ ଶ୍ରୀଚରଣେ ଅର୍ପଣ କରୁଛି ଯେନ ତା' ବିଶ୍ୱସମ୍ରାଟ' କହିଛନ୍ତି । ମାତ୍ର ଏହି ମୋହ ବା ମାୟାରୂପୀ କାଚ ଯେତେବେଳେ ଫାଟିଯିବ ସେତେବେଳେ ପ୍ରାଣୀ ଓ ଈଶ୍ୱରଙ୍କର ମଧୁରମିଳନ ଘଟିବ । କବି ଏ ପଦରେ ସେହି ମିଳନର ପ୍ରତୀକ୍ଷାରେହିଁ ଅଛନ୍ତି । ଗଙ୍ଗାଧର ସବୁବେଳେ ସେହି 'ଚିରଶାଶ୍ୱତ ଅମୃତମୟ' ସାମୀପ୍ୟ ଲାଭ ସକାଶେ ଆଶାର ଆକୁଳତା ଦେଖାଇ ଅଛନ୍ତି । ଏହା ତାଙ୍କର ଅମୃତମୟ, ମଧୁମୟ ପ୍ରଭୃତି କବିତାମାନଙ୍କରୁ ଜଣାପଡ଼େ । ସ୍ଥଳେ ସ୍ଥଳେ ଉପନିଷଦର 'ତମସୋ ମା ଜ୍ୟୋତିର୍ଗମୟ' ବାଣୀ ସହିତ ନିଜର ସ୍ୱର ମିଳାଇ କହିଅଛନ୍ତି, 'ଜ୍ୟୋତି ନିଧାନ ହେ ! ପ୍ରାଣେ ଦିଅ ଜ୍ୟୋତି କଣା, ଯା ହେବ ଚଳିବ ସଂସାରଅଟବୀ ବିପଥେ ନ ହୋଇ ବଣା ।" ଇତ୍ୟାଦି । କାହିଁ କାହିଁ ବିଶ୍ୱକବି ରବୀନ୍ଦ୍ରଙ୍କ ଗୀତାଞ୍ଜଳିର ଅଧ୍ୟାତ୍ମିକ ଭାବରେ ଅନୁପ୍ରାଣିତ ହୋଇ 'ଦିଅ ହେ କ୍ଷମତା ଲୋଭର ମମତା ଲୀନ ହେବ ମୋ' ମନରେ, ବାଧା ଉପଗତ ହେଲେ ସମରଥ ହେବ ତାହା ସହନରେ; ଶକ୍ତି ସାଗର ହେ ! ଶକ୍ତିକଣା କର ଦାନ, ଲୋକ ଆରାଧନା ପରମ ସାଧନା କର୍ମେ ହେବି ଶକ୍ତିମାନ" କିମ୍ବା "ବିପଦେ ମୋରେ ରକ୍ଷାକର ଏ ନୁହେ ମୋର ପ୍ରାର୍ଥନା—ବହିତେ ପାରି ଶକତି ଯେମ ରହୁ"ର ସ୍ମରଣ କରାଇ ଦେଇଛନ୍ତି । ଏହାପରେ ଦେଖିବାକୁ ହେବ ଯେ ସାଧାରଣ କ୍ଷେତ୍ରରେ ତୁଳନା ବା ଉପମା ଦିଆହେଲେ ଉପମେୟ ଠାରୁ ଉପମାନର ପ୍ରାଧାନ୍ୟ ଓ ଉତ୍କର୍ଷ ଆଧିକ୍ୟ ସର୍ବଦା ରହିଥାଏ । ମାତ୍ର ଈଶ୍ୱରଙ୍କଠାରେ ଏ ନିୟମର ସର୍ବଦା ଓ ସର୍ବଥା ବ୍ୟତିକ୍ରମ ଘଟେ । ତାଙ୍କ ସହିତ କୌଣସି ଉପମାନ ଯୁଞ୍ଜାହେଲେ ତାହା ହୀନପ୍ରଭ, ନିକୃଷ୍ଟ ଓ ଅଯୋଗ୍ୟ ହୋଇ ପଡ଼େ । ପୁନଶ୍ଚ ବୁଝିବାକୁ ଗଲେ ସେହି ତାଙ୍କର ଯୋଗ୍ୟ । ଏଣୁ, ଆମଭଳି କ୍ଷୁଦ୍ରବୁଦ୍ଧି

Digitized by srujanika@gmail.com

ସାଂସାରିକ ମନୁଷ୍ୟ ତାଙ୍କର ସେହି ଅନନ୍ତ, ଅସୀମ, ସର୍ବବ୍ୟାପ୍ତ ରୂପକୁ ଗୋଚରରେ ଆଣିବା ସକାଶେହିଁ 'ବିଶ୍ୱସମ୍ରାଟ' ବିଶେଷଣ ପ୍ରଯୁକ୍ତ ଅଟେ । ଏ ସମ୍ବନ୍ଧରେ ଇସଲାମ ଧର୍ମଗ୍ରନ୍ଥ ''ହୋ ଅଲ୍ଲା ହୁଲ୍ ଖାଲେ କୁଲ୍ ବାରେ ଉଲ୍ ମୁସୌୱିରେ ଲହୁଲ୍ ଅସ୍ମା ଉଲ୍ ହୁସ୍‌ନ''—କବି ଅତି ମଧୁର ସତ୍ୟଟିଏ ପ୍ରକାଶ କରି ଦେଇଛନ୍ତି । ଅର୍ଥାତ୍ ''ସେ ଈଶ୍ୱର, ଯେ କି ଦେହ, ଆତ୍ମା ଓ ମନର ନିର୍ମାତା, ଯେ କି ମା' ପେଟରେ ଆମମାନଙ୍କ ସୃଷ୍ଟି ଗଢ଼ିଥାଏ ଏବଂ ଯାହାକୁ ପୃଥିବୀର ସମସ୍ତ ମାନବକଳ୍ପିତ ଶ୍ରେଷ୍ଠ ଉପାଧି ଅବଲମ୍ବନ କରେ ।'' ଏ ସ୍ଥଳରେ ଆହୁରି ଦେଖିବାକୁ ହେବ ଯେ, କବି ଈଶ୍ୱରଙ୍କୁ ବିଶ୍ୱସମ୍ରାଟ ବୋଲି ସମ୍ବୋଧନ କରିଅଛନ୍ତି । ମାତ୍ର କବିଙ୍କର କବିତାର ଭାବରୁ ଜଣାଯାଏ ଯେ ଏ ସମ୍ବୋଧନ କେବଳ ସାଧାରଣ ମନୁଷ୍ୟଙ୍କୁ ବୁଝାଇବା ସକାଶେହିଁ ଅବଲମ୍ବିତ । ନୋହିଲେ ସେ ତ ଅସୀମ, ଅନନ୍ତ, ତୁଳନାରହିତ ! ତାଙ୍କୁ ସୀମିତ, ସାନ୍ତ ଓ ତୁଳିତ କରିଯାଇ ନ ପାରେ । ଅଧ୍ୟାପକ ଯେତେବେଳେ କ୍ଲାସରେ ଗଣିତ ପଢ଼ାନ୍ତି ସେତେବେଳେ କୌଣସି କୋଟିଏ ଗଣିତାଙ୍କ ବୁଝାଇବାକୁ ଯାଇ କହିଥାନ୍ତି—'ମନେ କର, ୧୨୪×୬=କ ।' ଜ୍ୟାମିତି ସମ୍ବନ୍ଧରେ ମଧ୍ୟ ସେହି କଥା । ସତେ କଣ ଏଇ ୧୨୪×୬='କ' ଅଟେ ? ଏହା ଗଣିତର ଅବଲମ୍ବିତ ପରିଭାଷା ମାତ୍ର । ସେହିପରି 'ବିଶ୍ୱସମ୍ରାଟ' ମଧ୍ୟ ଅଧ୍ୟାତ୍ମ ସାହିତ୍ୟର ପରିଭାଷା ବୁଝିଲେ ଚିନ୍ତା ଓ କଳ୍ପନାର ଉଭୟ ପକ୍ଷରେ ଆମେ ଉଡ଼ି ପାରିବାର ସୁଯୋଗ ପାଇବା ଏବଂ ଗଙ୍ଗାଧରଙ୍କ ଭାବର ଉଚ୍ଚତାକୁ ସ୍ପର୍ଶ କରିବାରେ ସକ୍ଷମ ହେବା ।

ତେବେ ଏସବୁ ସତ୍ତ୍ୱେ ଏଠି କହିବାକୁ ହେବ ଯେ କବି ଏଇ କବିତାର ସ୍ଥଳେ ସ୍ଥଳେ ନିଜର ମନୋଗତ ଭାବକୁ ସ୍ପଷ୍ଟ ଭାବରେ

Digitized by srujanika@gmail.com

ପ୍ରକାଶ କରିବାକୁ ଏକବାରେ ଅସମର୍ଥ ହୋଇ ପଡ଼ନ୍ତି । ଯଥା— ବିଶ୍ୱଜୀବନ ହେ ! ତୁମ୍ଭଙ୍କୁ କରୁଣାସିନ୍ଧୁ ବୋଲିବାକୁ ମନ ବଳୁନାହିଁ, ତେଣୁ ସିନ୍ଧୁ ତବ କୃପାବିନ୍ଦୁ ।" ଏହାର ଅନ୍ୱୟ କଲେ ହେବ 'ହେ ବିଶ୍ୱଜୀବନ, ତୁମ୍ଭଙ୍କୁ କରୁଣାସିନ୍ଧୁ ବୋଲିବାକୁ ମନ ବଳୁ ନାହିଁ; ଯେହେତୁ ସିନ୍ଧୁ ତୁମ୍ଭର କୃପାର ବିନ୍ଦୁମାତ୍ର ଅଟେ ।'ମାତ୍ର ଆମେ କହୁଁ—'ଯେହେତୁ ଅନନ୍ତ ସିନ୍ଧୁ ଈଶ୍ୱରଙ୍କ କୃପାର ବିନ୍ଦୁମାତ୍ର ଅଟେ ସେହେତୁ ତ ଈଶ୍ୱରଙ୍କୁ କରୁଣାସିନ୍ଧୁ କହିବା ସଙ୍ଗତ ଓ ସମୀଚୀନ ।' କବି ଏହାର କି ଉତ୍ତର ଦେଇଥାନ୍ତେ ଆମେ ଜାଣୁ ନାହୁଁ । କିନ୍ତୁ ଈଶ୍ୱରଙ୍କୁ କରୁଣାସିନ୍ଧୁ କୁହାଯିବାର ଅସମୀଚୀନତା ଦର୍ଶାଇ କବି ଯେଉଁ କାରଣ ଦେଇଅଛନ୍ତି, ତାହା ଆଦୌ ସୁନ୍ଦର ହୋଇନାହିଁ । ତେବେ ଏହା ସତ୍ତ୍ୱେ କବିଙ୍କର ମନୋଗତ ଭାବ ଧରା ପଡ଼ଯାଇଅଛି ଏବଂ ସେହିହେତୁ ଏହାର ବ୍ୟାଖ୍ୟା ମଧ୍ୟ ଆଗରେ କରାହୋଇ ସାରିଛି । କବି ଏଠାରେ ନିଜ ଚିନ୍ତାଧାରାର କେବଳ ସ୍ପଷ୍ଟ ରୂପ ଦେଇପାରି ନାହାନ୍ତି ମାତ୍ର । କବିତାର ପ୍ରଥମ ପଦ ମଧ୍ୟ ସେହିପରି ଭାବରେ ଅସଂଲଗ୍ନତାହିଁ ପ୍ରମାଣ କରେ । ଅନ୍ୟ ପାଖରୁ ଦେଖିଲେ ଭାବର ଉଚ୍ଚତା ଦିଗରୁ ଏ କବିତାର ଭାଷା ନିକୃଷ୍ଟ ହୋଇ ପଡ଼ିଛି । ଗଙ୍ଗାଧରଙ୍କ ଲେଖାରେ ଏ ଦୋଷ ଅନେକତ୍ର । କବୀନ୍ଦ୍ର ରବୀନ୍ଦ୍ରଙ୍କ ସେହି 'ବାସନା ଯଖନ ବିପୁଳ ଧୂଳାୟ, ଅନ୍ଧ କରିୟା ଅବୋଧେ ଭୁଲାୟ, ଓହେ ପବିତ୍ର ! ଓହେ ଅନିଦ୍ର ! ରୁଦ୍ର ଆଲୋକେ ଏସୋ" ବା "ମୋହ ମଳିନ ଅତି ଦୁର୍ଦ୍ଦିନ ଶଙ୍କିତ ଚିତ ପାନ୍ଥ, ଜଟିଲ ଗହନ ପଥସଙ୍କଟ ସଂଶୟ ଉଦ୍‌ଭ୍ରାନ୍ତ, କରୁଣାମୟ ମାଗେ ଶରଣ, ଦୁର୍ଗତି ଭୟ କର ହରଣ, ଦାଓ ଦୁଃଖ ବନ୍ଧ ତରଣ, ମୁକ୍ତିର ପରିଚୟ" ପରି ଭାଷାର ନିର୍ଦ୍ଦୋଷ ଗଙ୍ଗାଧରଙ୍କର କାହିଁ ? ତେବେ ଏହା ନିଃସନ୍ଦେହ ଯେ ଭାବ ଦିଗରେ ଏହା ନିଶ୍ଚୟ

Digitized by srujanika@gmail.com

ଗୋଟିଏ କବିତା ଯାହା କି ବିଶ୍ୱସାହିତ୍ୟରେ ଉଚ୍ଚାସନ ଲାଭ କରିବାର ଯୋଗ୍ୟ । ଯାହାହେଉ ସୁଖର କଥା, କବିତାଟି ହିନ୍ଦୀ, ଇଂରାଜୀ ପ୍ରଭୃତି ଭାଷାରେ ଅନୂଦିତ ହୋଇ ବିଶ୍ୱପ୍ରସିଦ୍ଧି ଲାଭ କରିବାର ସୁଯୋଗ ପାଇ ପାରନ୍ତୁ ।

ପ୍ରଣୟ-ବଲ୍ଲରୀ ଓ ଗଙ୍ଗାଧର

Great men are more distinguished by range and extent than by originality. If we require the originality which consists in weaving, like a spider, their web from their own bowels; in finding clay and making bricks and building the house, no great men are original. Nor does valuable originality consist in unlikeness to other men. The hero is in the press of knights and the thick of events and seeing what men want and sharing their desire, he adds the needful length of sight and of arm, to come at the desired point.

—Ralph Waldo Emerson.

ସାହିତ୍ୟର ଧାରା ଯୁଗ ଯୁଗ ଧରି ପରିବର୍ତ୍ତିତ ହୋଇ ଆସୁଛି ଓ ଆସୁଥିବ । ଏପରି ପରିବର୍ତ୍ତନଶୀଳ ସାହିତ୍ୟର ପ୍ରତ୍ୟେକ ଯୁଗରେ

Digitized by srujanika@gmail.com

ଜଣେଜଣେ ପ୍ରତିଭାଶାଳୀ ସାହିତ୍ୟିକ ବା କବି ଜନ୍ମଗ୍ରହଣ କରି ଦେଶ ଓ ଭାଷାର ମୁଖ ଉଜ୍ଜ୍ୱଳ କରିଥାନ୍ତି । ଏମାନେ ହୋଇଥାନ୍ତି ଦୁଇ ଶ୍ରେଣୀର—ଜଣେ ଯୁଗପ୍ରବର୍ତ୍ତକ ଓ ଅନ୍ୟ ଜଣକ ହୋଇଥାନ୍ତି ଯୁଗର ପରିପୋଷକ ଓ ସୌନ୍ଦର୍ଯ୍ୟବର୍ଦ୍ଧକ । ଉତ୍କଳ-ସାହିତ୍ୟାକାଶର ଉଜ୍ଜ୍ୱଳ ଜ୍ୟୋତିଷ୍କ କବିବର ଗଙ୍ଗାଧର ହୋଇଥିଲେ ଏହି ଦ୍ୱିତୀୟ ଧରଣର କବି; କବିବର ରାଧାନାଥ ନୂତନ ରୂପ ଦେଇଥିବା ମୂର୍ତ୍ତିମତୀ ଉତ୍କଳ-ଭାରତୀଙ୍କୁ ଗଙ୍ଗାଧର ଜୀବନ୍ତ ଓ ଚଞ୍ଚଳ କରିଦେଲେ । ଏଣୁ ରାଧାନାଥ ଓ ଗଙ୍ଗାଧର—ଉଭୟେ ଗୋଟିଏ ଗୋଟିଏ ବିଶିଷ୍ଟ ସାହିତ୍ୟିକ-ଦୃଷ୍ଟିକୋଣରୁ ବାସ୍ତବରେ ସାରସ୍ୱତ । ଗଙ୍ଗାଧର ଜଡ଼ ପ୍ରକୃତିକୁ ଜୀବନ୍ତ ଭାବରେ ଚିତ୍ରଣ କରି ବାଗ୍‌ଦେବୀଙ୍କର ଜାଡ୍ୟ-ନାଶିନୀ ନାମକୁ ସାର୍ଥକ କରିଅଛନ୍ତି ।

ରାଧାନାଥଙ୍କ ଲେଖନୀର ଯାଦୁ ସ୍ପର୍ଶରେ ଚିଲିକା ଓ ଚନ୍ଦ୍ରଭାଗାର ବେଳାଭୂମି, ମୋଳିଗାଁ ନରମୁଣ୍ଡାକୃତି ଗିରି ଖଣ୍ଡାହିତା, ଗୁଳ୍ମ ଜଟାଧାରୀ ଜଟିଳ ଜଟିଆ, ସାକ୍ଷୀ-ଗୋପୀନାଥର କୁସୁମିତ ମଞ୍ଜୁ କୁଞ୍ଜ, ସୌଗନ୍ଧିକ ଗନ୍ଧେ ମୁଗ୍ଧ ରତ୍ନଶିରୀ ସମସ୍ତେହିଁ ଆଜି ଅମର, ମହିମିତ ଓ ସାର୍ଥକ । ରାଧାନାଥଙ୍କ ଭାଷାର ବର୍ଣ୍ଣବିନ୍ୟାସଚ୍ଛଟା, ସଙ୍ଗୀତ ମାଧୁରୀ, ଅଭିନବ ଶୈଳୀ, ଛନ୍ଦ; କଳ୍ପନା—ସମସ୍ତହିଁ ଅସାଧାରଣ । ଗଙ୍ଗାଧର ମାନବ ଚରିତ୍ର-ଚିତ୍ରଣରେ ଉତ୍କଳରେ ଯେପରି ଶୀର୍ଷସ୍ଥାନ ଅଧିକାର କରି ସୁନ୍ଦର କରିଅଛନ୍ତି, ସେପରି ରାଧାନାଥ ପ୍ରକୃତିର କାନ୍ତକୋମଳ, ସ୍ନିଗ୍ଧ ରୂପର ପର୍ଯ୍ୟବେକ୍ଷଣରେ ଓ ଭାଷାର ଅପୂର୍ବ ମନୋହାରୀ ପ୍ରୟୋଗରେ ଉତ୍କଳୀୟ ପାଠକମାନଙ୍କର ଭକ୍ତି ଓ ଶ୍ରଦ୍ଧାର ପାତ୍ର ହୋଇ ପାରିଅଛନ୍ତି । ତାଙ୍କ ଭାଷାରେ କୌଣସିଠି ହେଲେ ଦୈନ୍ୟ

Digitized by srujanika@gmail.com

ଦୃଷ୍ଟିଗୋଚର ହୁଏ ନାହିଁ । ଏଣୁ ଆଜ ଉଭୟ କବି ଆମର ନମସ୍ୟ ଓ ପୂଜନୀୟ ।

ଗଙ୍ଗାଧର ରାଧାନାଥଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଧୁନିକ ସାହିତ୍ୟ ସୃଷ୍ଟି କରିଥିଲେହେଁ ପ୍ରାଚୀନ ସାହିତ୍ୟର ଧାରା ଓ ଆଦର୍ଶକୁ ଏକାବେଳକେ ଛିନ୍ନ କରି ନାହାନ୍ତି । ଗଙ୍ଗାଧରଙ୍କ କାବ୍ୟାବଳୀର ବିଷୟବସ୍ତୁ ପ୍ରାୟ ପ୍ରାଚୀନ ସାହିତ୍ୟରୁ ଆନୀତ । ହେଲେ ଆହ୍ମଣରେ ଯେଉଁ ମୌଳିକତା ସେ ଦେଖାଇଅଛନ୍ତି ତାହା ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ । କୀଚକବଧ, ଅଯୋଧ୍ୟା ଦୃଶ୍ୟ, ତପସ୍ୱିନୀ, ଇନ୍ଦୁମତୀ ପ୍ରଭୃତି କାବ୍ୟାବଳୀ କବି ଗଙ୍ଗାଧରଙ୍କ ଲେଖନୀର ଅପୂର୍ବ ଯାଦୁ-ବିଦ୍ୟାର ବଳିଷ୍ଠ ପ୍ରମାଣ ଉପସ୍ଥାପିତ କରେ । ମେହେର ଭାରତୀୟ ଆର୍ଯ୍ୟଧର୍ମ ଓ ପବିତ୍ର ଆଶ୍ରମଜୀବନଦ୍ୱାରା କିପରି ପ୍ରଭାବିତ ତାହା ତାଙ୍କର ଅମର ରଚନା 'ତପସ୍ୱିନୀ'ରୁ ଜଣାଯାଏ । ରାଧାନାଥ ଓ ସେ ଯୁଗର ଅନ୍ୟାନ୍ୟ କବିବୃନ୍ଦ ନୂତନ ନୂତନ ବିଷୟର ଅବଲମ୍ବନରେ କାବ୍ୟକବିତା ସୃଷ୍ଟି କରି ଚିଲିକା, ଉଷା, ପାର୍ବତୀ, ସୁରଙ୍ଗୀ ପ୍ରଭୃତି ନାମକରଣ କରିଗଲେ । ମାତ୍ର ଗଙ୍ଗାଧର ଭାରତୀୟ ପରଂପରା ଓ ଆଦର୍ଶ ଭିତରେ ରହି ନିଜର ମୌଳିକତା ଦେଖାଇ-ବାର ସୁପ୍ରୟାସ କରିଅଛନ୍ତି । 'Old wine in a new bottle' ନ୍ୟାୟରେ ସେ ନିଜର ବଳିଷ୍ଠ କବିଶକ୍ତିର ପରିଚୟ ଦେଇଗଲେ । ତାଙ୍କରି ଭାଷାରେ ପ୍ରାଚୀନ ସାହିତ୍ୟର କାଠ ଖମ୍ବମାନଙ୍କରେ ସୁବର୍ଣ୍ଣ ପାଣି ଢାଳି ଦେଇ ସେସବୁକୁ ସେ ସୁରଞ୍ଜିତ କରିଅଛନ୍ତି । କବି ହଠାତ୍ ବିଦେଶୀୟ ସାହିତ୍ୟର ଭାବଧାରାରେ ପ୍ରଭାବିତ ହେବାଟାକୁ କିପରି ଘୃଣା କରୁଥିଲେ ତାହା ତାଙ୍କ 'ଉତ୍କଳ-ଭାରତୀଙ୍କ ଉକ୍ତି' କବିତାରୁ ଜଣାପଡ଼େ । ଏଣୁ ବ୍ୟାସ, ବାଲ୍ମୀକି, କାଳିଦାସ, ଭବଭୂତି, ଶ୍ରୀହର୍ଷ ପ୍ରଭୃତି କବିଗୁରୁମାନେ ଥିଲେ ଗଙ୍ଗାଧରଙ୍କ

Digitized by srujanika@gmail.com

ସାହିତ୍ୟିକ ଗୁରୁ ଓ ଆଦର୍ଶ । ମାତ୍ର ପ୍ରତିଭାଶାଳୀ କବି ନିଜର ଅସାମାନ୍ୟ ପ୍ରତିଭା ବଳରେ ଉଲ୍ଲିଖିତ କବିଗୁରୁମାନଙ୍କ ସୃଷ୍ଟିକୁ ସୁଦ୍ଧା ଆହୁରି ଅଦ୍ଭୁତ, ମନୋହର ଓ ସାର୍ଥକ କରିଗଲେ । ତାହା କିପରି ସମ୍ଭବ ହୋଇଛି, ଏ ସ୍ଥଳରେ ଆମେ ତାର କିଞ୍ଚିତ୍ ଆଲୋଚନା କରିବା ।

କବିଙ୍କର 'ପ୍ରଣୟ-ବଲ୍ଲରୀ' କାଳିଦାସଙ୍କ 'ଅଭିଜ୍ଞାନ ଶକୁନ୍ତଳମ୍'ର ଅନୁବାଦ ବୋଲି କେହି କେହି ମନେ କରନ୍ତି । ମାତ୍ର ଏହା ରାଧାନାଥଙ୍କ 'ମେଘଦୂତ'ର ଅନୁବାଦ ଭଳି ନୁହେଁ । ମୁକ୍ତାନୁବାଦ ଓ ବିଷ୍ଠାନୁବାଦ ଏହିଭଳି ଅନୁବାଦ ହେଉଛି ଦୁଇ ପ୍ରକାରର । କେବଳ ପ୍ରଥମ ସର୍ଗକୁ ଛାଡ଼ିଦେଲେ ଅନ୍ୟ ସର୍ଗମାନଙ୍କରେ କବି ଗଙ୍ଗାଧରଙ୍କ ଲେଖନୀ ସ୍ୱଚ୍ଛନ୍ଦ ଭାବରେ ବିଚରଣ କରିଛି ଓ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି । ତେଣୁ ଏହାକୁ ମୁକ୍ତାନୁବାଦ କହିଲେ ହୁଏତ ଚଳିପାରେ । ମାତ୍ର 'ଅଭିଜ୍ଞାନ-ଶକୁନ୍ତଳମ୍' ଓ ପ୍ରଣୟ-ବଲ୍ଲରୀ' ଉଭୟରୁ ଖୋଜି ଖୋଜି ସମାନ ଧ୍ୱନି ତୋଳୁଥିବା କେତୋଟି ପଦ ଦେଖାଇ ଦେଇ 'ପ୍ରଣୟ-ବଲ୍ଲରୀ'କୁ କାଳିଦାସଙ୍କ ଲେଖାର ଅନୁବାଦ ବୋଲି ଯେଉଁମାନେ ବୀଜଗଣିତ କଷିବା ଆରମ୍ଭ କରିଦିଅନ୍ତି, ସେମାନେ ବାସ୍ତବ କାବ୍ୟ-ରସ-ପିପାସୁ ନୁହନ୍ତି । ଆମେ ସ୍ୱୀକାର କରୁଛୁଁ ଯେ 'ପ୍ରଣୟ-ବଲ୍ଲରୀ'ର ପ୍ରଥମ ସର୍ଗ ପ୍ରାୟ ଅନୁବାଦ ଭଳି ହୋଇଯାଇଛି । ତଥାପି ଏହି ପ୍ରଣୟାଙ୍କୁରକୁ ପାଠ କରି ପଲ୍ଲୀକବି ନନ୍ଦକିଶୋର ବଳ ଲେଖିଛନ୍ତି—"ଆଜି 'ପ୍ରଣୟାଙ୍କୁର' ଟାଇ ଏକାସନରେ ଶେଷ ନ କରି ରହି ପାରିଲି ନାହିଁ । ଏହା କବି ଗଙ୍ଗାଧରଙ୍କ ପ୍ରତିଷ୍ଠାର ଉପଯୁକ୍ତ ହୋଇଅଛି । 'ଶକୁନ୍ତଳା'ର ପ୍ରଥମ ସର୍ଗ ଅବଲମ୍ବନରେ ରଚିତ ହୋଇଥିଲେହେଁ ଭାଷାର ସୌନ୍ଦର୍ଯ୍ୟ ଓ ନିର୍ବାଚନ କୌଶଳ କବିଙ୍କର ନିଜସ୍ୱ" ।

Digitized by srujanika@gmail.com

ଗଙ୍ଗାଧରଙ୍କ ରଚନା ଯେପରି ପ୍ରାଞ୍ଜଳ ସେପରି ଅଳଂକୃତ । ତାଙ୍କର କବିତା ସାଧାରଣତଃ ପ୍ରସାଦ ମାଧୂର୍ଯ୍ୟ ଗୁଣରେ ପାଠକର ମନୋହାରଣୀ ହୋଇଥାଏ । ଏ ସର୍ଗର ସେପରି ଗୋଟିଏ ଦୁଇଟି ମଧୁର ପଦ ଦେଖନ୍ତୁ—

ଦୃଶ୍ୟେ ଭାସୁଥାଏ ଦୃଷ୍ଟି ନୃପତିଙ୍କ,
ଭାବେ ଭାସୁଥାଏ ମନ,
ଏକାଳେ କର୍ଣ୍ଣରେ ପଡ଼ିଲା, ରମଣୀ—
ରମଣୀୟ କଣ୍ଠସ୍ୱନ ।

କିମ୍ବା

ସଜାଇଥିଲା ବା ବୀଣା କାମମଧୁ
ବଜାଇ ଦେଲା ଝଂକାର,
ହଜାଇଲେ ରାଜା ଧଇର୍ଯ୍ୟ, ମଣି ତା'
କୁସୁମଧନୁ ଟଙ୍କାର ।

କି ରସାଳ ରଚନା !

ସ୍ଥଳେ ସ୍ଥଳେ ଉପମାର ଯଥାବିହି ତଥା ଚମତ୍କାର ପ୍ରୟୋଗରେ ମେଘେର ଲେଖନୀ ମହାକବିଙ୍କ ରଚନା ସହିତ ପ୍ରତିଯୋଗିତା ଆରମ୍ଭ କରି ଦେଇଛି । ପୁନଶ୍ଚ ଯେଉଁଠି ଯେଉଁଠି କାଳିଦାସଙ୍କ ରଚନା ସମ୍ଭ୍ରମବିବର୍ଜିତ ହୋଇଛି, କବି ଗଙ୍ଗାଧରଙ୍କ ସଂଯତ ଲେଖନୀ ଦ୍ୱିଧାଶୂନ୍ୟ ଭାବରେ ସେ ସବୁକୁ ପରିହାର କରିଛି; ଯଥା— କାଳିଦାସଙ୍କ ରଚନାରେ ଶକୁନ୍ତଳା ଅନସୂୟାକୁ କହୁଛି, "ଅନସୂୟା ! ପ୍ରିୟମ୍ବଦା ବଲ୍‌କଲକୁ ମୋ ଦେହରେ ଖୁବ୍ ଭିଡ଼ି ପିନ୍ଧାଇ ଦେଇଛି । ମୋର ବଡ଼ କଷ୍ଟ ହେଉଛି । ଟିକିଏ ଊଶ୍ୱାସ କରିଦେ ।" ଏ କଥା

Digitized by srujanika@gmail.com

ଶୁଣିପାରି ପ୍ରିୟମ୍ବଦା କହୁଛନ୍ତି, "ସଖି, ଏ ସ୍ଥଳରେ ପୟୋଧର ଦୁଇଟିକୁ ଉନ୍ନତ କରି ଦେଇଥିବା ତୋର ଉଚ୍ଛଳ ଯୌବନକୁ ବରଂ ନିନ୍ଦା କରିବା କଥା ।" ମାତ୍ର ଏଭଳି ରଚନା ପ୍ରଣୟ-ବଲ୍ଲରୀରେ ମିଳିବ ନାହିଁ । ତେବେ କାଳିଦାସ ଯେ ଗଙ୍ଗାଧରଙ୍କଠାରୁ କମ୍ ଶକ୍ତିଶାଳୀ ବା କମ୍ ରୁଚିଶୀଳ ଥିଲେ ତାହା ନୁହେଁ; ମାତ୍ର ପରିସ୍ଥିତିର ପ୍ରଭାବରେ ପଡ଼ି ଏପରି ଲେଖିବାକୁ କାଳିଦାସ ବାଧ୍ୟ ହୋଇଛନ୍ତି । ସେ ସମୟରେ ରାଜାମାନେ ଏପରି ରଚନାକୁ ଖୁବ୍ ପସନ୍ଦ କରୁଥିଲେ । କାଳିଦାସ ରାଜଦରବାରର କବି ଥିବା ହେତୁ ସେମାନଙ୍କର ମନୋରଂଜନ ପାଇଁ ଏପରି ରଚନା କରିଥିବାର ଅନୁମିତ ହୁଏ । ବିରାଟ ପ୍ରତିଭାଶାଳୀ ସେକ୍ସପିୟର ତ ପୁଣି ସେ ସମୟର ଥିଏଟର ମେନେଜର ଓ ଲଣ୍ଡନ ନାଗରିକମାନଙ୍କର ରୁଚିକୁ ଜଗି ନାଟକ ଲେଖିବାକୁ ବାଧ୍ୟ ହୋଇଥିଲେ । ମାତ୍ର କହି ରଖେଁ ଯେ ଗଙ୍ଗାଧର ମଧ୍ୟ ଏଭଳି ପରିସ୍ଥିତିରୁ ମୁକ୍ତ ନ ଥିଲେ । ସେ ମଧ୍ୟ ରାଜାଙ୍କ ଅଧୀନରେ ଜଣେ ପନ୍ଦରଟଙ୍କିଆ ମୋହରିର କାମ କରୁଥିଲେ । କିନ୍ତୁ ନିର୍ଭୀକମନା, ସ୍ୱାଧୀନଚେତା ଗଙ୍ଗାଧର ଯାହା ଉଚିତ ମନେକରିଛନ୍ତି, ଯାହା ସତ୍ୟ, ଶିବ ଓ ସୁନ୍ଦର, ତାକୁହିଁ ତାଙ୍କ କାବ୍ୟ କବିତାରେ ସ୍ଥାନ ଦେବାକୁ ସେ କେବେ ବି ପଶ୍ଚାତ୍‌ପଦ ହୋଇନାହାନ୍ତି । ଦରିଦ୍ର କବିର କି ନୈତିକ ଆସ୍ପର୍ଦ୍ଧା !

ଏ କାବ୍ୟରେ କବି ଗଙ୍ଗାଧର ପ୍ରେମିକପ୍ରେମିକାଙ୍କର ମାନସ-ଚିତ୍ରଣରେ ସ୍ଥଳେ ସ୍ଥଳେ କାଳିଦାସଙ୍କୁ ଅନୁସରଣ କରିଥିଲେହେଁ ଅନେକାଂଶ ସ୍ୱକୀୟ ମୌଳିକତା ରକ୍ଷା କରି ପାରିଅଛନ୍ତି । ମାତ୍ର କାଳିଦାସଙ୍କ ଭାଷାଗୌରବ ମେହେର ରକ୍ଷା କରିପାରି ନାହାନ୍ତି । ମହିମିତ ସଂସ୍କୃତ ଭାଷାର ସମକକ୍ଷ ଉତ୍କଳ ଭାଷା ବା କିପରି ହୋଇପାରେ ? ତେଣୁ କାଳିଦାସଙ୍କ 'ଅନାଘ୍ରାତପୁଷ୍ପ', 'ଅନାବିଦ୍ଧରତ୍ନ'

Digitized by srujanika@gmail.com

ବା 'ନବୀନ କୁଶବଧ'ର ଯେପରି ଗୂଢ଼ ଅର୍ଥ ରହିଛି 'ପ୍ରଣୟ-ବଲ୍ଲରୀ'ରେ ତାହା ହୋଇପାରି ନାହିଁ ।

ଦ୍ୱିତୀୟ ସର୍ଗରେ ମନ ଓ ବିବେକର ଅର୍ଥପୂର୍ଣ୍ଣ ଉକ୍ତି ପ୍ରତ୍ୟୁକ୍ତି ଓ

"ପ୍ରୀତି-ପ୍ରତିମାର ପ୍ରଭା କରି ତାର
ହୃଦୟ-ମନ୍ଦିର ଦୀପ୍ତ,
ମହାକ୍ଷ-ତିମିର ଆଚ୍ଛାଦିତ-ମୁଖ-
ପ୍ରାଙ୍ଗଣରେ ହେଲ କ୍ଷିପ୍ତ ।"

ପ୍ରଭୃତି ପଦ ଏକାନ୍ତ ଭାବରେ ମେହେର ଲେଖନୀର ମହାପୂର୍ଣ୍ଣ ଶକ୍ତିର ପରିଚୟ ଦିଏ ।

ତୃତୀୟ ସର୍ଗରେ ଦୁଷ୍ମନ୍ତଙ୍କ ପ୍ରଣୟୋଦ୍ଭାବିତ ମାନସିକ ଅବସ୍ଥା, ପ୍ରିୟମ୍ବଦାର ସଙ୍କେତାର୍ଥପୂର୍ଣ୍ଣ ଗାନ, ଦୁଷ୍ମନ୍ତ ଓ ସଖୀମାନଙ୍କ ତଥା ରାଜା ଓ ଶକୁନ୍ତଳାଙ୍କ ଉକ୍ତିପ୍ରତ୍ୟୁକ୍ତିରେ ଏକାଧିକ ଅର୍ଥଗୌରବ— ଏ ସମସ୍ତହିଁ କବି ଗଙ୍ଗାଧରଙ୍କ କବିଶକ୍ତିର ପରିଚାୟକ ।

ଚତୁର୍ଥ ସର୍ଗରେ ଶକୁନ୍ତଳା ପୂଜ୍ୟ ପୂଜାର ବ୍ୟତିକ୍ରମ କରିଚି । ଫଳରେ ଦୁର୍ବାସା ତାଙ୍କୁ—

"ହେଉ ପୂଜ୍ୟ ପୂଜା- ବ୍ୟତିକ୍ରମ ଫଳ,
ଯା'ଠାରେ ରଖିଛୁ ଲୟ,
ସେ ତୋତେ ଚିହ୍ନିବ ନାହିଁ ତୁ ଦେଲେହେଁ
ଆପଣାର ପରିଚୟ ।" ବୋଲି ଶାପ ଦେଇ-

ଅଛନ୍ତି । ମାତ୍ର ଶେଷ ପାଦରେ ଗଙ୍ଗାଧରଙ୍କ କବିତ୍ୱ ଓ ସଂଯମ

Digitized by srujanika@gmail.com

ଅତୁଳନୀୟ । ସେହି ପାଦଟିର ଦୁଇଟି ଅର୍ଥ କରାଯାଇ ପାରେ । ଯଥା—"ସେ ତୋତେ ଚିହ୍ନିବ ନାହିଁ ତୁ ଦେଲେହେଁ ଆପଣାର ପରିଚୟ ।" ପ୍ରଥମ ଅର୍ଥରେ ତୁ ତୋର ନିଜର ପରିଚୟ ଦେଲେ ମଧ୍ୟ ସେ ତୋତେ ଚିହ୍ନିବ ନାହିଁ । ଅନ୍ୟାର୍ଥରେ—ତୁ ଆପଣାର କୌଣସି ପରିଚୟ ନ ଦେଲେ ମଧ୍ୟ ସେ ତୋତେ ଚିହ୍ନିବ । ଏ ସ୍ଥଳରେ ପାଠକେ ପଚାରି ପାରନ୍ତି ଯେ କବି ଏ ଭଳି ଦୁଇଟି ଅର୍ଥର ଚିନ୍ତା କରି ଲେଖିଥିଲେ ନା ସମାଲୋଚକ ନିଜର ମୁଣ୍ଡରୁ ଏ ସବୁ ବାହାର କରୁଛନ୍ତି ? କାରଣ "କବିତା ରସ ମାଧୁର୍ଯ୍ୟଂ କବିର୍ବେତ୍ତି ନ ତତ୍ କବିଃ ।" ମାତ୍ର ତା ନୁହେଁ । ଗଙ୍ଗାଧର ଉଭୟ ଅର୍ଥର ଚିନ୍ତା କରିଛନ୍ତି ବୋଲି ମନେ ହୁଏ । କାରଣ ଉଭୟ ଅର୍ଥର ସାର୍ଥକତା ଓ ସତ୍ୟତା ସମଗ୍ର କାବ୍ୟରେ ରକ୍ଷିତ ହୋଇ ଆସିଛି । କବିଙ୍କର ଏ ସଂଯମ କମ୍ ଲକ୍ଷ୍ୟ କରିବାର କଥା ନୁହେଁ !

ଶକୁନ୍ତଳାର ବିଦାୟ ସମୟରେ କଣ୍ୱଙ୍କର ମାନସିକ ଅବସ୍ଥାକୁ ବର୍ଣ୍ଣନ କରି କବି ଅତି ସତ୍ୟ କଥାଟିଏ କହିଛନ୍ତି—

"ସମୟ ପାଇଲେ ଜୀବନେ ପ୍ରବୃତ୍ତି
ଫୁଟି ପଡ଼ୁଥାଏ ଆସି,
ପ୍ରବୃତ୍ତି ବର୍ଜିତ କେ ଅଛି ଜଗତେ
କି ଗୃହୀ କି ବନବାସୀ ?"

ଏହାପରେ ଶକୁନ୍ତଳା ପ୍ରତି ବିଦାୟ କାଳରେ କଣ୍ୱଙ୍କର ଉପଦେଶ ପ୍ରତ୍ୟେକ ଉତ୍କଳ-ବଧୂର ଶିକ୍ଷଣୀୟ, ପାଳନୀୟ ଓ ଅନୁକରଣୀୟ ।

Digitized by srujanika@gmail.com

ଶକୁନ୍ତଳାର ବିଦାୟରେ ପ୍ରକୃତି ମଧ୍ୟ ଯେ ଦୁଃଖ ପ୍ରକାଶ କରିଛି ତାହା ପାଠ କଲେ ଜଣାଯାଏ ଓ ଗଙ୍ଗାଧରଙ୍କ ପ୍ରକୃତି ଜୀବନ୍ତ ଓ ଚଞ୍ଚଳ ତାହାର ପ୍ରମାଣ ମିଳିଥାଏ । ଏସବୁ ପାଠ କଲେ ଚଳଚିତ୍ର ଦର୍ଶନ କଲାପରି ମନେ ହୁଏ । ଏଥିପାଇଁ ସ୍ୱର୍ଗତଃ ଗୋପାଳଚନ୍ଦ୍ର ପ୍ରହରାଜ କହିଥିଲେ—"କାଳିଦାସଙ୍କ ଶକୁନ୍ତଳା ନାଟକ ମୁଁ କଲେଜରେ ପଢ଼ିଥିଲି । ମେହେରଙ୍କ 'ପ୍ରଣୟ-ବଲ୍ଲରୀ' ଯେତେଥର ପଢ଼ିଅଛି ମୋତେ ସେତେଥର କାଳିଦାସଙ୍କ ଶକୁନ୍ତଳା ଅପେକ୍ଷା ମଧୁରତର ଲାଗିଅଛି ଓ ଜୀବନରେ ନାନା ସ୍ମୃତିର ଉଦ୍‌ବୋଧକ ହୋଇଅଛି" ।

ପଞ୍ଚମ ସର୍ଗରେ ପ୍ରଣୟ-ପୃଷ୍ଠରେ କୀଟ ପ୍ରବେଶ କରିଛି । ଫଳରେ ରାଜା ଦୁଷ୍ମନ୍ତ ଶକୁନ୍ତଳାଙ୍କୁ ପ୍ରଣୟିନୀ ଥିବାର ଅସ୍ୱୀକାର କରିଛନ୍ତି । ଦୁର୍ବାସାଙ୍କର ଶାପ ତାଙ୍କର ସ୍ମୃତିଦ୍ୱାରକୁ ରୁଦ୍ଧ କରି ଦେଇଛି । ଏଣୁ କଣ୍ୱଙ୍କର ପଦ ପାଠ କରି—

"ସତ୍ୟ ନା କୁହୁକ ବୁଝିପାରୁ ନାହିଁ
କି ଦେବ ଏଥି ଉତ୍ତର,
ସ୍ୱପନ ଭ୍ରମ ବା ବୋଲି ଆଉ ଥରେ
ପଢ଼ିଲେ ପୁଣି ନିଡର ।"

ରାଜା ଦୁଷ୍ମନ୍ତଙ୍କର ଏ ମାନସିକ ପ୍ରତିକ୍ରିୟା କବିଙ୍କ ଜୀବନରେ ମଧ୍ୟ ଘଟିଥିଲା । ଥରେ କେହି ଜଣେ ଲେଖକ ବାମଣ୍ଡା ରାଜଦରବାରକୁ ଯାଇ ରାଜାଙ୍କ ଆଗରେ 'ମୁଁ କବି ଗଙ୍ଗାଧରଙ୍କ ବଡ଼ ପୁଅ' ବୋଲି ପରିଚୟ ଦେଇଥିଲେ । ରାଜା ତାହା ଶୁଣି ତାଙ୍କୁ ଖୁବ୍ ସମ୍ମାନ ପ୍ରଦର୍ଶନ କରିଥିଲେ ଓ ଆସିବାବେଳେ କିଛି ଧନରତ୍ନ ଦେଇ ପଠାଇ ଦେଇଥିଲେ ଓ କବିଙ୍କଠାକୁ—ଆପଣଙ୍କର ବଡ଼ ପୁଅ ଏଠାକୁ ଆସିଥିଲେ । ଆମେ ଉଚିତ ସମ୍ମାନ ସହ ତାଙ୍କୁ ବିଦାୟ

Digitized by srujanika@gmail.com

ଦେଇଛନ୍ତି—ଏହି ମର୍ମରେ ଖଣ୍ଡେ ପତ୍ର ଲେଖି ପଠାଇଦେଲେ। କବିଙ୍କର ଗୋଟିଏ ମାତ୍ର ସୂତ୍ର । ଏଣୁ ପତ୍ରଟି ପାଠ କରି କବି ବିସ୍ମୟାଭିଭୂତ ହୋଇ ପଡ଼ିଥିଲେ ଓ ଦୁଷ୍ମନ୍ତଙ୍କ ଭଳି ପଠନଭ୍ରମ କି ବୋଲି ଆଉ ଥରେ ପତ୍ର ପାଠ କରିଥିଲେ । ଜୀବନର ସେହି ଘଟଣାକୁ କବି ଏ ସ୍ଥଳରେ ଅବିକଳ ରୂପ ଦାନ କରିଛନ୍ତି ବୋଲି ମନେହୁଏ । ଏଣୁ କବିଙ୍କ ଜୀବନର ବାସ୍ତବ ସ୍ପର୍ଶରେ ନ ଆସିଲେ କେବଳ ଶୁଷ୍କ ପାଣ୍ଡିତ୍ୟଦ୍ୱାରା ତାଙ୍କ କାବ୍ୟାବଳୀର ସମ୍ୟକ୍ ସମାଲୋଚନା ଅସମ୍ଭବ ।

ଷଷ୍ଠ ସର୍ଗରେ ପ୍ରଣୟ ଫଳବତୀ ହୋଇଛି । ଏ ସର୍ଗରେ ପ୍ରଥମରେ ଶିଶିର ପୁନେ ପ୍ରବ ପାଳନ ବା ବସନ୍ତ ବର୍ଣ୍ଣନାରେ କବି ଯେଉଁ ମନମୁଗ୍ଧକର ପ୍ରାଣବନ୍ତ ବହିଃପ୍ରକୃତିର ଚିତ୍ର ଅଙ୍କନ କରିଅଛନ୍ତି, ତାହାର ତୁଳନା ଉତ୍କଳ-ସାହିତ୍ୟରେ ନାହିଁ ।

ରାଜା ଓ ଧୀବରର ଉକ୍ତି ପ୍ରତ୍ୟୁକ୍ତିରେ ଗଙ୍ଗାଧର ଯେଉଁ ସ୍ୱାଭାବିକ ହାସ୍ୟରସର ସୃଷ୍ଟି କରି ପାରିଛନ୍ତି ତାହା ଏକାନ୍ତ ଉପଭୋଗ୍ୟ । ପୁନଶ୍ଚ ମୁଦ୍ରିକା ପ୍ରାପ୍ତି ପରେ ରାଜାଙ୍କର ସ୍ମୃତିଦ୍ୱାର ଫିଟି ଯିବାରୁ ଶକୁନ୍ତଳାର ପ୍ରଣୟ [illegible]ମନେ ପଡ଼ିଲା । ଏ ଅବସ୍ଥାରେ ତାଙ୍କର ଅନୁତପ୍ତ ହୃଦୟର ଚିତ୍ରଣ ଗଙ୍ଗାଧର ସୁଦକ୍ଷ ଚିତ୍ରକର-ଭଳି ଅଙ୍କନ କରିଛନ୍ତି । କାବ୍ୟଟି ପାଠ ନ କଲେ ତାହା କଥାରେ ବୁଝାଇ ହେବ ନାହିଁ ।

ସପ୍ତମ ସର୍ଗରେ ଦୁଷ୍ମନ୍ତ ଶକୁନ୍ତଳାର ପ୍ରଣୟ ଜଗତକୁ ସ୍ନିଗ୍ଧ-ଶୀତଳ ଛାୟା ଦେଇଛି, ଅର୍ଥାତ୍ ଉଭୟଙ୍କର ମିଳନ ହୋଇଛି । ଏହି ସର୍ଗର ପ୍ରଥମରେ କବି ଦେବଦାନବ କନ୍ୟାଙ୍କର କଳହ ଉତ୍କଳର ନୀଳାଚଳତଳ ସମୁଦ୍ରର ବେଳାଭୂମିରେ କରାଇ ଅଛନ୍ତି । ଅନେକେ 'ସେ ସମୟରେ କଣ ନୀଳାଚଳ ଥିଲା ?' ବୋଲି ଯୁକ୍ତି କରନ୍ତି ।

Digitized by srujanika@gmail.com

ଏହାର ଉତ୍ତରରେ ପ୍ରଶ୍ନ ସୃଷ୍ଟି କରି ଏତିକମାତ୍ର କୁହାଯାଇ ପାରେ ଯେ, ଆଜିର ନୀଳାଚଳ ବା ସମୁଦ୍ର ସେ ସମୟରେ କ'ଣ ନ ଥିଲା ? ମନେ ରଖିବାକୁ ହେବ, ଗଙ୍ଗାଧର ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଏହା ଲେଖିଛନ୍ତି । ସେ ସମୟରେ ନୀଳାଚଳ ତାହାର ପ୍ରାଚୀନ ଅନ୍ୟ କୌଣସି ନାମରେ ପରିଚିତ ନା ନୀଳାଚଳ ନାମରେ ? ପୁନଶ୍ଚ ଗଙ୍ଗାଧର ରାଜା ଭୋଜ ବା ବିହମାଦିତ୍ୟଙ୍କୁ ପ୍ରଣୟ-ବଲ୍ଲରୀ ଉତ୍ସର୍ଗ କରି ନାହାନ୍ତି । ଏଇ ସାଧାରଣ କଥାଟିକୁ ପ୍ରଥମେ ବୁଝିବାକୁ ହେବ । ପଶ୍ଚାତ୍‌ରେ ଏହା ତ କବି ଗଙ୍ଗାଧରଙ୍କ କଳ୍ପନାପ୍ରସୂତ ଶିଶ ! ଏଥିରେ ଦୁଷ୍ମନ୍ତଙ୍କ ରାଜତ୍ୱ ସମୟର ବନଗିରି-ସରିତ୍-ସାଗର ସବୁ ଯେ ନିଷ୍ଟୟ ବର୍ଣ୍ଣିତ ହେବ ବା କବି ତାହା ବର୍ଣ୍ଣନା କରିବାକୁ ବାଧ୍ୟ, ଏଭଳି କଳ୍ପନା ନିତାନ୍ତ ଅର୍ଥହୀନ ।

ସେ ଯାହାହେଉ, ଏହି ବିଷୟରେ ଏବଂ 'ପ୍ରଣୟ-ବଲ୍ଲରୀ' ବିଷୟରେ କବି ଶ୍ରୀ ବ୍ରଜମୋହନ ପଣ୍ଡାଙ୍କଠାରୁ ପଦ୍ମପୁରରୁ ତା ୨।୯।୧୯୧୫ ରେ ଦେଇଥିବା ପତ୍ରରେ ଲେଖିଥିଲେ— "ଦେବକନ୍ୟା ଓ ରାକ୍ଷସକନ୍ୟା ବିଷୟରେ ମୋର ଅଭିପ୍ରାୟ ଏହି କ 'ପ୍ରଣୟ-ବଲ୍ଲରୀ' ଉତ୍କଳ କବିହାର ରଚିତ । ତହିଁରେ ଉତ୍କଳର କଥା କହିହେଲେ ରହିବା ଆବଶ୍ୟକ । ଦୁଷ୍ମନ୍ତ ତ ଅସୁର ଦମନ ନିମନ୍ତେ ସ୍ୱର୍ଗକୁ ଯାଇଥିଲେ । ଦେବାସୁର ମଧ୍ୟରେ କଳି କପରି ହେଲା, ତାହା ପ୍ରକଟ ହେବା ଆବଶ୍ୟକ । ଅତଏବ ଉତ୍କଳ ଭୂମିକି ନେଇ କଳହ ହୋଇଥିବା ରଚନା କଲି । ଉତ୍କଳ ଶାନ୍ତି, ଦୟା, କ୍ଷମା, ଶ୍ରଦ୍ଧାର ବିହାରସ୍ଥଳ ଥିଲା । ସେମାନେ ଉତ୍କଳର ଗିରିକନ୍ଦର-ବାସୀ ମୁନିମାନଙ୍କ ହୃଦୟରେ ବିଚରଣ କରୁଥିଲେ । ଶବରମାନେ ମଧ୍ୟ ଉତ୍କଳର ଆଦିମନିବାସୀ ଅଟନ୍ତି । ଜଗନ୍ନାଥ ପ୍ରଥମେ ଶବର ଗୃହରେ ଗୁପ୍ତଭାବରେ ପୂଜିତ ହେଉଥିଲେ । ପଶୁ ପକ୍ଷୀ ମାରଣ

Digitized by srujanika@gmail.com

ଶବରମାନଙ୍କର ଜୀବିକା । ସୁତରାଂ ସେମାନଙ୍କର ହୃଦୟ ହିଂସାର ବିହାରସ୍ଥଳ । ଶ୍ରଦ୍ଧା, ଶାନ୍ତି ଆଦି ଦେବକନ୍ୟାଙ୍କ ସହିତ ଅସୁର କନ୍ୟା ହିଂସାର ସଂଘର୍ଷ ସ୍ୱାଭାବିକ । ସେମାନଙ୍କର କଳହରେ ଦେବଦାନବଙ୍କର କଳହ ହେଲା । କ୍ରୋଧ ଆଦି ଅସୁରଙ୍କୁ ଉଦାର-ଧର୍ମା ଦେବଗଣ ଦମନ କରିବା ଅସହଜ । ତହିଁରେ ମାନବ ହୃଦୟର ବୀରତ୍ୱ ନିତାନ୍ତ ଦରକାର । ସେହି ହେତୁରୁ ଦେବସ୍ୱଭାବ ବୀରଧର୍ମା ଦୁଷ୍ମନ୍ତଙ୍କୁ ନିମନ୍ତ୍ରଣ କରିବାକୁ ହୋଇଥିଲା । ଦୁଷ୍ମନ୍ତ ଶ୍ରଦ୍ଧା, ପ୍ରୀତି ଶାନ୍ତି ଆଦିର ବିପଦବାରଣ ଓ କ୍ରୋଧାଦି ଦମନର ଦୃଷ୍ଟାନ୍ତ ନିଜ ଜୀବନରେ ଦେଖାଇଥିଲେ ।

ଏହା ଆପଣଙ୍କର ମନକୁ କିପରି ଲାଗିବ ଲେଖିବେ । ଆଉ ଏକ କଥା, ଶେଷରେ ଉତ୍କଳରୁ ହିଂସା ନିର୍ବାସିତା ହୋଇ ଅହିଂସା-ଧର୍ମ (ବୌଦ୍ଧଧର୍ମ)ର ଆଧିପତ୍ୟ ତହିଁରେ ପ୍ରତିଷ୍ଠିତ ହେଲା । ସମୟର ଦୀର୍ଘତା ହ୍ରାସ ସକାଶେ ମାନବର ଏକ ବର୍ଷରେ ଦେବତାଙ୍କର ଏକଦିନ ଗଣିବାର ଉପାୟ ଅଛି ।

ବ୍ୟାସଦେବ ଶକୁନ୍ତଳାଙ୍କୁ ପ୍ରଗଲ୍‌ଭା କରିଅଛନ୍ତି ! କାଳିଦାସ ତାହା କରି ନ ଥିଲେହେଁ ପତିର ବ୍ୟବହାରରେ ପତ୍ନୀର ହୃଦୟ ଭାଙ୍ଗି ଦେଇଅଛନ୍ତି । ମୁଁ ତାହା ନ କରି ଶକୁନ୍ତଳାଙ୍କୁ ପ୍ରଣୟମୁଗ୍ଧା ସରଳହୃଦୟା କରିଅଛି । କାରଣ ପତିପତ୍ନୀର ପରସ୍ପରର ବ୍ୟବହାରରେ ଥରେ ହୃଦୟଭଙ୍ଗ ହୋଇଗଲେ ପ୍ରଣୟାମୃତରେ ବିଷ ମିଶିଯାଏ । ତାହାର ବୈସତା ଚିରଦିନ ନିମନ୍ତେ ନଷ୍ଟ ହୋଇଯାଏ ! ଦୁଷ୍ମନ୍ତ ଯେଉଁ ବିଷ ଢାଳି ଦେଇଥିଲେ, ତାହା ଶକୁନ୍ତଳାଙ୍କର ପ୍ରଣୟକୁମ୍ଭ ଭିତରେ ପଡ଼ି ନ ଥିଲା । ତହିଁ ନିମନ୍ତେ ଦୁଷ୍ମନ୍ତ ଦୁଷ୍କୃତର ଫଳ ଅନୁତାପ ନରକଜ୍ୱାଳା ଭୋଗ କଲେ

Digitized by srujanika@gmail.com

ଏବଂ ତାହା ନିଜ ଦୋଷରୁ ହୋଇ ନ ଥିବାରୁ ସନ୍ଦେହରେ ସ୍ୱର୍ଗ ବିହାରର ସୁଖ ଭୋଗ କଲେ । ଯେଉଁ ଦେବତା ଓ ଦେବର୍ଷି ଈର୍ଷା ଓ କ୍ରୋଧର ବଶବର୍ତ୍ତୀ ହୋଇ ବିଶ୍ୱାମିତ୍ରଙ୍କର ତପୋଭଙ୍ଗ ଏବଂ ଦୁଷ୍ମନ୍ତଙ୍କ ପ୍ରଣୟ ଭଙ୍ଗ କରିଥିଲେ, ଦୁଷ୍ମନ୍ତ ସେହି ଦେବତାମାନଙ୍କର ମାନ ରକ୍ଷା କଲେ ।

ଶକୁନ୍ତଳା ଉତ୍କଳ ଲଳନାର ସ୍ୱଭାବବିଶିଷ୍ଟା ହୋଇଅଛନ୍ତି । ଗୌତମୀ ଓ ତାପସକୁମାରମାନଙ୍କ ସମକ୍ଷରେ ପତିର ବିଜନ ପ୍ରଣୟ କଥା ବିଶେଷ କରି କହିନାହାନ୍ତି । ସେ ପତିପ୍ରେମଗତପ୍ରାଣା । ପତିଙ୍କର ବିଦ୍ରୋଧାଭାସକୁ ପରିହାସ ଏବଂ ବିପଦ୍‌ଦାୟକ ଶବ୍ଦକୁ ସୂଚକ ଅର୍ଥରେ ଗ୍ରହଣ କରିଅଛନ୍ତି । ଗ୍ରନ୍ଥରେ ସେସବୁର ଏକପ୍ରକାର ଉଲ୍ଲେଖ ହୋଇଯାଇଛି ।”

ପୁଣି ଗ୍ରନ୍ଥର ମୁଖବନ୍ଧରେ କବି ବିନୟର ସହିତ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିଥିବାର ବର୍ଣ୍ଣନା କରିଅଛନ୍ତି । ଯଥା “ଗୋଟିଏ ହସ୍ତୀ ସ୍ୱାଧୀନ ଭାବରେ ଚାଲିଗଲେ ତାହାର ଗତିର ଯେଉଁ ଶୋଭା ଥାଏ, ଅନ୍ୟ ଗୋଟିଏ ହସ୍ତୀ ପୂର୍ବଗାମୀ ହସ୍ତୀର ଠିକ୍ ପଦଚିହ୍ନ ଉପରେ ପଦକ୍ଷେପ କରି କରି ଚାଲିଲେ ସେ ଶୋଭା ରହିପାରେ ନାହିଁ; କିନ୍ତୁ ସେହି ମାର୍ଗରେ ହଂସାର ନୈସର୍ଗିକ ଗତି ଦର୍ଶନୀୟ ହୋଇଥାଏ ।” ଏସବୁ ସତ୍ତ୍ୱେ ଯେଉଁମାନେ କବିଙ୍କୁ ଏହି ଲେଖାରେ ଅଧମର୍ଣ୍ଣ କରିବାକୁ ଯିବେ ସେମାନେ ଉଦାରମନା ଓ ସୁସାହିତ୍ୟିକ ମାନସିଂହଙ୍କ—“ପ୍ରଣୟ-ବଲ୍ଲରୀ ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ, କାଳିଦାସଙ୍କ ଯାଦୁକିମ୍ବାକୁ ମଧ୍ୟ ସେ ଆହୁରି ମନୋହର କରି ପାରିଛନ୍ତି, ସେ କବି ଆମର ବାରବାର ନମସ୍ୟ”—ବାକ୍ୟଟି ପାଠ କରନ୍ତୁ ଓ ନିଜର ରୂଢ଼ ଧାରଣାର ପରିବର୍ତ୍ତନ କରନ୍ତୁ ।

Digitized by srujanika@gmail.com

'ପ୍ରଣୟ-ବଲ୍ଲରୀ' ସମ୍ବନ୍ଧରେ ଯୁଗଜନ୍ମା ଫକୀରମୋହନ ମଧ୍ୟ ଅତି ଉଚ୍ଚ ମନ୍ତବ୍ୟ ପ୍ରଦାନ କରିଅଛନ୍ତି ।

ମାତ୍ର ଦୁଃଖର କଥା, କେହି ସମାଲୋଚକ ନିଜର ପାଣ୍ଡିତ୍ୟ ଦେଖାଇବାକୁ ଯାଇ ମେହେରଙ୍କ ଭାଷା ଓ ଲେଖାର କଦର୍ଥ କରି ବସୁଛନ୍ତି । ସେହିପରି ଜଣେ ସମାଲୋଚକ 'ପ୍ରଣୟ-ବଲ୍ଲରୀ'ର ସମାଲୋଚନାରେ କାବ୍ୟର ଭୂମିକା ପ୍ରତି ଦୃଷ୍ଟି ଆକର୍ଷଣ କରି ଲେଖିଛନ୍ତି—"କବି ଗଙ୍ଗାଧର ମୁଖବନ୍ଧରେ ଲେଖିଛନ୍ତି, ମହାକବି କାଳିଦାସ ମହାଭାରତକୁ ଅନୁସରଣ ନ କରି ପଦ୍ମପୁରାଣ ମାର୍ଗରେ ବର୍ଣ୍ଣନା କରିଛନ୍ତି । ଏହା ଆମ ଦେଶର ପାରଂପରିକ ବିଶ୍ୱାସ ଯେ ସମସ୍ତ ପୁରାଣ ଅତି ପ୍ରାଚୀନ । କିନ୍ତୁ ବାସ୍ତବରେ ପଦ୍ମପୁରାଣ କାଳିଦାସଙ୍କର ବହୁ ଶତାବ୍ଦୀ ପରେ ଲିଖିତ ।"

'ପଦ୍ମପୁରାଣ କାଳିଦାସଙ୍କର ବହୁ ଶତାବ୍ଦୀ ପରେ ଲିଖିତ' ଏଇ ଲବ୍‌ଧଜ୍ଞାନକୁ ପାଠକମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିବାକୁ ଯାଇ ସମାଲୋଚକ ଏପରି ବ୍ୟସ୍ତ ଉଦ୍‌ଗ୍ରୀବ ହୋଇ ପଡ଼ିଛନ୍ତି ଯେ ମେହେର କଣ କହିଛନ୍ତି ତାକୁ ଭଲ ଭାବରେ ଦେଖିବାର ଅବକାଶ ବି ପାଇନାହାନ୍ତି । ଗ୍ରନ୍ଥର ଭୂମିକାରେ ମେହେର ଲେଖିଛନ୍ତି—"ମହାକାବ୍ୟ ମହାଭାରତ ପଥ ପରିତ୍ୟାଗ କରି ପଦ୍ମପୁରାଣର ମାର୍ଗରେ ମହାକବି କାଳିଦାସଙ୍କର ଶକୁନ୍ତଳା ନାଟକ ରଚିତ ହୋଇଥିବାର କଥିତ ହୁଏ ।" 'କଥିତ ହୁଏ'ର ଅର୍ଥ କ'ଣ କବି ନିଜେ କହିଛନ୍ତି ? ବାସ୍ତବରେ ଅନେକ ଐତିହାସିକ ଓ ସମାଲୋଚକ 'ପଦ୍ମପୁରାଣ' କାଳିଦାସଙ୍କ ପୂର୍ବରୁ ଲେଖା ହୋଇଛି ବୋଲି କହିଛନ୍ତି । ଗଙ୍ଗାଧର ସେସବୁ ପଢ଼ିଛନ୍ତି । ମାତ୍ର ବିଚାରଶୀଳ କବି ସହସା ସେସବୁରେ ବିଶ୍ୱାସ ସ୍ଥାପନ କରିନାହାନ୍ତି । ତେଣୁ

Digitized by srujanika@gmail.com

'କଥିତ ହୁଏ' ବୋଲି ଉଲ୍ଲେଖ କରିଛନ୍ତି । ଅର୍ଥାତ୍ ପଦ୍ମପୁରାଣର ମାର୍ଗରେ ଶକୁନ୍ତଳା ନାଟକ ରଚିତ ହୋଇଥିବା ଅନ୍ୟମାନଙ୍କ ଦ୍ୱାରା ବୁଝାଯାଏ—ଏହାହିଁ କବିଙ୍କ ଉଦ୍ଦେଶ୍ୟ । ଏପରି କି କବି କାଳିଦାସଙ୍କ ଜନ୍ମ ଓ ମୃତ୍ୟୁ କାଳର ନିରୂପଣରେ ମଧ୍ୟ ସନ୍ଦେହ ପ୍ରକାଶ କରିଥିଲେ । ତାହା ତାଙ୍କ ପତ୍ରାବଳୀରେ ସୁସ୍ପଷ୍ଟ ।

•

ସେ ଯାହାହେଉ, "'ପ୍ରଣୟ-ବଲ୍ଲରୀ'ର ବିଶେଷତ୍ୱ ଓଡ଼ିଆ ସାହିତ୍ୟରେ ସର୍ବଦା ଓ ସର୍ବଥା ଅପ୍ରତିହତ । ଏ କାବ୍ୟରେ କବି ରାଜା ଦୁଷ୍ମନ୍ତଙ୍କୁ ଦକ୍ଷିଣ ନାୟକ ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେ କିପରି ପ୍ରେମିକ ଓ ସୌନ୍ଦର୍ଯ୍ୟରସିକ ଥିଲେ ତାହା ମଧ୍ୟ ବର୍ଣ୍ଣନା କରିଛନ୍ତି । ପଞ୍ଚମ ସର୍ଗରେ କବି ଦୁଷ୍ମନ୍ତଙ୍କ ସମସ୍ତ ରାଜୋଚିତ ଗୁଣ ଥିବାର ଉଲ୍ଲେଖ କରିଥିଲେହେଁ କାବ୍ୟରେ ତାଙ୍କର ସରସ ଓ କୋମଳ ହୃଦୟର ଉଦାହରଣ ଅନେକତ୍ର ମିଳିଥାଏ ଓ ଧୀବର ନିକଟରୁ ଅଙ୍ଗୁରୀୟ ପ୍ରାପ୍ତି ପରେ ତାଙ୍କର ସ୍ମୃତି-କପାଟ ଫିଟି ଯିବାରୁ ଶକୁନ୍ତଳାଙ୍କ ପ୍ରତି ନିଜର ଅନ୍ୟାୟାଚରଣ କଥା ସ୍ମରଣ କରି ସେ ଯେପରି ବ୍ୟଥିତ, ଅନୁତପ୍ତ ଓ ମର୍ମାହତ ହୋଇ ପଡ଼ିଛନ୍ତି ତାହା ତାଙ୍କ କୋମଳ ହୃଦୟର ଓ ଶକୁନ୍ତଳାଙ୍କ ସଲଜ୍ଜ ସରଳ ଭାଷାରେ ସେ ଯେପରି ଶ୍ଳେଷ ସୃଷ୍ଟି କରିପାରିଛନ୍ତି ତାହା ତାଙ୍କ ସରସ ହୃଦୟର ପରିଚୟ ଦେଇଥାଏ । ଦୁଷ୍ମନ୍ତଙ୍କର ଅନୁତପ୍ତ ହୃଦୟ ସହିତ ସମ୍ପର୍କ ରକ୍ଷା କରିଥିବା ସେ ସମୟର ପ୍ରକୃତିବର୍ଣ୍ଣନାକୁ ପାଠ କଲେ ମେଢ଼େରଙ୍କର ଅନ୍ତଃପ୍ରକୃତି ବର୍ଣ୍ଣନାରେ ଯଥେଷ୍ଟ ଦକ୍ଷତା ଥିବାର ଜଣାପଡ଼େ । ବାହ୍ୟ ପ୍ରକୃତି ସହିତ ଦୁଷ୍ମନ୍ତଙ୍କ ମାନସପ୍ରକୃତି କିପରି ଚିତ୍ରିତ ହୋଇଛି ତାହା କାବ୍ୟର ଷଷ୍ଠ ସର୍ଗରୁ ସ୍ପଷ୍ଟ ପ୍ରତୀୟମାନ ହେବ ।

Digitized by srujanika@gmail.com

ଏ କାବ୍ୟରେ ଶକୁନ୍ତଳାଙ୍କର ଆଶ୍ରମବିଦାୟ ଦୃଶ୍ୟ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର କ୍ରମବର୍ଦ୍ଧମାନ ପ୍ରେମକୁ କବିଙ୍କର କ୍ରମବର୍ଦ୍ଧମାନା ଲତା ସହିତ ତୁଳନା, ଦୁଷ୍ମନ୍ତଙ୍କ ସ୍ୱର୍ଗରୁ ପ୍ରତ୍ୟାଗମନ ସମୟରେ ହେମକୂଟ ପର୍ବତର ବର୍ଣ୍ଣନା, କଣ୍ୱ ଓ ଦୁର୍ବାସାଙ୍କର ଚରିତର ବୈଶିଷ୍ଟ୍ୟ, ପ୍ରିୟମ୍ବଦା ଓ ଅନସୂୟାଙ୍କର ନାମାନୁସାରି ଚରିତ ସମସ୍ତହିଁ ଲକ୍ଷ୍ୟ କରିବାର କଥା ।

ଉଚ୍ଚଶିକ୍ଷାରହିତ ଗଙ୍ଗାଧର ଏ ଜାତିକୁ ଯେଉଁ ଅମୂଲ୍ୟ ସାରସ୍ୱତ ସମ୍ପଦ ଦେଇ ଯାଇଛନ୍ତି ତାହା ବହୁକାଳଧରି ଜାତ୍ତ୍ୱଲ୍ୟମାନ ରହିବ । ଦରିଦ୍ର କବି ଦାରିଦ୍ର୍ୟକୁ ପରାଭବରେ ଆନନ୍ଦ ଦେଇଅଛନ୍ତି । ତେଣୁ Grayଙ୍କ

Chill Penury repressed their noble rage
And froze the genial current of the soul,

ଉକ୍ତି ସନ୍ଦେହାତ୍ମକ ବୋଧ ହୋଇଛି । ଏପରି କବିଙ୍କର ବାସ୍ତବ ପ୍ରତିଭାର ପୂଜା ଏ ଦେଶରେ ଆଜଯାଏ ସମ୍ଭବ ହୋଇ ପାରିନାହିଁ । ମାତ୍ର ନନ୍ଦକିଶୋରଙ୍କ ଭାଷାରେ —

'ଯେତେ ଲୁଚାଇଲେ ନ ଲୁଚଇ ଅଗ୍ନି ସତ୍ୟ' ପରି କେବେ ନା କେବେ ଏ ଦେଶ କବିମିହିର ମେହେରଙ୍କ ପ୍ରତିଭାକୁ ଚିହ୍ନିବ ଓ ତା'ର ବାସ୍ତବ ପୂଜା କରିବ—ଏ ଆଶା ରହିଛି । କବିଙ୍କ ଶ୍ରେଷ୍ଠ କାବ୍ୟ ଓ କବିତାସବୁର ସମ୍ୟକ୍ ଅନୁଶୀଳନ ସହ ପୃଥିବୀର ବିଭିନ୍ନ ଭାଷାରେ ସେ ସବୁକୁ ଅନୁବାଦ କରି ତାକୁ ବିଶ୍ୱସାହିତ୍ୟ ଦରବାରରେ ଉପସ୍ଥାପିତ କରାଇପାରିଲେ ତାଙ୍କର ପ୍ରତିଭାର ବାସ୍ତବ ପୂଜା ହୋଇ ପାରିବ । ସେ ସମୟରେ ବିଶ୍ୱସାହିତ୍ୟିକ ମଣ୍ଡଳୀ ତାଙ୍କ ପ୍ରତିଭାର କି ବିଚାର କରିବେ ତାହା ଦେଖିବାର ଆଗ୍ରହ ଓ କୌତୂହଳ ରହିଲା ।

ମେହେରଙ୍କ 'ତପସ୍ୱିନୀ'ରେ ପ୍ରକୃତି ଓ ନାରୀ

(କଟକ ବେତାରକେନ୍ଦ୍ର ସୌଜନ୍ୟରୁ)

ପ୍ରକୃତିର ପରମ ଉପାସକ ଓ ଆଦର୍ଶ ନାରୀ ଚରିତ୍ରର ସୁଦକ୍ଷ ଚିତ୍ରକର କବି ଗଙ୍ଗାଧରଙ୍କ କାବ୍ୟାବଳୀରେ ନାରୀ ଓ ପ୍ରକୃତି, ପ୍ରକୃତି ଓ ନାରୀ, ବାକ୍ ଓ ଅର୍ଥ, ଧର୍ମ ଓ ଧରଣୀ, ପ୍ରଦୀପ ଓ ଶିଖା, ସାଗର ଓ ଊର୍ମି, ଚନ୍ଦ୍ର ଓ ଜ୍ୟୋତ୍ସ୍ନା, ବୀଣା ଓ ମୂର୍ଚ୍ଛନା, ପୁଷ୍ପ ଓ ସୌରଭ, ଗୀତି ଓ ଛନ୍ଦ ଭଳି ଏପରି ଓତପ୍ରୋତ ସଂଶ୍ଳିଷ୍ଟ, ବିଜଡ଼ିତ ଯେ ଗୋଟିକରୁ ଅନ୍ୟଟିକୁ ବିଚ୍ଛିନ୍ନ କରି ତା'ର ବିଚାର କଲେ କେବଳ ଯେ କବିଙ୍କ ପ୍ରତି ଅନ୍ୟାୟ କରାଯିବ ତା'ନୁହେଁ; ବରଂ ଗୋଟିଏ ସୌନ୍ଦର୍ଯ୍ୟମୟୀ ନାରୀ ଚିତ୍ରର ଅର୍ଦ୍ଧାଂଶ ମାତ୍ର ଦୃଷ୍ଟିପଥକୁ ଆଣି ତା'ର ସୌନ୍ଦର୍ଯ୍ୟ ଓ ଶିଳ୍ପୀ-ଚିତ୍ରକାର ମହିମା କଳନା କରିବା ପରି ଏକ ଅସଂପୂର୍ଣ୍ଣ, ଅସଂଲଗ୍ନ ଓ ଅସଙ୍ଗତ ବିଚାର ହେବ । ଗଙ୍ଗାଧର ପ୍ରକୃତିକୁ ନିଜ କାବ୍ୟ-କବିତାରେ ଚିତ୍ରଣ କରି ଦେଇ ଯେ ସନ୍ତୁଷ୍ଟ ରହିଛନ୍ତି ବା ଜଡ଼ ପ୍ରକୃତି ଦେହରେ କେବଳ ପ୍ରାଣ-ସଞ୍ଚାର କରି ନିଜର କବିଧର୍ମ ସଂପାଦନ କରିଛନ୍ତି ତା' ନୁହେଁ; ଅଧିକନ୍ତୁ ଉଭୟ ପ୍ରକୃତି ଓ ମାନବ ମଧ୍ୟରେ ଯେ କୌଣସି ବିଭେଦ ନିଜ କାବ୍ୟ 'ତପସ୍ୱିନୀ'ରେ ଦେଖିନାହାନ୍ତି ଓ ସେଇ ବିଭେଦ ଦେଖିପାରିବାର ଅବକାଶ ବି ସେ ଅନ୍ୟକୁ ଦେଇନାହାନ୍ତି । ଗଙ୍ଗାଧରଙ୍କର ଥିଲା ପ୍ରତିଭା ପ୍ରଦତ୍ତ ଦିବ୍ୟ ସାରସ୍ୱତ ଦୃଷ୍ଟି । ଗଙ୍ଗାଧର ନିଜ ଚକ୍ଷୁରେ ପ୍ରତିଭାର ଦିବ୍ୟାଞ୍ଜନ ଦେଇ ସଂସାରର ଚିତ୍ର ନେଇଥିବାରୁ ତାଙ୍କର ସୃଷ୍ଟି ଏତେ ମନୋହର, ମହତ୍ ଓ ଉଚ୍ଚସ୍ତରଶ୍ରିତ ହୋଇପାରିଛି ।

Digitized by srujanika@gmail.com

କବିର ଭିତରେ ଦୁଇଟି ସତ୍ତା ବିଦ୍ୟମାନ—ତାହାର କବି-ସତ୍ତା ଓ ମାନବସତ୍ତା । ପ୍ରଥମଟି ଅନ୍ୟଠାରୁ ସ୍ୱତନ୍ତ୍ର ଓ ଦ୍ୱିତୀୟଟି ଅନ୍ୟର ଅନୁରୂପ । ଏହି ଦୁଇ ସତ୍ତାର ଦ୍ୱନ୍ଦ୍ୱ ଫଳରେ ନିଜ ହୃଦୟରେ ଯେ ଆବର୍ତ୍ତନର ସୃଷ୍ଟି ହୋଇଛି ସେ ସମ୍ବନ୍ଧରେ କବି ବରାବର ସଚେତନ ଭଳି ଜଣାପଡ଼ନ୍ତି । ଅଧମାର୍ଥ ଓ ପରମାର୍ଥର ଦ୍ୱନ୍ଦ୍ୱମଧ୍ୟରେ କବି ପରମାର୍ଥକୁହିଁ ବରଣ କରିନେଇଛନ୍ତି—ଜୀବନର ସମସ୍ତ ଜଞ୍ଜାଳ, ସମସ୍ତ ତାଡ଼ନା ଓ ଦୈନ୍ୟକୁ ସମ୍ପୂର୍ଣ୍ଣ ବିସ୍ମୃତ ହୋଇଯାଇ । କବିଙ୍କ ନିଜ ଉକ୍ତିରେ—

ଦରିଦ୍ରତା-ପଙ୍କ-ପୂର୍ଣ୍ଣ ମୋ ଜୀବନ-ସର
ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର ।
ଶରଦ ସଦୃଶ ତୋତେ କରି ଦରଶନ
ହୋଇ ଯାଉଅଛି ସେ ତ ସ୍ୱତଃ ପରସନ୍ନ ॥

ଏ ସମ୍ପର୍କରେ ମନେ ପଡ଼େ କଳଙ୍କତରିର ଆଶ୍ଚର୍ଯ୍ୟ ବ୍ୟାପାର । ଏହି ପଙ୍କ—ଗହ୍ୱରବାସୀ କୀଟ ମଳିନତାର ଚିର ସଂସ୍ରବରେ ଓ ଅମଳିନ, ପଙ୍କମୁକ୍ତ, ନିର୍ମଳ । ସେ ଯେପରି ପଙ୍କର ଆବର୍ଜନା ଭିତରେ ବାସ କରି ମଧ୍ୟ ନିଜର ଲୋଭମାପୁ ନିର୍ମଳତା ଠିକ ରକ୍ଷା କରି ଚଳେ, ସେପରି ମଧ୍ୟ ପକ୍ଷ ବିସ୍ତାର କରି ଉଡ଼ିପାରେ ଧରଣୀର ଊର୍ଦ୍ଧ୍ୱଲୋକକୁ ଯେଉଁଠି ମାଟି ବା ପଙ୍କ ଭଳି ସ୍ଥୂଳ ବସ୍ତୁର ସତ୍ତା ନାହିଁ ।

ଗଙ୍ଗାଧର ଠିକ୍ ଏହି ପଙ୍କବାସୀ ନିର୍ଲିପ୍ତ କୀଟ ଭଳି ଜଗତର ପଙ୍କିଳ—ପ୍ରମାଦ—ପୂର୍ଣ୍ଣ ଆବର୍ଜ୍ଜନା ଭିତରେ ବାସ କରି ମଧ୍ୟ ନିଜକୁ ସଂସାରର ସମସ୍ତ ମଳିନତାର ଦୂରରେ ରଖି ପାରିଥିଲେ ଓ ନିଜର ମନକୁ କବି-ଜନୋଚିତ ସୂକ୍ଷ୍ମ ଶକ୍ତିର ତୁଳନାରେ ମାଟିର କର୍ମକୋଳାହଳମୟ ସଂସାରର ସ୍ଥୂଳତାରୁ ନେଇ ଯାଇ ପାରୁଥିଲେ ଆଦର୍ଶର ଊର୍ଦ୍ଧ୍ୱଲୋକକୁ ଓ ସଜୀବ ବିଶ୍ୱ-ପ୍ରକୃତିର ରମଣୀର

Digitized by srujanika@gmail.com

କୋଳକୁ । ସଂସାର ଭିତରେ ଥାଇ ମଧ୍ୟ ଏପରି ନିର୍ଲିପ୍ତ, ଏପରି ବିବିକ୍ତ-ବିଳାସ ଥିଲେ ଗଙ୍ଗାଧର !

ପ୍ରକୃତିର ଜଗତ୍ ଅସୀମ — ମନୁଷ୍ୟ ସଂସାର ନାନା ସଂକୀର୍ଣ୍ଣତାରେ ସୀମିତ । ତେବେ ଅସୀମ ଓ ସସୀମର ମିଳନ ହେବ କପରି ? ଏହାର ଉତ୍ତର ଗଙ୍ଗାଧରଙ୍କ କାବ୍ୟାବଳୀରେ ଆମକୁ ମିଳିପାରିବ । ପ୍ରକୃତି ଯେତେବେଳେ ମନୁଷ୍ୟର ପ୍ରତୀକ ବା ଅଙ୍ଗ ହୋଇଉଠେ, ସେତେବେଳେ ଅତି ବିଚିତ୍ର ଭାବରେ ମନୁଷ୍ୟ ଓ ପ୍ରକୃତିର ମିଳନ ଘଟିଥାଏ । 'ତପସ୍ୱିନୀ' କାବ୍ୟରେ ବିନାପରାଧରେ ସ୍ୱାମୀ କର୍ତ୍ତୃକ ପରିତ୍ୟକ୍ତା ସାଧ୍ୱୀ ସୀତାଙ୍କର ଦୁର୍ଦ୍ଦଶା ଅବଲୋକନ କରି ଯେତେବେଳେ —

କରିବାକୁ ନିସୃତି ସହିତ ସମର
ତୃଣରାଜ ଖଡ୍ଗ କରେ ଗର୍ଜ୍ଜିଲା ପ୍ରଖର ।
ବାସ୍ପା ବସା ତୂଣୀରକୁ ଝାଡ଼ି ବାରମ୍ବାର,
ପତ୍ର-କଙ୍କପତ୍ର କଲା କି ଅବା ବାହାର !

କିମ୍ବା —

ବ୍ୟାହତ ହୃଦୟୁ ଶୀର୍ଣ୍ଣ ଶରୀର ବାଦଲ
ଧଡ଼ଧଡ଼ ଆସିଲା କୋପେ ଘେନି ଦଳବଳ ।
ଚକ୍ଷୁ ଚମକାଇ କରି ଗମ୍ଭୀର ଗର୍ଜନ
ଦେଖାଇଲା ନିସୃତିର ଉପରେ ତର୍ଜନ ।
ସନ୍ଧାମୁଖେ ସୁଶୀତଳ ବିନ୍ଦୁ ବିନ୍ଦୁ ପାଣି
ସିଞ୍ଚି ସିଞ୍ଚି ଜୀବନରେ ସଞ୍ଜ୍ଞା ଦେଲା ଆଣି । ସେତେବେଳେ

ଏସବୁ ପଂକ୍ତିରେ ବର୍ଣ୍ଣନୀୟ କିଏ ? ମନୁଷ୍ୟ ନା ପ୍ରକୃତି ? ଉଲ୍ଲିଖିତ

Digitized by srujanika@gmail.com

ବର୍ଣ୍ଣନାରେ ଯେପରି ପ୍ରକୃତି ଓ ମାନବର ଦ୍ୱୈତ ଶାସନ ବର୍ତ୍ତମାନ ! ଏହାହିଁ ପ୍ରକୃତି ଓ ମନୁଷ୍ୟର ଅପୂର୍ବ ସମନ୍ୱୟ, ମନୁଷ୍ୟ ଓ ପ୍ରକୃତିର ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି !

ପ୍ରକୃତିର ଆନନ୍ଦମୟ ଓ ମନୁଷ୍ୟର ଦୁଃଖମୟ ଜଗତର ମଧ୍ୟବର୍ତ୍ତୀ ଶୂନ୍ୟଲୋକରେ ନିରାଲମ୍ବ ନିରାଶ୍ରୟ ଭାବରେ କବି ଗଙ୍ଗାଧର ଦୋଦୁଲ୍ୟମାନ ନୁହନ୍ତି । ତାଙ୍କ ପକ୍ଷରେ ଏଇ ବିଶ୍ୱ ପ୍ରକୃତି ଥିଲା ମଧୁମୟ, ଅମୃତମୟ ଓ ଆନନ୍ଦମୟ । ଏହିଠାରେ ହିଁ ସେ ପାଇଛନ୍ତି 'ଆନନ୍ଦମ୍ ବ୍ରହ୍ମ ଇତି ବ୍ୟଜାନାତ୍'ର ସନ୍ଧାନ ।

ଗଙ୍ଗାଧର ସବୁବେଳେ ପ୍ରକୃତିକୁ ଦୁଃଖିନୀର ସଖୀ ଭାବରେ, ବନ୍ଧୁ ଭାବରେ ଓ ଆଶ୍ରୟଦାତ୍ରୀ ଭାବରେ ଠିଆ କରାଇଛନ୍ତି । ପତିଙ୍କଦ୍ୱାରା ନିର୍ବାସିତା ସୀତାଙ୍କ ସର୍ବଶୂନ୍ୟତା ଏକାନ୍ତ ଅନୁଭବ୍ୟ । ପତିହିଁ ସତୀର ଜୀବନସର୍ବସ୍ୱ । ପତିକର୍ତ୍ତୃକ ପ୍ରତ୍ୟାଖ୍ୟାତା ସୀତା ତେଣୁ ସାଜିଛନ୍ତି ତପସ୍ୱିନୀ, ବରି ନେଇଛନ୍ତି କୃଚ୍ଛ୍ର ତପସ୍ୟାର କଷ୍ଟ । ତପସ୍ୟାର ହୋମାନଳରେ ସାଧ୍ୱୀ ସୀତାଙ୍କର ଚରିତ୍ର-ସ୍ୱର୍ଣ୍ଣ ବାରମ୍ବାର ଦଗ୍ଧୀଭୂତ ହୋଇ ନିଷ୍କଳଙ୍କ ଉଠିଛି । 'ତପସ୍ୱିନୀ' କାବ୍ୟରେ ପ୍ରକୃତି ନିରପରାଧା ଏହି ହତଭାଗିନୀ ସୀତାଙ୍କ ସଖିଭାବରେ ତାଙ୍କର ପାର୍ଶ୍ୱ-ମଣ୍ଡନ କରିଛି । ପ୍ରକୃତି ସର୍ବଦା ସୀତାଙ୍କର ଅନ୍ତଃ-କର୍ମରେ ଯୋଗଦାନ କରିଛି । କେବେ ବା ତାହା ମଙ୍ଗଳ ଓ ଶାନ୍ତିବାରିର ସହିତ ଆମଣାର କଲ୍ୟାଣ-ମର୍ମର ମିଶ୍ରିତ କରିଛି, କେବେ ଅବା ତାହା ରାଜରାଣୀର ଆସନରେ ସୀତାଙ୍କୁ ଆସୀନା କରାଇ ସମ୍ମାନର ଅର୍ଘ୍ୟ ଟେକିଛି, କେବେ ଅବା ଏଇ ପ୍ରକୃତି ଅପରୂପ ମନ୍ତ୍ର-ବଳରେ ସୀତାଙ୍କର ଚରିତ୍ର ମଧ୍ୟରେ ପବିତ୍ର ନିର୍ମଳତା ଓ ସ୍ନିଗ୍ଧ ମାଧୁର୍ଯ୍ୟର ରଶ୍ମି ନିୟତ ବିକୀର୍ଣ୍ଣ କରି ଆସିଛି ।

Digitized by srujanika@gmail.com

ସୀତାଙ୍କର ଚିନ୍ତାରାଜ୍ୟକୁ, ସ୍ୱପ୍ନରାଜ୍ୟକୁ ମଧ୍ୟ ପ୍ରକୃତିର ସଂବେଦନଶୀଳତାର ମଧ୍ୟମରେ କରି ଦିଆଯାଇଛି । ବାଲ୍ମୀକି ଆଶ୍ରମର ମୁନିକନ୍ୟାମାନେ ଅହରହ ସୀତାଙ୍କର ସହଚରୀ ରୂପରେ ଅବସ୍ଥାନ କରୁଥିଲେହେଁ ତାଙ୍କର ମହିମାମଣ୍ଡିତ ଜୀବନର ମହତ୍ତ୍ୱ ଉପଲବ୍ଧି କରି ପାରି ନ ଥିଲେ । ପ୍ରକୃତି କିନ୍ତୁ ସେହି ମହତ୍ତ୍ୱର ମୂଲ୍ୟ ଗଭୀରତମ ଭାବରେ ଅନୁଭବ କରି ପାରିଛି । ସୀତାଙ୍କର ଚିନ୍ତା ରାଜ୍ୟରେ ମଧ୍ୟ 'ଚିତ୍ରକୂଟ' ଆସି କହୁଛି—

ତୁମ୍ଭ ଦର୍ଶନ ଆଶା ରଖି ଅଟଳ
ଥରକୁ ଥର ଆସି ମେଘପଟଳ
ଲେଉଟନ୍ତି ଭ୍ରମି ଭ୍ରମି ଦଶକ ଦଶ
କାହିଁ ଅଛନ୍ତି ବୋଲି ସୀତା ସୁନ୍ଦରୀ ।
ପୁଛନ୍ତି ମୋତେ ମନ୍ଦ୍ର ଗମ୍ଭୀର ସ୍ୱରେ,
ମାନନ୍ତି ନାହିଁ କେତେ 'ନାହିଁ' ଉତ୍ତରେ,
ଖୋଜନ୍ତି ପୁଣି ଶମ୍ପା ଆଲୋକ ଧରି
କିଛି ପୁରି ଅଛି ବୋଲି ସୀତା ସୁନ୍ଦରୀ ।

ସୀତାଙ୍କର ଦର୍ଶନ ଆକାଂକ୍ଷାରେ ମେଘପଟଳର ଏ ଆତୁରତା ପୁଣି 'ଚିତ୍ରକୂଟ' ମୁଖରେ ବର୍ଣ୍ଣିତ ସୀତାଙ୍କର ନିଃସଙ୍ଗ ଜୀବନକୁ କି ମଧୁମୟ ସାନ୍ତ୍ୱନାର ଶୀତଳ ପ୍ରଲେପରେ ସୁଶୀତଳ ନ କରିଛି ? ବିଶେଷତଃ ଅଷ୍ଟମ ସର୍ଗରେ କମଳିନୀର ଉକ୍ତି ଓ ନବମ ସର୍ଗର—

କେତକୀ କଣ୍ଟକ-ଦୁର୍ଗ-ନିବାସିନୀ
କଣ୍ଟକ-ବିଗ୍ରହେ ହୋଇ ସୁହାସିନୀ
କହିଲା ପରି ସେ, ବିପଦ-ବନରେ
ବିବଶା ବୈଦେହି ! ନ ଭାବ ମନରେ ।

Digitized by srujanika@gmail.com

କଣ୍ଟକ-ବନେ ମୁଁ ନିଜେ କଣ୍ଟକିତ,
ବାସ ଯୋଗୁଁ ହୁଏଁ ଭୁବନ-ପୂଜିତ ।
ତାପସୀଗହନେ ହୋଇ ତପସ୍ୱିନୀ
ଲୋକପୂଜନୀୟା ହେବୁ ମନସ୍ୱିନି !
କି କରିବ ଲୋକ-ଲୋଚନ-ଦୂଷଣ
ନିଜ ଗୁଣ ଯେବେ ସ୍ୱର୍ଗୀୟ ଭୂଷଣ ?

କଣ୍ଟକ-ଦୁର୍ଗ-ନିବାସିନୀ କେତକୀ ମୁଖରେ ସାଧ୍ୱୀ ସୀତାଙ୍କର ମହିମୋଜ୍ଜ୍ୱଳ ଜୀବନଚିତ୍ର ସ୍ପଷ୍ଟ । ତପସ୍ୱିନୀ ବ୍ରତ ଅକ୍ଷୁଣ୍ଣ ରଖିବା ଦିଗରେ ପ୍ରକୃତି ସର୍ବଦା ଉତ୍ସାହ ଉପଦେଶରେ ସୀତାଙ୍କର ହୃଦୟ ଓ ମନକୁ ସଜାଗ ତତ୍ପର କରି ରଖିଛି । 'ତପସ୍ୱିନୀ'ର ପ୍ରକୃତି ତପସ୍ୟାର, ସାଧନାର ବିରୁଦ୍ଧାଚରଣ କରିନାହିଁ । ବରଂ ତହିଁରେ ଭରି ଦେଇଛି ଉତ୍ସାହ, ଉଦ୍ଦୀପନା । ଦୁର୍ଭାଗ୍ୟର ଘନଘଟା ଭିତରେ ବିଦ୍ୟୁତର ଶୁଭ୍ର ରେଖା ଅଙ୍କନ କରି ଦେଖାଇ ଦେଇଛି ଶ୍ରେୟର, ଶାଶ୍ୱତର ପଥ ।

ଗଙ୍ଗାଧର ନାରୀ ଏବଂ ପ୍ରକୃତିକୁ ଅବିଚ୍ଛିନ୍ନ ଭାବରେ ଦେଖିଛନ୍ତି ଓ ସେଥିପାଇଁ ନିଜ କାବ୍ୟରେ ନାରୀ-ପ୍ରକୃତିର ତଦ୍ରୂପ ଚିତ୍ରଣ କରିଛନ୍ତି ବୋଲି ମୁଁ ଆଗରୁ ସୂଚାଇଛି । ନାରୀ ପ୍ରତି, ପ୍ରକୃତି ପ୍ରତି କବି-କୁଳର ଏ ଆକର୍ଷଣ ଆଜି ନୁହେଁ । ନାରୀ ଓ ପ୍ରକୃତି କାବ୍ୟର ଏକ ଅପରିହାର୍ଯ୍ୟ ଆଲମ୍ବନ ଭାବରେ ଯୁଗ ଯୁଗ ଧରି ସାରସ୍ୱତ-ମାନଙ୍କଦ୍ୱାରା ସ୍ୱୀକୃତ ହୋଇ ଆସିଛି । କାବ୍ୟ-କବିତାରେ ପ୍ରେମର ମହିମାମୟୀ ମାଧୁରୀ ସ୍ୱରୂପା ନାରୀର ସୌନ୍ଦର୍ଯ୍ୟ, ଚରିତ୍ର, ମହିମା, ଗରିମା ଏକ ସ୍ୱରରେ ଅବିସମ୍ବାଦିତ ଭାବେ ବାଣୀସାଧକମାନଙ୍କ ଦ୍ୱାରା ଗୀତ ହୋଇଛି । ପୃଥିବୀର ରୂପାଗାରି ଓ ସତ୍ୟ ଶିବ ସୁନ୍ଦରର

Digitized by srujanika@gmail.com

ଆବାହକ କବିବୃନ୍ଦ ନାରୀର ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟ, ସତୀତ୍ୱ-ମହତ୍ତ୍ୱ ଓ ମହିମ-ଗରିମାର କଳା-କାନ୍ତି-ମନ୍ଦିରରେ ମୁଗ୍‌ଧ ଭକ୍ତ ତୁଲ୍ୟ ଧ୍ୟାନଲଗ୍‌ନ, ଜ୍ଞାନମଗ୍‌ନ ହୋଇ ଅଥବା ନିଜକୁ ପ୍ରାତିଭାସିକ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ କରି ସ୍ତବାରମ୍ଭ କରିଛନ୍ତି, ମହିମ୍ନ ଗାନ କରିଛନ୍ତି ।

ନାରୀ ଜାତିକୁ ଦୁଇଟି ଶ୍ରେଣୀରେ ପର୍ଯ୍ୟାୟଭୁକ୍ତ କରାଯାଇଅଛି । ଗୋଟିଏ ଜାୟା, ଅନ୍ୟଟି ଜନନୀ । ଜାୟା ବା ପ୍ରିୟାର ଶୃଙ୍ଖଳ, ଭ୍ରୂବିଳାସ, ଲାସ୍ୟ, ହାସ ରକ୍ତରେ ତରଙ୍ଗ ସୃଷ୍ଟି କରେ, ମାୟାପୁରୀର ଗୁପ୍ତ ବାଜି ଲହରୀ ତୋଳେ ଓ ତରୁଣ ପ୍ରାଣକୁ ଉନ୍ମଥିତ କରିଦିଏ । ଜନନୀ ଆଶୀର୍ବାଦର କଲ୍ୟାଣରେ ପୃଥିବୀ ଭରିଦିଏ । ଉଦାର ପ୍ରଶାନ୍ତ ସ୍ନେହର ନିର୍ଝରପାତରେ ତାପିତ ପ୍ରାଣକୁ ଶାନ୍ତ ସୁଶୀତଳ ରଖେ । ଏଇ ନାରୀ ବର୍ଷାଋତୁ ପରି ଜଳ ଦାନ କରେ, ଫଳ ଦାନ କରେ, ଊର୍ଦ୍ଧ୍ୱଲୋକରେ ଥାଇ ନିଜକୁ ବିଗଳିତ କରେ ଓ ଆତପ-ତାପିତ ଧରାବକ୍ଷକୁ ଶ୍ୟାମଳ ଶୋଭନ କରି ତାକୁ ଅପୂର୍ବ ରୂପଶ୍ରୀରେ ମଣ୍ଡିତ କରେ । ଏଇ ନାରୀ ହେଉଛନ୍ତି ଲକ୍ଷ୍ମୀ, କଲ୍ୟାଣୀ, ବିଶ୍ୱର ଜନନୀ ଓ ସ୍ୱର୍ଗର ଈଶ୍ୱରୀ । ଏଇ ଶେଷ ଧରଣର ନାରୀ ହେଉଛି ଗଙ୍ଗାଧରଙ୍କ କାବ୍ୟଚର୍ଚ୍ଚିତ ନାରୀ । ଏହି ନାରୀ ଅନ୍ୟର ବ୍ରତ ଭଙ୍ଗ କରେ ନାହିଁ; ବରଂ ସମସ୍ତ କ୍ଲେଶ, ନିନ୍ଦା, ନିର୍ଯ୍ୟାତନା ବରଣ କରି ତାର ସାଫଲ୍ୟ କାମନା କରେ ଓ ବ୍ରତ ଉଦ୍‌ଯାପନର ସୁଯୋଗ ଦିଏ ।

ହେଉ ମୋର ନିର୍ବାସନ ପ୍ରକୃତିର ତୋଷ
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।

ସୀତା ରାଜା ରାମଚନ୍ଦ୍ରଙ୍କର ଉପଯୁକ୍ତ ପତ୍ନୀ । ସେ ନିର୍ବାସନକୁ ନିଜର ଭାଗ୍ୟଦୋଷ ମନେକରି ପତିଭକ୍ତିର ତୁଙ୍ଗ ଆଦର୍ଶ ପ୍ରଦର୍ଶନ

Digitized by srujanika@gmail.com

କରିଥିଲେ । ସୀତା ମିଥ୍ୟାପବାଦରେ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତା ହୋଇଥିଲେହେଁ ସେ ପତିଙ୍କ ପ୍ରତି ଦୋଷାରୋପ କରିବା ତ ଦୂରର କଥା, ବିଧାତାଙ୍କୁ ବି ନିନ୍ଦା କରି ନ ଥିଲେ ।

ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି ।
କାନ୍ତ ତ ସ୍ୱଭାବେ ମୋ କରୁଣାନିଧି ଗୋ ॥

ପ୍ରେମର ଦୁଇଟି ସ୍ୱରୂପ । ଗୋଟିଏ ମୋହମୟ ଓ ତୃଷ୍ଣାମୟ — ଏହା ଆକର୍ଷଣ କରେ, କିନ୍ତୁ ଧରା ଦିଏନା; ବାସନାକୁ ଉଦ୍ଦୀପ୍ତ କରେ, ମାତ୍ର ଶାନ୍ତ କରେ ନା । ଅନ୍ୟ ଗୋଟାଏ ରୂପ—ଯେଉଁଠି ମୋହ ନାହିଁ, କିନ୍ତୁ ମାଧୁର୍ଯ୍ୟ ଅଛି । ଏଇ ପ୍ରେମ ସଫଳ ଶାନ୍ତିର ପଥ ପ୍ରଦର୍ଶକ । ଏଥିରେ ପ୍ରତିଦାନର ପ୍ରଶ୍ନ ହିଁ ଉଠେ ନା । ଏହା ପ୍ରଜ୍ଜ୍ୱଳିତ ଉଲ୍‌କା ନୁହେଁ, ମାତ୍ର ପୃଥିବୀର ଶାଶ୍ୱତ ମାଟି । ଏଇ ପ୍ରେମ ହେଉଛି 'ତପସ୍ୱିନୀ'ର ପ୍ରେମ । ଏହାର ମୂଳରେ ଅଛି ତ୍ୟାଗ, ସହିଷ୍ଣୁତା, ସଂଯମ । ରୂପଜ ପ୍ରେମପରି ଏହା ବାସନାଦୀପ୍ତ, କାଳିମା-ଲିପ୍ତ ଓ କ୍ଲେଦସିକ୍ତ ନୁହେଁ । ଏହା ଋଷ୍ୟାଶ୍ରମର ହୋମଧୂମ ପରି ପୂତ, ସୁଗନ୍ଧିତ ଓ ସୁଦୂରଆକାଶ ପ୍ରସାରୀ ।

ମୋ ତନୁ ଦଗଧ ହେଲେ ହେବ ତ ଖାର,
ତାହାକୁ କରାଇବ ପାଦପେ ସାର;
ସେ ତରୁ କାଷ୍ଠ ଦେଇ ବନ୍ଧିନୀ ହସ୍ତେ
କରାଇଦେବ ପ୍ରଭୁ ପାଦୁକା ମତେ ହେ ॥

ଏହି ଗୋଟିଏ ପଦରେ ସାଧ୍ୱୀ ଲଜ୍ଜାଭୂଷା ସୀତାଙ୍କର ଆଦର୍ଶ ପତିଭକ୍ତି ନଗାଧିରାଜ ହିମାଚଳର ଗୌରୀଶଙ୍କର ଶୃଙ୍ଗ ଭଳି ସୂଚି

Digitized by srujanika@gmail.com

ଶୁଭ୍ର ଓ ହୃଦୟସ୍ପର୍ଶୀକର ହୋଇ ଉଠିଛି । ଜଗତର ନାରୀ-ସମାଜରେ ପତିଭକ୍ତିର ଏପରି ମହନୀୟ ଦୃଷ୍ଟାନ୍ତ ଖୋଜି ପାଇବା ଦୁଷ୍କର ।

ନାରୀ ଜାତିର ସତୀତ୍ୱ ଓ ପାତିବ୍ରତ୍ୟ ରକ୍ଷା ଦିଗରେ କବି ଗଙ୍ଗାଧରଙ୍କ ଆଦର୍ଶ ଆୟାସ ସର୍ବଥା ଭାରତୀୟ ସଂସ୍କୃତିର ଅନୁକୂଳ ହୋଇଅଛି । ଏଥିରେ ଜୀବନ ଯୌବନ, ଭୋଗ-ବିଳାସ ଓ ପାପ-ପ୍ରଲୋଭନ ପ୍ରଭୃତିର ଆପାତ ମନୋରମ ବ୍ୟାପାରରେ ମୁଗ୍ଧ ମୋହିତ ନ କରି ସେମାନଙ୍କୁ ମହୀୟସୀ ଲଳନାର ଉପାଦାନ-ନିଚୟରେ ଅଳଙ୍କୃତ କରାଯାଇଅଛି । ଗଙ୍ଗାଧରଙ୍କ ନାରୀଚରିତ୍ର ତେଣୁ ପୃଥିବୀର ନାରୀ-ସମାଜର ସ୍ୱଭାବ ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ । କବି ସାଧ୍ୱୀ ସୀତାଙ୍କର କଠୋର ନିର୍ଯ୍ୟାତନା ଚିତ୍ରଣ ସଙ୍ଗେ ସଙ୍ଗେ ପ୍ରକୃତିଦତ୍ତ ବିପୁଳ ସାନ୍ତ୍ୱନା ପ୍ରଦାନ ଦ୍ୱାରା ତାଙ୍କର ନିର୍ବାସିତ ଜୀବନଯାପନ ଭିତରେ ଯେଉଁ ମହଦାଦର୍ଶ ଦେଖାଇଅଛନ୍ତି, ସାହିତ୍ୟ ଜଗତରେ ତାହାର ତୁଳନା କାହିଁ ?

Digitized by srujanika@gmail.com

ମେହେରଙ୍କର ଜାତୀୟତା

କବିଙ୍କୁ ବୀର ଭାବରେ ବର୍ଣ୍ଣନା କରିବାକୁ ଯାଇ ତତ୍ତ୍ୱାନ୍ୱେଷୀ କାର୍ଲାଇଲ୍ ଯେଉଁ ବାଣୀ ଓ ଯୁକ୍ତିର ପ୍ରଚ୍ଚାର କରିଅଛନ୍ତି ଓଡ଼ିଆ କବି ଗଙ୍ଗାଧରଙ୍କ ପ୍ରତି ତାହାର ମୂଲ୍ୟ ଅତ୍ୟଧିକ । କବି ଗଙ୍ଗାଧର ଅତ୍ୟନ୍ତ ଦରିଦ୍ର ଥିଲେ; କିନ୍ତୁ ଦାରିଦ୍ର୍ୟ, ଶିକ୍ଷାଭାବ, ଆଲୋକହୀନ ପାରିପାର୍ଶ୍ୱିକ ଅବସ୍ଥା କୌଣସିଠା ତାଙ୍କର ବହୁମୁଖୀ ପ୍ରତିଭାକୁ ପ୍ରତିରୋଧ କରିବାରେ ସମର୍ଥ ହୋଇପାରିନାହିଁ । କବିଙ୍କର ଚନ୍ତ-ଚର୍ଚ୍ଚା ଓ ଗ୍ରନ୍ଥ ଚର୍ଚ୍ଚା ଏକସଙ୍ଗରେ ସମାହିତ ହେଉଥିଲା । ଜଗତର ମହାପୁରୁଷମାନଙ୍କର ଜୀବନରେ ଏହା କିଛି ଆଶ୍ଚର୍ଯ୍ୟଜନକ ବ୍ୟାପାର ନୁହେଁ । କବି ବର୍ଣ୍ଣସ୍ ହଳ କରୁଥିଲେ; ପୃଥିବୀପ୍ରସିଦ୍ଧ ଔପନ୍ୟାସିକ ହମ୍‌ସନ୍ ଆଳୁଖେତରେ ଖତ ମଡ଼େଇ ମୂଲ ଲାଗୁଥିଲେ ଏବଂ ନର୍ଗୁଣ ଭକ୍ତ କବି କବୀର ଲୁଗା ବୁଣି ବୁଣି ଭଜନ ରଚନା କରୁଥିଲେ । ଗଙ୍ଗାଧରଙ୍କୁ ମଧ୍ୟ ଠିକ୍ ସେଇ ଅବସ୍ଥା ଭୋଗ କରିବାକୁ ପଡ଼ିଥିଲା । ମାତ୍ର କବିଙ୍କର ମନ ଥିଲା ବଳିଷ୍ଠ ଓ ହୃଦୟ ଥିଲା ବୀରୋଚିତ । ଅସନ୍ତୋଷର ଦୈନ୍ୟ, ଯାତନାର ଇତରତା, ସ୍ତାବକର ଆକାଂକ୍ଷା ତାଙ୍କର ମହତ୍ ପ୍ରାଣକୁ କ୍ଳାନ୍ତ ବା କଳୁଷିତ କରିନାହିଁ । "ବହି ଛପା ହେଲାନାହିଁ"—କବିର ଏ ବିଷାଦ ଅଷ୍ଟାକ୍ଷର ଦାରିଦ୍ର୍ୟ ପଞ୍ଚାକ୍ଷର ଅପେକ୍ଷା ଆହୁରି କରୁଣ, ଆହୁରି ମର୍ମନ୍ତୁଦ ଓ ଦୁଃଖଦ ହେଲେ ମଧ୍ୟ, ତାଙ୍କର ମୂଲ୍ୟବାନ ପାଣ୍ଡୁଲେଖ୍ୟ ସବୁ ଜୀର୍ଣ୍ଣ କାଠ ବାକ୍‌ସରେ ମୁଦ୍ରଣାଳୟର ଅନାଗତ ଭାଷାକୁ ଅପେକ୍ଷା କରି ବର୍ଷ ବର୍ଷ ପଡ଼ି ରହିଥିଲେହେଁ ଗଙ୍ଗାଧର କେବେ-ହେଲେ ବହିଟିଏ ପ୍ରକାଶ କରିଦେବା ପାଇଁ କୌଣସି ଧନିକର

Digitized by srujanika@gmail.com

ଦ୍ୱାରସ୍ଥ ହୋଇନାହାନ୍ତି କିମ୍ବା ରାଜାନୁଗ୍ରହ ପ୍ରାପ୍ତି ସକାଶେ 'ଭାରତ ଭାବନା'ଭଳି ବିଦ୍ରୋହାତ୍ମକ ଭାବନାକୁ ଗୋପନ କରିନାହାନ୍ତି । ବରଂ 'ତାଙ୍କୁ ମଧ୍ୟ କହୁଥାନ୍ତି ଧର୍ମ ଅବତାର' କହି ଏମାନଙ୍କୁ ପ୍ରତ୍ୟେକଙ୍କୁ ଶାଣିତ ବ୍ୟଙ୍ଗ କରିଅଛନ୍ତି । ସେ ଥିଲେ ଅକୁତୋଭୟ; ତେଣୁ ନ୍ୟାୟ ଓ ସତ୍ୟ ସକାଶେ ନିଜ ପ୍ରଭୁର ମଧ୍ୟ ବିପକ୍ଷରେ ସେ ଯାଇ ପାରନ୍ତି । କୌଣସି ଅଜ୍ଞାତ ହୀନ ପ୍ରଜାର ନ୍ୟାଯ୍ୟୋଚିତ ଦାବି ରକ୍ଷା କରିବାକୁ ଯାଇ ରାଜଶକ୍ତିର ଅବମାନନା ପ୍ରତ୍ୟକ୍ଷ ଭାବରେ ଯେଉଁ ଗଙ୍ଗାଧର କରିପାରନ୍ତି, ଜାତିର ନିର୍ଯ୍ୟାତନାରେ ସେହି କବି ଯେ ଖଡ଼୍‌ଗହସ୍ତ ହୋଇ ଉଠିବେ, ଏଥିରେ ବିଚିତ୍ର ବା କ'ଣ ଅଛି ? ଗଙ୍ଗାଧର ପଦ୍ମଭୂକ୍ କିମ୍ବା ଗଜଦନ୍ତ ମିନାରର କବି ନଥିଲେ । ବାସ୍ତବ ଥିଲା ତାଙ୍କର ଆଦର୍ଶ ଓ ଆଦର୍ଶ ଥିଲା ତାଙ୍କର ବାସ୍ତବ । ବାସ୍ତବ ଓ ଆଦର୍ଶ ତାଙ୍କ କାବ୍ୟ କବିତାରେ ଅଙ୍ଗାଙ୍ଗୀଭାବରେ ଜଡ଼ିତ ।

ଗଙ୍ଗାଧରଙ୍କର କବିମାନସ ଜନ-ଜୀବନ-ଭ୍ରଷ୍ଟ ନ ଥିଲା । ଦରିଦ୍ର କବି ଜୀବନର ବିଭିନ୍ନ ଅନୁଭୂତିର ସ୍ପର୍ଶରେ ଆସିଥିଲେ । ଯେଉଁଠି ଯାହା ଅନ୍ୟାୟ, ଅତ୍ୟାଚାର ବା ଅନାଚାର ଘଟିଛି, ସେ ସବୁର ଖବର ସହଜରେ ତାଙ୍କର କବିଜୀବନୋଚିତ ସୂକ୍ଷ୍ମ ଦୃଷ୍ଟିକୁ ଏଡ଼ାଇ ଯାଇପାରି ନାହିଁ । ତେଣୁ ଚପଳାର ଶମ୍ଭଳୀ-ସୁଲଭ-ନାରକୀୟ-ବୃତ୍ତିକୁ କବି ପଦ୍ୟରେ ପକାଇ ଦେଇ କୀଚକର କାର୍ଯ୍ୟୋନ୍ମାଦସୁଲଭ ଦାମ୍ଭିକତାକୁ ଭୀମର ମୁଷ୍ଟି ପ୍ରହାରରେ ଚୂର୍ଣ୍ଣ କରି ଦେଇଛନ୍ତି । ତେଲ ଲୁଣ ସଂସାରରେ ହେଉ ବା ନିଜର କାବ୍ୟ ଜଗତରେ ହେଉ କେଉଁଠି ହେଲେ କବି ଗଙ୍ଗାଧର ମିଥ୍ୟାର, ସ୍ତାବକତାର, ଅନ୍ୟାୟର. ଇତରତାର, ଲମ୍ପଟ୍ୟର ପକ୍ଷପାତିତା କରି ନାହାନ୍ତି । ଏଥିପାଇଁ ତାଙ୍କୁ ଜୀବନରେ ଯଥେଷ୍ଟ ନିର୍ଯ୍ୟାତନା,

Digitized by srujanika@gmail.com

ଦୈନ୍ୟ, ଉଦ୍‌ବେଗ, ଅସମ୍ମାନ ଭୋଗିବାକୁ ପଡ଼ୁଛି; ମାତ୍ର ଏସବୁ ସତ୍ତ୍ୱେ ଅନ୍ୟାୟ ସମକ୍ଷରେ କବି କେବେହେଲେ ମୁଣ୍ଡ ନୁଆଁଇ ନାହାନ୍ତି ।

ସେ ଥିଲେ ସ୍ପଷ୍ଟବକ୍ତା, ନିର୍ଭୀକ ପ୍ରାଣ ଓ ଜାତିର ଉପଚିକୀର୍ଷୁ । ଏଣୁ କାହାରି ଦୋଷ ଦୁର୍ବଳତାକୁ ସେ ଘୋଡ଼ାଇ ଦେଇନାହାନ୍ତି । ଜାତିର ଦୁର୍ଗନ୍ଧ ଦୂଷିତ ଦୁରାରୋଗ୍ୟ ବ୍ରଣ ଉପରେ ମୋଟା ମଇଳା କପଡ଼ାର ପଟି ବାନ୍ଧି ତା ଉପରେ ସେ ମଲମ ପ୍ରଲେପ କରି ନାହାନ୍ତି । ବରଂ ଏ ଜାତିର ଦୁର୍ବଳତାର ଠିକ୍ ସ୍ଥାନମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ସେ ବାକ୍ୟବାଣ ପ୍ରୟୋଗ କରିଅଛନ୍ତି । ନୂତନ ଭାବରେ ଇଂରାଜୀ ଶିକ୍ଷା ଏ ଦେଶରେ ପ୍ରବର୍ତ୍ତିତ ହୁଏ । ଇଂରାଜୀ ଭାଷାର ମୋହରେ ପଡ଼ି ଅନେକେ କ୍ରମେ ନିଜର ମାତୃଭାଷାକୁ ବି ବିସ୍ମୃତ ହେବାକୁ ବସନ୍ତି । ଇଂରାଜୀରେ ଦିପଦ କହି ପାରିବାଟାକୁ ସେ ସମୟରେ ନବ୍ୟ ସଭ୍ୟମାନେ ସମ୍ମାନଜନକ କାର୍ଯ୍ୟ ବୋଲି ମନେ କରନ୍ତି । ଓଡ଼ିଆ ଭାଷାରେ ପତ୍ର ଲେଖିବାକୁ ବି କେହି କେହି ଘୃଣା ବୋଧକଲେ । ଜାତିର ଏପରି ନାହିଁ ନଥିବା ଅପମାନ ଗଙ୍ଗାଧରଙ୍କୁ ଭାରି ବାଧିଲା । ତେଣୁ ନବବର୍ଷରେ ଉଦ୍‌ବୋଧନ ଦେଇ ସେ ସୁପ୍ତ ଓଡ଼ିଆ ଜାତିକୁ ନିଜର ଅନନ୍ୟସାଧାରଣ ଆବେଗଭରା କଣ୍ଠରେ କହିଲେ —

> "ଉଚ୍ଚ ହେବା ପାଇଁ ଯେବେ କର ଆଶା,
> ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ଖାଲି ସେତିକି ନୁହେଁ, ଅନ୍ୟାନ୍ୟ ପ୍ରଦେଶର ଦ୍ରୁତୋନ୍ନତି ଓ ହୃତସର୍ବସ୍ୱ ଦ୍ରୁତପତନୋନ୍ମୁଖ ନିଜ ଜାତିର ଅଧୋଗତିକୁ

Digitized by srujanika@gmail.com

ଲକ୍ଷ୍ୟ କରି ଜାତିପ୍ରୀତାପ୍ରାଣ କବି ବ୍ୟଥିତ ହୋଇ ପଡ଼ିଛନ୍ତି । ତାଙ୍କର ସେହି ବ୍ୟଥା, ସେଇ ଦରଦ ନେଇ ଜାତିକୁ କହିଛନ୍ତି—

"ନାହିଁ ଯେବେ ହୃଦେ ଉଚ୍ଚ ଅଭିଳାଷ
କର ଆମୋଦର ପଲଙ୍କେ ବିଳାସ ।
ପ୍ରତିବେଶୀଙ୍କର ଚରଣ ପ୍ରହାର—
ଚନ୍ଦନଶ୍ରେଣୀ କର ବକ୍ଷ ଦେଶେ ହାର ।"

ଗଭୀର ବ୍ୟଥାରେ ଜାତିକୁ ଏପରି ବାକ୍ୟବାଣ ନିକ୍ଷେପ କରାଯାଇ ପାରେ, ଅନ୍ୟଥା ନୁହେଁ । ଗଙ୍ଗାଧର ଏ ଜାତିକୁ ଏପରି ଗାଳିଦେଇ ଉତ୍ତେଜିତ କରିବାର ଅଧିକାର କେଉଁଠୁ ପାଇଲେ ? ଏ ପ୍ରଶ୍ନ ଯେତେ ଜଟିଳ, ଉତ୍ତର ସେତେ ସରଳ । ତାଙ୍କର ଏ ଅଧିକାର ସ୍ୱତଃସିଦ୍ଧ । ନିଜ ଉପରେ ପିତାମାତାଙ୍କର ଯେଉଁ ଅଧିକାର ଏ ଜାତି ଉପରେ ଗଙ୍ଗାଧରଙ୍କର ସେଇ ଅଧିକାର । ଏ ଜାତି ଉପରେ ଗଙ୍ଗାଧରଙ୍କର ଅସୀମ ସ୍ନେହ, ଶ୍ରଦ୍ଧା ଓ ଅନୁରାଗ ଥିଲା । ଅତ୍ୟଧିକ ସ୍ନେହର ବସ୍ତୁ ଉପରେ ଶାସନର ଅଧିକାର ମଧ୍ୟ ଥାଏ । ଏ ଦେଶର ପ୍ରାକୃତିକ ଶୋଭା, ଧର୍ମମହାତ୍ମ୍ୟ, ଔଦାର୍ଯ୍ୟଭରା ଜାତିପ୍ରୀତା ସମସ୍ତହିଁ କବିଙ୍କୁ ଆକୃଷ୍ଟ କରିଛି । ତେଣୁ ପ୍ରାଣର ଆବେଗର ଆତିଶଯ୍ୟରେ ସେ ଗାଇ ଉଠିଛନ୍ତି—

ଜୟ ଗୋ ଉତ୍କଳ ଲକ୍ଷ୍ମୀ
ଏକମାତ୍ର ସୁନ୍ଦରୀ ତୁ ବସୁଧାରେ ।

ଆଜି ଭାରତ ସ୍ୱାଧୀନ—ବ୍ରିଟିଶ କେଶରୀ ଦେଶରୁ ଅପସରି ଯାଇଛି । ତେଣୁ ତା'ର ବିରୋଧରେ ଦି'କଥା କହିବାର ଆଜିକାଲି କେତେକ ତଥାକଥିତ ଦେଶ-ସେବକଙ୍କ ଅଭ୍ୟାସ ହୋଇଯାଇଛି ।

Digitized by srujanika@gmail.com

ମାତ୍ର ଯେଉଁ ସମୟରେ ପ୍ରବଳ ପ୍ରତାପୀ ଇଂରେଜ ସରକାରଙ୍କ ସଙ୍ଗୀନ ମୁନ ଓ ଗୁଳି ବାରୁଦ ପ୍ରତିବାଦର ଉତ୍ତର ସଙ୍ଗେ ସଙ୍ଗେ ଦେଇ ପାରୁଥିଲା ସେ ସମୟରେ କବି ଇଂରେଜ ସରକାରଙ୍କ ଅନ୍ୟାୟ ବିରୁଦ୍ଧରେ ବଳମଠାରୁ ଶକ୍ତିଶାଳୀ ତାଙ୍କର କଲମ ଚଳାଇବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି । ମାତ୍ର ଆମର ଏଇ ଭାରତର ଗୋଟିଏ ପ୍ରଦେଶର ଲୋକ ଆଉ ଗୋଟିଏ ପ୍ରଦେଶକୁ ସେ ସମୟରେ କିପରି ପଦାନତ କରିବାକୁ ଚାହୁଁଥିଲେ ତା'ତ ଅନେକଙ୍କୁ ଜଣା । ପୁଣି ଉଚ୍ଚ ପଦାଧିକାରୀ ଯେଉଁମାନେ ଥିଲେ ସେମାନେ ଆମର ଦୁଃଖ ଦୁର୍ଦ୍ଦଶାକୁ କିପରି ବିପରୀତ ଭାବରେ ବ୍ରିଟିଶ ସରକାରଙ୍କୁ ବୁଝାଉଥିଲେ କବି ତାହା ଭକ୍ତିଶୂନ୍ୟ ପ୍ରାଣରେ ଉତ୍କଳ ସମ୍ମିଳନୀ ଉପଲକ୍ଷରେ ରଚିତ ଗୋଟିଏ କବିତାରେ ପ୍ରକାଶ କରିଅଛନ୍ତି—

ବିଦେଶୀ ସଦସ୍ୟ ଛନ୍ତି ନିକଟରେ,
କହି ଦେଉଛନ୍ତି ଶ୍ରବଣ ପଟରେ,
ହସୁଛନ୍ତି ବୋଲି ବୁଝାଉ ଅଛନ୍ତି
କରୁଅଛୁ ଯେତେ ରୋଦନ ।

ସେ ସମୟରେ ଉଚ୍ଚଶିକ୍ଷିତ ସ୍ୱାର୍ଥପର ଭଣ୍ଡମାନଙ୍କର ସମସ୍ତ ଭଣ୍ଡାମୀ କବିଙ୍କର ତୀକ୍ଷ୍ଣ ଦୃଷ୍ଟିକୁ ଏଡ଼ାଇ ପାରିନାହିଁ । ଆଜି ମଧ୍ୟ ଏଭଳି କର୍ମବୀରଙ୍କ ଅଭାବ ନାହିଁ । ରକ୍ତବୀର୍ଯ୍ୟର ମୃତ୍ୟୁ ହେଲେ ମଧ୍ୟ ତା'ର ପ୍ରତ୍ୟେକ ରକ୍ତବିନ୍ଦୁ ଗୋଟିଏ ଗୋଟିଏ ରକ୍ତବୀର୍ଯ୍ୟ ସୃଷ୍ଟି କରିଛି ।

ରାଧାନାଥ ପ୍ରଥମ ଥର ପାଇଁ ଉତ୍କଳର ମୂକ ପ୍ରକୃତିକୁ ଚିତ୍ରଣ କରି କାବ୍ୟ କବିତାରେ ତା'ର ପ୍ରାଣପ୍ରତିଷ୍ଠା କରିଥିଲେ । ଏଣୁ ଉତ୍କଳର ସେ ସର୍ବ ପ୍ରଥମ ଜାତୀୟ କବି । ମାତ୍ର ଗଙ୍ଗାଧରଙ୍କ

Digitized by srujanika@gmail.com

ଜାତିପ୍ରୀତି ଏତେ ତୀବ୍ର, ଏତେ ଉତ୍କଟ ଯେ ଉତ୍କଳର କ୍ଷୁଦ୍ର ମହତ୍ ବିଶିଷ୍ଟ ପ୍ରାକୃତିକ ଶବ୍ଦକୁ କାବ୍ୟରେ ସ୍ଥାନ ଦେଇ ତାକୁ ଏକ ଦେଶିତା ଓ ଏକକାଳିତାର ଊର୍ଦ୍ଧ୍ୱକୁ ନେଇ ଯାଇଅଛନ୍ତି । ତେଣୁ ରାଧାନାଥଙ୍କର ଲେଖାରେ ଉତ୍କଳର କେତେକ ବିଶିଷ୍ଟ ପ୍ରାକୃତିକ ଶବ୍ଦ ସ୍ଥାନ ନ ପାଇବାରୁ ଜାତିପ୍ରାଣ ଗଙ୍ଗାଧରଙ୍କୁ ତାହା ଅସହ୍ୟ ହୋଇଛି । ସୁତରାଂ, ଗୁରୁଭାବରେ ସମ୍ମାନ ଦେଉଥିବା ରାଧାନାଥଙ୍କୁ ମଧ୍ୟ ଏଥିପାଇଁ ସେ କ୍ଷମା ଦେଇ ନାହାନ୍ତି । ଏ ଦେଶର ଗୋଡ଼ି, ମାଟି ଧୂଳି ପାଇଁ ତାଙ୍କର ଏତେ ଦରଦ, ଏତେ ଉତ୍କଣ୍ଠା, ଏତେ ଅଭିପ୍ସା ! 'ଉତ୍କଳ-ଲକ୍ଷ୍ମୀ' ସମ୍ପୂର୍ଣ୍ଣ ଭାବରେ କବିଙ୍କର ଆଦର୍ଶ-ଜାତିପ୍ରୀତିର ଜ୍ୱଳନ୍ତ ପ୍ରମାଣ ଉପସ୍ଥାପିତ କରେ । ଏହାର ଆଲୋଚନା ବହୁ ଆଗରୁ ମୁଁ କରି ସାରିଛି । ମାତ୍ର ତେବେ ବି କବି ନିଶ୍ଚିନ୍ତ ରହି ନାହାନ୍ତି । ନିଜ କାବ୍ୟ କବିତାରେ ଯେଉଁ ଯେଉଁଠି ସେ ସୁବିଧା ସୁଯୋଗ ପାଇ ଅଛନ୍ତି, ସେଇ ସେଇଠି ସେ ଉତ୍କଳ-ପ୍ରକୃତିକୁ ସାଦର ଅଭିନନ୍ଦନ ଜଣାଇ ଅଛନ୍ତି । ସେ ଦିନର ରାଜମହିଷୀ ବୈଦେହୀ ବିନାପରାଧରେ ସ୍ୱାମୀକର୍ତ୍ତୃକ ପରିତ୍ୟକ୍ତା ହୋଇ ଭାଗୀରଥୀ କୂଳରେ ଅଶ୍ରୁ ବିସର୍ଜନ କରୁଥିବା ସମୟରେ ବାଲ୍ମୀକି ଆଶ୍ରମର ମୁନିକନ୍ୟାଗଣ ତାଙ୍କୁ ଦେଖନ୍ତି । ସେମାନଙ୍କ ପ୍ରାଣରେ ସମବେଦନାର ସହାନୁଭୂତି ଉଦ୍ରିକ୍ତ ହୁଏ । ଏଣୁ ସେମାନେ ସୀତାଙ୍କର ନିକଟବର୍ତ୍ତିନୀ ହେଲେ; ମାତ୍ର ଗଭୀର ଶୋକାଭିଭୂତା ସୀତାଙ୍କୁ ସାନ୍ତ୍ୱନା ଦେବାପାଇଁ ସେମାନଙ୍କର ସାହସ ହେଲା ନାହିଁ । ସେ ସ୍ଥଳରେ କବି ଗାଇଛନ୍ତି—

ବରଷାର ମହାନଦୀର ଗାଢ଼ ଆବିଳ ଜଳ
ସ୍ୱଚ୍ଛ କରିବାକୁ କି ରୂପେ ହେବ ନିର୍ମଳୀ ବଳ ?

Digitized by srujanika@gmail.com

ଇବ, ଅଙ୍ଗ, ତେଲ ସଙ୍ଗରେ ସେହି ନଦୀ ଯେସନ,
କୁମାରୀଙ୍କି ପାଇ ବଢ଼ିଲା ସୀତାଶୋକ ତେସନ ।

ବେଶ୍, ଏଇ ଅଳ୍ପ କେତୋଟି ପଂକ୍ତିରେ ଉତ୍କଳର ମହାନଦୀ ଏବଂ ତାର ଉପନଦୀ ଇବ, ଅଙ୍ଗ, ତେଲ ପ୍ରଭୃତି ଅଭିମନ୍ତ୍ରିତ ହୋଇ ଯାଇଛନ୍ତି । ଖାଲି ସେତିକି ନୁହେଁ, ତଳ ପଦଟିରେ କବି ମାନବ-ପ୍ରକୃତିର ସୂକ୍ଷ୍ମ ପର୍ଯ୍ୟବେକ୍ଷଣର ପରିଚୟ ଦେଇଅଛନ୍ତି । ସ୍ୱଜନ ବନ୍ଧୁବାନ୍ଧବଙ୍କର ଉପସ୍ଥିତିରେ ଦୁଃଖ ଶୋକାତୁର ବ୍ୟକ୍ତିର ଶୋକ ଦ୍ୱିଗୁଣିତ ହୋଇ ଉଠେ—ମାନବପ୍ରାଣର ଏଇ ସୂକ୍ଷ୍ମ ସତ୍ୟଟି ଏଥିରେ ଧ୍ୱନିତ ।

ଅଯୋଧ୍ୟାର ସକୋଦ୍ୟାନରେ ବିଚରଣ କରୁଥିବା ଜାନକୀ ଆଜି ମୁନି ଉଦ୍ୟାନରେ ପଦାର୍ପଣ କରିଅଛନ୍ତି । କବି ଏଇ ସମୟରେ ତାପସ ଆଶ୍ରମର ପ୍ରାକୃତିକ ବର୍ଣ୍ଣନା 'ତପସ୍ୱିନୀ'ର ପଞ୍ଚମ ସର୍ଗରେ ଯେପରି ଭାବରେ କରିଅଛନ୍ତି ତା'ର ତୁଳନା ବିଶ୍ୱସାହିତ୍ୟରେ ଖୋଜି ପାଇବା ଦୁଷ୍କର । ମାତ୍ର ଏ ସ୍ଥଳରେ ସେ ସବୁର ଆଲୋଚନା ମୁଁ କରିବାକୁ ଯାଉନାହିଁ । ମୁନି ଉଦ୍ୟାନର ଚିତ୍ର ଅଙ୍କନ କରୁ କରୁ କବିଙ୍କ ମନଃଚକ୍ଷୁରେ କିପରି ଉତ୍କଳର ପୁନ୍ନାଗକାନନର ଚିତ୍ର ଭାସି ଉଠିଛି—

ଉଜ୍ଜ୍ୱଳ ଚିକ୍କଣ ନୀଳ ପତର
ପୁନ୍ନାଗ କାନନ ଶ୍ୟାମଳତର
ଉଡ୍ର ଓଡ଼ିଶାରୁ ଥିଲା କି ଯାଇ,
ଦେଉଥିଲା ସଖୀ ମନ ରଞ୍ଜାଇ
ନୀଳାଚଳ ରୂପ ଧରି
ବିଜେ ଅଛି ଯହିଁ ରାମ ଲଭିବାକୁ ସୀତା
ପ୍ରୀତି-ସାଗର-ଲହରୀ ।

Digitized by srujanika@gmail.com

ନୀଳାଚଳ, ପ୍ରତି ତା'ର ପ୍ରକୃତି ପ୍ରତି କବିଙ୍କର କି ନିବିଡ଼ ଆକର୍ଷଣ ! ସୁଖ-ସୌନ୍ଦର୍ଯ୍ୟ-ବିରାଗିଣୀ ତପସ୍ୱିନୀ ସୀତାଙ୍କର ମଧ୍ୟ ପୁନ୍ନାଗ କାନନର ଶ୍ୟାମଳ ସୌନ୍ଦର୍ଯ୍ୟରେ ମନୋରଞ୍ଜନ କରିବାର କବିଙ୍କର ଏ ପ୍ରୟାସ ଏକାନ୍ତ ଅସୁଲଭ ।

ଏ କାବ୍ୟର ଅଷ୍ଟମ ସର୍ଗରେ କବିଙ୍କର ମୁନିଉଦ୍ୟାନର ଗ୍ରୀଷ୍ମପ୍ରକୃତି ବର୍ଣ୍ଣନା ସମୟରେ ଉତ୍କଳର ଗଡ଼ଜାତ ପ୍ରକୃତି ଯଥେଷ୍ଟ ରେଖାପାତ କରିଛି । ପୁନଶ୍ଚ 'କୀଚକ-ବଧ'ର ବସନ୍ତ ବର୍ଣ୍ଣନାରେ କବିଙ୍କ ଉପରେ ଉତ୍କଳ ପ୍ରକୃତି କିପରି ଗଭୀର ରେଖାଙ୍କନ କରିଛି ଦେଖନ୍ତୁ —

ପ୍ରମୋଦ ନିମନ୍ତେ କାନନ ମଣ୍ଡାଗଲା ଯତନେ,
ମଧୂକ-ମୁକୁତା-ପୁଞ୍ଜରେ ସ୍ଥିର-ନୀଳ-ରତନେ ।
ଉନ୍ନମ୍ର ସିନ୍ଧୁ-ତରଙ୍ଗ-ଦୋଳା ବିରଚି ରଙ୍ଗେ
ବିଜେ କଲେ ଧୀର ସମୀର ଗୃହୁ ବସନ୍ତ ସଙ୍ଗେ । ଇତ୍ୟାଦି

'କବିତା-କଲ୍ଲୋଳ' ସମ୍ବନ୍ଧରେ କିଛି ନ କହିବାହିଁ ଭଲ । କାରଣ ସମସ୍ତ କଲ୍ଲୋଳ ପ୍ରାୟ ଉତ୍କଳ-ପ୍ରକୃତି-ସାଗରରୁ ଉତ୍ଥିତ ଓ ଲୀଳାୟିତ । ବିଶେଷତଃ ଏହାର "ଚନ୍ଦ୍ର-ରଜନୀ" ଉତ୍କଳୀୟ ପ୍ରାଣର ଚିର ଅଭିନନ୍ଦିତା ଓ ନିତ୍ୟାନନ୍ଦମୟୀ ସ୍ୱପ୍ନ-ନିଶୀଥିନୀ ।

ଶରତର ଅଚ୍ଛୋଦ ଐଶ୍ୱର୍ଯ୍ୟ ଏବଂ ତା'ର ନିର୍ମଳ ଜ୍ୟୋତ୍ସ୍ନା-ଧାରରେ, ବସନ୍ତର ସାବଲୀଳ ପୁଷ୍ପିତ ଅନୁରାଗରେ, ପ୍ରାବୃଟର ପ୍ରମତ୍ତ ମେଘ ମହ୍ଲାର ଭିତରେ କବି ଏକାବେଳକେ ନିଜର ଜନ୍ମଭୂମିକୁ ବିସ୍ମୃତ ହୋଇ ଯାଇ ନାହାନ୍ତି । ବାସନ୍ତୀ ସୁଷମା କବି-ହୃଦୟକୁ ମୋହାଚ୍ଛନ୍ନ କଲେହେଁ ଜନ୍ମଭୂମିର ସ୍ଥିର, ମଣ୍ଡଳିକୁ ସୁଦ୍ଧା କବି ଭୂଲି ଯାଇ ନାହାନ୍ତି ।

Digitized by srujanika@gmail.com

ନବ ବସନ୍ତର ସ୍ପର୍ଶରେ ଘନ କିଶଳୟ ସମାବୃତ ପାଦପ, ପୁଷ୍ପର ସମାରୋହ, କୋକିଳର ସୁମଧୁର କୁହୁଧ୍ୱନି ମଧ୍ୟରେ କବି ମଳୟର ସ୍ୱାଗତ ଜଣାଇଛନ୍ତି । କିନ୍ତୁ କାହିଁକି ? ମଦନର ସଖ୍ୟ କରିବାପାଇଁ ? କାମିର କୋମଳ ବୁକୁରେ ଫୁଲ୍ଲରସାଳ ଅଙ୍କୁରର ତୀକ୍ଷ୍ଣ ସାୟକ ସନ୍ଧାନ ସକାଶେ ନା ବାସନ୍ତିକ ବର୍ଣ୍ଣ, ଗନ୍ଧ,ଶୋଭାର ଉପଭୋଗ ଆଶାରେ ? ନା, ଏଇ ନବବସନ୍ତରେ ମଦନ ପ୍ରମଦା-କୁଳର ବାଣୀକୁ କପରି ମଦ-ଲାଳସାର ସଦନ କରେ, ମୁକୁଳ-ଭାରାକୁଳ ଚୂତ-ମଧୁ ପାନ କରି ପିକ କପରି ଉନ୍ମାଦ-ଅନୁରାଗ-ଦୋଳା ବୁକୁରେ ତାର ପ୍ରିୟାର ଚଞ୍ଚୁ ଚୁମ୍ବନ କରେ, ପୁଷ୍ପିତା ଅଶୋକ କପରି ବିରହ-ବିଧୁରା ସଶୋକା ବାଳାର ପ୍ରାଣ କର୍ତ୍ତନ କରେ ଓ ଶିଳାଜତୁଜାଳ ଶିଳାତଳେ କପରି ସୌରଭର ମଧୁବର୍ଷଣ ହୁଏ ସେ ସମସ୍ତ ସୌନ୍ଦର୍ଯ୍ୟସମ୍ଭାର ଉପଭୋଗ ସକାଶେ ଖଣ୍ଡିତ ଜାତିର ଦୈନ୍ୟ, ଦୁର୍ଦ୍ଦଶା, କବିଙ୍କୁ ଅବକାଶ ଦେଇନି । ତେଣୁ ଜାତୀୟ-ପ୍ରାଣ କବି ବନ୍ଧୁ ଭାବରେ ମଳୟ ନିକଟରେ 'ପୁଲକିତ କରି ଉତ୍କଳବାସୀଙ୍କ ଶୁଭ ସମାଚାର କହି' ବୋଲି ଆଶାବୋଳା ଅନୁରୋଧ କରିଛନ୍ତି । ବସନ୍ତ ନିକଟରେ ପିକ ମୁଖର ହେବାଭଳି କବି ମଳୟ ନିକଟରେ ଉତ୍କଳର ସମସ୍ତ ଦୁଃଖ ବଖାଣିଛନ୍ତି । ତାଙ୍କ ପରେ ଋତୁଚକ୍ର କପରି ଅତ୍ୟାଚାର ଆରମ୍ଭ କରି ଦେଇଛନ୍ତି ସେ ସମସ୍ତର ବର୍ଣ୍ଣନା ସମୟରେ କବି ଏକ ପକ୍ଷରେ ଋତୁ ବର୍ଣ୍ଣନା ଓ ଅପର ପକ୍ଷେ ଉତ୍କଳର ଦୁଃଖ ଦୁର୍ଦ୍ଦଶାଚୟ ଏକାଧାରରେ ବର୍ଣ୍ଣନା କରି ନିଜର ଅସାମାନ୍ୟ କଳା କୁଶଳତାର ସ୍ପଷ୍ଟ ପରିଚୟ ଦେଇଯାଇ ଅଛନ୍ତି । ସମସ୍ତ ପଦର ବିଶ୍ଳେଷଣ କରିବାକୁ ବେଳ ନାହିଁ । ତେଣୁ ଗୋଟିଏ ମାତ୍ର ପଦକୁ ସ୍ପଷ୍ଟ କରିଦେଉଁ ।

ଅବଶ୍ୟ ସେ କାଳେ ପାଇଅଛୁଁ ଫୁଲ ଫଳ କେତେ ପରକାର,
ମାତ୍ର ଯେତେ ଯେତେ କ୍ଳେଶ ପାଇଅଛୁଁ ହୃଦେ ରହିଅଛି ତାର ।

Digitized by srujanika@gmail.com

ଏକ ପକ୍ଷରେ ସ୍ୱଭିନ୍ନ ସମୟରେ ଉତ୍କଳବାସୀଙ୍କର କେତେକ ଫଳ ଲାଭ ହୋଇଛି; ମାତ୍ର ତା ସତ୍ତ୍ୱେ ଦୁଃଖ ଦୈନ୍ୟର ମଧ୍ୟ ସୀମା ନାହିଁ, ଅପର ପକ୍ଷରେ ଶୀତ ଋତୁରେ ଯଥେଷ୍ଟ ଫୁଲ ଫଳ ଲାଭ ହୋଇଛି; କିନ୍ତୁ ସେ ଫଟା ଜାଗା ସମ୍ପୂର୍ଣ୍ଣ ଭାବରେ ଲିଭି ନା । ପୁନଶ୍ଚ —

ଅନେକ ପାଦପ ଚନ୍ଦନ ହୁଅନ୍ତି
ପରି ଭୁମ୍ପ ସ୍ପରଶରେ,
ଆମ୍ଭ ଦେଶ ତରୁ ସକଳ ତହିଁରୁ
ବଞ୍ଚିତ କେଉଁ ଦୋଷରେ ? ପଦରେ ଉତ୍କଳର

ଦୁଃଖ ଦୁର୍ଦ୍ଦଶା ପାଇଁ କବିଙ୍କର ସମ୍ବେଦନଶୀଳତା ଓ ବ୍ୟଥା କିଛି କମ୍ ନୁହେଁ । ତେଣୁ କବି ମଳୟକୁ ପ୍ରାଣ-ପ୍ରମୋଦନ-ରସ ଓ ଜ୍ୟୋତି-ପ୍ରକାଶିନୀ-ବଟିକା ପ୍ରଦାନ କରି ଉତ୍କଳ ଜୀବନକୁ ଅନାମୟ ସରସ କରିବା ପାଇଁ ପ୍ରାର୍ଥନା କରିଅଛନ୍ତି ଏବଂ ଶେଷରେ —

ଫିଟାଇବ କିନା ରସାଳ ଭଣ୍ଡାର
ଆଣିଛ ନା ଏ ବରଷ !
ଦେଇ ଅନୁକୂଳ ଉତ୍ତର ସତ୍ୱର
ବଢ଼ାଅ ଆମ୍ଭ ହରଷ । ଏପରି ଆଶା-ଆଶଙ୍କା

ଦୋଳାୟମାନ ଚିତ୍ତରେ ପୁଣି କବି ଅନୁକୂଳ ଉତ୍ତରହିଁ ଆଶା କରିଛନ୍ତି । ଜୀବନରେ ସେ ତ ଉତ୍କଳର ଅମଙ୍ଗଳ ଆଶାହିଁ କରି ପାରିନ୍ତି ନାହିଁ । ତାହା ତାଙ୍କର କଳ୍ପନାର ବାହାରେ । ଠିକ କଥା, ଉତ୍କଳର ବଶିଷ୍ଟ ଆଶାବାଦୀ କବି ଗଙ୍ଗାଧର ଆଉ ଅନ୍ୟଥା କଣ କରନ୍ତେ ?

Digitized by srujanika@gmail.com

କବିଙ୍କର ଉତ୍କଟ ଜାତୀୟତାର ପରିଚୟ ପାଇବାକୁ ହେଲେ ଆମକୁ ତାଙ୍କର 'ଭାରତୀ ଭାବନା' ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ! ଏହା ବାସ୍ତବରେ ବୈଦେଶିକ ଶାସନ ବିରୁଦ୍ଧରେ ଭାରତର ଭାବନା—ଭାରତମାତାର ବିପ୍ଳବାତ୍ମକ ଭାବନା । ଏହାର ମାଧ୍ୟମରେ କବି ଜାତିକୁ କମ୍ ଉଦ୍‌ବୋଧନ ଦେଇ ନାହାନ୍ତି ଓ ବ୍ରିଟିଶ ଶାସନକୁ କମ୍ ବ୍ୟଙ୍ଗ ବିଦ୍ରୂପ କରି ନାହାନ୍ତି । ଏଭଳି ବିଦ୍ରୋହାତ୍ମକ ଲେଖା ସେ ସମୟରେ କେବଳ ବୀର-ହୃଦୟ ଗଙ୍ଗାଧରଙ୍କ ପକ୍ଷରେ ସମ୍ଭବ । ସେ ଯୁଗର କବି-ବୀଣାରେ ବ୍ରିଟିଶ୍ ସରକାରଙ୍କ ଯଶୋଗାନ ଓ ବନ୍ଦନାରେ ଯେତେବେଳେ ବାଣୀ ପୀଠ ଝଙ୍କୃତ, ମୁଖରିତ ଓ ଧ୍ୱନିତ ସେତେବେଳେ ଏକ ଅପ୍ରତ୍ୟାଶିତ, ଅସ୍ୱପ୍ନକଳ୍ପିତ ବଜ୍ରନିର୍ଘୋଷ—

ତୁମ୍ଭର ଆଗରେ ତୁମ୍ଭର ପଛଏ
ମୁସଲମାନ ଥିଲେ ଆସି
କୋଟେନ ସ୍ୱଭାବ ଥିଲେହେଁ, ଆମ୍ଭର
ସମସ୍ତ ଥିଲେ ନାହିଁ ଗ୍ରାସି,
କରି ସେ, ନ ଥିଲେ ବସନ ହରଣ ।
ଦୁରପଦ ସୂତା- ଚିନ୍ତ 'କ'ର ପାଶ
କରି ନ ଥିଲେ ସେ ପ୍ରେରଣ ।

ଧନ୍ୟ କୃଷ୍ଟ କବିର କି ଦୁଃସାହସ ! ଯାତନା ନାହିଁ, ଇତରତା ନାହିଁ, ରାଜ ସମ୍ମାନ ପ୍ରତି ଖାତିର ନାହିଁ—ଅଛି କେବଳ ଅବଜ୍ଞା, ଅନ୍ୟାୟର ଅସମ୍ମାନ, କୂଟ ମିଥ୍ୟା ଉପରେ ନିନ୍ଦାର ଅବାର୍ଯ୍ୟ ବର୍ଷଣ । ମାତ୍ର ଦୁଃଖର କଥା, ଏତାଦୃଶ ଉଦାର କବିଙ୍କର ଔଦାର୍ଯ୍ୟକୁ ସ୍ପର୍ଶ କରି ନ ପାରି କେହି କେହି ବ୍ରିଟିଶ ପୋଲିସ

Digitized by srujanika@gmail.com

ଉପରେ ଦରିଦ୍ର କବି ପ୍ରକାଶ୍ୟରେ ରାଜଦ୍ରୋହ କରି ପାରି ନାହାନ୍ତି ବୋଲି ସମାଲୋଚନା କରନ୍ତି । କବି ପ୍ରକାଶ୍ୟରେ ଓ ନିର୍ଭୀକ ପ୍ରାଣରେ ରାଜଦ୍ରୋହ କରି ପାରନ୍ତି କି ନା ବରପାଲିର ଇତିବୃତ୍ତ ଓ ତହିଁର ପୁରାତନ ଅଧିବାସୀଙ୍କ ତା'ର ଜବାବ ଦେବେ । ସେ ଯାହା ହେଉ, କବିର ଧର୍ମ ଯାହା ସେ ତାହା କରିବ । ଏଥିରେ ତାହାର ରାଜଦ୍ରୋହ ବା କାରାବରଣ କରିବାର ପ୍ରଶ୍ନ କେଉଁଠୁ ଆସିଲା ? ଏଭଳି ଅବାଞ୍ଛିତ ପ୍ରଶ୍ନକୁ ଏ ସ୍ଥଳରେ ପ୍ରବେଶ କରାଇ କବିଙ୍କର ଉଦାରତାକୁ କ୍ଷୁଣ୍ଣ କରିବା ସଙ୍ଗେ ସଙ୍ଗେ ନିଜେ ସମାଲୋଚକ ମଧ୍ୟ ଅନୁଦାର ଓ କବି ହୃଦୟରୁ ବିଚ୍ଛିନ୍ନ ହୋଇ ପଡ଼ନ୍ତି । କବି ତ ଆଜିକାର ତଥାକଥିତ ଶସ୍ତ୍ରନେତା ବା ଗାନ୍ଧୀବାଦର କଣ୍ଡାକ୍ଟର ହେବାକୁ ରାଜି ନ ଥିଲେ ! ତେବେ ସେ କାହିଁକି ପ୍ରକାଶ୍ୟ ଭାବରେ ବ୍ରିଟିଶ ସରକାରଙ୍କ ବିଦ୍ରୋହ କରିବାକୁ ଯାଆନ୍ତେ ? କବିଙ୍କ ନିଜ ଉକ୍ତିରେ—

ମରୁଦେଶେ ଭେକ ଗରଜଇ ନାହିଁ,
ଶାରଦ ସେ ଦେଶେ ନ ହୁଏ ସାର,
କର୍ମବୀର କର୍ମ- କୁଣ୍ଠିତା ନ ଚାହିଁ
ନ ଡାକନ୍ତି କେବେ ବଚନବୀର ।
ହେଲେ ବିଦ୍ୟୁଲ୍ଲେଖା ଗର୍ଜନ ଶ୍ରାବଣ
ଜଣାଯାଏ, ମେଘ ବର୍ଷିବ ଜଳ,
ତେଜସ୍ୱିମା ଲେଖା ସୁତୀବ୍ର ଭାଷଣ
କର୍ମବୀରଠାରେ ନୁହେଁ ନିଷ୍ଫଳ ।

କର୍ମବୀର ପ୍ରତି ବାକ୍ୟବୀରର କର୍ତ୍ତବ୍ୟ କବିଙ୍କ ନିଜ ଉକ୍ତିରେ ସ୍ଫୁଟ ଓ ମୂର୍ତ୍ତ । ତେଣୁ କବିର କରଣୀୟ ଯାହା ସେ କରିଛନ୍ତି ।

Digitized by srujanika@gmail.com

ଏ ସ୍ଥଳରେ କବିଙ୍କୁ ଅଯଥା ଯନ୍ତ୍ରଣା ଟାଣି ତାଙ୍କର କବି-ଧର୍ମ ଉପରେ କୁଠାରାଘାତ କରିବା ଯଥାର୍ଥ ସମାଲୋଚନା ନୁହେଁ ।

ତେବେ ହେ ଯାହାହେଉ, ସମଗ୍ରଭାବରେ କବିଙ୍କର ଜୀବନ ଓ କାବ୍ୟକୁ ଆଲୋଚନା କଲେ ତାଙ୍କର ପ୍ରକୃତ ବୀର ହୃଦୟର ପରିଚୟ ମିଳି ପାରିବ । ଆଜିର ଏ ଯନ୍ତ୍ର ବିମୂଢ଼ ଯୁଗରେ ମାନବାତ୍ମା ଯେତେବେଳେ ତଳେ ତଳେ ନିପୀଡ଼ିତ, ଯେତେବେଳେ ବିଜ୍ଞାନର ଗ୍ଳାନିମା ବିକମ୍ପିତ, ପ୍ରାଚ୍ୟ ଭୂଖଣ୍ଡରେ ଯେତେବେଳେ ଅଶାନ୍ତି ଓ ବିପ୍ଲବ ତଳେ ବୁଲେଟର ପୈଶାଚିକ ଗର୍ଜନ, ଦେଶ ଉପରେ ଯେତେବେଳେ ଅନ୍ୟର ବୁଭୁକ୍ଷିତ ଶ୍ୟେନ ଦୃଷ୍ଟି ସେତେବେଳେ ଆଧୁନିକ କବିମାନସ କାରଖାନାର ସାଇରନ୍ ଧ୍ୱନିରେ, ସାମରିକ ପୋତର ସନ୍ଦୋଳନ ମଧ୍ୟରେ, ବେତାରର ଶୃଙ୍ଖଳିକର ସମ୍ବାଦ ପରିବେଷଣରେ ଘୂର୍ଣ୍ଣିତ ହୋଇ ଉଠୁଛି ଠିକ୍ ବିମାନପୋତର ପ୍ରପେଲର ପରି । ଏହି କିଂକର୍ତ୍ତବ୍ୟବିମୂଢ଼ ସ୍ଥିତିରେ ସୁଦ୍ଧା ଜୀବନ-ବ୍ୟସ୍ତ ଜନତା ଚୈତନ୍ୟ ଫେରାଇ କବିଙ୍କର ସେହି ମହାମାୟୂ ବାଣୀକୁ ସ୍ମରଣ କରୁ—

ନିଜ ଉନ୍ନତିକି ଉନ୍ନତି ନ ମଣି
ମୋତେ ନ କରିବା ଯାଏ ଉନ୍ନତ,
ଏକ ତରୁତଳେ ଥିବ କେତେଜଣ,
ବନ୍ଧୁ ଜଳ ଫଳ ହିଏ ଫଳିତ ।

ଏଇ ସାମାନ୍ୟ ଗୋଟିଏ ପଦରେ କବି ପୁଞ୍ଜିବାଦ ଓ ପରାଧୀନତାର ନିନ୍ଦା ଘୋଷଣା କରିବା ସଙ୍ଗେ ସଙ୍ଗେ ଜନ୍ମଭୂମି ଓ ମାତୃଭାଷାର ଉନ୍ନତି ସକାଶେ ସମସ୍ତ ଉତ୍କଳୀୟଙ୍କୁ ଏକଜୁଟ୍ ହେବାକୁ ଆହ୍ୱାନ ଜଣାଇଅଛନ୍ତି । ଆମମାନଙ୍କର ମତାନୈକ୍ୟ

Digitized by srujanika@gmail.com

ଓ ଅନ୍ଧ ଦଳାଦଳି ଫଳରେ ଜନମାର ଅଙ୍ଗ ଯେତେବେଳେ ବିକଳ ବିକ୍ଷତ, ସେତେବେଳେ ଉପର୍ଯ୍ୟୁକ୍ତ କବିବାଣୀ ବେଶି ମାତ୍ରାରେ ସୂଚିତ ହେଉଛି ।

ଆଜିର ଏ ପଞ୍ଚପ୍ରାଧାନ୍ୟ ଗଣତନ୍ତ୍ର ଯୁଗରେ ତାଙ୍କର 'ପଞ୍ଚାମୃତ' ଆମକୁ ପଦେ ପଦେ ସତର୍କ ସଚେତନ କରି ଦେଉଛି । ତାଙ୍କର ଅର୍ଘ୍ୟଥାଳିର 'ଧର୍ମାବତାର' ମାନଙ୍କର ସଂଖ୍ୟା କମି ଯାଇନାହିଁ; ବରଂ ବିଭିନ୍ନ ପରିବେଶରେ ବୃଦ୍ଧି ପାଇଥିବା ସ୍ଥଳେ ସେହି କବିତାର ସ୍ୱତନ୍ତ୍ର ଅନୁଶୀଳନ ଆବଶ୍ୟକ ହେଉଛି । ଜାତି ଓ ଦେଶ ପ୍ରତି ଏପରି ଶରନ୍ତମ ବାଣୀ ଶୁଣାଇ ତା'ର ଆତ୍ମାକୁ ସୁସ୍ଥ ସଚେତନ ରଖିବାକୁ ଯେଉଁ କବି ସର୍ବଦା ଧ୍ୟାନମଗ୍ନ ରହୁଥିଲେ, ଆଜିର ଏହି ବସନ୍ତ-ବାସରରେ ସେହି କବିଙ୍କ ପବିତ୍ର ଆତ୍ମା ଉପରେ ଆମେ ଶ୍ରଦ୍ଧା ଓ ଭକ୍ତିର ପ୍ରାବୃଟ ପ୍ରାଚୁର୍ଯ୍ୟ ସୃଷ୍ଟି କରୁଛୁଁ । କବିଙ୍କ ପ୍ରତି ଆମର ଏ ମୁଗ୍ଧଭକ୍ତି ବୀରପୂଜାର ଅନାହତ ସ୍ୱାକ୍ଷର ଅଙ୍କନ କରୁ—ଏହାହିଁ କାମନା ।

— ——

ମେହେର ପ୍ରତିଭା

କବିଙ୍କୁ ବୀର ଭାବରେ ବର୍ଣ୍ଣନା କରିବାକୁ ଯାଇ ତତ୍ତ୍ୱାନ୍ୱେଷୀ କାର୍ଲାଇଲ ଯେଉଁ ବାଣୀ ଓ ଯୁକ୍ତିର ପ୍ରଚାର କରିଛନ୍ତି ଓଡ଼ିଆ କବି ଗଙ୍ଗାଧରଙ୍କ ପ୍ରତି ସେ ଉକ୍ତିର ମୂଲ୍ୟ ଅତ୍ୟଧିକ । କବି ନିଜ ଜୀବନରେ ଅତ୍ୟନ୍ତ ଦରିଦ୍ର ଥିଲେ । ମାତ୍ର କାବ୍ୟର ଆରାଧନା ସମୟରେ ସେ ଯେ ଦରିଦ୍ର ଏ କଥା କବିଙ୍କ ସ୍ମରଣ ସୁଦ୍ଧା ହେଉ ନ ଥିଲା । ଦାରିଦ୍ର୍ୟ, ଶିକ୍ଷାଭାବ, ଆନୁକୂଲ୍ୟହୀନ ପାରିପାର୍ଶ୍ୱିକ ଅବସ୍ଥା — କୌଣସିଟା ତାଙ୍କ ବହୁମୁଖୀ ପ୍ରତିଭାକୁ ପ୍ରତିରୋଧ କରିବାରେ ସମର୍ଥ ହୋଇ ପାରି ନାହିଁ । କବିଙ୍କର ଛନ୍ଦ ଚର୍ଚ୍ଚା ଓ ଗ୍ରନ୍ଥ ଚର୍ଚ୍ଚା ଏକ ସଙ୍ଗରେ ହେଉଥିବାର ତାଙ୍କ ଜୀବନରୁ ଆମେ ଜାଣୁଁ । ମହାପୁରୁଷମାନଙ୍କ ଜୀବନରେ ଏହା କିଛି ଆଶ୍ଚର୍ଯ୍ୟଜନକ ବ୍ୟାପାର ନୁହେଁ । କବି-Burns ହଳ କରୁଥିଲେ । ପୃଥିବୀ ପ୍ରସିଦ୍ଧ ଔପନ୍ୟାସିକ Knut Hamsun ଆଳୁ କ୍ଷେତରେ ଖତ ମଡ଼େଇ ମୂଲ ଲାଗୁଥିଲେ । ନିର୍ଗୁଣ ଭକ୍ତ କବି କବୀର ଲୁଗା ବୁଣି ବୁଣି ଭଜନ ରଚନା କରୁଥିଲେ । ଗଙ୍ଗାଧରଙ୍କୁ ମଧ୍ୟ ଠିକ୍ ସେହି ଅବସ୍ଥା ଭୋଗ କରିବାକୁ ହୋଇଥିଲା । ତେବେ ନୂତନ କିଛି କହିବାର ଆସ୍ପର୍ଦ୍ଧା ରଖି ଯେଉଁମାନେ କବିଙ୍କର ଏହି ଦାରିଦ୍ର୍ୟ ତାଙ୍କ ପ୍ରତିଭା ବିକାଶରେ ସହାୟକ ହୋଇଥିଲା ବୋଲି ଯୁକ୍ତି କରନ୍ତି ସେମାନେ କବିଙ୍କ ପ୍ରତି ନିଷ୍ଠୁର ଅନ୍ୟାୟ ଆରମ୍ଭ କରିଦିଅନ୍ତି । କବି ପ୍ରଥମ ଅବସ୍ଥାରେ ପ୍ରାଚୀନ କାବ୍ୟ-କବିତାର ଆବୃତ୍ତି ସହ ରସୋପଲବ୍ଧି କରୁଁ କରୁଁ ସେପରି ରଚନା କରିବାର ସ୍ପୃହା ତାଙ୍କ

Digitized by srujanika@gmail.com

ମନରେ ଉଦ୍ଭିକ୍ତ ହେଲା । ତେଣୁ ତାଙ୍କର ବାଲ୍ୟ ସମୟରେ ସେ ଲେଖିଲେ 'ରସ ରତ୍ନାକର' । ଏହାର ଆଦ୍ୟ ଓ ପ୍ରାନ୍ତ ଉଭୟରେ ମାତ୍ରାଶୂନ୍ୟ 'ର' ରହିଛି, ମାତ୍ର ପ୍ରାଚୀନ-କବିଙ୍କ କ୍ଲିଷ୍ଟତା ପ୍ରାୟ ନାହିଁ । ଖୁବ୍ ଅଳ୍ପ ବୟସରେ କବି ଏ କାବ୍ୟଟି ଲେଖି ପ୍ରତିଭା ଓ ଓ ଶକ୍ତିର ଯେଉଁ ଦୃଷ୍ଟାନ୍ତ ଦେଇଅଛନ୍ତି ତାହା କବିସମ୍ରାଟ ଭଞ୍ଜ, ଅଭିମନ୍ୟୁ, ଦୀନକୃଷ୍ଣ ପ୍ରଭୃତିଙ୍କୁ ମଧ୍ୟ ଲଜ୍ଜା ଦେବ । ଉଦାର ହୃଦୟ ଭଞ୍ଜ ବଞ୍ଚିଥିଲେ ବୋଧହୁଏ ବାଳକକବି ଗଙ୍ଗାଧରଙ୍କ ଏ ରୂପ ପ୍ରତିଭା ଶକ୍ତିରେ ମୁଗ୍ଧ ହୋଇ 'ଶିଷ୍ୟ ହିଁ ସି ଗୁରୁର ପରାଜୟ ହେଉ' ବୋଲି ଆଶୀର୍ବାଦ କରିଥାନ୍ତେ । ଏପରି କହି ଭଞ୍ଜ, ଦୀନକୃଷ୍ଣ ପ୍ରଭୃତି ପ୍ରାଚୀନ କବିମାନଙ୍କ ମହତ୍ତ୍ୱକୁ ମୁଁ କ୍ଷୁଣ୍ଣ କରିବାକୁ ଯାଉନାହିଁ, ବରଂ ଗଙ୍ଗାଧର ପ୍ରାଚୀନ ଧରଣରେ କାବ୍ୟ କବିତାଦି ଲେଖିଥିଲେ ମଧ୍ୟ ଭଞ୍ଜ ଯୁଗର ପରଂପରା, ମହତ୍ତ୍ୱ ଓ ଗୁରୁତ୍ୱକୁ କପରି ସୁଦୃଢ଼ ଓ ବଳିଷ୍ଠ କରି ପାରିଥାନ୍ତେ ତାହାର ପ୍ରତିପାଦନ କରିବାକୁ ଯାଉଛି । ସୁତରାଂ ରାଧାନାଥଯୁଗର କବିମାନଙ୍କୁ 'ପ୍ରାଚୀନ ଶୈଳୀରେ କାବ୍ୟ କବିତାଦି ଲେଖିବାର ଶକ୍ତି ଏମାନଙ୍କର ନ ଥିଲା' ବୋଲି ଅନେକେ ଯେଉଁ ଆକ୍ଷେପ ନିକ୍ଷେପ କରନ୍ତି ଗଙ୍ଗାଧରଙ୍କ ପ୍ରତି ତାହା ପ୍ରଯୁଜ୍ୟ ନୁହେଁ । କି ନୂତନ, କି ପ୍ରାଚୀନ ଉଭୟ ସାହିତ୍ୟ-ସୃଷ୍ଟିରେ କବି ସିଦ୍ଧହସ୍ତ ଥିବାର ପ୍ରମାଣ 'ରସ ରତ୍ନାକର' ଓ ତାଙ୍କର ପରବର୍ତ୍ତୀ ରଚନାଗୁଡ଼ିକ ଉପସ୍ଥାପିତ କରନ୍ତି । ଏହାହିଁ ବାସ୍ତବିକ ପ୍ରତିଭା । Poet is born, not made ଉକ୍ତି ଏଠାରେ କେବଳ ସାର୍ଥକତା ଲାଭ କରେ ।

ଗଙ୍ଗାଧର ଥିଲେ ବହୁଗୁଣବନ୍ତ ବ୍ୟକ୍ତି । ପୁନଶ୍ଚ ତାଙ୍କର ଆଗ୍ରହ ମଧ୍ୟ ଅଳ୍ପ ନ ଥିଲା । ପ୍ରାଚୀନ ସାହିତ୍ୟର ଧାରା ଏକା-ବେଳକେ ଛିନ୍ନ କରିବାକୁ ଯାଇ ଓ ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା

Digitized by srujanika@gmail.com

ଅନୁପ୍ରାଣିତ ହୋଇ ରାଧାନାଥ କାବ୍ୟ କବିତାର ସୃଷ୍ଟି କଲେ । ମାତ୍ର ଆର୍ଯ୍ୟଧର୍ମୀ ଗଙ୍ଗାଧର ରାଧାନାଥ ଯୁଗରେ ଜନ୍ମ ହୋଇଥିଲେ ସୁଦ୍ଧା ହିନ୍ଦୁରମଣୀ ଓ ହିନ୍ଦୁର ଉଚ୍ଚ ଆଦର୍ଶକୁ ଲକ୍ଷ୍ୟରଖି କାବ୍ୟ ସୌଧ ନିର୍ମାଣ କଲେ । ରାଧାନାଥଙ୍କ ଅନୁକରଣରେ ନୂତନ ପ୍ରବାହରେ ଭାସି ଯାଇ ସେ ସମୟରେ ଅନେକେ ଅମିତ୍ରାକ୍ଷରରେ କାବ୍ୟ କବିତା ଲେଖିବା ଆରମ୍ଭ କରିଦେଲେ । କିନ୍ତୁ ଗଙ୍ଗାଧର ମିତ୍ରାକ୍ଷରକୁ ଉତ୍କଳ-ଭାରତୀଙ୍କର ପଦ ନୂପୁରର ମଂଜୁ ମଧୁସ୍ୱନ ବୋଲି 'ପଦ୍ମିନୀ'ର ମଙ୍ଗଳାଚରଣରେ ଗାଇଛନ୍ତି—

ସମାନ ସମାନ ନିକ୍ଷେପି ପଲ୍ଲବ ତୋ ପାଦ,
ସମ ସ୍ୱରେ ଉଠୁଥିବ ନୂପୁର ନିନାଦ ।
ସେ ନାଦ ମାଧୁରୀ କରି ଶ୍ରୁତିପଥେ ପାନ
ଗୁଳିଥିବ ପାଦ ଗୁହି ତୋଷି ତୋଷି ପ୍ରାଣ ।

ସୁତରାଂ, ଏ ଜାତି ସଙ୍ଗୀତପ୍ରିୟ, ଛନ୍ଦରସିକ—ଏକଥା ଗଙ୍ଗାଧର ଉପଲବ୍ଧି କରିଥିଲେ ଏବଂ କବି ମଧ୍ୟ ନିଜେ ଛନ୍ଦପ୍ରିୟ ଥିଲେ । ତେଣୁ ବିସ୍ତବିପ୍ଳବ ସମୟରେ ଭଞ୍ଜ, ଅଭିମନ୍ୟୁଙ୍କ ଲେଖାର ଆବୃତ୍ତି କରି ଆନନ୍ଦ ଲାଭ କରୁଥିଲେ । ଏ ସବୁ ଏଠାରେ କହିବାର ଉଦ୍ଦେଶ୍ୟ ହେଉଛି ଯେ ଗଙ୍ଗାଧର କାହାହାରି ପ୍ରଭାବିତ ହୋଇ ନିଜର ବିଚାରବୁଦ୍ଧି ହରାଇବା ବ୍ୟକ୍ତି ନ ଥିଲେ । ସେ ରାଧାନାଥ ଯୁଗର ସମସ୍ତ ଭଲ ଗୁଣକୁ ନିଃସଙ୍କୋଚରେ ଗ୍ରହଣ କରି ନେଇ-ଥିଲେ; ମାତ୍ର ଯାହା ଅନାକାଙ୍କ୍ଷିତ, ପରିତ୍ୟାଜ୍ୟ, ଦୋଷାବହ, ଆଦର୍ଶ-ଚ୍ୟୁତ ସେ ସବୁକୁ ସେ ବିଚାରର କଷଟି ହାରା କଷି ଅଚିରେ ଫୋପାଡ଼ି-ଦେଲେ । ଏ ଦିଗରେ ଯୁଗର ପ୍ରଭାବ ତାଙ୍କୁ ସ୍ପର୍ଶ ବି କରିନାହିଁ । ପଙ୍କରୁ ଜନ୍ମ ଲାଭ କରିଥିଲେ ମଧ୍ୟ ପଦ୍ମର ସ୍ୱତନ୍ତ୍ର ପବିତ୍ର ଗନ୍ଧ ଓ

Digitized by srujanika@gmail.com

ସୌନ୍ଦର୍ଯ୍ୟ ଥାଏ । ଗଙ୍ଗାଧରଙ୍କଠାରେ ତାହାହିଁ ହୋଇଛି । ଯୁଗ ପଛରେ ସେ ଗୋଡ଼ାଇ ନାହାନ୍ତି । କାରଣ ସେ ଗୋଟିଏ ଯୁଗ ପାଇଁ କବିତା ଲେଖିଲେ ନାହିଁ; ଲେଖିଲେ, ସବୁ ଯୁଗ ଓ ସବୁ ଦେଶ ସକାଶେ । ତେଣୁ ଗଙ୍ଗାଧରଙ୍କୁ ଯୁଗୋଚିତ କବି କହିବା ଅପେକ୍ଷା ଯୁଗଲଂଘୀ କବି କହିବାକୁ ମୁଁ ବେଶି ପସନ୍ଦ କରେ । ତାଙ୍କ କାବ୍ୟାବଳୀର ନାୟକ ନାୟିକା କେବଳ ରାଧାନାଥ ଯୁଗର ନୁହନ୍ତି । ସେମାନେ ବହୁ ପ୍ରାଚୀନ ଓ ପ୍ରାଚୀନ ହୋଇ ସୁଦ୍ଧା ଆଧୁନିକ ଯୁଗର ନମସ୍ୟ, ଅନୁକରଣୀୟ ଓ ବରେଣ୍ୟ ।

ପୁନଶ୍ଚ ଗଙ୍ଗାଧର କୌଣସି ରଚନା ସକାଶେ ଟିପାଖାତା କରିବାର ଆବଶ୍ୟକତା ଉପଲବ୍ଧି କରି ନାହାନ୍ତି । ଏହା କବିଙ୍କର ପ୍ରଖର ଓ ପ୍ରଶସ୍ତ ଧାରଣାଶକ୍ତିର ପରିଚୟ । ଏଥି ସକାଶେ ଅସମ୍ପୂର୍ଣ୍ଣ 'ପଦ୍ମିନୀ' କାବ୍ୟର ଅବଶିଷ୍ଟାଂଶକୁ 'ପାବନ୍ତି' ବା 'ଉର୍ବଶୀ' କାବ୍ୟ ଭଳି ଗଦ୍ୟାକାରରେ ସୁଦ୍ଧା ଦେଶବାସୀଙ୍କୁ ଉପହାର ଦେବାର ଆଉ କୌଣସି ଉପାୟ ନାହିଁ । କବିଙ୍କ ଖଣ୍ଡେ ପତ୍ରରୁ ଜଣାପଡ଼େ ଯେ ସେ 'ପଦ୍ମିନୀ' କାବ୍ୟକୁ ତାଙ୍କ ସମସ୍ତ ଲେଖାର ମୁକୁଟାଳଙ୍କାର କରିବାକୁ ଯାଉଥିଲେ ।

ପତ୍ର—ପଦ୍ମପୁର ୨।୯।୧୯୧୫ "ପଦ୍ମିନୀ ୯ ସର୍ଗ କରି ମହାକାବ୍ୟର ଉପଯୋଗୀ କରିବାର ଚେଷ୍ଟା କରିବି ।" (ଗଙ୍ଗାଧର)

ପଦ୍ମପୁର ୨।୨।୧୯୧୬—"ପଦ୍ମିନୀକୁ ମୋର ପୁସ୍ତକମାନଙ୍କ ମଧ୍ୟରେ ଉଚ୍ଚତମ କରିବାର ବାସନା ଅଛି, ତହିଁ ନିମନ୍ତେ ବିଳମ୍ବ ସହିବାକୁ ଅନୁରୋଧ କରୁଅଛି ।" (ଗଙ୍ଗାଧର)

ମାତ୍ର ହାୟ ! କବିଙ୍କର ଶେଷ ଜୀବନ ଏପରି ଅଶାନ୍ତିମୟ ହୋଇ ଉଠିଲା ଯେ 'ପଦ୍ମିନୀ' କୁ ସମ୍ପୂର୍ଣ୍ଣ କରିବାର ଆଉ ଉପାୟ

Digitized by srujanika@gmail.com

ରହିଲା ନାହିଁ । ତତ୍‌କାଳୀନ ଲମ୍ପଟ, ଦୁରାଚାର, ଅନ୍ୟାୟୀ ବରପାଲି ଯୁବରାଜ ସୂର୍ଯ୍ୟୋଦୟ ସିଂହଙ୍କର ଅନ୍ୟାୟ ଅତ୍ୟାଚାରହିଁ ଏହାର ପ୍ରଧାନ କାରଣ । କବିଙ୍କ ଶେଷ ଜୀବନର ସମସ୍ତ ସଦିଚ୍ଛାରେ ସେହି ବର୍ବରହିଁ ଅନ୍ତରାୟ ହୋଇଛି । ଦୁଃଖର କଥା, କବିଙ୍କ ଜନ୍ମ ସ୍ଥଳରେ ଏପରି ଜଘନ୍ୟ ପିଶାଚକୁ ସମର୍ଥନ କରିବା ସକାଶେ ଆଜି ସୁଦ୍ଧା ଜଣେ ଜଣେ ରାଜଭକ୍ତ ବଞ୍ଚି ରହିଛନ୍ତି ! ତେବେ କବିଙ୍କ ପ୍ରକାଶିତ ସମସ୍ତ ଲେଖା ମଧ୍ୟରେ 'ତପସ୍ୱିନୀ' ହିଁ ଶ୍ରେଷ୍ଠ କାବ୍ୟ । ଓଡ଼ିଆ ସାହିତ୍ୟରେ କାବ୍ୟର ସମସ୍ତ ଲକ୍ଷଣ ରକ୍ଷା କରି ଏହାହିଁ ପୂର୍ଣ୍ଣ କାବ୍ୟ ବୋଲି ମୋର ମନେ ହୁଏ । ଏହାର ବିଷୟ-ବସ୍ତୁ ଓଡ଼ିଶାରେ କାହିଁକି, ଭାରତରେ ମଧ୍ୟ କିଛି ନୂଆ ନୁହେଁ । ବାଲ୍ମୀକି, ଭବଭୂତି, କାଳିଦାସଙ୍କ ଭଳି କବିଗୁରୁ ଓ ମହାକବିଗଣ ଏହି ବିଷୟରେ ଲେଖନୀଚାଳନା କରି ପାରିଛନ୍ତି । ତେବେ ପ୍ରଶ୍ନ ଉଠିପାରେ ବାଲ୍ମୀକି, ଭବଭୂତି, କାଳିଦାସଙ୍କ ସମକ୍ଷରେ ଦରିଦ୍ର ଚନ୍ଦ୍ରୀ ଓଡ଼ିଆ କବିର ଏ ଆସ୍ପର୍ଦ୍ଧା ଓ ପ୍ରୟାସ କାହିଁକି ? ଏହାହିଁ ତ ରଙ୍ଗାଜୀବ ଗଙ୍ଗାଧରଙ୍କର ବିଶେଷତ୍ୱ । ଉଲ୍ଲିଖିତ କବିଗୁରୁ-ମାନଙ୍କର ସୃଷ୍ଟିକୁ ସୁଦ୍ଧା ଯେ ଆହୁରି ମନୋହର, ମହାନ୍ ଓ ବିସ୍ମୟକର କରି ପାରିଛନ୍ତି, ଓଡ଼ିଆ ପାଠକ ତାଙ୍କର ସ୍ତବଗାନ କରିବାରେ ଭାଷା-କାର୍ପଣ୍ୟର ପ୍ରୟୋଜନୀୟତା ଅଛି କି ? ନୂତନ ବିଷୟବସ୍ତୁର ଅବଲମ୍ବନରେ କାବ୍ୟ ଲେଖି ଯଶ ଅର୍ଜନ କରିବାରେ ବିଶେଷ କିଛି ବାହାଦୁରୀ ନାହିଁ । ମାତ୍ର ପୁରାତନ ବିଷୟର ଅବଲମ୍ବନରେ ବିଶେଷତଃ ଯେଉଁ ବିଷୟରେ କାଳିଦାସ, ଭବଭୂତିଙ୍କ ଭଳି ମହାକବିମାନଙ୍କ ଲେଖନୀ ଚାଳିତ ହୋଇ ସାରିଛି ସେହିପରି ବିଷୟର ଅବଲମ୍ବନରେ କାବ୍ୟ ସୃଷ୍ଟି କରି ଯଶଲାଭ କରିବା କିଛି କମ୍ ଗର୍ବ-ଗୌରବର କଥା ନୁହେଁ । ମାତ୍ର ଆମ

Digitized by srujanika@gmail.com

ଓଡ଼ିଆ ଜାତି ଏପରି କବିଙ୍କୁ ଏ ଯାଏ ଉଚିତ ସମ୍ମାନ ଦେବାରେ ସଚେତନ ନୁହେଁ । ଈଶ୍ୱରଙ୍କ ଦୂତ ମହାକବି ଗଙ୍ଗାଧର କଳାଶଙ୍କର କାଳସୀ ହୋଇ ଶ୍ମଶାନର ଅଙ୍ଗାର ପାଉଁଶରେ ଲାଗି ହେଲେ ! ତେବେ ପ୍ରକୃତିଦେବୀଙ୍କର ଏକ ପୁରୋହିତ ଗଙ୍ଗାଧରଙ୍କ ବିୟୋଗରେ ଦୁଃଖ ଓ ଅନୁଶୋଚନା ନେଇ ପ୍ରକୃତିର ଚନ୍ଦ୍ର-ସୁନ୍ଦର ମୁଖ ମସୀମୟ ହୋଇ ଉଠିଥିଲା ।

କବିଙ୍କର ଶ୍ରେଷ୍ଠ ସୃଷ୍ଟି 'ତପସ୍ୱିନୀ' ପ୍ରକୃତିର ବିବିଧ ରୂପର ପର୍ଯ୍ୟବେକ୍ଷଣ ଓ ଚିତ୍ରଣରେ, ସାର୍ଥକ ପଦପ୍ରୟୋଗରେ, ଲେଖନୀର ସ୍ନିଗ୍ଧ ଚିତ୍ରଜ୍ଞତାରେ, ଚିନ୍ତାର ଗମ୍ଭୀରତାରେ, ଭାବର ସୁସମାବେଶରେ, ପଦର ଲାଳିତ୍ୟରେ, ଛନ୍ଦର ସଙ୍ଗୀତମୟ ସୃଷ୍ଟିରେ, ମାନବର ମାନସ-ପ୍ରକୃତି ଚିତ୍ରଣରେ ରସଜ୍ଞ ପଣ୍ଡିତମାନଙ୍କର ଓ ସହୃଦୟ ପାଠକମାନଙ୍କର ଏକାନ୍ତ ଉପଭୋଗ୍ୟ ହୋଇ ପାରିଛି ।

ଆଜିର ଏହି ସୀମିତ ପରିବେଶରେ ଉକ୍ତ କାବ୍ୟର ସମ୍ୟକ୍ ସମାଲୋଚନା କରି ଆପଣମାନଙ୍କୁ ତା'ର ପୂର୍ଣ୍ଣ ରସୋପଲବ୍‌ଧି କରାଇବା ମୋ' ପକ୍ଷରେ ଅସମ୍ଭବ ନିଶ୍ଚୟ । ତେବେ ଆପଣଙ୍କର ରସ-ପିପାସିତ ହୃଦୟକୁ କିଞ୍ଚିତ୍ ପରିମାଣରେ ତୃପ୍ତ କରିବାକୁ ମୁଁ ଅବଶ୍ୟ ଚେଷ୍ଟା କରିବି ।

ଏ କାବ୍ୟରେ କବି ସୀତାଙ୍କର ମହିମାମୟ ସତୀତ୍ୱକୁ ଯେପରି ଭାବରେ ଚିତ୍ରଣ କରିଅଛନ୍ତି ତା'ର ପଟାନ୍ତର ଓଡ଼ିଆ ସାହିତ୍ୟ କଥା ତ ଛାଡ଼ି ଦିଅନ୍ତୁ, ଭାରତୀୟ ସାହିତ୍ୟରେ ମଧ୍ୟ ଅଛି କି ନା ସନ୍ଦେହ । ମିଥ୍ୟାପବାଦ କଳଙ୍କିନୀ ସୀତା ପତିଙ୍କ ଦ୍ୱାରା ନିର୍ବାସିତା— ଏହା ଜାଣିଲା ମାତ୍ରେ ସତୀ ମୂର୍ଚ୍ଛିତା ହୋଇ ପଡ଼ିଲେ । ସୀତାଙ୍କର

Digitized by srujanika@gmail.com

ଏହି ଦୁଃଖରେ ପ୍ରକୃତି ଯଥେଷ୍ଟ ସହାନୁଭୂତିସମ୍ପନ୍ନ ହୋଇ ଉଠିଛି । ମାତ୍ର—

"ସଙ୍ଗ୍ରା ଲଭି ମହାଦେବୀ କେତେକାଳ ପରେ
ଅନାଇଲେ ଦଶଦିଗ ନୟନେ କାତରେ ।
ଦିଶିଲ ସକଳ ହିତ ରାମଚନ୍ଦ୍ରମୟ,
ବସିଛନ୍ତି ପ୍ରଭୁ ହୋଇ ବିଷଣ୍ଣ-ହୃଦୟ ।
ଯୁଗ୍ମକରେ ଆଗେ ଉଭା ସୁଧୀର ଲକ୍ଷ୍ମଣ,
ହୋଇଛି ଦୁହିଙ୍କ ନେତ୍ର ପୁଲକ-କ୍ଷରଣ ।
ନ ପାରନ୍ତି ପୁଛି ରାମ ସୀତାର ଖବର;
କହିବାକୁ ବାକ୍ୟ ସ୍ଫୁରୁ ନାହିଁ ଲକ୍ଷ୍ମଣର ।
ରବିକ ଗୃହାନ୍ତେ, ରବି-କୋଳେ ରଘୁନାଥ
ନତମୁଖେ ବସିଛନ୍ତି ଶିରେ ଦେଇ ହାତ ।
ଦିଶିଲ ପଡ଼ନ୍ତେ ନେତ୍ର ଭାଗୀରଥି ପ୍ରତି,
ଚଳିଛନ୍ତି ଭଗୀରଥ ପଛେ ରଘୁପତି ।
ଗଙ୍ଗାଧାର ସମ ରାମ-ନେତ୍ର-ଜଳରାଶି,
ତହିଁ ଯା'ନ୍ତି ରାମ ଥରେ ମଜ୍ଜି, ଥରେ ଭାସି ।
ଫେରାଇ ତହିଁରୁ ସତୀ ଗର୍ଭେ ଦେଇ ଦୃଷ୍ଟି
ଅନର୍ଗଳ ଧାରେ ନଜେ କଲେ ଅଶ୍ରୁ-ବୃଷ୍ଟି ।
ଶ୍ୟାମଦୁର୍ବା ତୃଣେ ସୀତା ହୋଇ ସଙ୍କୁଚିତ
ପାଷାଣକୁ ମିଳାପାଇଁ ବଳାଇଲେ ଚିତ୍ତ ।
ନ ଗଲା ତେଣିକି ମଧ୍ୟ ମନରେ କି ଭାଳ,
ନ ପାରିଲେ ବେଦନର ଆବେଗ ସମ୍ଭାଳ ।"

ଯେତେବେଳେ ଆମେ ପାଠ କରୁଁ ସେତେବେଳେ ସୀତାଙ୍କର ସତୀତ୍ୱମହିମାରେ ପ୍ରାଣ ଉଲ୍ଲସିତ ହୋଇଉଠେ । ଶ୍ୟାମଦୁର୍ବାଚୟ

Digitized by srujanika@gmail.com

ପତିଙ୍କର ଅଙ୍ଗ କାନ୍ତିକୁ ଧାରଣ କରିଥିବାରୁ ସୀତା ଫଳୁଶିଳା ହୋଇ ପାଷାଣକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ; ମାତ୍ର 'ମନରେ କି ଭାବି' ସେଠାକୁ ମଧ୍ୟ ଗଲେ ନାହିଁ । ସୀତା ପତିଙ୍କର ଅନୁଗ୍ରହରୁ ବଞ୍ଚିତା । ମାତ୍ର ପାଷାଣ ରାମଙ୍କର ପବିତ୍ର ପାଦସ୍ପର୍ଶରେ ଜୀବନ୍ତ ନାରୀ ରୂପରେ ଦୃଷ୍ଟା ହୋଇ ପାରିଛି । କାଳେ ମୋର ସ୍ପର୍ଶରେ ସେମାନେ ପତିଙ୍କର ଅନୁଗ୍ରହରୁ ବଞ୍ଚିତ ହୋଇଯିବେ ସୀତାଙ୍କର ଏହି ଆଶଙ୍କା । ତେଣୁ ସେ ପାଷାଣ ଉପରକୁ ମଧ୍ୟ ଗଲେ ନାହିଁ । ସତୀ ସୀତାଙ୍କର ସତୀତ୍ୱ କୀର୍ତ୍ତନକୁ ମହୀୟାନ କରିବାର ଏ କଳ୍ପନା ଏକାନ୍ତ ଅସୁଲଭ । ବିନା ଦୋଷରେ ସ୍ୱାମୀକର୍ତ୍ତୃକ ପରିତ୍ୟକ୍ତା ହୋଇଥିଲେହେଁ ସୀତା ରାମଙ୍କର ହୃଦୟର ପ୍ରେମକୁ ବୁଝିପାରିଥିବା ଚିତ୍ର କବି ଉଲ୍ଲିଖିତ ପଦମାନଙ୍କରେ ଦେଇଛନ୍ତି । ଅଧିକନ୍ତୁ ସୀତା କହିଛନ୍ତି—

ମୁଁ କି ପୁର, ହେଉ ତୁମ୍ଭ ପ୍ରକୃତି-ରଞ୍ଜନ;
ମୁଁ ମରେଁ, ତୁମ୍ଭର ହେଉ କଳଙ୍କ-ଭଞ୍ଜନ ।

କବିଙ୍କର ଏହି ସୃଷ୍ଟି କାଳିଦାସୀ ରଚନାକୁ ମଧ୍ୟ ଯଥେଷ୍ଟ ଲଜ୍ଜା ଦେଇଛି । କାଳିଦାସଙ୍କ ସୀତାଙ୍କ ମୁଖରେ ରାମଙ୍କ ପ୍ରତି ଅଭିଯୋଗ ରଘୁବଂଶର

"ବାଚ୍ୟସ୍ତ୍ୱୟା ମଦ୍ ବଚନାଦ୍ ସରାଜା ବହ୍ନୌ
ବିଶୁଦ୍ଧାମପି ଯତ୍ ସମକ୍ଷମ୍
ମାଂ ଲୋକବାଦ ଶ୍ରବଣାଦ୍ ହାସୀଃ
ଶ୍ରୁତସ୍ୟ କିଂ ତତ୍ ସଦୃଶଂ କୁଳସ୍ୟ ।" —ଶ୍ଳୋକରେ

ମୂର୍ତ୍ତିମନ୍ତ ହୋଇ ଉଠିଛି । କିନ୍ତୁ ଗଙ୍ଗାଧରଙ୍କ ସୀତା ପତିଙ୍କୁ ନିନ୍ଦା

Digitized by srujanika@gmail.com

କରିବା ତ ଦୂରର କଥା, ନିଜ କର୍ମର ଦୋଷ ବୋଲି ରାଧାଙ୍କୁ ସୁଦ୍ଧା ନିନ୍ଦା କରି ନାହାନ୍ତି—

"ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି;
କାନ୍ତ ତ ସ୍ୱଭାବେ ମୋ କରୁଣାନିଧି ଗୋ ।" ମାତ୍ର

ସୀତାଙ୍କର ସତୀତ୍ୱ ନଗାଧିରାଜ ହିମାଳୟର ଗୌରୀଶଙ୍କର ଶୃଙ୍ଗସଦୃଶ ସତୀଚରିତ୍ର ଶୀର୍ଷରେ ଉପନୀତ ହୋଇଛି । ସେତେବେଳେ ଯେତେବେଳେ ସେ କହୁଛନ୍ତି—

ମୋ ତନୁ ଦଗ୍ଧ ହେଲେ ହେବ ତ ଖାର,
ତାହାକୁ କରାଇବ ପାଦପେ ସାର,
ସେ ତରୁ କାଷ୍ଠ ହେଇ ବର୍ଦ୍ଧକୀ ହସ୍ତେ
କରାଇଦେବ ପ୍ରଭୁ ପାଦୁକା ମତେ ଗୋ ।

ରାଧାଙ୍କର ସତୀତ୍ୱକୁ ମହିମାମଣ୍ଡିତ କରିବା ପାଇଁ ବୈଷ୍ଣବ କବିଗଣ ମଧ୍ୟ ଏହି ଭଳି କେତେକ ପଦ ସୃଷ୍ଟି କରିଛନ୍ତି । 'ବିଦଗ୍ଧ ଚିନ୍ତାମଣି'ରେ କୃଷ୍ଣ-ବିରହ-ବିଧୁରା ରାଧା ସଖୀମାନଙ୍କୁ କହୁଛନ୍ତି :—

ସଖୀ ! ମୁଁ ତ କୃଷ୍ଣଙ୍କ ବିରହରେ ମରିବି ନିଶ୍ଚୟ । ମୋତେ କବର ଦେବା ସମୟରେ କୃଷ୍ଣଙ୍କ ବଂଶୀଧ୍ୱନି ଭାସି ଆସୁଥିବା ଦିଗକୁ ମୋର କାନ ଦୁଇଟି ଡେରି ଦେଇଥିବ—ଏତିକିହିଁ ଅନୁରୋଧ ।

ହେଲେ ମଧ୍ୟ ସୀତାଙ୍କ ମୁଖରେ ଯେଉଁ ଭାଷାର ସୃଷ୍ଟି କବି ଗଙ୍ଗାଧର କରି ପାରିଅଛନ୍ତି ତାର ତୁଳନା ଅଛି କି ?

Digitized by srujanika@gmail.com

ଏ କାବ୍ୟର ମଙ୍ଗଳାଚରଣରେ କବି ସରସ୍ୱତୀଙ୍କର ବନ୍ଦନା କରି କିପରି ମୌଳିକତା ରକ୍ଷା କରିଅଛନ୍ତି ଦେଖନ୍ତୁ —

କୌମୁଦୀ କି ଘନ ହୋଇ ବସିଛୁ ଶରୀର ?
କେଶଛଳେ ଚରଣେ ତୋ ଲୋଟିଛି ତିମିର ।

କହି ସାରିଲା ପରେ —

ପଦାଙ୍କେ ତୋ ଫୁଟି ଅଛି ଶ୍ୱେତ ଶତଦଳ,
କୌମୁଦୀ ବୋଲିବା ତେଣୁ ନୋହୁଛି ସଫଳ— ଭଳି ରଚନା କବିର ମୌଳିକ ଓ ମର୍ମସ୍ପର୍ଶୀ କଳ୍ପନାର ପରିଚୟ ! ପ୍ରଥମରେ କବି ବୀଣାପାଣିଙ୍କର ଶୁଭ୍ର ସୁନ୍ଦର ରୂପକୁ ଦେଖି 'ଘନ କୌମୁଦୀ'ଲ ବୋଲି ବର୍ଣ୍ଣନା କରିଅଛନ୍ତି । ମାତ୍ର ଯେତେବେଳେ ସେ ମନେ କରୁଛନ୍ତି ଯେ ବାଗ୍‌ଦେବୀଙ୍କର ପ୍ରତି ପଦପାତରେ ଶ୍ୱେତ ପଦ୍ମ ଫୁଟିଉଠେ ସେତେବେଳେ ସେ ନିଜ ବର୍ଣ୍ଣନାକୁ ଶୁଦ୍ଧ ରୂପ ଦେଇ କୌମୁଦୀ କହିବା ଅସଙ୍ଗତ ବୋଲି କହିଅଛନ୍ତି । କାରଣ କୌମୁଦୀର ଉପସ୍ଥିତିରେ ପଦ୍ମ ଫୁଟି ପାରିବ ନାହିଁ ।

ସତୀ ସୀତାଙ୍କର ଦୁଃଖ ଓ ସୁଖରେ ପ୍ରକୃତି କିପରି ସହାନୁଭୂତିଶୀଳ ହୋଇ ଉଠିଛି ତା'ର ଗୋଟିଏ ପ୍ରମାଣ ଏ କାବ୍ୟର ପ୍ରଥମ ସର୍ଗରେ ଆମକୁ ମିଳି ପାରିବ । ସୀତାଙ୍କର ମୂର୍ଚ୍ଛିତାବସ୍ଥାରେ ପ୍ରକୃତି କିପରି ନିଷ୍ଠୁରର ବିରୁଦ୍ଧରେ ଖଡ୍‌ଗହସ୍ତ ହୋଇ ଉଠିଛି ! କବିଙ୍କ ଅନୁକରଣୀୟ ଭାଷାରେ—

କରିବାକୁ ନିଷ୍ଠୁରର ସହିତ ସମର
ତୃଣରାଜି ଖଡ୍‌ଗକରେ ଗର୍ଜିଲା ପ୍ରଖର ।
ବାୟୁବସା ତୃଣୀରକୁ ଝାଡ଼ି ବାରମ୍ବାର,
ପତ୍ର-କଙ୍କପତ୍ର କଲା କି ଅବା ବାହାର ।

Digitized by srujanika@gmail.com

କମ୍ପିତ-ସରିତ-ଜାତ-ଉତ୍‌ଥିତ ଶୀକର
ପଡ଼ିଲା ପୁଳକେ ତେଜି ତରଙ୍ଗ-ଶିଖର ।

ଭରି କି ସୀସକ-ଗୁଳି ତରଙ୍ଗର ତୋପେ
ନୃପତିକି ଭଗୀରଥୀ ପ୍ରହାରିଲା କୋପେ !

କମଳ ସକଳ ହୋଇ ବିଚଳିତ ସରେ
ପଦ୍ମ-ବ୍ୟୂହ ରଚି ଯୁଦ୍ଧ କଲେ ଅଳି-ଶରେ ।

ବନଫୁଲେ ବୃନ୍ତ ତେଜି ଭୂମିତଳେ ପଡ଼ି
ଧୂଳି ମାଖି ମଲ୍ଲଯୁଦ୍ଧେ ହେଲେ ଗଡ଼ାଗଡ଼ି ।

ଲତା-ଲତା ତନ୍ତୁ-ରୂପ ନୃପତି-ବନ୍ଧନ
ଛିନ୍ନ କରି କ୍ରୋଧଭରେ କଲା ଆସ୍ଫାଳନ ।

ବ୍ୟାହତ-ହୃଦୟ ଶୀର୍ଣ୍ଣ ଶରୀର ବାଦଲ
ଦଉଡ଼ି ଆସିଲା କୋପେ ଘେନି ଦଳବଳ ।
ଚକ୍ଷୁ ଚମକାଇ, କରି ଗମ୍ଭୀର ଗର୍ଜନ
ଦେଖାଇଲା ନୃପତିର ଉପରେ ତର୍ଜନ ।

ସନ୍ଧ୍ୟା-ମୁଖେ ସୁଶୀତଳ ବିନ୍ଦୁ ବିନ୍ଦୁ ପାଣି
ସିଞ୍ଚି ସିଞ୍ଚି ଜୀବନରେ ସଂଜ୍ଞା ଦେଲା ଆଣି ।

ସାଧ୍ୱୀ କୁଳବଧୂଙ୍କର ଦୁର୍ବିପାକ ଗୁଣି
ଲଜ୍ଜାଭରେ ଭାନୁ ଦେଲେ ବଦନ ଲୁଚାଇ ।

ବିରହ୍-ବଧୂ ସକଳ ବସି ବିଷଣ୍ଣ ବଦନେ
ନଭ ବିକମ୍ପିତ କଲେ ସ୍ତନିତ ରୋଦନେ । ଏ ସ୍ଥଳରେ କବି ଅନ୍ତଃ ପ୍ରକୃତିର ବର୍ଣ୍ଣନ ପ୍ରତି ସବିଶେଷ ଧ୍ୟାନ ଦେଇଛନ୍ତି । ଏପରି ଦୁଃସାଧ୍ୟ ବିଷୟକୁ ତାଙ୍କର ସ୍ୱାଭାବିକ କବିତ୍ୱଶକ୍ତି କପରି ସୁସାଧ୍ୟ କରି ପାରିଛି ତାହାହିଁ ପ୍ରଣିଧାନର କଥା ।

Digitized by srujanika@gmail.com

ଦ୍ୱିତୀୟ ସର୍ଗରେ ବାଲ୍ମୀକି ଆଶ୍ରମରେ ଶାନ୍ତିର ଅଖଣ୍ଡ ରାଜତ୍ୱ ବର୍ଣ୍ଣନା କରି କବି ତହିଁର କ୍ଷୁଦ୍ରାଦପି କ୍ଷୁଦ୍ର ଶିଶିର ବିନ୍ଦୁର ମଧ୍ୟ ମାହାତ୍ମ୍ୟ ପ୍ରଦର୍ଶନ କରିବାକୁ ଯାଇ ଲେଖିଛନ୍ତି—

ଗର୍ଭେ ଧରି ତାରା-ରତନ ପୂର୍ଣ୍ଣ ଗଗନ-ସିନ୍ଧୁ,
ଅଗସ୍ତ୍ୟ ଗରିମା ଶୋଷନ୍ତି ପ୍ରତି ଶିଶିରବିନ୍ଦୁ ।

ପୂର୍ବେ ଅଗସ୍ତି ମୁନି ସପ୍ତସିନ୍ଧୁଙ୍କୁ ଗଣ୍ଡୂଷକରେ ପାନ କରିଥିବାର ପୁରାଣରେ ଉଲ୍ଲେଖ ଅଛି । ଏଥିପାଇଁ ଅଗସ୍ତିଙ୍କର ଯେଉଁ ଗର୍ବ ବା ଗରିମା ଥିଲା ତାହା ବାଲ୍ମୀକି ଆଶ୍ରମର ପ୍ରତି ଶିଶିର ବିନ୍ଦୁ ଖର୍ବ କରି ଦେଉଛନ୍ତି । କିପରି ? ସାଧାରଣତଃ ସିନ୍ଧୁ ନାନା ପ୍ରକାର ଉଜ୍ଜ୍ୱଳ ରତ୍ନରେ ପୂର୍ଣ୍ଣ ହୋଇଥାଏ । ଏଣୁ ତା'ର ଅନ୍ୟ ନାମ ରତ୍ନାକର ମଧ୍ୟ । ଏ ସ୍ଥଳରେ ଆକାଶ ସିନ୍ଧୁ ଓ ତାରାଗୁଡ଼ିକ ରତ୍ନ ସହିତ ତୁଳିତ । ତାରା-ରୂପ ରତ୍ନରେ ପରିପୂରିତ ଗଗନ ସିନ୍ଧୁର ପ୍ରତିବିମ୍ବ ଶିଶିର ବିନ୍ଦୁ ଦେହରେ ପ୍ରତିଫଳିତ ହୋଇଥିବାରୁ କବି ଏପରି ବର୍ଣ୍ଣନା କରିଛନ୍ତି । ମାତ୍ର ଏଥିରେ ଅଗସ୍ତିଙ୍କର ଗର୍ବ ବା ଖର୍ବ ହେଲା କିପରି ? ସେ ତ ସାତଟି ସିନ୍ଧୁ ଏକା ଚଳୁରେ ପାନ କରିଥିଲେ ! କବି ଏ ସ୍ଥଳରେ ଅନ୍ୟ ଚିନ୍ତା କରିଛନ୍ତି । ଯେଉଁ-ସପ୍ତସିନ୍ଧୁଙ୍କୁ ଶୋଷଣ କରି ଅଗସ୍ତିଙ୍କର ଅଭିମାନ ଥିଲା, ସେହି ଅଗସ୍ତିଙ୍କ ସମେତ ଗଗନସିନ୍ଧୁଙ୍କୁ ଗର୍ଭରେ ଧାରଣ କରିଥିବା ହେତୁ ପ୍ରତି ଶିଶିର ବିନ୍ଦୁ ଅଗସ୍ତ୍ୟ ଗରିମାକୁ ଶୋଷଣ କରିଦେଲେ । ଅର୍ଥାତ୍ ଶିଶିର ବିନ୍ଦୁରେ ପ୍ରତିଫଳିତ ହୋଇଥିବା ଗଗନସିନ୍ଧୁରେ ଅଗସ୍ତି ତାରକା ମଧ୍ୟ ବିଦ୍ୟମାନ । କି ଚମତ୍କାର କଳ୍ପନା ! ଅନେକେ ଯୁକ୍ତି କରିପାରନ୍ତି ଯେ ଏତେ ବଡ଼ ଆକାଶ କ୍ଷୁଦ୍ର ଶିଶିର ବିନ୍ଦୁଟିରେ ପ୍ରତିଫଳିତ ହେଲା କିପରି ! ମାତ୍ର ଗଙ୍ଗାଧରଙ୍କ ସୂକ୍ଷ୍ମ ପ୍ରକୃତି ପର୍ଯ୍ୟବେକ୍ଷଣ ଅସାଧାରଣ । ଗୋଟିଏ ପତ୍ର ଦେହରେ କୁଞ୍ଚ-

Digitized by srujanika@gmail.com

ଦ୍ୱାରା କ୍ଷୁଦ୍ର କଣାଟିଏ କରି ବହୁଦୂରରେ ଥିବା କୌଣସି ପର୍ବତକୁ ଅନାଇଲେ ପର୍ବତର ସମସ୍ତ ଭାଗ ପ୍ରାୟ ଦୃଶ୍ୟ ହେବ । ମାତ୍ର ପର୍ବତ-ନିକଟରେ ଥାଇ ସେପରି କଲେ ତାର ସାମାନ୍ୟ ଅଂଶ ମାତ୍ର ଦେଖା ପଡ଼ିବ । ଦୂରସ୍ଥିତ ପଦାର୍ଥକୁ ଆମେ କ୍ଷୁଦ୍ର କଣା ଦ୍ୱାରା ସହଜରେ ଦେଖି ପାରିବା । ସୁତରାଂ, ଆକାଶ ଓ ଶିଶିର ବିନ୍ଦୁ ମଧ୍ୟରେ ଅନନ୍ତ ଦୂରତ୍ୱ ହେତୁ ତାହା ଶିଶିର ଦେହରେ ଗର୍ଭିତ ହେବା ବା ପ୍ରତି-ଫଳିତ ହେବାର ସମ୍ଭବ ହୋଇଛି ।

ଏହାପରେ ସୀତାଙ୍କର ଦୁର୍ଦ୍ଦଶା ଲକ୍ଷ୍ୟ କରି ବାଲ୍ମୀକି ଆଶ୍ରମର ମୁନିକନ୍ୟାମାନେ ବାଲ୍ମୀକିଙ୍କ ଆଗରେ କହୁଅଛନ୍ତି —

ହେ ତାତ ! ଏ ବନେ ନାରୀଏ ନବଜାତ-ପିଚ୍ଛୁଳ-
ସମ ଦିଶେ, ଆସି କାନ୍ଦୁଛି ଯେହ୍ନେ ହୋଇ ବାତୁଳୀ ।
ସମ୍ବୋଧନ କରି ଥରକୁ ଥର ତା ପ୍ରିୟ କାନ୍ତେ,
ପତିଗୁଣ, ପତିବାତ୍ସଲ୍ୟ ସ୍ମରୁଅଛି ଏକାନ୍ତେ ।

ଲହୁଣୀର ପିଚ୍ଛୁଳା ସଦୃଶ କୋମଳଶରୀର ରମଣୀଟିଏ ବଣରେ କାନ୍ଦୁଛି, ବିଶେଷତଃ ପତିଗୁଣ ଓ ପତିବାତ୍ସଲ୍ୟକୁ ସ୍ମରଣ କରି । ଏହା ପାଠ କରି ପାଠକ କ'ଣ ଭାବିବ ? ହୁଏତ ସେହି ନାରୀର ସ୍ୱାମୀ ମରିଯାଇଛନ୍ତି, ନତୁବା ସ୍ୱାମୀଠାରୁ ତାର ବିଚ୍ଛେଦ ହୋଇଛି । ପାଠକର ଏହି ପ୍ରଥମ ସନ୍ଦେହକୁ ଭଞ୍ଜନ କରିବାକୁ ଯାଇ ମହାକବି ଗଙ୍ଗାଧର ଉତ୍କଳ ସାହିତ୍ୟକୁ ଏକ ଅନୁପମ ପଦ ଦାନ କରିଅଛନ୍ତି—

ଲଳିତ ଦିଶୁଛି ଲଲାଟେ ତାର ସିନ୍ଦୂର ବିନ୍ଦୁ,
ମୁଖକମଳକୁ ହୋଇଛି ଯେହ୍ନେ ପୂର୍ଣ୍ଣିମା ଇନ୍ଦୁ ।

Digitized by srujanika@gmail.com

'ଲଳିତ ବଦୁଛନ୍ତି ଲଲାଟେ ତା'ର ସିନ୍ଦୂର-ବିନ୍ଦୁ' ବେଶ୍, ଏତିକରେ ସଂଯତ କବି ଗଙ୍ଗାଧର ସୀତାଙ୍କର ଜ୍ୱଳନ୍ତ ସଧବା ଲକ୍ଷଣ ପାଠକ ସମ୍ମୁଖରେ ଥୋଇ ଦେଇ ପାରିଛନ୍ତି । କେବଳ ସେତିକି ନୁହେଁ; 'ମୁଖକମଳକୁ ହୋଇଛି ଯେସନ୍ତେ ପୂର୍ଣ୍ଣିମା ଇନ୍ଦୁ' କହି ଉତ୍କଳ ସାହିତ୍ୟକୁ କବି ଗୋଟିଏ ନୂତନ ମୌଳିକ ଦାନ କରିଅଛନ୍ତି । ଏ ସ୍ଥଳରେ ସିନ୍ଦୂର-ବିନ୍ଦୁକୁ ପୂର୍ଣ୍ଣିମାଚନ୍ଦ୍ର ସହିତ ଓ ସତୀ ସୀତାଙ୍କର ମୁଖକୁ ପଦ୍ମ ସହିତ ତୁଳନା କରାଯାଇଛି । ମାତ୍ର ସୂର୍ଯ୍ୟର କରସ୍ପର୍ଶରେ ପଦ୍ମ ବିକଶିତ ହେବା ଓ ଚନ୍ଦ୍ରର ଆଗମନରେ ମୁଦ୍ରିତ ହେବା କବି ସମୟ ପ୍ରସିଦ୍ଧି ତଥା ସ୍ୱତଃସିଦ୍ଧ କଥା । ସୀତା ପତିଙ୍କ ଦ୍ୱାରା ନିର୍ବାସିତା ହୋଇଥିବାରୁ ଦୁଃଖ-ଦୁର୍ଦ୍ଦଶାରେ ତାଙ୍କର ମୁଖପଦ୍ମ ମଳିନ ହୋଇଯାଇଛି, ଅର୍ଥାତ୍ ସନ୍ଧ୍ୟାକାଳୀନ ପଦ୍ମ ଭଳି ବିମର୍ଷ ହୋଇପଡ଼ିଛି । ଲଲାଟ ଦେଶର ସିନ୍ଦୂର-ବିନ୍ଦୁଟି ମନୋହର ଥିଲେ ମଧ ସୀତାଙ୍କର ମୁଖ ପ୍ରତି ଠିକ୍ ଚନ୍ଦ୍ରର ଉପସ୍ଥିତିରେ ପଦ୍ମର ଦୁରବସ୍ଥା ଭଳି ଅବସ୍ଥା ସୃଷ୍ଟି କରିଛି !

କି ମର୍ମସ୍ପର୍ଶୀ ଓ ଚମତ୍କାର କଳ୍ପନା ! ଏ ସ୍ଥଳରେ ଅଳଙ୍କାରଶାସ୍ତ୍ରୀମାନେ କବିଙ୍କ ଏଇ ଲେଖାରେ ବର୍ଣ୍ଣ-ବୈଷମ୍ୟ ଦୋଷ ଆରୋପ କରି ପାରନ୍ତି । କାରଣ ଚନ୍ଦ୍ର ସବୁ ସମୟରେ ତ ଆଉ ସିନ୍ଦୂର ବିନ୍ଦୁ ଭଳି ଲାଲ ନୁହେଁ ! କେବଳ ଉଦୟ ଓ ଅସ୍ତ ସମୟରେ ଚନ୍ଦ୍ରର ବର୍ଣ୍ଣ ଲାଲ ଥାଏ, ଅନ୍ୟ ସମୟରେ ନୁହେଁ । ମାତ୍ର ଗମ୍ଭୀର ଚିନ୍ତାଶୀଳ କବି ଗଙ୍ଗାଧରଙ୍କ ଚିନ୍ତା ଓ କଳ୍ପନା ଏ ସ୍ଥଳରେ ବହୁତ ଦୂରକୁ ଅଗ୍ରସର ହୋଇଛି । ଟିକିଏ ଚିନ୍ତା କଲେ ଜଣାଯାଏ ଯେ କବି ଏ ସ୍ଥଳରେ ସନ୍ଧ୍ୟା ସମୟର ଚନ୍ଦ୍ରକୁହିଁ ଲକ୍ଷ୍ୟ କରିଛନ୍ତି । କାରଣ ସେ ସମୟଟି ସୀତାଙ୍କର ଦୁଃଖ ଦୁର୍ଦ୍ଦଶା ନିଶାର ସନ୍ଧ୍ୟା ଅର୍ଥାତ୍ ପ୍ରାକ୍କାଳହିଁ ଥିଲା ।

Digitized by srujanika@gmail.com

ଏଣୁ ପଦଟି ସମସ୍ତ ଦିଗରୁ ସୁନ୍ଦର ଓ ଭାବପୂର୍ଣ୍ଣ ହୋଇ ସ୍ୱାଦ୍ୟ ଓ ହୃଦ୍ୟ ହୋଇ ପାରିଛି । ଗଙ୍ଗାଧର ଏ ସ୍ଥଳରେ ମାନବର ଅନ୍ତଃପ୍ରକୃତି ସହିତ ବହିଃପ୍ରକୃତିର ନିବିଡ଼ ସମ୍ପର୍କ ରକ୍ଷା କରି କପରି ଚିତ୍ରଣ କରିଛନ୍ତି ଓ ଆଶ୍ଚର୍ଯ୍ୟ କବି ପ୍ରତିଭାର ପରିଚୟ ଦେଇ-ଯାଇଛନ୍ତି, ତାହାହିଁ ବର୍ଣ୍ଣନୀୟ ।

ତା' ପରେ ମୁନିକନ୍ୟାମାନେ ବାଲ୍ମୀକିଙ୍କୁ କହୁଛନ୍ତି —

"ଢଳାଇ ଦେଉଛି ବାସକୁ ତାର ନୟନବାରି,
ଦେବୀ କି ମାନବୀ ସହଜେ ହେଉ ନାହିଁ ଚିହ୍ନାରି ।"

ଏହି ପଦଟି ପାଠ କରି ଅଧିକାଂଶ ପାଠକ କହନ୍ତି ଏବଂ କହିବେ ଯେ ମୁନିକନ୍ୟାମାନେ ସୀତାଙ୍କୁ ମାନବୀ ବୋଲି ଚିହ୍ନି ପାରି ନ ଥିଲେ । ମାତ୍ର ତା' ନୁହେଁ । କବିଙ୍କ ଉଦ୍ଦେଶ୍ୟ ଅନ୍ୟ ପ୍ରକାର । ସେ ଦେବୀ କି ମାନବୀ ସହଜରେ ବାରି ହେଉନାହିଁ, କିନ୍ତୁ କଷ୍ଟରେ ବାରି ହେଉଛି । କପରି ? କାରଣ ପୁରାଣକାରମାନଙ୍କ ମତରେ ଦେବୀମାନଙ୍କର ପାଦ ତଳରେ ଲାଗେ ନାହିଁ, ପୁଷ୍ପମାଳ୍ୟ ଶୁଖେ ନାହିଁ, ଚକ୍ଷୁରୁ ପାଣି ଝରେ ନାହିଁ । ମାତ୍ର 'ଢଳାଇ ଦେଉଛି ବାସକୁ ତା'ର ନୟନବାରି' ଏହାହିଁ ମାନବୀର ଲକ୍ଷଣ । ନୋହିଲେ ସେ ମାନବୀ ବୋଲି ଚିହ୍ନିବାର ଉପାୟ ନ ଥିଲା । ଏଣୁ ସହଜରେ ମାନବୀ ବୋଲି ଚିହ୍ନି ହେଉ ନାହିଁ; କଷ୍ଟରେ ଅର୍ଥାତ୍ ସୂକ୍ଷ୍ମ ନିରୀକ୍ଷଣ ଦ୍ୱାରା ଚିହ୍ନା ପଡ଼ୁଛି । କବିଙ୍କର ସାଧାରଣ ପଦମାନଙ୍କରେ ମଧ୍ୟ ଏଭଳି ତର୍କଣା ଓ ଗମ୍ଭୀର ଅର୍ଥ ରହିଛି । ତେଣୁ ତା'ର ଅନୁଶୀଳନ ଆବଶ୍ୟକ ।

ମେଦ୍ଦେରଙ୍କର ସାଧାରଣ ପ୍ରକୃତି ବର୍ଣ୍ଣନରେ ସୁଦ୍ଧା କପରି ସୂକ୍ଷ୍ମ ପର୍ଯ୍ୟବେକ୍ଷଣର ପରିଚୟ ମିଳେ ତାହା ଏ କାବ୍ୟର ଚତୁର୍ଥ ସର୍ଗର ଗୋଟିଏ ମାତ୍ର ପାଦରୁ ପ୍ରମାଣିତ ହୋଇପାରେ ।

Digitized by srujanika@gmail.com

ଯଥା :—

ମୋ କୋଳ-କେଳି-ଚପଳ ସାରସ ମରାଳ ଦଳ,
କୋକଯୁଗଳ ଯୁଗଳ, ବକ ପଙ୍‌କ୍ତି ।

ଅନେକେ ମନେ କରନ୍ତି ଯେ ତମସାର କୋଳରେ ସାରସ, ମରାଳ, ଚକ୍ରବାକ, ବକ ପ୍ରଭୃତି କ୍ରୀଡ଼ା କରୁଥିବାର କବି ବର୍ଣ୍ଣନ କରିଛନ୍ତି । ମାତ୍ର କେଉଁ ପକ୍ଷୀ କିପରି ଭାବରେ ରହନ୍ତି କବି ନିଜର ସୂକ୍ଷ୍ମ ଦୃଷ୍ଟିରେ ତାହା ଦେଖିଛନ୍ତି ଓ ତାର ଯଥାଯଥ ବର୍ଣ୍ଣନ ମଧ୍ୟ କରିଛନ୍ତି । ସାରସ ଓ ମରାଳ ଦଳ ଦଳ, କୋକ (ଚକ୍ରବାକ) ଦୁଇ ଦୁଇଟି ଓ ବକ ପଂକ୍ତି (ଧାଡ଼ି) ହୋଇ ରହନ୍ତି—ଏହି ସତ୍ୟ ଓ କବିଦୃଷ୍ଟିର ସାର୍ଥକତା ଏଇଠି ପ୍ରତିଫଳିତ ।

ନବମ ସର୍ଗରେ ଆସନ୍ନପ୍ରସବା ସୀତାଙ୍କ ପ୍ରତି ପ୍ରକୃତି କିପରି ସହାନୁଭୂତି ପ୍ରଦର୍ଶନ କରିଛି ତାହା ପାଠ ନ କଲେ କଥାରେ ବୁଝାଇ ହେବ ନାହିଁ । ସେଭଳି ରଚନା କେବଳ ପ୍ରଥମ ଶ୍ରେଣୀର କବିମାନେ ହିଁ କରି ପାରନ୍ତି । ସତୀଙ୍କି କଷ୍ଟ ହେବ ବୋଲି ବର୍ଷା ଆସି ନିଦାଘକୁ ଦୂର କରି ଦେଉଛି ।

ଅବସନ୍ନ ପ୍ରାଣେ ଦେବା ପାଇଁ ବଳ
ଗ୍ରୀଷ୍ମରେ ଉଠିଲେ ଜଳଦ ମଣ୍ଡଳ ।

ପୁନଶ୍ଚ :—ରତ୍ନାକରୁଁ ରତ୍ନ-ରେଣୁ ଉତ୍ତୋଳନ
କରି ଦିଗପାଳେ ମଣ୍ଡିଲେ ତୋରଣ ।
ସ୍ୱାର୍ଥପରବଶେ ଲଜ୍ଜା ତେଜି ମନୁ
ବାସବ ବୋଇଲେ, ତାହା ମୋର ଧନୁ ।
ନ ସହି ବୋଇଲେ ରତ୍ନାକର-ପତି,
ମୋ ରତ୍ନେ ନିର୍ମିତ, ରହିବ ମୋ' କତି ।
ଅନ୍ୟ ଦିଗପାଳେ ସାଧୁ ଧର୍ମ ପାଳି
କରିଦେଲେ ତାଙ୍କୁ ବେଳେ ବେଳେ ପାଳି । ଭଲ—

Digitized by srujanika@gmail.com

ମନୋମୁଗ୍ଧକର ଓ କୌତୁକାବହ ପ୍ରାକୃତିକ ବର୍ଣ୍ଣନା କେବଳ ମେହେରଙ୍କ ଲେଖାରେ ସୁଲଭ । ଶେଷ ସର୍ଗରେ ରାମ ଅଶ୍ୱମେଧ ଯଜ୍ଞ କରୁଥିବାର ଖବର ପାଇ ସୀତା ତାଙ୍କର ସପତ୍ନୀ କେଉଁ ଭାଗ୍ୟବତୀ ଓ ସେ କି ତପସ୍ୟା କରି ରାମଙ୍କର ପତ୍ନୀ ହୋଇ ପାରିଛି ସେହି ତପସ୍ୟା ଓ ସାଧନା ଦୟା କରି ଜଣାଇ ଦେବା ପାଇଁ ରାମଙ୍କୁ ପତ୍ର ଲେଖୁଥିବା ସମୟରେ ରାମ ଅନ୍ୟ ପତ୍ନୀ ଗ୍ରହଣ ନ କରି 'କାନକୀ-ଜାନକୀ' ଦ୍ୱାରା ଅଶ୍ୱମେଧ ଯଜ୍ଞ ନିର୍ବାହ କରିଥିବାର ସମ୍ବାଦ ଲବକୁଶଙ୍କ ମୁଖରୁ ଶୁଣି ସୀତାଙ୍କ ମାନସିକ ପ୍ରତିକ୍ରିୟା ଯେପରି ହୋଇଛି ତାହା ପାଠ ନ କଲେ କପରି ବୁଝିହେବ ? ପଢ଼ୁ ପଢ଼ୁ ପାଠକ ଅଶ୍ରୁ ସମ୍ବରଣ କରି ପାରେ ନାହିଁ । ପୁଣି ସୀତାଙ୍କ ସତୀତ୍ୱ ମହିମାରେ ପ୍ରାଣ ପୁଲକିତ ହୋଇଯାଏ । ତପସ୍ୱିନୀର ସମାପ୍ତି ମଧ୍ୟ କମ୍ ମୌଳିକତାର ପରିଚୟ ଦିଏ ନାହିଁ । ଏହା କବି ଗଙ୍ଗାଧରଙ୍କ ପବିତ୍ର ଓ ମହାପ୍ରାଣ ଲେଖାର ଫଳ । କବିଙ୍କ ଲେଖନୀ ସତୀ-ଲଲାମ-ଭୂଷା ସୀତାଙ୍କ ପ୍ରତି ସର୍ବଦା ସଂବେଦନଶୀଳ ହୋଇ ଆସିଛି । ସୁତରାଂ ଶେଷରେ କବି ସ୍ୱପ୍ନରେ ହେଲେ ଥରେ ଦୁଃଖିନୀ ସୀତାଙ୍କୁ ସୁଖ ପ୍ରଦାନ କରି କାବ୍ୟର ଇତି କରିଛନ୍ତି ।

ଅବଶ୍ୟ ଏ କାବ୍ୟର ସ୍ଥଳେ ସ୍ଥଳେ କବି କାଳିଦାସଙ୍କ ଖାତିର ହୋଇ ପଡ଼ିଛନ୍ତି । ଯଥା—

"ନନ୍ଦନ ! ତୁ ଏ ଆଶ୍ରମ- ପାଦପଙ୍କୁ ସ୍ନେହଶ୍ରମ
ପ୍ରୟୋଗେ ନନ୍ଦନୋପମ କର ଯତନ,
ସେ ଭାବେ ତୋ ଅନୁଭବ ସ୍ୱଭାବେ ହେବ ସମ୍ଭବ,
ତବେ କେମନ୍ତ ଦୁର୍ଲଭ ସୁତ-ରତନ;
ଅନୁକମ୍ପା ଅବେ ନିପୃତ
ସଜଳ ଅଭାବ ତୋର ମୋଚନେ ରତ ।" ଇତ୍ୟାଦି ।

Digitized by srujanika@gmail.com

ମାତ୍ର ଅନେକଙ୍କ କାଳିଦାସୀ ରଚନା ସହିତ ଗଙ୍ଗାଧରଙ୍କ ପଦ୍ୟାବଳୀ ପ୍ରତିଯୋଗିତା ଆରମ୍ଭ କରି ଦେଇଛୁ ଓ ଅପେକ୍ଷାକୃତ ଉଜ୍ଜ୍ୱଳ ମୌଳିକ-ସୃଷ୍ଟିର ନଜିର ଦେଇ ପାରିଛୁ ।

ପୁଣି ତପସ୍ୱିମାନେ କବିଙ୍କର ଜାତୀୟତା ମଧ୍ୟ ସ୍ଥଳେ ସ୍ଥଳେ କମ୍ ପ୍ରାପ୍ତ ହୋଇନାହିଁ । ବାଲ୍ମୀକି ଆଶ୍ରମର ମୁନିକନ୍ୟାଗଣ ସୀତାଙ୍କ ପାଖକୁ ଗଲେ; କିନ୍ତୁ ତାଙ୍କୁ ଆଶ୍ୱାସନା ଦେବାକୁ ସେମାନେ ସାହସ କରି ପାରିଲେ ନାହିଁ । ତାର ତୁଳନାସ୍ୱରୂପ କବି କହିଛନ୍ତି—

ବରଷାର ମହାନଦୀର ଗାଢ଼ ଆବିଲ ଜଳ
ସ୍ୱଚ୍ଛ କରିବାକୁ କି ରୂପେ ହେବ ନିର୍ମଳୀ ବଳ !
ଇବ, ଅଙ୍ଗ, ତେଲ ସଙ୍ଗରେ ସେହି ନଦୀ ଯେସନ
କୁମାରୀଙ୍କି ପାଇ ବଢ଼ିଲି ସୀତା ଶୋକ ତେସନ ।

ଉତ୍କଳର ମହାନଦୀ କବିଙ୍କ କାବ୍ୟରେ ଅଭିମନ୍ତ୍ରିତ ହୋଇଛୁ । ପୁଣି ଶୋକ-ସନ୍ତପ୍ତ ବ୍ୟକ୍ତି ସାନ୍ତ୍ୱନାକାରୀ କାହାକୁ ଦେଖିଲେ ତାର ଶୋକ ଦ୍ୱିଗୁଣିତ ହୋଇଯାଏ, ଏହି ମନସ୍ତତ୍ତ୍ୱ କବି ଶେଷ ପାଦରେ ପ୍ରକାଶ କରିଛନ୍ତି । ଅନ୍ୟତ୍ର—ମୁନିଉଦ୍ୟାନର ବର୍ଣ୍ଣନା କରୁ କରୁ ଜାତୀୟ କବି ନୀଳାଚଳର ମାହାତ୍ମ୍ୟକୁ ସ୍ମରଣ କରିଅଛନ୍ତି ।

ଉଜ୍ଜ୍ୱଳ ଚିକ୍କଣ ନୀଳ ପତ୍ରର
ପୁନ୍ନାଗ କାନନ ଶ୍ୟାମଳତର
ଉଡ଼ି ଉଡ଼ଣାରୁ ଥିଲି କି ଯାଇ
ଦେଉଥିଲି ସତୀ-ମନ ରଞ୍ଜାଇ
ନୀଳାଚଳ ରୂପ ଧରି,
ବିଜେ ଅବା ରାମ ଲଭିବାକୁ ସୀତା
ପ୍ରୀତି-ସାଗର-ଲହରୀ !

ଏହିଭଳି କବିଙ୍କ ଜାତୀୟତା ଅନେକତ୍ର ବ୍ୟକ୍ତ ହୋଇ ଉଠିଛୁ । ଏହା କବିଙ୍କ ପ୍ରକୃତ ଜାତୀୟ ଭାବର ଲକ୍ଷଣ । ମାତ୍ର ଆଜିକାଲି

Digitized by srujanika@gmail.com

କେହି କେହି ସମାଲୋଚକଙ୍କର ଦୁର୍ଗୁଣ ପେଟରୁ ଗଲ୍ପ ପରି କବିଙ୍କ ଲେଖାର ବାସ୍ତବ ମର୍ମ ଉପଲବ୍ଧି କରି ନ ପାରି ତାଙ୍କର ଜାତୀୟ ଚେତନା ନ ଥିଲା ବୋଲି କହିବାର ଅପସାହସ କରି ଦେଇଛନ୍ତି । କବିଙ୍କର ଜାତୀୟତା କେତେଦୂର ଥିଲା,ସେ କଥା ଜାଣିବାକୁ ହେଲେ 'ଭାରତୀ ଭାବନା', 'ଅର୍ଘ୍ୟଥାଳୀ', 'ଉତ୍କଳ-ଲକ୍ଷ୍ମୀ' ପ୍ରଭୃତି ପାଠ କରିବା ଦରକାର । ହାତୀର ଗୋଡ଼ଟିଏ ଧରି ହାତୀକୁ ଖମ୍ବ ଭଳି କହିବା ନିତାନ୍ତ ହାସ୍ୟାସ୍ପଦ ।

ଆଜିକାଲି ବାସ୍ତବ ଅନୁଶୀଳନ ବା ଗବେଷଣା ଖୁବ୍ କମ୍ ଲୋକ କରୁଥିବାର ଦେଖା ଯାଉଛି । ଶୁଣା କଥା ଉପରେ ଅନେକେ ନିର୍ଭର କରି ଆସ୍ଥା ସ୍ଥାପନ କରୁଛନ୍ତି ଓ ତାକୁ ପୁଣି ଅନ୍ୟମାନଙ୍କ ଆଗରେ ସତ୍ୟ କଥା ବୋଲି ବଖାଣୁଛନ୍ତି । ବିଷୟର ଐକ୍ୟ ହେତୁ 'ତପସ୍ୱିନୀ' ଉପରେ 'ଉତ୍ତର-ରାମ-ଚରିତ'ର ପ୍ରଭାବ ପଡ଼ିଛି ବୋଲି ବହୁଦିନରୁ ମୁଁ ଶୁଣି ଆସୁଥିଲି । ମାତ୍ର ଏହାର ସତ୍ୟତା ନିରୂପଣ ସକାଶେ ମୁଁ 'ଉତ୍ତର-ରାମ-ଚରିତ' ପଢ଼ି ଦେଖିଲି ଯେ ଗଙ୍ଗାଧରଙ୍କର ମୌଳିକତା ଓ ସ୍ୱାତନ୍ତ୍ର୍ୟର ସୀମା ନାହିଁ । ଭବଭୂତିଙ୍କର 'ଉତ୍ତର—ରାମ—ଚରିତ'ର ପ୍ରଭାବ ଦାଗ ଗଙ୍ଗାଧରଙ୍କ 'ତପସ୍ୱିନୀ' ମଳିନ ହୋଇ ଯାଇନାହିଁ । ବିଷୟ-ବସ୍ତୁରେ ସାମ୍ୟ ଥାଇପାରେ; ମାତ୍ର କାବ୍ୟିକ ବିଭବରେ 'ତପସ୍ୱିନୀ' ଓଡ଼ିଆ ସାହିତ୍ୟ କାହିଁକି ବିଶ୍ୱସାହିତ୍ୟରେ ମଧ୍ୟ ଗୋଟିଏ ବିଶିଷ୍ଟ ରତ୍ନ । କାବ୍ୟଟି ଅନୂଦିତ ହେଲେ ବିଶ୍ୱ-ସାହିତ୍ୟିକ-ମଣ୍ଡଳୀ ତନ୍ତୁବାୟ ସମ୍ପ୍ରଦାୟର କୌଳିକନ୍ୟରେ ଉପଜୀବିତ ଦରିଦ୍ର କବି ଗଙ୍ଗାଧରଙ୍କ କବି-ପ୍ରତିଭାରେ ମୁଗ୍ଧ ହେବେ, ସନ୍ଦେହ ନାହିଁ ।

ମୁଦ୍ରାକର—ଶ୍ରୀ ଜ୍ଞାନଚନ୍ଦ୍ର କର, ଶ୍ରୀଗୋପାଳ ପ୍ରେସ୍, କଟକ-୨

Digitized by srujanika@gmail.com

ମାର୍ଜନା – ପତ୍ର

ପୃଷ୍ଠା	ପଂକ୍ତି	ତ୍ରୁଟି	ମାର୍ଜନା
୧	୧୪	କାବ୍ୟ-ଗ୍ରନ୍ଥର	କାବ୍ୟ-ଗ୍ରନ୍ଥ
୪	୨୩	କରଥିଲେ	କରୁଥିଲେ
୫	୨	ପରେ ସେମାନେ ତାଙ୍କ	ପରେ ତାଙ୍କ
୬	୪	ପ୍ରବେଚନାରେ	ପ୍ରବର୍ତ୍ତନାରେ
୧୩	୧୦	ଶଣି	ଶିଣି
୧୯	୯	ଶେଷ	ଶେଷେ
୧୯	୧୧	ବ୍ୟପ-ଦେଶେ	ବ୍ୟପଦେଶେ
୧୯	୨୨	ବେଳେ	ଚେଳେ
୨୨	୨	ଆଲୋଚନା	ଆଲୋଚିତ
୨୯	୬	ଉଜ୍ଜ୍ୱଳ ଭାବରେ	ଅତି ଉଜ୍ଜ୍ୱଳ ଭାବରେ
୪୧	୧୦	ଅବନା ଭୂଷଣ	ଅବନୀ ଭୂଷଣ
୪୪	୧୩	ସମାଲୋଚନା	ଆଲୋଚନା
୪୪	୧୪	ସମାଲୋଚନା	ଆଲୋଚନା
୪୪	୧୬	ବୃନ୍ଦ ଜଣିଥିଲା	ବୃନ୍ଦ୍ରଜଣିଥିଲା
୪୫	୧	ସନ୍ଧ୍ୟାକାଳୀନ	ସାନ୍ଧ୍ୟକାଳୀନ
୪୫	୧୫	ଖେଳାର	ଖେଳାଇ
୪୯	୨୦	ନ ପ୍ରାଚୀନତା ନ ନୂତନତା	ନ ପ୍ରାଚୀନ ନ ନୂତନ
୫୩	୧	ପକ୍ଷ	ପକ୍ଷୀ
୫୩	୮	ତାହା ପ୍ରଣିଧାନ୍ୟ ମାତ୍ର; କବିଙ୍କ ସୂକ୍ଷ୍ମଦୃଷ୍ଟି ସତ୍ତ୍ୱେ ସ୍ଥଳ ବିଶେଷରେ କବିଙ୍କର ପ୍ରକୃତ ପର୍ଯ୍ୟବେକ୍ଷଣରେ ତ୍ରୁଟି ପରିଲକ୍ଷିତ ହୁଏ ।	ତାହା ପ୍ରଣିଧାନ୍ୟ ।

Digitized by srujanika@gmail.com

ପୃଷ୍ଠା	ପଂକ୍ତି	ତ୍ରୁଟି	ମାର୍ଜନା
୫୭	୭	ସେ ଉଜ୍ଜ୍ୱଳ	ସେ ଉଜ୍ଜ୍ୱଳ
୫୭	୧୪	ପୂର୍ବେ	ପୂର୍ବ
୫୮	୧୭	ପ୍ରକ୍ୟାଶ ଭଙ୍ଗୀ ଏସବୁର	ପ୍ରକାଶଭଙ୍ଗୀର
୬୧	୯	ଚିର ଜୀବନରେ	ଜୀବନରେ
୭୦	୭	ଏହି କାବ୍ୟ ଖଣ୍ଡି	ଏହି କାବ୍ୟ ଖଣ୍ଡିକ
୭୪	୧୧	ଛୁନ୍ଦ	ଛନ୍ଦ
୮୧	୧୪	—	କାହିଁ କାହିଁ ସ୍ପଷ୍ଟ ଭାବ ପ୍ରକାଶନରେ କବିଙ୍କ ଅସାମର୍ଥ୍ୟ ପ୍ରକାଶ ପାଇଛି ।
୮୧	୧୯	ମସୀ ଘଷ ହେଲା	ମସୀ ଘଷି ହେଲା
୮୩	୧୪	କାବ୍ୟ-କକତା	କାବ୍ୟ-କବିତା
୮୬	୨୩	ପ୍ର ଶର	ପ୍ରକାଶର
୯୧	୧୮	ନିଜ ପ୍ରତି	ନିତିପ୍ରତି
୯୫	୨୧	ତେଜେ ନେବେ	ତେଜେ ନେବ
୯୭	୧୭	ଦେଧାଙ୍କ ରତନ	ଦେବୀଙ୍କ ରତନ
୯୮	୩	ପ୍ରୀତିଦାୟୁମା	ପ୍ରୀତିଦାୟିମା
୯୯	୧୨	ଯନ୍ତ୍ର	ମନ୍ତ୍ର
୧୦୪	୭	ସପଦରେ	ସନ୍ଦର୍ଶନରେ
୧୦୪	୧୪	ଜାପୃଷ୍ଠ	ଜାଷ୍ଠପୃ
୧୦୪	୧୭	ମହାବେବ	ମହାଦେବ
୧୦୪	୨୩	ବେଲ	ବୋଲ
୧୦୮	୨	କବିତା	କବିତାର

Digitized by srujanika@gmail.com

ପୃଷ୍ଠା	ପଂକ୍ତି	ତ୍ରୁଟି	ମାର୍ଜନା
୧୦୮	୪	ଯଦ୍ୱତ	ଯଦ୍ଧ
୧୧୦	୧୮	ଆସି	ଅସି
୧୧୨	୧୭।୧୮	ଚଥରେ, ଜମିଦାର ସାହେବ ମେହେରଙ୍କୁ ପ୍ରଶ୍ନ କଲେ	ଚଥରେ ଜମିଦାର ସାହେବ ମେହେରଙ୍କୁ ପ୍ରଶ୍ନ କଲେ,
୧୧୫	୮	ସ୍ରେତ	ସ୍ରୋତ
୧୨୪	୧୯	କବ୍ବତରେ	କବ୍ବତାରେ
୧୨୪	୨୦	ସେହ୍ନ	ସେହ୍ନପର
୧୩୦	୮	ମ୍ଳାନ	ମ୍ଳ·ନ
୧୩୦	୨୦	ବେଦଂ	ବେଦ୍ୟଂ
୧୩୧	୧୭	ବହ୍ରାସୂନ	ବାହ୍ରାସୂନ
୧୩୧	୧୮	ନ୍ୟାସୂ”	ନ୍ୟାସୂଃ”
୧୩୧	୨୧	ଏଣୁନ୍ୟାସୂଂ	ଏଣୁ, “ନ୍ୟାସୂଂ”
୧୩୫	୧୯	ଅଜ୍ଞ	ଅଜ୍ଞାତ
୧୩୭	୧୫	ବୋଲ	ବୋଲ ପଚ୍ଛରିଲେ
୧୩୯	୫	ଶୀବତର	ଶୀବର
୧୩୯	୧୧	ବ୍ର	ବା
୧୪୦	୫	ଅମୃତମୟୁ	ଅମୃତମୟୁଙ୍କ
୧୪୦	୨୩	ହ୍ମାନପ୍ରଭ୍ର	ହ୍ମାନପ୍ରଭ
୧୪୦	୨୪	ସେହ୍ନ	ସେଁହ୍ନ
୧୪୨	୮	କାହ୍ନୁଁ	ନାହ୍ନୁଁ
୧୪୨	୧୫	ଭାବରେ	ଭାବର

Digitized by srujanika@gmail.com

[।]

ପୃଷ୍ଠା	ପଂକ୍ତି	ତ୍ରୁଟି	ମାର୍ଜନା
୧୪୨	୨୨	ବନ୍ଧୁ ଚରଣ,	ବନ୍ଧୁଚରଣ,
୧୪୪	୧୪	ଜଟାଧାର	ଜଟାଧର
୧୪୪	୧୯	ଅଧିକାର ସୁନ୍ଦର	ଅଧିକାର
୧୪୪	୨୦	ସ୍ନିଗ୍ଧ ରୂପର	ସ୍ନିଗ୍ଧ ସୁନ୍ଦର ରୂପର
୧୪୮	୮	କାଳଦସ	କାଳଦାସ
୧୫୨	୧୦	ପୁନେସ୍ରବ	ପୁନୋସ୍ରବ
୧୫୨	୧୧	ମନମୁଗ୍ଧକର	ମନୋମୁଗ୍ଧକର
୧୫୫	୧	ସନ୍ଦେହରେ	ସଦେହରେ
୧୫୫	୧୭	ହଂସାର	ହଂସର
୧୫୬	୩	କେନ୍ଦ୍ର	କେନ୍ଦ୍ରି କେନ୍ଦ୍ରି
୧୫୭	୩	କୁହାଯାଏ	କୁହାହୁଏ
୧୫୮	୯	ଦରିଦ୍ର୍ୟକୁ	ଦାରିଦ୍ର୍ୟକୁ
୧୬୦	୧୪	ସମ୍ଭବରେ ଓ	ସମ୍ଭବରେ ମଧ୍ୟ
୧୬୦	୨୪	ରମଣୀର	ରମଣୀପୁ
୧୬୧	୨	ବିବିକ୍ତ-ବିଳାସ	ବିବିକ୍ତ-ବିଳାସୀ
୧୬୨	୧୫	ଝଟକ ଉଠିଛି	ଝଟକା ଉଠିଛି
୧୬୨	୧୮	ଅଶୀର୍ବାଦ	ଆଶୀର୍ବାଦ
୧୬୩	୧୩	କେତେ	କେବେ
୧୬୫	୫	ଶ୍ରେଣୀରେ	ଶ୍ରେଣୀର
୧୬୫	୨୩	ଢୁଙ୍ଗ	ଭୁଙ୍ଗ
୧୬୬	୨୧	ଣ୍ଡଭକ୍ତ	ପଣ୍ଡଭକ୍ତ
୧୬୮	୧୪	ଯାଚନାର ଇତରତା	ଯାଚନାର ଇତରତା

Digitized by srujanika@gmail.com

ପୃଷ୍ଠା	ପଂକ୍ତି	ତ୍ରୁଟି	ମାର୍ଜ୍ଜନା
୧୬୯	୧/୨	'ଭାରତ ଭାବନା'	'ଭାରତୀ-ଭାବନା'
୧୬୯	୪	ଶାଶିତ	ଶାଣିତ
୧୬୯	୧୯	ପଦ୍ୟରେ	ପଦାରେ
୧୭୦	୧୨	ଦ୍ୱପଦ	ଦ୍ୱି'ପଦ
୧୭୧	୧୫	ଧର୍ମମହାତ୍ମ୍ୟ	ଧର୍ମମାହାତ୍ମ୍ୟ
୧୭୨	୧୧	ଉପଲକ୍ଷରେ	ଉପଲକ୍ଷ୍ୟରେ
୧୭୨	୧୬	ସେ ସମୟରେ	ସେ ସମୟର
୧୭୫	୧	ନୀଳାଚଳ,ପ୍ରନ୍ତ	ନୀଳାଚଳ ପ୍ରାନ୍ତ,
୧୭୬	୧୫	ଉତ୍କଳବାସୀଙ୍କ	ଉତ୍କଳବାସିଙ୍କି
୧୭୭	୪	କିନ୍ତୁ ସେ ଫଟା ଯାଗା ସମ୍ପୂର୍ଣ୍ଣ ଭାବରେ ଲିଭିନ।	କିନ୍ତୁ ଶୀତର ଆଧିକ୍ୟରେ ଦେହ ଏପରି ଫାଟି ଯାଇଛି ଯେ ବସନ୍ତ ପର୍ଯ୍ୟନ୍ତ ସେ ଫଟା ଦାଗ ସମ୍ପୂର୍ଣ୍ଣ ଭାବରେ ଲିଭିନ ।
୧୭୭	୧୧	ପ୍ରଣ-ପ୍ରମୋଦନ-ରସ	ପ୍ରାଣ-ପ୍ରମୋଦନ-ରସ
୧୭୮	୧୯	ଯାତନା ନାହିଁ,	ଯାଚନା ନାହିଁ,
୧୮୦	୭	। ଘିମା	ଦ୍ରାଘିମା
୧୮୧	୧	ଜନନୀର ଯେତେବେଳେ	ଜନନୀର ଅଙ୍କ ଯେତେବେଳେ
୧୮୨	୮	ଛନ୍ତ୍ର ଚର୍ଚ୍ଚା	ଛନ୍ଦ ଚର୍ଚ୍ଚା
୧୮୨	୯	ତାଙ୍କ ଜୀବନରୁ	ତାଙ୍କ ଜୀବନୀରୁ
୧୮୪	୧୩	ସଗତ ପ୍ରିୟ	ସଙ୍ଗୀତପ୍ରିୟ
୧୮୪	୧୩	ଛନ୍ଦ ରସିକ	ଛନ୍ଦ ରସିକ

Digitized by srujanika@gmail.com

ପୃଷ୍ଠା	ପଂକ୍ତି	ତ୍ରୁଟି	ମାର୍ଜନା
୧୮୭	୧୨	କର ପାରଛନ୍ତି ।	କର ସାରଛନ୍ତି ।
୧୮୭	୧୩	ସୀମିତ ପରିବେଶରେ	ସୀମିତ ସମୟ ମଧ୍ୟରେ
୧୯୨	୨୦	ସ୍ତକତ ସ୍ୱେଦନେ	ସ୍ତନ୍ଧତ ସ୍ୱେଦନେ
୧୯୩	୨	କ୍ଷୁ ଦ୍ରାଦପି	କ୍ଷୁଦ୍ରାଦପି କ୍ଷୁଦ୍ର
୧୯୫	୫	ମୌଳିକ ଦାନ	ମୌଳିକ ଉପମା ଦାନ
୧୯୫	୯	କଳ୍ପସମୟ ପ୍ରସିଦ୍ଧି	ଅତି ସାଧାରଣ
୧୯୯	୨	ପଦ୍ୟାବଳୀ	ପଦାବଳୀ
୨୦୦	୧	କେନ୍ଦ୍ରି କେନ୍ଦ୍ରିସୂର୍ଯ୍ୟଙ୍କର	କେନ୍ଦ୍ରି କେନ୍ଦ୍ର ସୂର୍ଯ୍ୟଙ୍କର

Digitized by srujanika@gmail.com